# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ଜୁଲାଇ ୧୨/୨୦୧୯ (୧୬ ପୃଷ୍ଠା) | Berhampur, Friday, July 12/2019 | ★★★

୧୫୩ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରେକର୍ଡ ଭାଙ୍ଗିଲେ ଲାଲ୍‌ରିନୁଙ୍ଗା**

ସାମୋଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ଭାରତୀୟ ଭାରୋତ୍ତୋଳକ ଜେରେମି ଲାଲ୍‌ରିନୁଙ୍ଗା ତିନୋଟି ରେକର୍ଡ ଭଙ୍ଗ କରିଛନ୍ତି।

୧୫

୦୫

**ଫୋର୍ବସ ଧନୀ ସେଲିବ୍ରିଟି ତାଲିକାରେ ଅକ୍ଷୟ**

ଫିଲ୍ମ ପାଇଁ ସର୍ବାଧିକ ପ୍ରାପ୍ୟ ନେଉଥିବା ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଫୋର୍ବସ ଧନୀ ସେଲିବ୍ରିଟି ତାଲିକାରେ ସ୍ଥାନ ପାଇଛନ୍ତି।










ନବମୀ ସନ୍ଧ୍ୟା ଦର୍ଶନ ଲାଗି ଗୁରୁବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଆଜି ବାହୁଡ଼ିବେ ମହାପ୍ରଭୁ

**ମଧ୍ୟାହ୍ନ ୧୨ଟାରେ ପହଣ୍ଡି** | **ଅପରାହ୍ନ ୪ଟାରେ ରଥଟଣା**

ପୁରୀ ଅଫିସ,୧୧।୭

ଆଡ଼ପ ମଣ୍ଡପରେ ଶେଷ ହୋଇଛି ଚତୁର୍ଦ୍ଧାବିଗ୍ରହଙ୍କ ଲୀଳା। ଗୁରୁବାର ଭକ୍ତଙ୍କୁ ସନ୍ଧ୍ୟା ଦର୍ଶନ ଦେଇ ଏବେ ରତ୍ନବେଦିକୁ ବାହୁଡ଼ିବାକୁ ପ୍ରସ୍ତୁତ ମହାପ୍ରଭୁ। ଶ୍ରୀଗୁଣ୍ଡିଚା ମନ୍ଦିରରେ ୭ଦିନର ରହଣି ପରେ ଭାଇଭଉଣୀଙ୍କୁ ସାଥିରେ ଧରି ଶୁକ୍ରବାର ବାହୁଡ଼ି ଆସିବେ ଶ୍ରୀମନ୍ଦିର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ମହାପ୍ରଭୁଙ୍କୁ ତିନିରଥ ଅପେକ୍ଷା କରି ରହିଛନ୍ତି। ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟିର ସଦସ୍ୟମାନେ ଯାଞ୍ଚ କରିସାରିଛନ୍ତି। ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ ପ୍ରସ୍ତୁତି ଚାଲିଛି।

ଗୁରୁବାର ଥିଲା ସନ୍ଧ୍ୟା ଦର୍ଶନ। ତେଣୁ ବୁଧବାର ରାତି ୨ଟା ୫୫ରେ ଠାକୁରଙ୍କ ପହୁଡ଼ ହୋଇ ଭୋର ୪ଟା ୨୦ରେ ଦ୍ୱାରଫିଟା ଯାଇଥିଲା। ୫ଟା ୧୦ରେ ହୋଇଥିଲା ମଙ୍ଗଳ ଆଳତି। ଏହାପରେ ଆଡ଼ପମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ସନ୍ଧ୍ୟା ଦର୍ଶନ ଆରମ୍ଭ ହୋଇଥିଲା। ଲମ୍ବା ଧାଡ଼ିରେ ଶ୍ରଦ୍ଧାଳୁମାନେ ଦାରୁଦିଅଁଙ୍କ ଦର୍ଶନ କରିଥିଲେ। ନୀତି ସଅଳ ଚାଲିଥିଲା। ଭକ୍ତମାନେ ପୂର୍ବାହ୍ନ ୧୦ଟା ୨୫ରେ ଆଡପ ଅବଡ଼ା ପାଇଥିଲେ।

ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ରାତି ୮ଟାରୁ ବନ୍ଦ କରାଯାଇଥିଲା। ଏହାପରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଶୋଧ କରାଯାଇଥିଲା। ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଟୁଆ ନୀତି ସମ୍ପନ୍ନ ହୋଇଥିଲା। ବାହୁଟକଣ୍ଟ, ଚାରବନ୍ଧା ଓ କୁସୁମୀ ଲାଗି ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ଭୋର ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ନ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ୧୨ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ବାହୁଡ଼ା ପରଦିନ ଅର୍ଥାତ୍ ଶନିବାର ସୁନାବେଶ ରହିଛି। ତେଣୁ ବାହୁଡ଼ା ଦିନ ହିଁ ସିଂହଦ୍ୱାରରେ ତିନିରଥ ପହଞ୍ଚାଇବା ଲାଗି ପ୍ରଶାସନ ସ୍ଥିର କରିଛି। ଆବଶ୍ୟକ ପଡ଼ିଲେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇ ରାତିରେ ରଥ ଟଣାଯାଇ ସିଂହଦ୍ୱାରରେ ପହଞ୍ଚାଇବାର ଯୋଜନା ରହିଛି ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

# ତୃଣମୂଳସ୍ତରକୁ ଯାଇ ଲୋକଙ୍କ କଥା ବୁଝ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

**ମନ୍ତ୍ରୀ ପରିଷଦ ବୈଠକ**



- ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ
- ଅଚାନକ ପରିଦର୍ଶନ କରି ନିଜ ବିଭାଗ କାର୍ଯ୍ୟ ତଦାରଖ କର
- ୫-ଟି ମନ୍ତ୍ରକୁ ଧରି ଦାୟିତ୍ୱ ତୁଲାଅ
- ୧୪ ଶହ କୋଟି ଜରୁରିକାଳୀନ ପାଣ୍ଠିକୁ ମନ୍ତ୍ରୀ ପରିଷଦର ଅନୁମୋଦନ

ମନ୍ତ୍ରୀ ପଦବୀ ପାଇ କେବଳ ସଚିବାଳୟରେ ବସିଲେ ଚଳିବ ନାହିଁ। ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ କଥା ବୁଝ। ସେମାନଙ୍କ ନିକଟତର ହୁଅ। ସମସ୍ୟା ବୁଝି ବ୍ୟକ୍ତିଗତ ସ୍ତରରେ ସମାଧାନ କରିବାକୁ ଚେଷ୍ଟାକର। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗସ୍ତକରି ନିଜ ବିଭାଗର କାର୍ଯ୍ୟ କିପରି ଚାଲିଛି ସେଗୁଡ଼ିକ ଭଲ ଭାବରେ ତଦାରଖ କର। ଲୋକମାନଙ୍କ ସହ ମିଶି ନିଜ ବିଭାଗର କାର୍ଯ୍ୟ କେମିତି ଚାଲିଛି ସିଧାସଳଖ ପଚାରି ବୁଝ। ସରକାରଙ୍କ ଜନକଲ୍ୟାଣ ଯୋଜନା ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ବିଷୟରେ ତୃଣମୂଳସ୍ତରରେ ଲୋକମାନଙ୍କଠାରୁ ପଚାରି ବୁଝ। ନିଜ ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନ କରି ସରକାରୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ନଜର ରଖ। ଏହା ଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ଓ ଲୋକମାନେ ଏହାର ସୁଫଳ ପାଇ ପାରିବେ। ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀମାନଙ୍କୁ ଏମିତି କଡ଼ା ତାଗିଦ୍ କରିଛନ୍ତି।

ମନ୍ତ୍ରୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ ଅଞ୍ଚଳ ବାରମ୍ବାର ଗସ୍ତ କରି ଲୋକମାନଙ୍କୁ ସାକ୍ଷାତ୍ କରିବା ଦରକାର। ପ୍ରତ୍ୟକ୍ଷ ଭାବରେ ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପଡିବ। ସରକାରୀ ସେବାଗୁଡ଼ିକ ହିତାଧିକାରୀମାନେ ଠିକ୍‌ରେ ପାଉଛନ୍ତି କି ନାହିଁ ସେମାନଙ୍କଠାରୁ ସେ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ମୁଖ୍ୟମନ୍ତ୍ରୀ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ୫-ଟି (ଟ୍ରାନ୍ସପରେନ୍ସି, ଟେକ୍‌ନୋଲୋଜି, ଟିମ୍ ୱାର୍କ, ଟ୍ରାନ୍ସଫର୍‌ମେଶନ ଏବଂ ଟାଇମ୍) ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ମନ୍ତ୍ରକୁ କାର୍ଯ୍ୟକାରୀ କରିବାକୁ ବ୍ୟକ୍ତିଗତ ସ୍ତରରେ ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଦକ୍ଷତାର ସହ କଠିନ ପରିଶ୍ରମ ଅତ୍ୟନ୍ତ ଜରୁରୀ। ନିଜ ବିଭାଗର କାମ କିପରି ସହଜ ଓ ସ୍ୱଚ୍ଛତାର ସହ ହୋଇପାରିବ, ସେଥିପ୍ରତି ଧ୍ୟାନଦେବାକୁ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜ ବିଭାଗର ରିପୋର୍ଟ କାର୍ଡ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ବାତ୍ୟା 'ଫନୀ'ର ମୁକାବିଲା ପାଇଁ ରାଜ୍ୟ ସରକାର ରାଜ୍ୟ ଜରୁରିକାଳୀନ ପାଣ୍ଠିରୁ ୨ଟି ପର୍ଯ୍ୟାୟରେ ପ୍ରାୟ ୧୨ଶହ କୋଟି ଏବଂ ସାମାଜିକ ସୁରକ୍ଷା ପାଇଁ ୨ଶହ କୋଟି ଟଙ୍କା ଉଠାଇଥିଲେ। ଏଥିପାଇଁ ଆଇନରେ ବ୍ୟବସ୍ଥା ନ ଥିବାରୁ ଅଧ୍ୟାଦେଶ ବଳରେ ରାଜ୍ୟ ସରକାର ଏହି ଅର୍ଥ ଖର୍ଚ୍ଚ କରିଥିଲେ। ଅଧ୍ୟାଦେଶ ସମୟସୀମା ଶେଷ ହୋଇଯାଇଥିବାରୁ ଜରୁରିକାଳୀନ ପାଣ୍ଠିରୁ ଉକ୍ତ ଅର୍ଥ ଭରଣା କରାଯାଇଛି। ଏହାକୁ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ କରାଯାଇଛି।

ବିଜେଡି ସରକାରଙ୍କ ପଞ୍ଚମ ପାଳିରେ ନବୀନ ସମୟ ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମାସର ୭ ତାରିଖ ପୂର୍ବରୁ ମନ୍ତ୍ରୀମାନେ ନିଜ ବିଭାଗର ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ କୁହାଯାଇଛି। ମେ ୨୯ରେ ମନ୍ତ୍ରିମଣ୍ଡଳ ଗଠନ ପରେ ଜୁଲାଇ ୭ ପୂର୍ବରୁ ମନ୍ତ୍ରୀମାନେ ପ୍ରଥମ ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି।

# କର୍ଣ୍ଣାଟକ ନାଟକରେ ନୂଆମୋଡ଼

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୧।୭(ପି.ଟି)

**ବିଦ୍ରୋହୀ ବିଧାୟକଙ୍କ ପୁନଶ୍ଚ ଇସ୍ତଫା**



କେ.ଆର. ରମେଶ

କର୍ଣ୍ଣାଟକରେ ଚାଲିଥିବା ରାଜନୈତିକ ନାଟକରେ ନୂଆମୋଡ଼ ଆସିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଗୁରୁବାର ସନ୍ଧ୍ୟା ୬ଟାରେ ୧୦ ବିଦ୍ରୋହୀ ବିଧାୟକ ବାଚସ୍ପତି କେ.ଆର୍. ରମେଶଙ୍କୁ ବିଧାନସଭାସ୍ଥିତ ତାଙ୍କ ଚାମ୍ବରରେ ଭେଟିଛନ୍ତି। ମୁମ୍ବାଇରୁ ଫେରିବା ପରେ ସେମାନେ ବାଚସ୍ପତିଙ୍କୁ ବ୍ୟକ୍ତିଗତ ଭାବେ ଲିଖିତ ଆକାରରେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଦ୍ରୋହୀ ପୁନଶ୍ଚ ଇସ୍ତଫା ଦେବା ରାଜନୈତିକ ବାତାବରଣକୁ ସରଗରମ କରିଛି। ବାଚସ୍ପତି ଶୁକ୍ରବାର ଏନେଇ ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିବେ। ପରେ ବିଧାୟକଙ୍କ ମାମଲା ସହ ବାଚସ୍ପତିଙ୍କ ପକ୍ଷରୁ ଦାଏର ପିଟିଶନର ମଧ ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାର କିଛିଘଣ୍ଟା ପରେ ମୁମ୍ବାଇର ହୋଟେଲ ରେନେସାଁରେ ଥିବା ୧୦ ବିଦ୍ରୋହୀ ବିଧାୟକ ଦୁଇଟି ସ୍ୱତନ୍ତ୍ର ବିମାନରେ ବେଙ୍ଗାଲୁରୁସ୍ଥିତ ଏଚ୍‌ଏଏଲ୍ ବିମାନବନ୍ଦରରେ ପହଞ୍ଚିଥିଲେ। ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେମାନେ ବାଚସ୍ପତିଙ୍କ ଚାମ୍ବରରେ ହାଜର ହୋଇ ନିଜ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଅଦ୍ୟାବଧି ମୋଟ ୧୬ ବିଧାୟକ ଇସ୍ତଫା ଦେଇଥିବାବେଳେ ୧୧ ବିଧାୟକ ବାଚସ୍ପତିଙ୍କ ନିକଟରେ ପହଞ୍ଚି ନୂଆକରି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବାଚସ୍ପତି ସନ୍ଧ୍ୟା ୭ଟାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଶାସକ ମେଣ୍ଟର ବିଧାୟକମାନଙ୍କ ଇସ୍ତଫା ସ୍ୱେଚ୍ଛାକୃତ ଓ ଠିକ୍ କି ନୁହେଁ ତାହା ଯାଞ୍ଚ କରାଯିବ। ନିୟମାନୁସାରେ ଇସ୍ତଫାପତ୍ର ସମ୍ପୂର୍ଣ୍ଣ ଫର୍ମାଟରେ ହେବା ଉଚିତ। ଦୁର୍ଭାଗ୍ୟବଶତଃ ଗତ ସପ୍ତାହରେ ଚାମ୍ବରରେ ପହଞ୍ଚିଥିବା ୧୩ ଇସ୍ତଫାପତ୍ର ମଧ୍ୟରୁ ୮ଟି ଉପଯୁକ୍ତ ଫର୍ମାଟରେ ନ ଥିଲା। କର୍ଣ୍ଣାଟକ ଆସେମ୍ବ୍ଲି ରୁଲ୍ସ ଆଣ୍ଡ ପ୍ରୋସିଡ୍ୟୁରର ନିୟମ ୨୦୧ ଅନୁସାରେ ଯାଞ୍ଚ ପରେ ଏହା ଜଣାପଡ଼ିଥିଲା। ଏବେ ନୂଆ ଇସ୍ତଫା ପତ୍ର ଯାଞ୍ଚ କରି ସୁପ୍ରିମକୋର୍ଟଙ୍କୁ ଅବଗତ କରାଯିବ। ସମ୍ବିଧାନର ନିୟମାନୁସାରେ ସବୁକିଛି ହେବ। ତରବରିଆ ଭାବେ କି ବିଜୁଳି ବେଗରେ କିଛି କରାଯିବ ନାହିଁ ବୋଲି ବାଚସ୍ପତି କେ.ଆର. ରମେଶ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ବଜେଟ ତ୍ରୁଟି**

ବଢ଼ିଲା ବସ୍ ଭଡ଼ା ........ ୪ ........

ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଅଧିବେଶନ ........ ୩ ........


NECC NATIONAL EGG CO-ORDINATION COMMITTEE | 11.07.2019 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 85 | 139 | 149 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers


# ଇଂଲଣ୍ଡକୁ ଭେଟିବ ନ୍ୟୁଜିଲାଣ୍ଡ

ବର୍ମିଂହାମ, ୧୧।୭

**ଆଇସିସି ବିଶ୍ୱକପ ଫାଇନାଲ**



ଇଂଲଣ୍ଡ ବିଜୟରେ ଉଲ୍ଲସିତ ଜୋ ରୁଟ୍ ଓ ଇଅନ ମୋର୍ଗାନ୍।

ଆୟୋଜକ ଇଂଲଣ୍ଡ ଚଳିତ ଆଇସିସି ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡ ୮ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୨୪ ରନ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ୩୨.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୨୨୬ ରନ ସଂଗ୍ରହ କରି ନେଇଛି। ଆସନ୍ତା ରବିବାର ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ଭାରତ ଓ ଅଷ୍ଟ୍ରେଲିଆ ସେମିଫାଇନାଲରୁ ବିଦାୟ ନେଇଥିବାରୁ ଏଥର ବିଶ୍ୱକପରେ ନୂଆ ଚାମ୍ପିୟନ ହେବା ପଥ ପରିଷ୍କାର ହୋଇଛି।

ଇଂଲଣ୍ଡ ପୂର୍ବରୁ ୧୯୭୫ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ୧୯୭୯ରେ ରନର୍ସଅପ୍ ହୋଇଥିଲା। ୧୯୮୩ରେ ଦଳ ପୁଣି ସେମିଫାଇନାଲ ଖେଳି ବିଦାୟ ନେଇଥିବାବେଳେ ୧୯୮୭ ଓ ୧୯୯୨ ବିଶ୍ୱକପରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହା ପରଠାରୁ ଇଂଲଣ୍ଡ ଆଉ କେବେହେଲେ ଏହି ସ୍ତରରେ ପହଞ୍ଚି ପାରି ନ ଥିଲା। ୧୯୯୬ରେ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିବାବେଳେ ୧୯୯୯ ଓ ୨୦୦୩ରେ ଗ୍ରୁପ ପର୍ଯ୍ୟାୟରୁ, ୨୦୦୭ରେ ସୁପର-୮ରୁ, ୨୦୧୧ରେ କ୍ୱାର୍ଟର ଫାଇନାଲରୁ ଏବଂ ୨୦୧୫ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ତେଣୁ ଦୀର୍ଘ ବ୍ୟବଧାନରେ ଦଳ ଏଥର ପୁଣି ଟାଇଟଲ ପର୍ଯ୍ୟାୟରେ ଉପନୀତ ହୋଇଛି ଏବଂ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଆଶାକୁ ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ୧୯୮୭, ୧୯୯୯, ୨୦୦୩, ୨୦୦୭ ଓ ୨୦୧୫ ଚାମ୍ପିୟନ ଏବଂ ୧୯୭୫ ଓ ୧୯୯୬ ରନର୍ସଅପ୍ ଅଷ୍ଟ୍ରେଲିଆର ଅଭିଯାନ ଏଥର ପ୍ରଥମଥର ପାଇଁ ସେମିଫାଇନାଲରୁ ଶେଷ ହୋଇଛି।

(ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)






କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦର ମଞ୍ଜି। ଏହାର ସମାଧାନ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ହେବା ଉଚିତ।
-ଫାରୁକ୍ ଅବ୍ଦୁଲ୍ଲା,
ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

## ସୁପ୍ରିମକୋର୍ଟରେ କର୍ନାଟକ ଶୁଣାଣି
# ଆଜି ରିପୋର୍ଟ ଦାଖଲ କରିବେ ବାଚସ୍ପତି

ନୂଆଦିଲ୍ଲୀ/ ବେଙ୍ଗାଲୁରୁ,୧୧।୭(ପି.ଟି)

କର୍ନାଟକରେ ଘଡ଼ିକେ ଘୋଡ଼ା ଛୁଟୁଛି। ଗୋଟିଏପଟେ ଅସନ୍ତୁଷ୍ଟ ବିଧାୟକମାନେ ଇସ୍ତଫା ଦେବାରେ ଲାଗିଥିବାବେଳେ ଅନ୍ୟପଟେ ସୁପ୍ରିମକୋର୍ଟରେ ଏହାର ବିଚାର ଆରମ୍ଭ ହୋଇଛି। ଏହିକ୍ରମରେ ଗୁରୁବାର ସନ୍ଧ୍ୟା ୬ଟାରେ ୧୦ ବିଦ୍ରୋହୀ ବିଧାୟକ ବାଚସ୍ପତି କେ.ଆର୍. ରମେଶଙ୍କୁ ବିଧାନସଭାସ୍ଥିତ ତାଙ୍କ ଚାମ୍ବରରେ ଭେଟି ଇସ୍ତଫା ଦେଇଛନ୍ତି। ବାଚସ୍ପତି ସେଗୁଡ଼ିକୁ ଯାଞ୍ଚ କରି ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

ସୁପ୍ରିମକୋର୍ଟ ଗୁରୁବାର କଂଗ୍ରେସ-ଜେଡିଏସ୍ ମେଣ୍ଟର ୧୦ ବିଦ୍ରୋହୀ ବିଧାୟକଙ୍କ ପିଟିଶନର ଶୁଣାଣି କରି ସନ୍ଧ୍ୟା ୬ଟା ସୁଦ୍ଧା ବାଚସ୍ପତିଙ୍କୁ ଭେଟି ଇସ୍ତଫା ସମ୍ପର୍କିତ ନିଷ୍ପତ୍ତି ଜଣାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବାଚସ୍ପତିଙ୍କୁ ବିଧାୟକଙ୍କ ଇସ୍ତଫା ଉପରେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ନେଇଥିବା ନିଷ୍ପତ୍ତି ସମ୍ପର୍କରେ ଶୁକ୍ରବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ଅଦାଲତଙ୍କୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ ସାମିଲ ଥିବା ଏହି ଖଣ୍ଡପୀଠ ୧୦ ବିଧାୟକ ମୁମ୍ବାଇରୁ ବେଙ୍ଗାଲୁରୁ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ବିଧାନସଭା ଯାଏ ସୁରକ୍ଷା ଦେବା ଲାଗି କର୍ନାଟକ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ, ଖଣ୍ଡପୀଠ ଅନ୍ୟମାନଙ୍କ ପାଇଁ ନୁହେଁ, ବରଂ କେବଳ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବା ୧୦ ବିଧାୟକଙ୍କ ସମ୍ପର୍କରେ ଏହି ନିର୍ଦ୍ଦେଶନାମା ଜାରି କରୁଛନ୍ତି। ପ୍ରକାଶ ଯେ, ପ୍ରତାପ ଗୌଡ଼ା ପାଟିଲ, ରମେଶ ଜାର୍କିହୋଲି, ବୀରାଟି ବାସବରାଜ, ବି.ସି. ପାଟିଲ, ଏସ୍.ଟି. ସୋମଶେଖର, ଅର୍‌ବାଇଲ୍ ଶିବରାମ ହେବ୍ବାର, ମହେଶ କୁମାଥାଲ୍ଲି, କେ. ଗୋପିନାଥ, ଏ.ଏଚ୍. ବିଶ୍ୱନାଥ ଓ ନାରାୟଣ ଗୌଡ଼ା ବାଚସ୍ପତିଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, କର୍ନାଟକର ୧୫ ବିଧାୟକ ଇସ୍ତଫା ଦେଇଥିଲେ ହେଁ ବାଚସ୍ପତି ତାହା ଗ୍ରହଣ କରୁନାହାନ୍ତି। ଗତ ୬ ତାରିଖରେ ବିଧାୟକମାନେ ଇସ୍ତଫା ଦେବା ପାଇଁ ବାଚସ୍ପତିଙ୍କ ଅଫିସ୍‌କୁ ଯାଇଥିବାବେଳେ ସେ ପଛଦ୍ୱାର ଦେଇ କୁଆଡ଼େ ଚାଲିଯାଇଥିଲେ। ସେହିପରି ବୁଧବାର ଜଣେ ବିଦ୍ରୋହୀ ବିଧାୟକ ବାଚସ୍ପତିଙ୍କ ନିକଟକୁ ଯାଇଥିବାବେଳେ ସେଠାରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା। କର୍ନାଟକ ବିଧାନସଭା ୧୨ ତାରିଖ (ଶୁକ୍ରବାର) ଆରମ୍ଭ ହେଉଥିବାରୁ ଆସ୍ଥାଭୋଟ ପରିବର୍ତ୍ତେ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶାସକ ମେଣ୍ଟ ଉଦ୍ୟମ କରୁଛି। ତେଣୁ ବିଧାୟକମାନେ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ିବା ପାଇଁ ଚାହାନ୍ତି। ଗତ ୧ ତାରିଖରୁ ଚାଲିଥିବା ଘଟଣାକ୍ରମ ସମ୍ପର୍କରେ ରୋହତଗୀ ଅଦାଲତଙ୍କୁ ଅବଗତ କରାଉଥିବାବେଳେ ଆମକୁ କିଛି ବିସ୍ମିତ କରୁନାହିଁ ବୋଲି ଖଣ୍ଡପୀଠ କହିଥିଲେ। ରୋହତଗୀ କହିଥିଲେ, ସଂଖ୍ୟାଲଘୁ ସରକାରଙ୍କୁ ବାଚସ୍ପତି ସୁରକ୍ଷା ଦେଉଛନ୍ତି। ବିଧାୟକମାନେ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେଇଛନ୍ତି ବୋଲି ରୋହତଗୀ ଯୁକ୍ତି ବାଢ଼ିଥିଲେ। ଫଳରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାର କିଛି ସମୟ ପରେ ଖଣ୍ଡପୀଠଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ ପାଇଁ ବାଚସ୍ପତି ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ୧୦ ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ ବୋଲି ଦର୍ଶାଇ ସେ ସୁପ୍ରିମକୋର୍ଟଙ୍କୁ ଜଣାଇବା ସହ ଅଧିକ ସମୟ ମାଗିଥିଲେ। ଜଷ୍ଟିସ୍ ଗୋଗୋଇଙ୍କ ଖଣ୍ଡପୀଠରେ ବାଚସ୍ପତିଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ, ଶୁକ୍ରବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ନିଷ୍ପତ୍ତି ନେଇ ଅବଗତ କରାଇବାକୁ ବାଚସ୍ପତିଙ୍କୁ ସମୟ ମିଳୁ। ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ପୂର୍ବାହ୍ନରେ ରାୟ ପ୍ରକାଶ ପାଇସାରିଥିବାରୁ ବାଚସ୍ପତିଙ୍କୁ ଗୁରୁବାର ସୁଦ୍ଧା ନିଷ୍ପତ୍ତି ନେବାକୁ ପଡ଼ିବ। ବାଚସ୍ପତିଙ୍କ ପିଟିଶନର ଶୁଣାଣି ଶୁକ୍ରବାର କରାଯିବ।



ବାଚସ୍ପତିଙ୍କୁ ଭେଟିବା ପାଇଁ ଯାଉଛନ୍ତି ୧୦ ବିଦ୍ରୋହୀ ବିଧାୟକ।

## କଂଗ୍ରେସର ଅସ୍ଥାୟୀ ଅଧ୍ୟକ୍ଷ ହେବାକୁ ସୋନିଆ ମନାକଲେ

ନୂଆଦିଲ୍ଲୀ,୧୧।୭



ଲୋକ ସଭା ନିର୍ବାଚନରେ ପରାଜୟ ପାଇଁ ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରେ କେତେଜଣ ବରିଷ୍ଠ ନେତା ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କୁ ଭେଟି ଅସ୍ଥାୟୀ ଭାବେ ଦଳର ନେତୃତ୍ୱ ନେବା ଲାଗି ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ରାଜନୀତିଠାରୁ ଦୂରେଇ ରହିଥିବା ସୋନିଆ ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଏପରିକି ଅସ୍ଥାୟୀ ଭାବେ ମଧ୍ୟ ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ସମର୍ଥ ନୁହନ୍ତି ବୋଲି ସୋନିଆ ତାଙ୍କ ସହଯୋଗୀମାନଙ୍କୁ କହିଛନ୍ତି।

ଲୋକ ସଭା ନିର୍ବାଚନରେ ପରାଜୟ ପରେ ବିଭିନ୍ନ ରାଜ୍ୟରେ କଂଗ୍ରେସର ସ୍ଥିତି ଖରାପ ହେବାରେ ଲାଗିଛି। ଦଳର ଏଭଳି ନୈରାଶ୍ୟଜନକ ସ୍ଥିତିରେ ହସ୍ତକ୍ଷେପ କରି ଅନ୍ତରୀଣ ଅଧ୍ୟକ୍ଷ ହେବା ଲାଗି ସୋନିଆଙ୍କୁ ତାଙ୍କର ଘନିଷ୍ଠ ସହଯୋଗୀମାନେ ଅନୁରୋଧ କରିଥିଲେ। ଅଧ୍ୟକ୍ଷ ପଦ ଗ୍ରହଣ କରିବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି ୭୨ ବର୍ଷୀୟା ସୋନିଆ କହିଛନ୍ତି।

## ପାକ୍‌ରେ ଟ୍ରେନ ଦୁର୍ଘଟଣା: ୧୪ ମୃତ



ଇସଲାମାବାଦ୍,୧୧।୭ (ଆଇଏଏନ୍‌ଏସ୍)

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଯାତ୍ରୀବାହୀ ଟ୍ରେନ ଏକ ମାଲବାହୀ ଟ୍ରେନ ସହ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୧୪ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ୭୯ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସାଦିକାବାଦ୍‌ସ୍ଥିତ ୱାଲ୍‌ହର ରେଲୱେ ଷ୍ଟେଶନରେ ଗୁରୁବାର ଭୋର୍ ୪ଟାରେ ଏହି ଦୁର୍ଘଟଣା ହୋଇଥିଲା। କ୍ୱେଟାକୁ ଯାଉଥିବା ଆକବର ଏକ୍ସପ୍ରେସରୁ ସମସ୍ତ ଯାତ୍ରୀଙ୍କୁ ବାହାର କରାଯିବା ସହ ରେଳଧାରଣା କାମ ଜାରି ରହିଥିବା ଡେପୁଟି କମିଶନର ଜମିଲ ଅହମଦ ଜମିଲ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧.୫ ନିୟୁତ ପାକିସ୍ତାନୀ ଟଙ୍କା ପ୍ରଦାନ କରିବା ଲାଗି ରେଳମନ୍ତ୍ରୀ ଶେଖ୍ ରସିଦ ଅହମଦ ଘୋଷଣା କରିଛନ୍ତି।

## ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା ମାମଲା
# ପୂର୍ବତନ ଏମ୍‌ପିଙ୍କୁ ଆଜୀବନ ଜେଲ

ଅହମଦାବାଦ,୧୧।୭ (ଆଇଏଏନ୍‌ଏସ୍)

ଆର୍‌ଟିଆଇ କର୍ମୀ ଅମିତ୍ ଜେଠୱା ହତ୍ୟା ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ସୌରାଷ୍ଟ୍ରର ପୂର୍ବତନ ଏମ୍‌ପି ଦିନୁ ବୋଘା ସୋଲାଙ୍କିଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୦ ଜୁଲାଇ ୨୦ରେ ଏହି ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଜୁଲାଇ ୬ରେ କୋର୍ଟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ସଂରକ୍ଷିତ ରଖିଥିଲେ। ଗିର ଜଙ୍ଗଲାଞ୍ଚଳରେ ବେଆଇନ ଖଣି କାରବାରରେ ଭାଜପା ଏମ୍‌ପିଙ୍କ ସମ୍ପୃକ୍ତି ନେଇ ଗୁମର ଖୋଲିଦେବା ଭୟରେ ଜେଠୱାଙ୍କୁ ହତ୍ୟା କରାଯାଇଥିଲା।

# ଇନ୍ଦିରା ଜୟସିଂଙ୍କ ଘରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ,୧୧।୭(ପି.ଟି.)

ସୁପ୍ରିମକୋର୍ଟର ଜଣାଶୁଣା ଆଇନଜୀବୀ ଇନ୍ଦିରା ଜୟସିଂଙ୍କ ଘର ସମେତ ତାଙ୍କ ସ୍ୱାମୀ ଆନନ୍ଦ ଗ୍ରୋଭର ଚଳାଉଥିବା ଏନ୍‌ଜିଓ 'ଲୟର୍ସ କଲେକ୍ଟିଭ୍' କାର୍ଯ୍ୟାଳୟ ଉପରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। ଜୟସିଂଙ୍କ ନିଜାମୁଦ୍ଦିନ ବାସଭବନ ଏବଂ କାର୍ଯ୍ୟାଳୟ, ଜଙ୍ଗପୁରାରେ ଥିବା ଏନ୍‌ଜିଓ କାର୍ଯ୍ୟାଳୟ ଏବଂ ମୁମ୍ବାଇସ୍ଥିତ କାର୍ଯ୍ୟାଳୟରେ ଭୋର ୫ଟାରୁ ଏକସଙ୍ଗେ ଚଢ଼ାଉ ଆରମ୍ଭ ହୋଇଥିଲା। ବିଦେଶୀ ପାଣ୍ଠି ବିନିଯୋଗରେ ଏଫସିଆର୍‌ଏ ନିୟମ ଉଲ୍ଲଂଘନ ଅଭିଯୋଗରେ ଗ୍ରୋଭରଙ୍କ ନାଁରେ ସିବିଆଇ ମାମଲା ରୁଜୁ କରିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଭିଯୋଗ କ୍ରମେ ଗ୍ରୋଭର ଏବଂ ଏନ୍‌ଜିଓ ବିରୋଧରେ ଏତଲା ଦାଏର ହୋଇଥିଲା। ଅଭିଯୋଗ ଅନୁଯାୟୀ ଲୟର୍ସ କଲେକ୍ଟିଭ୍ ୨୦୦୬-୦୭ରୁ ୨୦୧୪-୧୫ ମଧ୍ୟରେ ବିଦେଶରୁ ୩୨ କୋଟି ୩୯ ଲକ୍ଷ ଟଙ୍କା ଅନୁଦାନ ପାଇଥିଲା। ତେବେ ବିଦେଶୀ ଅନୁଦାନ ନିୟାମକ ଆଇନ (ଏଫ୍‌ସିଆର୍‌ଏ)ର ଉଲ୍ଲଂଘନ କରାଯାଇ ଉକ୍ତ ଅନୁଦାନ ରାଶିକୁ ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା।

Ranjita Institute of Hotel Management & Catering Technology
(Affiliated to NCHMCT, Noida, Ministry of Tourism, Govt. of India)
Bidyanagar, Mahura, Janla, Bhubaneswar, Odisha. Pin - 752054
NCHMCT

SPOT ADMISSION in Hotel Management

Ranjita Institute of Hotel Management & Catering Technology one of the leading Hotel Management Institutions in Odisha calls for application, from the eligible candidates to get admission into :

- 3Yrs. B.Sc. in Hospitality & Hotel Administration
  Age : 25 year(As on 01/07/2019); Eligibility : 10+2 system(50%marks in aggregate with English as a compulsory subject)
- Post Graduate Diploma in Accommodation Operation & Management
  Eligibility : Graduate (Any Stream); Age : 18 to 25 year
- Diploma in
  - Food Production
  - Food & Beverage Service
  - Front Office Operation
  - Housekeeping Operation
  Eligibility : 10+2 pass(Any Stream); Age : 19 to 25 years

Important Information
Eligible and interested candidates are advised to visit our office for Spot Admission with the following documents :
- 10th Certificate (Original & Photocopy)
- 10+2 Pass Mark Sheet / Certificate (Original & Photocopy)
- 6nos of Colour Passport Size Photographs

YouTube : www.rihmct.tv
Web: www.rihmct.edu.in
E-mail : admission@rihmct.edu.in

For Admission Information, Contact :
0674-6636555;
Mob.: 9040 021 100/101/102/103

C. V. Raman College of Engineering
(Autonomous Engineering College)
Ranked among Top 100 Engineering Institutes in India by NIRF, MHRD, Govt. of India
Approved by AICTE, Accredited by NBA and NAAC
ISO 9001-2017 Certified

CVRCE, one of the leading Engineering Colleges in Odisha invites applications for admission into 02Yrs fulltime regular

M.Sc. Programmes in
1. Applied Mathematics & Computing
2. Applied Physics
3. Chemistry

Eligibility : Student must have passed B.Sc./+3 Science with Honours in Mathematics, Physics and Chemistry respectively. For detail information, candidates are advised to visit : www.cvrce.edu.in or call us at :
Candidates are advised to apply within 21st July 2019
Ph.:0674-663 6555
+91 - 9040 021 100 / 101 / 102 / 103

### ଇତିହାସର ଆଇନାରେ
## ଜୁଲାଇ ୧୨ର ପ୍ରମୁଖ ଘଟଣା

୧୯୬୧ ଜୁଲାଇ ୧୨ରେ ଖଡକ୍ୱାଲା ଏବଂ ନିର୍ମାଣାଧୀନ ପନଶେତ୍ ଡ୍ୟାମ୍ ଭୁଶୁଡି ବନ୍ୟା ଆସିବାରୁ ପୁଣେରେ ୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ପନଶେତ୍ ଡ୍ୟାମ୍‌ରେ ଫାଟ ସୃଷ୍ଟି ହେବାରୁ ଏହାକୁ ରୋକିବା ଲାଗି ସେନାବାହିନୀକୁ ନିୟୋଜିତ କରାଯାଇଥିଲା।

୧୯୯୯ ଜୁଲାଇ ୧୨ରେ ବଲିଉଡ୍ ସୁପରଷ୍ଟାର ରାଜେନ୍ଦ୍ର କୁମାରଙ୍କର କ୍ୟାନ୍‌ସରରେ ପରଲୋକ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ୧୯୫୦ରୁ ଅଭିନୟ କ୍ୟାରିୟର ଆରମ୍ଭ କରିଥିବା ରାଜେନ୍ଦ୍ର ୪ ଦଶନ୍ଧି ମଧ୍ୟରେ ୧୫୦ରୁ ଅଧିକ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ୧୯୬୯ରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।



ବ୍ରହ୍ମପୁତ୍ର ନଦୀ ବନ୍ୟାରେ ଗୁଆହାଟୀର କାଳୀପୁରଠାରେ ଥିବା ଚକ୍ରେଶ୍ୱର ମନ୍ଦିର ନିକଟସ୍ଥ ଭଗବାନ ବିଷ୍ଣୁ ଓ ମାଆ ଲକ୍ଷ୍ମୀଙ୍କ ମୂର୍ତ୍ତି ଅଧା ବୁଡ଼ିଯାଇଛି।

## ମଧ୍ୟସ୍ଥତାରେ ସମାଧାନ ସମ୍ଭବ ନ ହେଲେ
# ୨୫ରୁ ଅଯୋଧ୍ୟା ଶୁଣାଣି

ନୂଆଦିଲ୍ଲୀ,୧୧।୭(ପି.ଟି.)


ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଆପୋସ ସମାଧାନ ପାଇଁ ଗଠିତ ମଧ୍ୟସ୍ଥ କମିଟି ଆସନ୍ତା ୧୮ ତାରିଖରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବେ। ଯଦି ଉକ୍ତ ମାମଲାରେ ଅଧିକ କିଛି ଭୂମିକା ନାହିଁ ବୋଲି ମଧ୍ୟସ୍ଥ କମିଟି ଅନୁଭବ କରେ ତେବେ ୨୫ରୁ ସୁପ୍ରିମକୋର୍ଟ ଅଯୋଧ୍ୟା ମାମଲାର ଶୁଣାଣି କରିବେ।

ଅଗଷ୍ଟ ୧୫ ସୁଦ୍ଧା ସମାଧାନ ପନ୍ଥା ବାହାର କରିବା ଲାଗି ସୁପ୍ରିମକୋର୍ଟ ଗତ ମେ ୧୦ରେ ମଧ୍ୟସ୍ଥ କମିଟିକୁ ସମୟ ଦେଇଥିଲେ। ଏବେ ଉକ୍ତ କମିଟିର ଅଧ୍ୟକ୍ଷଙ୍କୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ରିପୋର୍ଟ ମିଳିବାର ପରବର୍ତ୍ତୀ ସପ୍ତାହରେ ଅଦାଲତ ଏହା ଉପରେ ନିଷ୍ପତ୍ତି ନେବେ। ଯଦି ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ସମ୍ଭବ ନୁହେଁ ବୋଲି କମିଟି ଅନୁଭବ କରନ୍ତି ତେବେ ଜୁଲାଇ ୨୫ରୁ ମାମଲାର ନିୟମିତ ଶୁଣାଣି ଆରମ୍ଭ ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଗୁରୁବାର କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ଦୀର୍ଘ ଦଶନ୍ଧି ଧରି ଅଯୋଧ୍ୟା ବିବାଦ ମାମଲା ଅଦାଲତର ବିଚାରାଧୀନ ରହିଥିବାରୁ ବୁଝାମଣା ମାଧ୍ୟମରେ ଏହାର ଶୀଘ୍ର ସମାଧାନ ଲାଗି ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ୩ ଜଣିଆ ମଧ୍ୟସ୍ଥ କମିଟି ଗଠନ ହୋଇଥିଲା। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ଅଛନ୍ତି। ୧୮ ତାରିଖରେ ଜଷ୍ଟିସ କଲିଫୁଲ୍ଲା ତାଙ୍କ ରିପୋର୍ଟ ଦାଖଲ କରିବା ପରେ ଖଣ୍ଡପୀଠ ପରବର୍ତ୍ତୀ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

ଅଯୋଧ୍ୟାରେ ଷୋଡ଼ଶ ଶତାବ୍ଦୀରେ ବାବ୍ରୀ ମସ୍‌ଜିଦ ନିର୍ମାଣକୁ ନେଇ ବିବାଦ ଲାଗି ରହିଛି। ଭଗବାନ ରାମଙ୍କ ଜନ୍ମସ୍ଥାନରେ ଥିବା ପୁରାତନ ମନ୍ଦିରର ଭଗ୍ନାବଶେଷ ଉପରେ ଉକ୍ତ ମସ୍‌ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ସଂଗଠନଗୁଡ଼ିକ ବିଶ୍ୱାସ କରିଥାନ୍ତି। ମସ୍‌ଜିଦକୁ ୧୯୯୨ରେ ହିନ୍ଦୁ କରସେବକମାନେ ଭାଙ୍ଗିଦେବା ପରେ ବିଭିନ୍ନ ସ୍ଥାନରେ ଦଙ୍ଗା ସୃଷ୍ଟି ହୋଇ ୨୦୦୦ ଲୋକ ନିହତ ହୋଇଥିଲେ। ଅଯୋଧ୍ୟାର ବିବାଦୀୟ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତରେ ୧୪ ଆବେଦନ କରାଯାଇଥିଲା। ଉତ୍ତରପ୍ରଦେଶ ସରକାର ଏବଂ ଅନ୍ୟ ପିଟିଶନରଙ୍କ ବିରୋଧ ସତ୍ତ୍ୱେ ସାମ୍ବିଧାନିକ ଖଣ୍ଡପୀଠ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ସୁନ୍ନି ୱାକଫ୍ ବୋର୍ଡ ଏବଂ ନିର୍ମୋହୀ ଆଖଡ଼ା ବ୍ୟତୀତ ଅନ୍ୟମାନେ ମଧ୍ୟସ୍ଥତାକୁ ବିରୋଧ କରିଥିଲେ।



## ୧୮ ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ ନିର୍ଦ୍ଦେଶ




# ବିଦ୍ୟୁତ୍ ଆଘାତରେ ଛାତ୍ରୀଙ୍କ ମୃତ୍ୟୁ

**ମୁନିଗୁଡା, ୧୧।୭(ଡ଼ି.ଏନ.ଏ):** ରାୟଗଡା ଜିଲା ମୁନିଗୁଡା ବ୍ଲକ କୁମୁଡାବାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବୁଧବାର ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତା ଛାତ୍ରୀ ଜଣକ ହେଲେ କୁମୁଡାବାଲି ପଞ୍ଚାୟତ ଗୁମୁଡି ଗ୍ରାମର ଉଁଆସୁ କାଡ୍ରାକାଙ୍କ ଝିଅ ନନ୍ଦିନୀ କାଡ୍ରାକା। ସେ ୭ମ ଶ୍ରେଣୀର ଛାତ୍ରୀ ଥିଲେ। ଗୁରୁବାର ରାୟଗଡା ଏଡ଼ିଏମ ସୁଧାକର ଶବର, ଗୁଣପୁର ପିଏ ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ ଓ ମୁନିଗୁଡା ତହସିଲଦାର ଦେବାଶିଷ ଗୋଡ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ମୁନିଗୁଡା ଥାନା ଶିଶୁ ମହିଳା ଡ଼େସ୍କ ଶ୍ୱେତପଦ୍ମା ସେଠ୍ ଓ ଚନ୍ଦ୍ରମା ଶବର କେତେକ ଛାତ୍ରୀ ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଅନ୍ୟପଟେ ମୃତା ଛାତ୍ରୀଙ୍କ ବାପା ବିଦ୍ୟାଳୟର ଅବହେଳାରୁ ଏପରି ଘଟଣା ଘଟିଛି ବୋଲି ମୁନିଗୁଡା ଥାନାରେ ଅଭିଯୋଗ କରିଛନ୍ତି।

# ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

**ବିଧାନସଭା**
- ୨ ଦିନ ଛୁଟି ପରେ ପୁଣି ୧୫ରୁ ଚାଲିବ
- ଅଗଷ୍ଟ ୨ରେ ପାରିତ ହେବ ବ୍ୟୟମଞ୍ଜୁରୀ ବିଲ୍

ଷୋଡ଼ଶ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଆରମ୍ଭ ହେବାର ଗୋଟିଏ ଦିନ ପରେ ୧୩ ଓ ୧୪ ତାରିଖ ମାସର ଦ୍ୱିତୀୟ ଶନିବାର ଏବଂ ରବିବାର ପାଇଁ ବିଧାନସଭା ଛୁଟି ରହିବ। ୧୫ ତାରିଖଠାରୁ ଅଧିବେଶନ ନିୟମିତ ଚାଲିବ। ୧୨ ତାରିଖରେ ଏହି ଅଧିବେଶନ କାଳରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ବିଭିନ୍ନ ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ। ଜୁଲାଇ ୧୫ରୁ ଅଗଷ୍ଟ ୧ ତାରିଖ ଯାଏ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ବିଧାନସଭାରେ ଆଗତ ହୋଇଥିବା ବଜେଟର ଖର୍ଚ୍ଚଦାବି ଉପରେ ଆଲୋଚନା ହେବ। ଅଗଷ୍ଟ ୨ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାରେ ଅନୁମୋଦନ ଲାଭ କରିବ। ଏହି ସମୟରେ ପୌର ନିର୍ବାଚନ ସକାଶେ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ ସଂଶୋଧନ ପାଇଁ ପ୍ରସ୍ତାବ ଆସିବାର କାର୍ଯ୍ୟକ୍ରମ ରହିଛି।

ବିଜେଡି ସରକାରର ପଞ୍ଚମ ପାଳିର ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଜୁନ୍ ୨୫ରୁ ଆରମ୍ଭ ହୋଇଥିଲା। ଜୁଲାଇ ୨ ତାରିଖରେ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିଲା। ଏହି ସମୟରେ ୨୦୧୯-୨୦ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଆଗତ କରାଯାଇଥିଲା। ଏଥିସହିତ ଉପବାଚସ୍ପତି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅଧିବେଶନରେ ବିରୋଧୀ ଦଳ ଚାଷୀ, ଧାନର ଅଭାବୀ ବିକ୍ରି, ସ୍ୱାସ୍ଥ୍ୟ, ଜଳସେଚନ, ଆଇନକାନୁନ ବ୍ୟବସ୍ଥା ଆଦିକୁ ନେଇ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଆସନ୍ତା ୨୦ ତାରିଖରେ ପାଟକୁରା ନିର୍ବାଚନ ଥିବାରୁ ଉଭୟ ଶାସକ ଏବଂ ବିରୋଧୀ ଦଳର ଅଧିକାଂଶ ସଦସ୍ୟ ଗୃହରେ ଅନୁପସ୍ଥିତ ରହିବା ସମ୍ଭାବନା ରହିଛି।

## ସଂକ୍ଷେପରେ

### ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୧୦ ଗିରଫ

**ଜୟପୁର/ଦିଗପହଣ୍ଡି,୧୧।୭(ଡି.ଏନ୍.ଏ./ନି.ପ୍ର.):** ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ କୋରାପୁଟ ଜିଲାର ପୃଥକ୍ ସ୍ଥାନରୁ ପ୍ରାୟ ୨ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୧୦ ଜଣଙ୍କୁ ପୋଲିସ ଗିରଫ କରିଛି। ଗଞ୍ଜେଇ ଚାଲାଣ ବେଳେ ଧରାପଡ଼ିଥିବା ୪ ଜଣ ନାବାଳକଙ୍କୁ ସ୍ୱାଧାର ଗୃହ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଜୟପୁର ଓ କୋରାପୁଟ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରୁ ଗୁରୁବାର ପୂର୍ବାହ୍ନରୁ ୫୮.୯ କିଲୋଗ୍ରାମ ଗଞ୍ଜେଇ ରେଳ ବିଭାଗ ପୋଲିସ ଜବତ କରିଛି। ସେହିପରି ଗଞ୍ଜାମ ଜିଲା ଦିଗପହଣ୍ଡି ଅବକାରୀ ବିଭାଗ ବୁଧବାର ଭୋରରେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତାର ସେବାକେନ୍ଦ୍ର ନିକଟରେ ଏକ ଡାଲା ଅଟୋରୁ ୮୧ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଗଜପତି ଜିଲା ମୋହନା ଥାନା ଖାରିଗୁଡ଼ା ଗ୍ରାମର ଯୁଗଳ ବଳିୟାରସିଂଙ୍କୁ ଗିରଫ ପରେ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୪ ନାବାଳକଙ୍କୁ ବ୍ରହ୍ମପୁର ସ୍ୱାଧାର ଗୃହକୁ ପଠାଯାଇଛି। ଚାଲାଣରେ ବ୍ୟବହୃତ ଡାଲା ଅଟୋ (ଓଡି଼୦୭ ଏମ ୮୦୬୭) ଜବତ ହେବା ସହ କେସ୍ ନଂ ୨୧/୧୯ରେ ମାମଲା ରୁଜୁ ହୋଇଛି।

# ଭୁବନେଶ୍ୱରରେ ହେବ ସାତକୋଶିଆ ମାନସମନ୍ଥନ
# ୧୫ରେ ବାଘୁଣୀ ସୁନ୍ଦରୀର ଭାଗ୍ୟ ନିର୍ଦ୍ଧାରଣ

**ଦିନେଶ ଦେହୁରୀ**
**ବନ୍ତଲା,୧୧।୭**

- ୫ ହେକ୍ଟରକୁ ବଢ଼ିବ ରାଇଗୁଡ଼ା ଏନକ୍ଲୋଜର
- ଅଭୟାରଣ୍ୟବାସୀଙ୍କ ସମସ୍ୟାକୁ ଦିଆଯିବ ପ୍ରାଥମିକତା
- ପୁରୁଣା ବାଘୁଣୀ ଶାବକ ଜନ୍ମକୁ ନେଇ ସନ୍ଦେହ
- କ୍ୟାମେରା ଟ୍ରାଫକୁ ଚାହିଁ ରହିଛି ବନ ବିଭାଗ

ଆସନ୍ତା ୧୫ ତାରିଖରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ନେଇ ଭୁବନେଶ୍ୱରରେ ହେବ ମାନସମନ୍ଥନ। ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଥିବା ଏହି ବୈଠକରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଭବିଷ୍ୟତ ଉପରେ ଆଲୋଚନା ହେବ। ବିଶେଷକରି ୨୦୧୮ ନଭେମ୍ବର ୬ରୁ ରାଇଗୁଡାସ୍ଥିତ ଏନକ୍ଲୋଜରରେ ବନ୍ଦୀ ଜୀବନ କାଟୁଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ନେଇ ଏଥିରେ ନିଆଯିବ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ସୁନ୍ଦରୀକୁ ପୁନର୍ବାର ଅଭୟାରଣ୍ୟରେ ଛଡାଯିବ କି ନନ୍ଦନକାନନରେ ରଖାଯିବ କିମ୍ବା ବାନ୍ଧବଗଡ଼କୁ ଫେରାଇ ଦିଆଯିବ ସେ ନେଇ ଉକ୍ତ ବୈଠକରେ କ'ଣ ନିଷ୍ପତ୍ତି ନିଆଯିବ ଏବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ନେଇ ଦୀର୍ଘଦିନ ପରେ ବସୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ ରାଜ କରାଟେ, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ), ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ), ୱାଇଲ୍ଡ ଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି), ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ), ବିଭାଗୀୟ ସଚିବ ଓ ସାତକୋଶିଆ ଡିଏଫଓ ଉପସ୍ଥିତ ରହିବେ। ତେବେ ଯାହା ସୂଚନା ମିଳିଛି, ସୁନ୍ଦରୀ ରହୁଥିବା ରାଇଗୁଡା ଏନକ୍ଲୋଜରକୁ ୫ ହେକ୍ଟରକୁ ସମ୍ପ୍ରସାରଣ କରାଯିବ। ଏଥିପାଇଁ ଅଢେଇ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଏନ୍‌କ୍ଲୋଜର ମଧ୍ୟରେ ଏକ ଚିରସ୍ରୋତା ନାଳ, ପାହାଡ଼ ଖୋଲ ଆଦି ପ୍ରାକୃତିକ ପରିବେଶ ନିର୍ମାଣ କରାଯିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭୟାରଣ୍ୟ ମଧ୍ୟରେ ପ୍ରାଣ ହରାଇବା ପୂର୍ବରୁ ମହାବଳ ମହାବୀର ଔରସରୁ ସାତକୋଶିଆର ପୁରୁଣା ବାଘୁଣୀ ଗର୍ଭବତୀ ଥିବା ୨୦୧୮ ନଭେମ୍ବରରେ ବନ ବିଭାଗ ସ୍ପଷ୍ଟ କରିଥିଲା। ଏବେ ସେହି ପୁରୁଣା ବାଘୁଣୀ ଖୋଲାଖୋଲି ବୁଲୁଥିଲେ ବି ଶାବକ ଜନ୍ମ ଦେଇଛି କି ନାହିଁ ସେ ସମ୍ପର୍କରେ କିଛି ସୂଚନା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଏ ବିଷୟରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କହିଛନ୍ତି, ବାଘୁଣୀ ସୁନ୍ଦରୀକୁ ନେଇ ଖୁବ୍‌ଶୀଘ୍ର ବୈଠକ ବସୁଛି। ସେଥିରେ ଯାହା ନିଷ୍ପତ୍ତି ହେବ ସେହି ଅନୁଯାୟୀ କାର୍ଯ୍ୟ କରାଯିବ। ସାତକୋଶିଆରେ ପୁନର୍ବାର ବାଘ ଛାଡିବା ସମ୍ପର୍କରେ ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇ ନିଷ୍ପତ୍ତି ନେବ। ଏନ୍‌କ୍ଲୋଜରରେ ଥିବା ସୁନ୍ଦରୀର ବ୍ୟାଘ୍ର ପ୍ରକୃତି ଯେପରି ପରିବର୍ତ୍ତନ ନ ହୋଇଯାଏ ସେଥିପାଇଁ ଅଧିକ ୪ ହେକ୍ଟର ଜାଗାକୁ ଏହାକୁ ସମ୍ପ୍ରସାରଣ କରାଯିବ। ସାତକୋଶିଆର ପୁରୁଣା ବାଘୁଣୀ ଗର୍ଭବତୀ ଥିବା ଆମ ପାଖରେ ଖବର ଥିଲା। କିନ୍ତୁ ଶାବକ ଜନ୍ମ ବିଷୟରେ କିଛି ସୂଚନା ନାହିଁ। ଏ ନେଇ ପ୍ରମାଣ ପାଇବା ପାଇଁ ବିଭିନ୍ନ ଜାଗାରେ ୨ଶହରୁ ଊର୍ଦ୍ଧ୍ୱ କ୍ୟାମେରା ଲଗା ଯାଇଛି। ହେଲେ ଏଯାଏ କ୍ୟାମେରା ଟ୍ରାପରେ ଶାବକର ଫଟୋ ଆସୁନାହିଁ। ତେଣୁ ଆଉ ଅଧିକ ୪ ଶହ କ୍ୟାମେରା ଲଗାଯିବାର ଯୋଜନା ରହିଛି। ବାଘକୁ ନେଇ ବନବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଯେଉଁ ସମସ୍ୟା ଉପୁଜିଛି ତାହାର ସମାଧାନ ପାଇଁ ଗୁରୁତ୍ୱ ଦିଆଯାଉଛି। ପ୍ରତି ଗ୍ରାମର ଅଧିବାସୀଙ୍କୁ ବିଭିନ୍ନ ରାଜ୍ୟରେ ଥିବା ବ୍ୟାଘ୍ର ପ୍ରକଳ୍ପ ପରିଦର୍ଶନରେ ନିଆଯିବା ସହିତ ପ୍ରକଳ୍ପରୁ ରୋଜଗାର ଓ ବାଘ-ମଣିଷର ସମ୍ପର୍କ ବିଷୟରେ ଅବଗତ କରାଯିବ। ଏଥିସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ।

# ୧୯ ଯାଏ କାଁ ଭାଁ ବର୍ଷା
## ଜୁନ୍ ପହିଲାରୁ ଜୁଲାଇ ୧୧ ଯାଏ ୧୫% ବର୍ଷା କମ୍

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇ ଯାଇଛି। ଆବଶ୍ୟକତା ଅନୁଯାୟୀ ବର୍ଷା ହେଉ ନ ଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଲେଣି। ଜୁନ୍ ପହିଲାରୁ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ୧୫ ପ୍ରତିଶତ ବର୍ଷା କମ୍ ହୋଇଛି। ଏହି ସମୟରେ ସ୍ୱାଭାବିକ ଭାବେ ୩୨୫.୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୨୭୫.୨ ମିଲିମିଟର। ଆସନ୍ତା ୧୯ ତାରିଖ ଯାଏ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୌସୁମୀ ଦୁର୍ବଳ ହେବା ସହିତ ଲଘୁଚାପର କୌଣସି ସମ୍ଭାବନା ନ ଥିବାରୁ ରାଜ୍ୟରେ ବର୍ଷା ପରିମାଣ ଆହୁରି କମିବା ଆଶଙ୍କା ଦେଖାଦେଇଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହିତ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କୋରାପୁଟ, ମାଲକାନଗିରି, କନ୍ଧମାଳ, ଗଜପତି, ରାୟଗଡ଼ା, କେନ୍ଦୁଝର, ବାଲେଶ୍ୱର, ଖୋର୍ଦ୍ଧା, ପୁରୀ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩.୫, କଟକ ୧.୬, ପାରାଦୀପ ୧.୭, ଭବାନୀପାଟଣା ୧୬, କୋରାପୁଟ ୮.୮, ସୁନ୍ଦରଗଡ ୧୦ ଏବଂ ଫୁଲବାଣୀରେ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




## ୧୫୫ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ
# କୃଷି ଓ ଶିକ୍ଷା କ୍ଷେତ୍ରକୁ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି

**ଭୁବନେଶ୍ୱର, ୧୧।୭(ବ୍ୟୁରୋ)**

ରାଜ୍ୟର ପଛୁଆ ଅଞ୍ଚଳଗୁଡ଼ିକରେ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ତଥା ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଗଠନମୂଳକ ଭୂମିକା ନିର୍ବାହ କରିଆସୁଛି। ଗୁରୁବାର ସଚିବାଳୟଠାରେ ଅନୁଷ୍ଠିତ ୧୫୫ତମ ବ୍ୟାଙ୍କର୍ସ କମିଟି ବୈଠକରେ ରିଜର୍ଭ ବ୍ୟାଙ୍କ, ଏସ୍.ଏଲ୍.ବି.ସି.(ଓଡ଼ିଶା), ନାବାର୍ଡ, ଏସ୍‌ବିଆଇ, ୟୁକୋ ବ୍ୟାଙ୍କ ଅଂଶଗ୍ରହଣ କରି ଏହି ପ୍ରସଙ୍ଗରେ ନିଜର ମତାମତ ରଖିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବୈଠକକୁ ଉଦ୍‌ଘାଟନ କରି କହିଛନ୍ତି ଯେ, ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଜିଲାଗୁଡ଼ିକରେ ବ୍ୟାଙ୍କିଂ ବ୍ୟବସ୍ଥା ସଚଳ କରିବାରେ ବ୍ୟାଙ୍କ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ପ୍ରମୁଖ ବ୍ୟାଙ୍କଗୁଡ଼ିକ ବାତ୍ୟା ସମୟରେ ପ୍ରତ୍ୟେକ ସ୍ଥାୟୀ ଶାଖା ଏବଂ ଏଟିଏମ୍‌କୁ କାର୍ଯ୍ୟକ୍ଷମ କରି ଜନସାଧାରଣଙ୍କୁ ଟଙ୍କା ଉଠାଇବାରେ ସହଯୋଗ କରିଛନ୍ତି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଇଣ୍ଟରନେଟ୍ ସୁବିଧା ରହୁ ନ ଥିବାରୁ ବ୍ୟାଙ୍କ କାରବାର ବାଧାପ୍ରାପ୍ତ ହେଉଛି। ଏଥିଲାଗି ଅର୍ଥ ବିଭାଗ ପ୍ରଥମ ପର୍ଯ୍ୟାୟରେ ୫୦ ସୌର ଭିସାଟ୍ ସ୍ଥାପନା କରିବା ପାଇଁ ୨ କୋଟି ଟଙ୍କା ଓଡ଼ିଶା ଜୀବିକା ମିଶନକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ୨୦୧୯-୨୦ ବର୍ଷ ପାଇଁ ବାର୍ଷିକ ଋଣ ଯୋଜନା ୭୧,୪୨୦ କୋଟି ଟଙ୍କାରେ ଧାର୍ଯ୍ୟ ହୋଇଥିବାବେଳେ ଗତ ମାର୍ଚ୍ଚ ୩୧ ସୁଦ୍ଧା ୫୯୯୩୬.୩୪ କୋଟି ଟଙ୍କାର ଲକ୍ଷ୍ୟ ହାସଲ ହୋଇପାରିଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୨୦୧୮-୧୯ ବର୍ଷ ପାଇଁ ୧୭୯୧୯ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଗତ ମାର୍ଚ୍ଚ ୩୧ ସୁଦ୍ଧା ଏଥିରୁ ୨୫୯୧୧ କୋଟି ଟଙ୍କାର ଲକ୍ଷ୍ୟ ହାସଲ ହୋଇଛି। ସେହିପରି କୃଷି ଓ ଶିକ୍ଷା କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଅଗ୍ରାଧିକାର କ୍ଷେତ୍ରରେ ୭୫୬୧୧.୯୬ କୋଟି ଟଙ୍କା ବାର୍ଷିକ ଋଣ ଯୋଜନା ଧାର୍ଯ୍ୟ ହୋଇଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ରିଜର୍ଭ ବ୍ୟାଙ୍କ୍, ଅର୍ଥ ବିଭାଗ ଏବଂ ଏସ୍.ଏଲ୍. ବି.ସି. ତରଫରୁ ଋଣମେଳା ଆୟୋଜନ କରିବା ପାଇଁ କହିଛନ୍ତି। ଗତ ଦୁଇବର୍ଷ ହେଲା ରିଜର୍ଭ ବ୍ୟାଙ୍କ୍ ବାର୍ଷିକ ଋଣ ଯୋଜନା ଏବଂ ଋଣ ଓ ଜମା ଅନୁପାତକୁ ସତର୍କତାର ସହ ତଦାରଖ କରୁଛି। ଏହାଦ୍ୱାରା ବାର୍ଷିକ ଋଣ ଯୋଜନା ଏବଂ ଋଣ ଓ ଜମା ଅନୁପାତ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଏହି ଅବସରରେ କହିଛନ୍ତି, ସମ୍ପ୍ରତି ଜାତୀୟ ଅର୍ଥନୀତିରେ ଡିଜିଟାଲ ଟଙ୍କା ପୈଠ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ, ଏସ୍.ଏଲ୍.ବି.ସି ଏବଂ ଅନ୍ୟାନ୍ୟ ବ୍ୟାଙ୍କ୍‌ଗୁଡ଼ିକ ଡିଜିଟାଲ ଟଙ୍କା ପୈଠ ବାବଦରେ କର୍ମଶାଳା ଆୟୋଜନ କରି ସଚେତନତା ସୃଷ୍ଟି କରିବା ଆବଶ୍ୟକ। କୃଷି ଏବଂ ଶିକ୍ଷା କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ବିଭିନ୍ନ ବିଭାଗର ସଚିବଙ୍କ ସହ ପ୍ରମୁଖ ବ୍ୟାଙ୍କଗୁଡ଼ିକର ଅଧିକାରୀମାନେ ଉପସ୍ଥିତ ଥିଲେ।



୧୫୫ ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଅତିଥିମାନେ ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ମେଡିକାଲ ନାମଲେଖା
# ପ୍ରଥମ ପର୍ଯ୍ୟାୟରେ ୯୭୦ ସିଟ୍ ପୂରଣ

**ଭୁବନେଶ୍ୱର,୧୨।୭(ବ୍ୟୁରୋ)**

ରାଜ୍ୟରେ ଥିବା ୭ଟି ସରକାରୀ ଓ ଗୋଟିଏ ଘରୋଇ ମେଡିକାଲ କଲେଜର ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ପ୍ରୋଭିଜନାଲ ନାମଲେଖା ବୁଧବାର ଶେଷ ହୋଇଛି। ନାମଲେଖା ପ୍ରକ୍ରିୟାରେ ଏମ୍‌ବିବିଏସ୍‌ରେ ମୋଟ ୯୩୩ ସିଟ୍ ପୂରଣ ହୋଇଥିବାବେଳେ ବିଡିଏସ୍‌ରେ ୩୭ ଜଣ ନାମ ଲେଖାଇଛନ୍ତି। ଏନେଇ ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ରାଜ୍ୟ କୋଟା ପାଇଁ ହେଉଥିବା ଏହି ନାମଲେଖାରେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜର ୨୧୨ଟି ରାଜ୍ୟ କୋଟା ଏମ୍‌ବିବିଏସ୍ ସିଟ୍ ମଧ୍ୟରୁ ୧୭୩ ସିଟ୍ ପୂରଣ ହୋଇଛି। ସେହିଭଳି ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ୨୧୨ ସିଟ୍ ମଧ୍ୟରୁ ୧୯୮ ସିଟ୍, ବୁର୍ଲାସ୍ଥିତ ଭିଏସ୍‌ଏସ୍ ମେଡିକାଲ କଲେଜର ୧୭୦ ସିଟ୍‌ରୁ ୧୫୯, ବାରିପଦା ମେଡିକାଲ କଲେଜର ୧୦୬ ସିଟ୍‌ରୁ ୧୦୦ ଏବଂ କୋରାପୁଟ ମେଡିକାଲ କଲେଜର ୯୯, ବାଲେଶ୍ୱର ମେଡିକାଲ କଲେଜରେ ୮୨, ବଲାଙ୍ଗୀର ମେଡିକାଲ କଲେଜର ୭୭ଟି ସିଟ୍ ପୂରଣ ହୋଇଛି। ଏକମାତ୍ର ଘରୋଇ ହାଇଟେକ୍ ମେଡିକାଲ କଲେଜର ୪୫ଟି ଏମ୍‌ବିବିଏସ୍ ସିଟ୍ ପୂରଣ ହୋଇଛି। ସେହିଭଳି ବିଡିଏସ୍ ପାଠ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜର ୩୨, ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜର ୫ଟି ସିଟ୍‌ରେ ନାମଲେଖା ହୋଇଛି। ଏହି କଲେଜଗୁଡ଼ିକରେ ମୋଟ ୧୪୦୦ ସିଟ୍ ରହିଥିବାବେଳେ ରାଜ୍ୟକୋଟାରେ ଏବେ ୧୨୧୮ ସିଟ୍ ପାଇଁ କାଉନସେଲିଂ କରାଯାଉଛି।



**କିଛି ତଥ୍ୟ**
୨୦୧୮-୧୯ ଆର୍ଥିକ ବର୍ଷରେ ମାଇକ୍ରୋଫାଇନାନ୍ସ ଶିଳ୍ପର ମୋଟ ଋଣ ପୋର୍ଟଫୋଲିଓ ୪୦% ବୃଦ୍ଧି ଘଟି ୧.୮ ଲକ୍ଷ କୋଟି ଟଙ୍କା ଛୁଇଁଛି।
– ସିଡ୍‌ବି

**ଆଜିର ମନ୍ତବ୍ୟ**
ବିରୋଧୀ ସରକାର ଗଢ଼ିଥିବା ରାଜ୍ୟଗୁଡ଼ିକରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି ଭାଜପା।
– ମାୟାବତୀ, ବିଏସ୍‌ପି ସୁପ୍ରିମୋ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସାଢେ ୩ କୋଟି ସହାୟତା ପ୍ରଦାନ

**ଭୁବନେଶ୍ୱର,୧୧ା୭(ବ୍ୟୁରୋ):** ବାତ୍ୟା ଫନୀ ଦୁର୍ଗତଙ୍କ ସହାୟତା ଓ ପୁନରୁଦ୍ଧାର ପାଇଁ ଗୁରୁବାର କେତେଗୁଡିଏ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ୟୁକୋ ବ୍ୟାଙ୍କ କର୍ମଚାରୀମାନଙ୍କ ପକ୍ଷରୁ ୩ କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି। ଏହାସହ ବେଙ୍ଗାଲୁରୁର ଏସିଟି ଫିବ୍ରେନେଟ୍ ପକ୍ଷରୁ ୧୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ରାଜ୍ୟବାସୀଙ୍କ ବିପଦ ସମୟରେ ସେମାନଙ୍କୁ ସହାୟତା କରିବା ଲାଗି ଏହି ସଂସ୍ଥାଗୁଡିକ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବଢ଼ିଲା ବସ୍ ଭଡ଼ା

- କି.ମି. ପିଛା ୧, ୨ ପଇସା
- ସରକାର ପଦକ୍ଷେପ ନେବା ଜରୁରୀ: ସଂଘ

**ଭୁବନେଶ୍ୱର,୧୧ା୭(ବ୍ୟୁରୋ)**

ପୁଣି ବସ୍ ଭଡ଼ା ବଢ଼ିଲା। ଡିଜେଲ ଦର ବୃଦ୍ଧି ଯୋଗୁ ରାଜ୍ୟ ସରକାର ଏହି ଭଡ଼ା ବୃଦ୍ଧି କରିଥିବା କୁହାଯାଉଛି। ଡିଜେଲ ଦର ବୃଦ୍ଧି ପାଇବାରୁ ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ଭଡ଼ା ବୃଦ୍ଧି ହୋଇଛି। ଏ ନେଇ ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପ୍ରତି ୧ ପଇସା ବୃଦ୍ଧି କରାଯାଇଥିବା ବେଳେ ଡିଲକ୍ସ ଏବଂ ଏସି ଡିଲକ୍ସ ବସ୍ ଭଡ଼ା କିମି ପିଛା ୨ ପଇସା ବୃଦ୍ଧି ହୋଇଛି। ପୂର୍ବରୁ ସାଧାରଣ ବସ୍ ଭଡ଼ା ପ୍ରତି କିମି ପିଛା ୬୮ ପଇସା ଥିବା ବେଳେ ଏବେ ତାହା ୬୯ ପଇସାକୁ ବୃଦ୍ଧି ପାଇଛି। ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୭୧ ପଇସାରୁ ୭୨ ପଇସାକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଡିଲକ୍ସ ବସ୍ ଭଡ଼ା କିମି ପିଛା ୯୭ ପଇସାରୁ ୯୯ ପଇସା ଏବଂ ଏସି ଡିଲକ୍ସ ବସ୍‌ର କିମି ପିଛା ୧ଟଙ୍କା ୧୯ ପଇସାରୁ ୧ ଟଙ୍କା ୨୧ ପଇସାକୁ ବୃଦ୍ଧି ହୋଇଛି। ବସ୍ ଭଡ଼ା ବୃଦ୍ଧି ପାଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡିଜେଲ ଦର ବଢ଼ୁଥିବାରୁ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। ବସ୍ ଭଡ଼ା ବଢ଼ାଇବାକୁ ଇଚ୍ଛା ନ ଥିଲେ ମଧ୍ୟ ତୈଳ ଦର ବୃଦ୍ଧି ଯୋଗୁ ବାଧ ହୋଇ ଭଡ଼ା ବଢ଼ାଯାଉଛି ବୋଲି ରାଜ୍ୟ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। କେବଳ ଡିଜେଲ ନୁହେଁ, ଗାଡିର ଅନ୍ୟାନ୍ୟ ଯନ୍ତ୍ରାଂଶ ଓ ଆନୁଷଙ୍ଗିକ ଖର୍ଚ୍ଚ ବଢ଼ୁଥିବାରୁ ବସ୍ ଚଳାଇବା କଷ୍ଟସାଧ ହୋଇପଡୁଛି। ଯାତ୍ରୀଙ୍କ ଉପରେ ଭଡ଼ା ବୋଝ ପଡୁଥିବାରୁ ସରକାର ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ଲୋକାଯୁକ୍ତ, ସୂଚନା କମିଶନ୍ ସଦସ୍ୟଙ୍କ ନାମ ସୁପାରିସ

**ଭୁବନେଶ୍ୱର,୧୧ା୭(ବ୍ୟୁରୋ):** ଲୋକାଯୁକ୍ତ ଏବଂ ସୂଚନା କମିଶନ୍ ସଦସ୍ୟ ଚୟନ କରିବା ଲାଗି ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଗଠିତ ଚୟନ କମିଟି ପକ୍ଷରୁ ରାଜ୍ୟ ଅତିଥି ଭବନରେ ଲୋକାଯୁକ୍ତ ପାଇଁ ଜଣେ ସଦସ୍ୟ ଏବଂ ସୂଚନା କମିଶନଙ୍କ ଜଣେ ସଦସ୍ୟଙ୍କ ନାମ ସୁପାରିସ କରାଯାଇଥିବା ଜଣାପଡ଼ିଛି। ଉଭୟ ସଦସ୍ୟଙ୍କ ନାମ ରାଜ୍ୟପାଳଙ୍କୁ ସୁପାରିସ କରାଯାଇଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ସୂଚନା ଦେଇଛନ୍ତି। ରାଜ୍ୟପାଳଙ୍କ ଅନୁମୋଦନ ପରେ ନୂଆ ସଦସ୍ୟ ନିଯୁକ୍ତ ହେବେ। ଉଭୟଙ୍କ ନାମ ଗୋପନ ରଖାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଲୋକାଯୁକ୍ତରେ ଜଣେ ଅଧକ୍ଷଙ୍କ ସମେତ ୪ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହିଛି। ଲୋକାଯୁକ୍ତରେ ଏବେ ୩ସଦସ୍ୟ ପଦ ଖାଲି ରହିଛି। ସେହିପରି ସୂଚନା କମିଶନ୍‌ଙ୍କ କାର୍ଯ୍ୟାଳୟରେ ୪ସଦସ୍ୟ ପଦବୀ ଖାଲି ରହିଥିବା ଜଣାପଡ଼ିଛି।

# ଆର୍‌କେଭିୱାଇରେ ୨୪ ପ୍ରକଳ୍ପକୁ ମଞ୍ଜୁରୀ

**ଭୁବନେଶ୍ୱର,୧୧ା୭(ବ୍ୟୁରୋ)**

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୪ ନୂଆ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ପ୍ରକଳ୍ପଗୁଡିକୁ କୃଷକମାନଙ୍କ ଆୟବୃଦ୍ଧିଭିତ୍ତିକ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ତଥା କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେଲା ଭଳି ନୂତନ ପ୍ରକଳ୍ପକୁ ରାଜ୍ୟ ସରକାର ଚଳିତ ୨୦୧୯-୨୦ ବର୍ଷ ପାଇଁ ମଞ୍ଜୁର କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍.କେ.ଭି.ୱାଇ)ର ରାଜ୍ୟସ୍ତରୀୟ ମଞ୍ଜୁରୀ କମିଟି ବୈଠକରେ ଏହି ପ୍ରକଳ୍ପଗୁଡିକୁ ଅନୁମୋଦନ ଓ ମଞ୍ଜୁର କରାଯାଇଛି। ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ପ୍ରକଳ୍ପ ମଞ୍ଜୁରୀ ଓ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟବସ୍ତୁ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି। ନୂଆ ପ୍ରକଳ୍ପଗୁଡିକୁ ଅନୁମୋଦନ ଦେଇ ସେଗୁଡିକ ଯେପରି ବାସ୍ତବ କ୍ଷେତ୍ରରେ କୃଷି ଉତ୍ପାଦନ, କୃଷକଙ୍କ ଆୟ ଏବଂ କୃଷି କ୍ଷେତ୍ରରେ ଆତ୍ମନିଯୁକ୍ତି ବଢ଼ାଇବାରେ ସହାୟକ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଇଥିବା ବିଭାଗ ଓ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ବାବଦରେ ପୂର୍ବରୁ ମଞ୍ଜୁର ହୋଇଥିବା ଅର୍ଥର ବିନିଯୋଗ ପୂର୍ଣ୍ଣାଙ୍ଗ କରି ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ସମସ୍ତ ବିନିଯୋଗ ପତ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ମଧ୍ୟ ପାଢୀ କହିଥିବା ଜଣାପଡିଛି।

ବୈଠକ ଶେଷ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟାଦେଇ ସୌରଭ ଗର୍ଗ କହିଛନ୍ତି ଯେ, ବୈଠକରେ କ୍ଷେତ୍ର-କୃଷି, ପଶୁପାଳନ, ମତ୍ସ୍ୟଚାଷ, ଫସଲ ନଷ୍ଟକାରୀ କୀଟାଣୁ ପରିଚାଳନା, ରାଜ୍ୟରେ ସବୁଜ ବିପ୍ଳବର ଦୃଢ଼ୀକରଣ ସମ୍ବନ୍ଧୀୟ ୨୪ ପ୍ରକଳ୍ପ ଅନୁମୋଦିତ ହୋଇଛି। ଏହିସବୁ ପ୍ରକଳ୍ପରେ ପ୍ରାୟ ୨୫୦ କୋଟି ଟଙ୍କା ବିନିଯୋଗ ହେବ। ରାଜ୍ୟରେ କୀଟାଣୁ ନିରୀକ୍ଷଣ ଏବଂ ପରିଚାଳନା, ସଘନ ଆଳୁ ଚାଷ, ପିଆଜ ଉତ୍ପାଦନ ଓ ସଂରକ୍ଷଣର ନୂତନ ଲାଭଦାୟୀ କୌଶଳ, କୃଷି-ପୁଞ୍ଜିରେ ନୂତନ କୌଶଳର ପ୍ରାମାଣିକ ପ୍ରଦର୍ଶନ, ଅଧିକ ଉତ୍ପାଦନକ୍ଷମ ପ୍ରାମାଣିତ ବିହନ ଉତ୍ପାଦନ, ଜମି ଉର୍ବରତା ପରିଚାଳନା, ସମନ୍ୱିତ କୀଟନାଶକ ପରିଚାଳନା, କମ୍ୟୁନିଟି କ୍ଲଷ୍ଟର, ଗଭୀର ବୋରୱେଲ୍, ଗ୍ରାମ ସ୍ତରୀୟ ଉଠାଜଳସେଚନ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଏବଂ ବଜାର ସଂଯୁକ୍ତି, ତମାଖୁ ଜାତୀୟ ଚାଷ ପରିବର୍ତ୍ତେ ବିକଳ୍ପ ଲାଭକାରୀ ଫସଲ ଚାଷ ଏବଂ ସମସ୍ୟା ଜଡିତ ଭୂମିର ପୁନରୁଦ୍ଧାର ଆଦି ପ୍ରକଳ୍ପଗୁଡିକ ବୈଠକରେ ଅନୁମୋଦିତ ହୋଇଛି। ଏହାଛଡା ବିଧ୍ୱଂସକାରୀ ସାମୁଦ୍ରିକ ବାତ୍ୟା ଫନୀ ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ଜିଲାଗୁଡିକ ପାଇଁ ପାନବରଜ ପୁନରୁଦ୍ଧାର, ଛତୁ ଚାଷର ପୁନରୁଦ୍ଧାର, ପନିପରିବା ଓ ଆଖୁ ଚାଷ ଆଦିର ପୁନଃସ୍ଥାପନ, ମତ୍ସ୍ୟଜୀବୀମାନଙ୍କ ଜୀବିକାର ପୁନଃସ୍ଥାପନ ଆଦି ୧୧ପ୍ରକଳ୍ପ ଅନୁମୋଦନ ଲାଭ କରିଛି। କେବଳ ଫନୀ କ୍ଷତିଗ୍ରସ୍ତ ଜିଲା ପାଇଁ ପ୍ରାୟ ୧୨୩ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ସୂଚନା ମୁତାବକ, ୨୦୦୭-୦୮ରୁ ରାଜ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସମୁଦାୟ ୭୪୯ ମୁଖ୍ୟ ପ୍ରକଳ୍ପ ହାତକୁ ନିଆଯାଇଛି। ତନ୍ମଧ୍ୟରୁ ୪୯୬ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୨୫୩ ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ଏହି ଯୋଜନା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ରେ ପାଣ୍ଠି ଯୋଗାଇଥାଆନ୍ତି। ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ୩୪୩.୬୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଛାତ୍ରଙ୍କୁ ମାଡ଼ ଅଭିଯୋଗ, ଶିକ୍ଷୟିତ୍ରୀ ନିଲମ୍ବିତ

**ବସ୍ତା, ୧୧ା୭(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତର ମୁଳିଦା ଗ୍ରାମରେ ଥିବା ମୁଳିଦା ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ସୋମବାର ଜଣେ ଛାତ୍ର ସ୍କୁଲକୁ ରବର ଆଣି ନ ଥିବାରୁ ଶିକ୍ଷୟିତ୍ରୀ ସଂଘମିତ୍ରା ବେହେରା ତାଙ୍କୁ ମାଡ଼ ମାରିଥିଲେ। ଛାତ୍ରଜଣଙ୍କ ତାଙ୍କ ଘରେ ଜଣାଇବାରୁ ବାପା ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଛାତ୍ରଙ୍କ ବାପା ବସ୍ତା ବିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ବିଇଓଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାବିଭାଗ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯାଇଥିଲା। ରିପୋର୍ଟ ଆଧାରକୁ ଭିତ୍ତି କରି ବିଇଓ ପ୍ରାଚୀତନୟା ଗିରି ଚିଠି (ନଂ. ୧୪୧୯)ଅନୁଯାୟୀ କାର୍ଯ୍ୟରତ ଶିକ୍ଷୟିତ୍ରୀ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କର୍ମ ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପନ୍ନ ହେବ। ଆପଣ ଯାହା ଚାହୁଁଛନ୍ତି ତାହା ପାଇବେ ଏବଂ ଉପରବେଳା ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କା ରହିଛି।

**ବୃଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଓ ଫେରନ୍ତା ବାଟରେ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ବ୍ୟବସାୟିକ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଘର ସାଜସଜ୍ଜାରେ କିମ୍ବା ନିର୍ମାଣରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କୁ ନିଜ କାମରେ ଲଗାଇ ଇଚ୍ଛିତ କାର୍ଯ୍ୟ ହାସଲ କରିବେ।

**ମିଥୁନ** ସବୁସୁବିଧା ଥାଇ ମଧ ସମସ୍ୟା ଲାଗିରହିବା ଯୋଗୁ କେତେକ କାମ ସମ୍ପନ୍ନ ହେବା କାରଣରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ହୋଟେଲ, ଛୋଟ ଦୋକାନୀ, ଲାଭବାନ ହେବେ। ପୂର୍ବ ବିବାଦକୁ କେନ୍ଦ୍ରକରି ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ସମସ୍ୟା ଆସିବ। ପିଲାମାନଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କର୍କଟ** ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରନ୍ତି। ଗତକାଲିର ଯୋଜନାକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** ଆଜିର କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ଼ ଚେଷ୍ଟା କରିପାରନ୍ତି। ତଥାପି କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ସାମାଜିକ ସ୍ତରରେ ଦୃଢ଼ତା ହେତୁ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**କନ୍ୟା** ବିଭିନ୍ନ ପ୍ରକାରର ସମସ୍ୟା କାରଣରୁ ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ କଳହ ଲାଗିପାରେ। ଅଚାନକ ଭାବରେ ଅଶୌଚ ସମ୍ବାଦ ଶୁଣି ବିସ୍ମିତ ହୋଇପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବିତ ହୋଇପାରେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବ୍ୟବସାୟ ଓ ବାଣିଜ୍ୟରୁ ଅର୍ଥ ଲାଭ ହେତୁ ଖୁସି ରହିବେ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାରରେ ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ।

**ବିଛା** ଆଜି ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ। ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଅର୍ଥ ସମ୍ପର୍କୀୟ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ମିଳିବ। ଦେବ ଦର୍ଶନର ସୁଯୋଗ ମିଳିବ। ସାହାଯ୍ୟ, ସହଯୋଗର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ଭୁଲ ବୁଝାମଣା କାରଣରୁ ପରିବାରର ସଦସ୍ୟମାନେ ଆପଣଙ୍କୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତିଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧ କଥା କହିପାରେ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତିଚତୁରତାର ସହ ସମାଧାନ କରିବେ। ଅବଶ୍ୟ ସ୍ଥାନୀୟ ଜଣାଶୁଣା ଲୋକମାନେ ଆପଣଙ୍କୁ ଏ ଦିଗରେ ସାହାଯ୍ୟ କରିବେ।

**ମକର** ଆଜିର ଯାତ୍ରାରେ ଅର୍ଥ ପ୍ରାପ୍ତିର ଆଶା ପୂରାମାତ୍ରାରେ ରହିଛି। ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ମତାନ୍ତର ଜନିତ ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ କାମଟିକୁ ଛାଡ଼ି ପାରିବେ ନାହିଁ। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇ ପାରନ୍ତି। ହଠାତ୍ ଯାତ୍ରା କରିବାକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡିପାରେ। କର୍ମକ୍ଷେତ୍ରରେ ଘଟଣାଚକ୍ରରେ ପଡି ମିଥ୍ୟା କହିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ** ପାଖ ପଡ଼ୋଶୀ କିମ୍ବା ଆତ୍ମୀୟମାନଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗ କରି ସୁସମ୍ପର୍କ ହରାଇପାରନ୍ତି। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ବାହୁଡ଼ା ଯାତ୍ରା, ଆଷାଢ଼ ଶୁକ୍ଳପକ୍ଷର ହରିଶୟନ ଏକାଦଶୀ ଶୁକ୍ରବାର, ଚାତୁର୍ମାସ୍ୟା ବ୍ରତାରମ୍ଭ, ଅଶୁଦ୍ଧକାଳ ଆରମ୍ଭ, ଜୁଲାଇ ୧୨ ତାରିଖ, ମାଲାଲା ଦିବସ, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ୧୧ା୧୧ମି. ଗତେ, ବିଛା ଚନ୍ଦ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬ା୪୯ମି. ମଧ୍ୟେ ଘ୪ା୩୪ମି. ଗତେ, ଘ୬ା୧୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬ା୪୯ମି. ଗତେ ଘ୮ା୨୧ମି. ମଧ୍ୟେ, ଘ୧୧ା୪୨ମି. ଗତେ ଘ୧ା୧୯ମି. ମଧ୍ୟେ ମାହେନ୍ଦ୍ର ବେଳା।

## classifieds Everyday
0674-2580101, 2549302

**real estate**

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

2BHK, 3BHK ready to move flats at Hitech Heaven near Gudiapokhari Chowk, Bhubaneswar. 9937846404, 9937179713. D-13352

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଘରବାରି **converted residential 1800sqft plot for sale @ 870 per sqft near Gudia Pokhari Hitech-Heaven apartment near Puri highway. Ph: 8917468717, 9337341703.** D-13345

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

Bhubaneswar-Pitapalli ଛକଠାରେ possession/ ପାଚେରି ଥାଇ sqft. 550/- Xavier University- 250/-. 8280860015 / 7750068828. D-13342

"Litigation free 2storied building with parking, 3phase electricity, 24hr water supply over freehold GA plot (60'x90') for sale at B.J.B Nagar (POSH Area), Bhubaneswar, only genuine buyer contact directly: 9583009046". D-13368

1500 sqft. gharabari plot in Chandrasekharpur, Bhubaneswar is for sale. 9937162220. D-66161

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft. Road ଏବଂ ବାସପୋଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948. D-13373

**to-let**

Tolet service for bachelor, family, girls, all over Bhubaneswar. 6371209927. D-64982

Single room attached toilet, no kitchen working executive, Rs. 6000/-, Omfed Chhak, Chandrasekharapur, 9337199407. D-65665

Residential/commercial accomodation near DAV Chandrasekharpur mainroad, available. Contact: 9338089477. D-67007

ସମ୍ ହସ୍‌ପିଟାଲ ପଛପଟେ ରୋଗୀମାନଙ୍କ ସହାୟକ ରହିବାପାଇଁ ଘର ଭଡାରେ ମିଳେ। ୯୩୩୮୦୮୯୪୭୭. D-67008

**ACCOMMODATION**

Furnished accomodation for working lady, students, near Amber showroom, Chandrasekharpur. 9938377066, 9337464616. D-67306

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Summer special mesmerizing offer expert therapeutic refreshing massage appointment: 9668374480. D-66593

Ayurvedic full body massage ladies/gents smart experts therapist. 9114697517. D-66917

Monsoon dhamaka/ full body massage with hiprofile smart lady therapist. Hurry up ! 9708545108. D-13319

Kajal ayurvedic massage club fully relaxed by smart lady, home service available. 9937637219. D-66922

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13361

**LOST**

ମୁଁ ନାରାୟଣ ସେଠୀ, ପିତା- ସ୍ୱର୍ଗତ ଯୋଗୀ ସେଠୀ, ସା- ଭଗତ୍‌ପୁର, ପୋଅ- ତେଲେଙ୍ଗାବଜାର, ଥାନା- ପୁରିଘାଟ, ଜିଲ୍ଲା- କଟକ, ଘୋଷଣା କରେକି ମୋର ପ୍ଲଟ ନଂ. ଏଫ୍/ ୭୧୩, ସିଡିଏ, ସେକ୍ଟର-୭ ପ୍ରୋଭିଜନାଲ ଓ ଫାଇନାଲ ଆଲର୍ଟମେଣ୍ଟ କାଗଜପତ୍ର ୬ା୭ା୧୯ ଦିନ ଭଗତ୍‌ପୁରଠାରେ ହଜିଯାଇଛି, ଯଦି କେହି ପାଇଥାଆନ୍ତି, ଫୋନ: ୯୩୪୮୫୫୨୩୫୮, ୭୦୦୮୧୫୯୫୪୪, ୮୦୯୩୧୪୦୬୧୦ ଜଣାଇବାକୁ ଅନୁରୋଧ। ଧ-୧୩୩୭୨

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାର ବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Ph.d Award in Electronics and T.C. Engineering**



Sonali Dash, Associate Professor, Raghu Engineering College, Visakhapatnam has been awarded Ph.D Degrees in Engineering from Veer Surendra Sai University of Technology, Burla, Orissa. She has conducted her research on texture classification by combining laws mask with traditional texture analysis techniques, under the supervision of Dr. U.R Jena, Professor, Department of Electronics and T.C. Engineering, VSSUT, Burla, Orissa.
Her research work has been examined and highly appreciated by professor Dr. Sasibhushana Rao of E.C.E, Andhra University and Professor Dr. Hossein Mousavinezhad Idaho of state University, USA.
Dr. Sonali Dash is the only daughter of Er. Sarbeswar Dash and Smt. Kirtymoyi Rath, Daughter-in-law of Shri Binay Bhusan Mishra, Retd. IAS and Smt. Prativa Mishra. She is very thankful to her parents, In-laws and also her son Ayush Mishra for their constant support and encouragement. She also expresses her heartfelt thanks to the Administrative Officials, Academic and Non-Academic staff of the University and friends for their timely support.
D-66257

**୫ମ ଜନ୍ମଦିନ ଶୁଭେଚ୍ଛା**



**ପିଏସ୍ ସାଇ ଆରାଧ୍ୟା**
Durgeswar Garh, Nimapara, Puri
ତୋର ଜନ୍ମ ସୁନାବେଶ ଦିନ ଠାକୁର ତୋତେ ସୁନାପିଲା କରିଗଢି ତୋଳନ୍ତୁ। ତୁମେ ଦୀର୍ଘାୟୁ, ନିରୋଗୀ ଓ ଚଳାପଥରେ ପୁଷ୍ପବୃଷ୍ଟି ହେଉ, ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ**
ଜେଜେମା, ଅଜା, ଆଈ, ବାପା, ମାମା, ଶୀଖା, ବାବୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୭୦

**ଜନ୍ମଦିନ ଶୁଭେଚ୍ଛା**



Micky
**Sneha Panda**
**ବାଇଁଶିଆ, ଯୋରନ୍ଦା, ଢେଙ୍କାନାଳ**
ଆଜି ତୋର ୮ମ ଶୁଭଜନ୍ମଦିନରେ ଜଗତନାଥ ଶ୍ରୀଜଗନ୍ନାଥ ଏବଂ ବାଇଁଶିଆରେ ଥିବା ପ୍ରଭୁ କପିଳେଶ୍ୱରଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।
**ଶୁଭେଚ୍ଛା ସହ**
ଅଜା, ଆଈ, ବଡ଼ବାବା, ବଡ଼ମାମା, ଚୁଚୁ, ନାଲୁ, ମିକୁନ୍, Hotel Heaven staff ଏବଂ Ajay Kumar
ଧ-୬୪୦୭୬

## ସଂକ୍ଷେପରେ

### ବିଶ୍ୱବିଦ୍ୟାଳୟରେ ପ୍ରଫେସର ନିଯୁକ୍ତି ମାମଲା: ହାଇକୋର୍ଟଙ୍କ ଅଙ୍କୁଶ

**କଟକ ଅଫିସ, ୧୧।୭:** ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଓ ସହଯୋଗୀ ପ୍ରଫେସର ନିଯୁକ୍ତି ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀଙ୍କୁ ନେଇ ଗଠିତ ୪ ଜଣିଆ ଖଣ୍ଡପୀଠ ଆଗତ ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟା ଜାରି ରଖିବାକୁ ଆଦେଶ ଦେଇଛନ୍ତି। ମାତ୍ର ଏହି ନିଯୁକ୍ତି ଅଦାଲତଙ୍କ ବିନା ଆଦେଶରେ ଦିଆଯାଇପାରିବ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ଉକ୍ତ ମାମଲାରେ ହାଇକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରାଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଧନଞ୍ଜୟ ସୋରେନ ଓ ରାଜକୁମାର ନାୟକଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ବରିଷ୍ଠ ଆଡଭୋକେଟ ଜଗନ୍ନାଥ ପଟ୍ଟନାୟକ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ବାଢ଼ିଥିଲେ ଯେ, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ଜୁନ ୨୬ରେ ପ୍ରକାଶିତ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ସମ୍ପୂର୍ଣ୍ଣ ବେଆଇନ। ଏଥିରେ ସରକାରଙ୍କ ୧୯୭୫ ମସିହା ସଂରକ୍ଷଣ ଆଇନକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀଠାରୁ ଆରମ୍ଭ କରି ସହଯୋଗୀ ଓ ସହକାରୀ ଏବଂ ଅଧାପକ ପଦବୀ ପୂରଣ କ୍ଷେତ୍ରରେ ସଂରକ୍ଷଣ ଆଇନ ଲାଗୁ ହେବା ନିମନ୍ତେ ନିୟମ ରହିଛି। ମାତ୍ର ଏହାକୁ କାର୍ଯ୍ୟକାରୀ କରା ନ ଯିବା ଦ୍ୱାରା ଆବେଦନକାରୀ ଦ୍ୱୟ ପଦୋନ୍ନତିରୁ ବଞ୍ଚିତ ହେବେ ବୋଲି ପଟ୍ଟନାୟକ କୋର୍ଟଙ୍କୁ ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏ କ୍ଷେତ୍ରରେ ୟୁଜିସିର ଗାଇଡ୍‌ଲାଇନକୁ ମଧ ଅଣଦେଖା କରାଯାଇଛି। ସୂଚନାଥାଉ କି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୯ଟି ପ୍ରଫେସର, ୧୭ ସହଯୋଗୀ ପ୍ରଫେସର ଏବଂ ୨୦ ସହକାରୀ ପ୍ରଫେସରଙ୍କୁ ମିଶାଇ ମୋଟ ୪୬ଟି ପଦବୀ ପୂରଣ ସଂକ୍ରାନ୍ତରେ ଗତ ୨ ତାରିଖରେ ପ୍ରକାଶିତ ବିଜ୍ଞପ୍ତିର ବୈଧତାକୁ ମଧ ଏହି ମାମଲାରେ ଚ୍ୟାଲେଞ୍ଜ କରାଯାଇଛି।

### ହାତୀ ଆକ୍ରମଣରେ ନାବାଳିକା ମୃତ
#### କାନ୍ଥପଡ଼ି ଭାଇ, ଭଉଣୀ ଆହତ

**ଝୁମ୍ପୁରା୧୧।୭ (ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରି ଫରେଷ୍ଟ ଅନ୍ତର୍ଗତ ମଲଦା ଗ୍ରାମର ମୁଣ୍ଡା ସାହିରେ ଗୋଠଛଡା ଦନ୍ତାହାତୀ ଆକ୍ରମଣରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ହାତୀ ଭାଙ୍ଗି ଦେଇଥିବା କାନ୍ଥ ତଳେ ଚାପି ହୋଇ ମୃତକଙ୍କ ଭାଇ ଭଉଣୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ହାତୀଟି ଅନ୍ଧାରି ଖମଣ ଜଙ୍ଗଲରେ ରହୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ମଲଦା ଗ୍ରାମ ମୁଣ୍ଡା ସାହିରେ ପହଞ୍ଚିଥିଲା। ହାତୀ ଗତିବିଧି ଉପରେ ନଜର ରଖିଥିବା ବନ କର୍ମଚାରୀମାନେ ଏହା ଜାଣିପାରି ନ ଥିଲେ। ହାତୀଟି ଧାତିକା ଗାଁରେ ପହଞ୍ଚି ୨ଟି ଘର ଭାଙ୍ଗିବା ସହିତ ବାଡି ବଗିଚା ନଷ୍ଟ କରିଥିଲା। ପରେ ହାତୀଟି ମଲଦା ଗ୍ରାମ ମୁଣ୍ଡା ସାହିରେ ପହଞ୍ଚି ବାଜାୟୀ ମୁଣ୍ଡାଙ୍କ ଘର କାନ୍ଥ ଭାଙ୍ଗିଥିଲା। ଘର ଭିତରେ ୩ ଶିଶୁଙ୍କ ସହିତ ତାଙ୍କ ବାପା, ମା' ଶୋଇଥିଲେ। ହାତୀଟି ସେମାନଙ୍କ ମଧ୍ୟରୁ ୭ବର୍ଷର ଝିଅ ସିନି ମୁଣ୍ଡାଙ୍କୁ ଘର ଭିତରୁ ଟାଣି ନେଇ ବାହାରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରର ଅନ୍ୟ ସଦସ୍ୟମାନେ ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ କାନ୍ଥ ପଡିଯିବାରୁ ଅନ୍ୟ ୨ଶିଶୁ ଗୁରୁତର ହୋଇଛନ୍ତି। ହାତୀଟି ୧ଘଣ୍ଟାରୁ ଅଧିକ ସମୟ ଧରି ବାଜାୟୀଙ୍କ ଘର ପାଖରେ ରହିଥିବାରୁ ଆହତ ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଗୁରୁବାର ସକାଳେ ଆହତ ଶିଶୁଦ୍ୱୟଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନା ପଠାଇଥିଲେ। ଗୋଠଛଡା ଦନ୍ତାର ଉତ୍ପାତ ଯୋଗୁ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଆତଙ୍କିତ ଥିବାବେଳେ ଗ୍ରାମବାସୀଙ୍କ ମଧରେ ଏନେଇ ଉତ୍ତେଜନା ପ୍ରକାଶ ପାଇଛି। ଶିଶୁର ମୃତଦେହ କେନ୍ଦୁଝର ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ସରକାରୀ ନିୟମ ଅନୁଯାୟୀ ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ।

# ପ୍ରକାଶ ପାଇଲା ୩ ଦଳର ଷ୍ଟାର ପ୍ରଚାରକ ତାଲିକା

**ପାଟକୁରା ନିର୍ବାଚନ**
- ନବୀନ ବିଜେଡିର ମୁଖ୍ୟ ପ୍ରଚାରକ
- ଭାଜପା ତାଲିକାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ପ୍ରତାପ
- ବାହୁଡ଼ା ପରେ ବିଧିବଦ୍ଧ ପ୍ରଚାର ଆରମ୍ଭ କରିବ କଂଗ୍ରେସ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ପାଟକୁରା ବିଧାନସଭା ଆସନ ଦଖଲ କରିବା ଲାଗି ରାଜ୍ୟର ପ୍ରମୁଖ ରାଜନୈତିକ ଦଳଗୁଡିକ ମଧ୍ୟରେ ଲଢେଇ ଜୋର୍‌ଦାର ହେବାରେ ଲାଗିଛି। ଆସନ୍ତା ୨୦ରେ ଏହି ଆସନରେ ନିର୍ବାଚନ ହେବାକୁ ଥିବାବେଳେ ଗୁରୁବାର ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ନିଜ ରଣନୀତି ପ୍ରସ୍ତୁତ କରିସାରିଛନ୍ତି। ଗୁରୁବାର ବିଜେଡି, ଭାଜପା ଓ କଂଗ୍ରେସ ନିଜ ଷ୍ଟାର କ୍ୟାମ୍ପେନର ତାଲିକା ପ୍ରକାଶ କରିଛନ୍ତି। ସବୁଦଳ ନିଜର ୪୦ ଜଣିଆ ତାଲିକା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ କରିଛନ୍ତି। ବିଜେଡି ପକ୍ଷରୁ ଅନେକ ନେତା କିଛିଦିନ ହେଲା ଯାଇ ପାଟକୁରାରେ ଡେରା ପକାଇ ପ୍ରଚାର ଚଳାଇଛନ୍ତି। ଗୋଟେ ଗୋଟେ ପଞ୍ଚାୟତ ଦାୟିତ୍ୱ ଜଣେ ଲେଖାଏଁ ବିଧାୟକଙ୍କୁ ଦିଆଯାଇଛି। ସେହିପରି ବିଧାୟକମାନେ ମଧ ନିଜ ସାଙ୍ଗରେ ବହୁ ଅନୁଗତଙ୍କୁ ଧରି ପ୍ରଚାର ଚଳାଇଛନ୍ତି। ଯାହାକୁ ଯେଉଁ ପଞ୍ଚାୟତର ଦାୟିତ୍ୱ ମିଳିଛି, ତାହା କିପରି ଠିକଣା ଢଙ୍ଗରେ ତୁଲାଇବେ ସେନେଇ ମଧ ଶାସକ ଦଳର ବିଧାୟକମାନେ ଦିନରାତି ଏକ କରିଦେଇଛନ୍ତି। ୩ ଦଳର ମୋଟ ୧୨୦ ଷ୍ଟାର କ୍ୟାମ୍ପେନର ପାଟକୁରାରେ ନିଜ ନିଜର ପ୍ରାର୍ଥୀ ପାଇଁ ପ୍ରଚାର କରିବେ। ବିଜେଡି ତାଲିକାରେ ମୁଖ୍ୟ ଆକର୍ଷଣ ସାଜିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କ ସଙ୍ଗେସଙ୍ଗେ ପ୍ରମୁଖ ଷ୍ଟାର ପ୍ରଚାରକ ତାଲିକାରେ ଅଛନ୍ତି- ପ୍ରମିଳା ମଲ୍ଲିକ, ଶଶିଭୂଷଣ ବେହେରା, ଦେବୀ ପ୍ରସାଦ ମିଶ୍ର, ପ୍ରତାପ କେଶରୀ ଦେବ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ପାଣିଗ୍ରାହୀ, ସଞ୍ଜୟ ଦାସବର୍ମା, ଅରୁଣ ସାହୁ, ପ୍ରଣବ ପ୍ରକାଶ ଦାସ, ସମୀର ଦାଶ, ସୁଶାନ୍ତ ସିଂ, ଦିବ୍ୟ ଶଙ୍କର ମିଶ୍ର, ରଘୁନନ୍ଦନ ଦାସ, ଅନୁଭବ ମହାନ୍ତି, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଆକାଶ ଦାଶ ନାୟକ, ଅରିନ୍ଦମ ରାଏ, ମିନତି ବେହେରାଙ୍କ ନାମ ରହିଛି। ହେଲେ ଏହି ତାଲିକାରେ ଦଳର କିଛି ବରିଷ୍ଠ ନେତାଙ୍କ ନାମ ରଖାଯାଇ ନ ଥିବା ଲକ୍ଷ୍ୟ କରାଯାଇଛି। ସେହିପରି ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଭାଜପାର ଷ୍ଟାର ପ୍ରଚାରକ ତାଲିକାରେ ରହିଥିବା ପ୍ରମୁଖ ନେତାଙ୍କ ମଧରେ ରହିଛନ୍ତି- ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସୁରେଶ ପୂଜାରୀ, ବସନ୍ତ କୁମାର ପଣ୍ଡା, ସଙ୍ଗୀତା ସିଂ ଦେଓ, ଅପରାଜିତା ଷଡଙ୍ଗୀ, ଦାମୋଦର ରାଉତ, କେ.ଭି ସିଂ ଦେଓ, ସମ୍ବିତ ପାତ୍ର, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଷ୍ଣୁଚରଣ ସେଠୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜୟନ୍ତ ଷଡଙ୍ଗୀ, ଜୟନାରାୟଣ ମିଶ୍ର, ଅନୁ ଚୌଧୁରୀ ଓ ପ୍ରିଙ୍କି ପ୍ରଧାନଙ୍କ ନାମ ଆଦି ରହିଛି। ସେହିପରି କଂଗ୍ରେସ ଷ୍ଟାର ପ୍ରଚାରକ ତାଲିକାରେ କେନ୍ଦ୍ରୀୟ ନେତାଙ୍କ ସହ ଓଡ଼ିଶାରୁ ନିର୍ବାଚିତ ଜଣେ ମାତ୍ର ଏମ୍‌ପି ସପ୍ତଗିରି ଉଲାକାଙ୍କ ନାମ ରହିଛି। କଂଗ୍ରେସ ପ୍ରକାଶ କରିଥିବା ତାଲିକାରେ ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂହ, ଟି.ଏସ୍ ସିଂ ଦେଓ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନରସିଂହ ମିଶ୍ର, ପ୍ରଦୀପ ମାଝୀ, ଚିରଞ୍ଜୀବ ବିଶ୍ୱାଳ, ରାମଚନ୍ଦ୍ର ଖୁଣ୍ଟିଆ, ରୁଦ୍ର ରାଜୁ, ଭକ୍ତଚରଣ ଦାଶ, ଶରତ ରାଉତ, ସୁରେଶ ରାଉତରାୟ, ସନ୍ତୋଷ ସିଂ ସାଲୁଜା, ତାରା ପ୍ରସାଦ ବାହିନୀପତି ପ୍ରମୁଖ ନେତା ରହିଛନ୍ତି। ଆସନ୍ତା ୧୭ରେ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବାକୁ ଯିବାକୁ ସ୍ଥିର ହୋଇଛି। ଭାଜପା ଷ୍ଟାର ପ୍ରଚାରକମାନେ ଆସନ୍ତା ଶନିବାରଠାରୁ ପାଟକୁରାରେ ପହଞ୍ଚିବାପରେ ବିଜୟଙ୍କ ପାଇଁ ବିଧିବଦ୍ଧ ପ୍ରଚାର କରିବେ ବୋଲି ଜଣାପଡିଛି। ସେହିପରି କଂଗ୍ରେସ ଷ୍ଟାର ପ୍ରଚାରକମାନେ ଜଗନ୍ନାଥଙ୍କ ବାହୁଡା ଯାତ୍ରା ପରେ ଏକ ବୈଠକ କରି ବିଧିବଦ୍ଧ ପ୍ରଚାର ଆରମ୍ଭ କରିବେ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଆସନ୍ତା ରବିବାରଠାରୁ ପାଟକୁରାରେ ପ୍ରଚାର ଜମିବ ବୋଲି ବିଭିନ୍ନ ଦଳର ଭିତିରି ସୂତ୍ରରୁ ଜଣାପଡିଛି।

## ଜିଲା ଚିଠି ସୁବର୍ଣ୍ଣପୁର




### ଚାଷୀଙ୍କ ଦୁଃଖ

ସୁବର୍ଣ୍ଣପୁର ଜିଲାରେ ରବି ଧାନ ସଂଗ୍ରହର ବିଭ୍ରାଟ ପୂର୍ବ ବର୍ଷଠାରୁ ଟପି ଯାଇଛି। ଏହି ଜିଲାରେ ମେ ୧୭ରୁ ଜୁନ୍ ୩୦ ତାରିଖ ମଧ୍ୟରେ ୨୩ ଲକ୍ଷ ୮୪ ହଜାର ୧୫୩ କୁଇଣ୍ଟାଲ ଧାନ କିଣାଯାଇଛି। ୨୧ ହଜାର ୩୯୯ ଜଣ ଚାଷୀ ଧାନ ବିକିଥିବା ଦର୍ଶାଯାଉଛି । ଜୁଲାଇ ୧ ତାରିଖଠାରୁ ସରକାର ଧାନ କିଣା ବନ୍ଦ କରିଛନ୍ତି। ଚାଷୀଙ୍କ ପାଖରେ କିନ୍ତୁ ବଳକା ଧାନ ମହଜୁଦ୍ ରହିଛି। ପରିଚୟପତ୍ର ଥାଇ ଚାଷୀ ଧାନ ବିକି ପାରୁନାହାନ୍ତି। ଜିଲାର ବିଭିନ୍ନ ମଣ୍ଡିରେ ହଜାର ହଜାର ଧାନବସ୍ତା ପଡିରହିଛି। ମିଲର୍ସମାନେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଆସି ଧାନ ଉଠାଇଲେନି। ଛତିଶଗଡରୁ ଶସ୍ତାରେ ଧାନ ଆସି ମିଲର୍ସଙ୍କ ଗୋଦାମ ଭର୍ତ୍ତି ହେଲା । ମିଲର୍ସ, ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି) ଓ ଯୋଗାଣ ବିଭାଗ ସଲାସୁତୁରା କରି ଚାଷୀଙ୍କ ନାମରେ ମିଥ୍ୟା ଏଣ୍ଟ୍ରି କରାଇଲେ । ମିଲର୍ସଙ୍କ ଗୋଦାମକୁ ତନଖି କରାଗଲାନି। ସେମାନଙ୍କ ଉପରେ ପ୍ରଶାସନର ଅଙ୍କୁଶ ରହିଲାନି। ଜିଲାର ଚାଷୀ ଏବେ କ୍ଷତି ସହୁଛନ୍ତି। କେତେକ ମଣ୍ଡିରେ ବିକ୍ରି ନ ହୋଇ ପଡିରହିଥିବା ଧାନ ବର୍ଷାରେ ଭିଜି ଗଜା ହେଲାଣି। ଧାନ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ସ୍ଥାନ ନାହିଁ। ଗରିବ ଚାଷୀ ନିଜର କଷ୍ଟ ଉପାର୍ଜିତ ଧାନ ବିକ୍ରି ପାଇଁ ସବୁଦିନ ଜିଲା ସଦର ମହକୁମାକୁ ଆସି ପ୍ରଶାସନିକ ଅଧିକାରୀଙ୍କୁ ନେହୁରା ହେଉଛି। ପୁଣି ନିରାଶ ହୋଇ ଘରକୁ ଫେରୁଛି। ଏଭଳି ବାସ୍ତବ ସ୍ଥିତିକୁ ଦେଖି ଜିଲାର ଧାନକିଣା ଟାର୍ଗେଟ୍ ଓ ସମୟ ବୃଦ୍ଧି କରିବାକୁ ଜିଲାପାଳ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ସପ୍ତାହେ ପରେ ବି କୌଣସି ଉତ୍ତର ନାହିଁ। ଆଗକୁ ନିର୍ବାଚନ ନ ଥିବାରୁ ଭୋଟ ସର୍ବସ୍ୱ ରାଜନୀତିରେ ଚାଷୀଙ୍କ ସମସ୍ୟାକୁ କେହି ହୃଦୟଙ୍ଗମ କରୁ ନ ଥିବା ଅଭିଯୋଗ ହେଉଛି। ଜିଲାର ଚାଷୀଙ୍କୁ ଏବେ ଦଇବ ସାହା। ବର୍ଷା ସତ୍ତ୍ୱେ ଅର୍ଥ ଅଭାବରୁ ସେ ଖରିଫ ଚାଷକୁ ଆଗେଇ ପାରୁନି, କି ଋଣ ଶୁଝିପାରୁନି। ଉତ୍ପାଦନ ଖର୍ଚ୍ଚ ବଢୁଥିବା ବେଳେ ଚାଷୀ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରୁନି। କମ୍ ଦାମରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛି। ଭଲ ଅମଳ କରି ମଧ ଚାଷୀ ଲାଭାନ୍ୱିତ ହୋଇପାରୁନି। କିନ୍ତୁ ବଡ ଚାଷୀ, ବ୍ୟବସାୟୀ ଓ ମିଲର୍ସଙ୍କୁ ସରକାରୀସ୍ତରରେ ସମସ୍ତ ସହଯୋଗ ମିଳୁଛି। ଅନ୍ୟପକ୍ଷେ ଚାଷୀଙ୍କୁ ଠିକ୍ ସମୟରେ ବିହନ, ସାର ଓ କୀଟନାଶକ ମିଳୁନି। ଚଳିତ ଖରିଫରେ ୨୩ ହଜାର ୬୦୦ କୁଇଣ୍ଟାଲ ଅଧିକ ଅମଳକ୍ଷମ ଧାନ ବିହନ ଆବଶ୍ୟକ ଥିବା ବେଳେ ସରକାର କେବଳ ୯ ହଜାର ୬୧୨ କୁଇଣ୍ଟାଲ ଯୋଗାଇଛନ୍ତି। କୃଷି ବିଶେଷଜ୍ଞ, ଅଧିକାରୀ, କର୍ମଚାରୀ ପଦବୀ ଖାଲି ଥିବା ଯୋଗୁ କୃଷି ସମ୍ପର୍କିତ ପରାମର୍ଶ ମିଳିବା ସ୍ୱପ୍ନ ପାଲଟିଛି। ଏହି ସୁଯୋଗରେ ବଜାରରେ ନକଲି କମ୍ପାନୀର କୀଟନାଶକ ଓ ବିହନ ବିକ୍ରି ବୃଦ୍ଧି ପାଉଛି। ଚାଷୀ ଶୋଷଣର ଶିକାର ହେଉଛି। ବୀମା କମ୍ପାନୀ ମଧ ଚାଷୀଙ୍କୁ ଶୋଷଣ କରିବାରେ ପଛରେ ପଡିନି । ଅନ୍ୟପକ୍ଷେ ସରକାର ଏ ପର୍ଯ୍ୟନ୍ତ ଭାଗଚାଷୀଙ୍କୁ ଚିହ୍ନଟ କଲେନି। କୃଷିକ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଏକ ବଡ ଭାଗ ରୂପେ ପରିଚିତ ଭାଗଚାଷୀ ସରକାରୀ ଯୋଜନାର ଲାଭ ପାଉନାହାନ୍ତି। ସରକାରଙ୍କ ଭୁଲ ନୀତି ଲାଗି ଉଭୟ କୃଷି ଓ କୃଷକ ଆଜି ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଚଷା ଘରର ପୁଅ ଚାଷ କାର୍ଯ୍ୟ ଛାଡିବାକୁ ବାଧ ହେଉଛି। କୃଷି ଲାଭଜନକ ନ ହୋଇ ଏକ କ୍ଷତିର ପେସା ଭାବେ ପରିଗଣିତ ହେଲାଣି। ଉତ୍ପାଦିତ ଖାଦ୍ୟଶସ୍ୟର ସଂରକ୍ଷଣ, ବିକ୍ରିବଟା ଓ ଜମିକୁ ଜଳସେଚନର ସୁବିଧା ନ ହେଲେ କୃଷି ସଙ୍କଟକୁ ଦୂରକରି କୃଷକଙ୍କ ପାଇଁ ଭଲଦିନ ଆଶାକରିବା ବୃଥା ହେବ।

– ମୃତ୍ୟୁଞ୍ଜୟ ଶତପଥୀ

# ଫୋର୍ବ୍‌ସ ଧନୀ ସେଲିବ୍ରିଟି ତାଲିକାରେ ଅକ୍ଷୟ କୁମାର



**ଲସ୍ ଏଞ୍ଜେଲସ୍**

ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ବିଶ୍ୱର ସର୍ବାଧିକ ପ୍ରାପ୍ୟ ନେଉଥିବା ଅଭିନେତାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସର୍ବାଧିକ ପ୍ରାପ୍ୟ ନେଉଥିବା ଏକମାତ୍ର ଭାରତୀୟ ଅକ୍ଷୟଙ୍କ ବ୍ୟତୀତ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ ୯୯ ଜଣ କଳାକାର ଅଛନ୍ତି। ଅକ୍ଷୟ ବର୍ଷକୁ ପାଖାପାଖି ୬୫ ନିୟୁତ ଆମେରିକୀୟ ଡଲାର ଆୟ କରି ଏହି ତାଲିକାର ୩୩ତମ ର୍ୟାଙ୍କ୍‌ରେ ରହିଥିବାବେଳେ ସେ ଅନ୍ତର୍ଜାତୀୟ ସ୍ତରର ଲୋକପ୍ରିୟ କଳାକାର ରିହାନ୍ନା, ଜ୍ୟାକି ଚାନ୍, ସ୍କାର୍‌ଲେଟ୍ ଜନ୍‌ସନ୍, କ୍ରିସ ଇଭାନ୍ସ ଏବଂ କାଟି ପେରିଙ୍କୁ ପଛରେ ପକାଇ ଦେଇଛନ୍ତି। ଫୋର୍ବ୍‌ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, 'କେଶରୀ' ଅଭିନେତା ଅକ୍ଷୟ ଫିଲ୍ମ ପିଛା ପାରିଶ୍ରମିକ ବାବଦରେ ୫ ନିୟୁତ ଡଲାରରୁ ୧୦ ନିୟୁତ ଡଲାର ପର୍ଯ୍ୟନ୍ତ ନେଇଥାଆନ୍ତି।

'କେଶରୀ'ର ସଫଳତା ପରେ ଅକ୍ଷୟଙ୍କ ଅଭିନୀତ 'ମିଶନ୍ ମଙ୍ଗଲ୍' ସ୍ୱାଧୀନତା ଦିବସରେ ରିଲିଜ୍ ହେବାକୁ ଯାଉଛି। ଏତଦ୍‌ଭିନ୍ନ 'ହାଉସଫୁଲ୍ ୪' ଏବଂ 'ଗୁଡ୍ ନ୍ୟୁଜ୍' ଚଳିତବର୍ଷ ଶେଷଭାଗରେ ରିଲିଜ୍ ହେବ। ୨୦୨୦ରେ ୫୧ବର୍ଷ ବୟସ୍କ ଏହି ଅଭିନେତାଙ୍କୁ 'ଲକ୍ଷ୍ମୀ ବମ୍ବ୍' ଏବଂ 'ସୂର୍ଯ୍ୟବଂଶୀ'ରେ ଦେଖିବାକୁ ମିଳିବ।

ସୁପରଷ୍ଟାର ସଲମାନ୍ ଖାନ୍ କିଛିବର୍ଷ ହେଲା ଫୋର୍ବ୍‌ସର ଏହି ତାଲିକାରେ ନିୟମିତ ରହିଆସୁଥିଲେ ହେଁ ଚଳିତବର୍ଷ ୧୦୦ କଳାକାର ତାଲିକାରେ ସେ ସ୍ଥାନ ପାଇପାରିନାହାନ୍ତି।

## ବିବାହର କିଛି ଘଣ୍ଟା ପୂର୍ବରୁ
# ବନ୍ଧା ହେଲା କୋକେଇ

**କେନ୍ଦୁଝର, ୧୧।୭ (ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଲୋକନାଥ ମହାନ୍ତି। ଗୁରୁବାର ତାଙ୍କର ବିବାହ ପାଇଁ ତିଥି ଧାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ସେ ବରଯାତ୍ରୀ ନେଇ କନ୍ୟା ଘରକୁ ବିବାହ ପାଇ ଯାଇଥାନ୍ତେ। କିନ୍ତୁ ତାଙ୍କୁ କୋକେଇରେ ମଶାଣି ନେବାକୁ ପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଲୋକନାଥ କେନ୍ଦୁଝର ସହର ଅଜନ୍ତା ଲଜ୍ ପରିସରରେ ଥିବା ଏକ ଦୋକାନରେ ସେଲ୍‌ସମ୍ୟାନ ଭାବେ କାମ କରନ୍ତି। ଗୁରୁବାର ତାଙ୍କର ବିବାହ ପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିଲା। ପରିବାର ଲୋକଙ୍କ ସହିତ ସମ୍ପର୍କୀୟମାନେ ଘରେ ଭିଡ଼ ଜମାଇଥିଲେ। ବୁଧବାର ତାଙ୍କର ମଙ୍ଗଳକୃତ୍ୟ ଶେଷ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ତାଙ୍କ ଘର ଝଲସି ଉଠୁଥିଲା। ତେବେ ଏପରି ଖୁସି ପରିବେଶ ଭିତରେ ହଠାତ୍ ଆସିଥିଲା କାଳ। ଗୁରୁବାର ସକାଳୁ ନିଦରୁ ଉଠିଥିଲେ ଲୋକନାଥ। ବିବାହ ପାଇଁ କ'ଣ ସବୁ ପ୍ରସ୍ତୁତି ହୋଇଛି ସେ ସବୁର ତଦାରଖ କରିଥିଲେ। ଏହି ସମୟରେ ତାଙ୍କ ଆଖି ପଡିଥିଲା ଘର ବାହାରେ ସଜା ହୋଇଥିବା ଲାଇଟ୍‌ଗୁଡ଼ିକ ଜଳୁଛି, ସକାଳ ହେବା ପରେ ବି କେହି ଅଫ୍ କରିନାହାନ୍ତି। ବାହାରେ ଏକ ସୁଇଚ୍ ବୋର୍ଡ ଝୁଲୁଥିଲା। ସେହି ସୁଇଚ୍ ସେ ଅଫ୍ କରିଦେଇଥିଲେ। ହେଲେ ସେଥିରେ ଲାଗିଥିବା ଏକ ବିଦ୍ୟୁତ୍ ତାର ତାଙ୍କ ହାତରେ ଲାଗି ଯିବାରୁ ସେ ଛିଟିକି ତଳେ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡିବା ପରେ କେନ୍ଦୁଆ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଥିଲେ। କାନ୍ଦବୋବାଳିରେ ତାଙ୍କ ଘର ଫାଟି ପଡିଥିଲା। ଖବର ପାଇ ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଭାରତର ପରାଜୟ ଦୁଃଖ
# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ଧର୍ମଗଡ଼,୧୧।୭(ଡି.ଏନ୍.ଏ.)**

ବୁଧବାର ଆଇସିସି ବିଶ୍ୱ କପ୍ ସେମିଫାଇନାଲରେ ଭାରତର ଶୋଚନୀୟ ପରାଜୟ ଘଟିଛି। ଏଥିରେ ମାନସିକ ଭାରସାମ୍ୟ ହରାଇ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନ୍ଧିଭାଡି ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସଂପୃକ୍ତ ଯୁବକ ବୁଧବାର ସନ୍ଧ୍ୟାରେ ସାଙ୍ଗମାନଙ୍କ ସହ ଭାରତ ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ ଦେଖୁଥିଲେ। ସାଙ୍ଗମାନଙ୍କ ମଧରେ ଏ ନେଇ ବାଜି ଲାଗିଥିଲା। ଭାରତ ଜିତିବ ବୋଲି ସଂପୃକ୍ତ ଯୁବକ ଦୃଢ଼ ନିଶ୍ଚିତ ଥିଲେ। ହେଲେ ବହୁ ସଂଘର୍ଷ ପରେ ଭାରତ ପରାଜିତ ହୋଇଥିଲା। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁରୁବାର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

## ରେଳ ବଜେଟ ଉପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା
# ଯେତିକି ନଉଛ, ସେତିକି ଦିଅ: ଶ୍ରୀକାନ୍ତ

**ଭୁବନେଶ୍ୱର,୧୧।୭(ବ୍ୟୁରୋ)**

ଓଡ଼ିଶା ପାଇଁ ରେଳ ବଜେଟରେ ଚଳିତବର୍ଷ ମାତ୍ର ୫,୯୯୩ କୋଟି ବ୍ୟୟ ଅଟକଳ ରଖାଯାଇଛି। ପ୍ରକୃତରେ ଦେଖିବାକୁ ଗଲେ ଓଡ଼ିଶାକୁ ମାତ୍ର ୩ ହଜାର କୋଟି ଟଙ୍କା ଦେବାକୁ ଅଟକଳ କରାଯାଇଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶ୍ରୀକାନ୍ତ କହିଛନ୍ତି ଯେ, ଓଡ଼ିଶାଠାରୁ କେନ୍ଦ୍ର ଯେତିକି ନଉଛି ସେତିକି ଦେଉ। ଗତବର୍ଷ ପ୍ରାୟ ୨ ହଜାର କୋଟି ଟଙ୍କା କାମ ନ ହୋଇ କେନ୍ଦ୍ରକୁ ଫେରିଯାଇଥିଲା ଏବଂ ପ୍ରତ୍ୟେକ ବର୍ଷ ମଧ ଏହା ଘଟୁଛି। ଯାହା କେବଳ କାଗଜପତ୍ରରେ ଟଙ୍କା ଆସୁଛି। ଏହାଦ୍ୱାରା ଓଡ଼ିଶାର ରେଳ ବିକାଶ ପାଇଁ ଯାହା ନ୍ୟୂନତମ ଆବଶ୍ୟକତା ସେଗୁଡିକ ମଧ ହୋଇପାରିବ ନାହିଁ। ୧୯୯୬ରେ ଏଚ.ଡି. ଦେବେଗୌଡା ପ୍ରଧାନମନ୍ତ୍ରୀ ଓ ରାମବିଳାସ ପାଶ୍ୱାନ ରେଳ ମନ୍ତ୍ରୀ ଥିଲେ। ସେହି ସମୟରେ ଓଡ଼ିଶାର ଦୀର୍ଘଦିନର ଦାବି ଇଷ୍ଟକୋଷ୍ଟ ରେଳବାଇ ଜୋନ୍ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ଓଡ଼ିଶାରେ ନୂଆ ଜୋନ୍ ଅଫିସ ପ୍ରତିଷ୍ଠା ସହିତ ହରିଦାଶପୁର-ପାରାଦୀପ, ତାଳଚେର-ସୁକିନ୍ଦା, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂଆ ଲାଇନକୁ କେନ୍ଦ୍ର ମନ୍ତ୍ରୀସଭା ଗ୍ରହଣ କରିବା ସଙ୍ଗେସଙ୍ଗେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାଳଚେର-ସମ୍ବଲପୁର ଲାଇନକୁ ପ୍ରାୟ ୨ଶହ କୋଟି ଟଙ୍କା ଦେଇ ସମ୍ପୂର୍ଣ୍ଣ କରାଯାଇଥିଲା। ରାୟଗଡ଼ା-କୋରାପୁଟ ଲାଇନ ଓ ଟନେଲ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଗଲା। ସେହିଭଳି ରୁପ୍‌ସା-ବାଙ୍ଗିରିପୋଶୀ ଲାଇନକୁ ଦୋହରୀକରଣ କରାଯାଇଥିଲା। ଓଡ଼ିଶାର ଅନ୍ୟ ରେଳ ଲାଇନଗୁଡିକର ଦୋହରୀକରଣ ସଙ୍ଗେସଙ୍ଗେ ଭବାନିପାଟଣାକୁ ମଧ ରେଳ ସଂଯୋଗ କରାଗଲା। ଚଳିତ ରେଳ ବଜେଟରେ ନୂଆ ରେଳ ଲାଇନ ଦୂରର କଥା ଯେଉଁ ରେଳ ପ୍ରୋଜେକ୍ଟ ୨୩ ବର୍ଷ ତଳୁ ଆରମ୍ଭ କରାଯାଇଥିଲା ସେଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ଆବଶ୍ୟକୀୟ ଅର୍ଥ ଦିଆଯାଇନାହିଁ। ଇଷ୍ଟକୋଷ୍ଟ ରେଳଜୋନ ପ୍ରତିଷ୍ଠା ପରଠାରୁ ଏହା ସ୍ପଷ୍ଟ ହୋଇଛି ଯେ, ଓଡ଼ିଶା ରେଳ ମନ୍ତ୍ରଣାଳୟକୁ ପ୍ରତିବର୍ଷ ୨୦ରୁ ୨୫ ହଜାର କୋଟି ଟଙ୍କା ଦେଉଥିବା ବେଳେ ଏହାର ଏକ ଚତୁର୍ଥାଂଶ ଅର୍ଥ ଓଡ଼ିଶାକୁ ମିଳୁନାହିଁ। ରେଳ ମନ୍ତ୍ରଣାଳୟରେ ସମୁଦାୟ ୨୦ଲକ୍ଷ କର୍ମଚାରୀଙ୍କ ମଧ୍ୟରୁ ଓଡ଼ିଶା ଲୋକଙ୍କ ସଂଖ୍ୟା ଅତି ନଗଣ୍ୟ। ଟଙ୍କା ଅଧିକ ଓଡ଼ିଶା ଦେବ ଅଥଚ ଆମ ପିଲାଙ୍କ ଚାକିରି ରେଳ ମନ୍ତ୍ରଣାଳୟରେ ନାହିଁ। ରାଜ୍ୟ ଅର୍ଥରେ ଅନ୍ୟ ସ୍ଥାନର ରେଳଯାତ୍ରୀଙ୍କୁ ସବ୍‌ସିଡି (ପ୍ରତି ପାସେଞ୍ଜର ଗୋଟିଏ କି.ମି. ପିଛା ୪୬ପଇସା) ମିଳିବ। ମାତ୍ର ଓଡ଼ିଶାରେ ଦେଶର ସବୁଠୁ କମ୍ ଲୋକ ରେଳରେ ଯାତ୍ରା କରନ୍ତି। କାରଣ ଅଧିକ ଟ୍ରେନ୍ ନାହିଁ କି ଅଧିକ ରେଳ ଲାଇନନାହିଁ। ଯେତିକି ଅର୍ଥ ଓଡିଶାଠାରୁ ନେଉଛ ସେତିକି ଦିଅ ଏବଂ ଏହାସହ ବେକାର ଯୁବତୀ,ଯୁବକଙ୍କୁ ନିଯୁକ୍ତି ଦିଅ ବୋଲି ଶ୍ରୀକାନ୍ତ କହିଛନ୍ତି।

# ଆଣ୍ଡ୍ରଏଡ୍ ଫୋନ୍‌ରେ ଏଜେଣ୍ଟ ସ୍ମିଥ୍ ଭାଇରସ୍

**ନୂଆଦିଲ୍ଲୀ/ଜେରୁଜେଲମ୍, ୧୧।୭**




ଭାରତରେ ୧.୫ କୋଟି ଆଣ୍ଡ୍ରଏଡ୍ ଫୋନ୍ ଭାଇରସ୍‌ର ଶିକାର ହୋଇଛି। ଏହି ଭାଇରସ୍‌ର ନାମ ଏଜେଣ୍ଟ ସ୍ମିଥ୍। ଏନେଇ ଇସ୍ରାଏଲ୍ ସାଇବର ସୁରକ୍ଷା ଗବେଷଣା କମ୍ପାନୀ ଚେକ୍ ପଏଣ୍ଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି। ଏହାଦ୍ୱାରା ହ୍ୱାଟସ୍‌ଆପ୍ ମାଧ୍ୟମରେ ମୋବାଇଲ୍‌ରେ ଥିବା ଅନ୍ୟ ଆପ୍‌ଗୁଡିକୁ ହ୍ୟାକ୍ କରାଯାଉଛି। ଏସବୁ ଆପ୍ ସ୍ଥାନରେ ଡୁପ୍ଲିକେଟ୍ ଭର୍ସନ ଇନ୍‌ଷ୍ଟଲ ହୋଇଯାଉଛି। ଫଳରେ ହ୍ୟାକରମାନେ ବ୍ୟବହାରକାରୀଙ୍କ ତଥ୍ୟ ଚୋରି କରି ନେଉଛନ୍ତି। ପୃଥିବୀର ୨.୫ କୋଟି ଆଣ୍ଡ୍ରଏଡ୍ ଫୋନ୍‌କୁ ଏହି ଭାଇରସ୍ ଆକ୍ରାନ୍ତ କରିଥିବାବେଳେ ଭାରତରେ ଏହି ସଂଖ୍ୟା ୧.୫ କୋଟି ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସେଥିମଧରୁ ଆମେରିକାର ୩ଲକ୍ଷ ଏବଂ ଇଂଲଣ୍ଡର ୧ଲକ୍ଷ ୩୭ ହଜାର ଆଣ୍ଡ୍ରଏଡ ବ୍ୟବହାରକାରୀ ଅଛନ୍ତି। ଏହି ଭାଇରସ୍ ଥାର୍ଡ ପାର୍ଟି ଆପ୍ ୯-ଆପ୍‌ସ ଡଟ୍ କମ୍ ଦ୍ୱାରା ଆଣ୍ଡ୍ରଏଡ୍ ଫୋନ୍‌କୁ ଆସୁଛି। ଏହି ଭାଇରସ୍ ମାଧ୍ୟମରେ ଆରବୀ, ହିନ୍ଦୀ, ଇଣ୍ଡୋନେସୀୟ ଆଦି ଭାଷାଭାଷୀଙ୍କୁ ଅଧିକ ଟାର୍ଗେଟ୍ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ଭାଇରସ୍ ଦ୍ୱାରା ସାଇବର ଅପରାଧୀମାନେ ବ୍ୟାଙ୍କ ଗୋପନୀୟ ତଥ୍ୟ ଚୋରି କରିବା ସାଙ୍ଗକୁ ଗୁପ୍ତ କଥାବାର୍ତ୍ତା କାନେଇପାରିବେ ବୋଲି କୁହାଯାଉଛି।

ଭାରତୀୟ ଆଣ୍ଡ୍ରଏଡ୍ ଫୋନ୍ ବ୍ୟବହାରକାରୀମାନେ ଅନେକ ସମୟରେ ଥାର୍ଡ-ପାର୍ଟି ଷ୍ଟୋର୍‌ଗୁଡିକରୁ ବିଭିନ୍ନ ଆପ୍ ବା ପରିବର୍ତ୍ତିତ ଭର୍ସନ୍‌ର ଆପ୍ ଡାଉନଲୋଡ କରନ୍ତି। ବିଶେଷକରି ସେକ୍ସ-ସମ୍ପର୍କିତ ଆପ୍, ଗେମ୍ ଏବଂ ଫଟୋଗ୍ରାଫି ଆପ୍‌ରେ ଏଜେଣ୍ଟ ସ୍ମିଥ୍ ଭାଇରସ୍ ଲୁଚିକରି ରହିଥାଏ। ଥରେ ଏଭଳି ଆପ୍ ଫୋନ୍‌ରେ ଇନ୍‌ଷ୍ଟଲ୍ ହୋଇଗଲେ ବ୍ୟବହାରକାରୀ ଏଜେଣ୍ଟ ସ୍ମିଥ୍‌ର ଶିକାର ହୋଇଥାଏ। ଏହି ସମୟରେ ଏଜେଣ୍ଟ ସ୍ମିଥ୍ ହ୍ୱାଟ୍‌ସଆପ୍ ଏବଂ ଫ୍ଲିପ୍‌କାର୍ଟ ଭଳି ଅନ୍ୟ ଲୋକପ୍ରିୟ ଆପ୍‌ରେ ଏହାର କୋଡ ପ୍ରବେଶ କରାଇଥାଏ। ଏହି କୋଡ ମାଧ୍ୟମରେ ବ୍ୟବହାରକାରୀ ପାଖକୁ ଅଧିକରୁ ଅଧିକରୁ ଅନଲାଇନ୍ ବିଜ୍ଞାପନ ଆସିବା ସହଜ ହୋଇଥାଏ।

### ପ୍ରତିକାର ବ୍ୟବସ୍ଥା

- ଫୋନ୍‌କୁ ଅଧିକ ବିଜ୍ଞାପନ ବିଶେଷକରି ସନ୍ଦେହଜନକ ବିଜ୍ଞାପନ ଆସୁଥିଲେ ଏକ ଭଲ ଆଣ୍ଟି-ଭାଇରସ୍ ଆପ୍ ଦ୍ୱାରା ସ୍କାନିଂ କରାଇ ଦିଅନ୍ତୁ। ଏଥିସହିତ ଉତ୍ତମ ନିରାପତ୍ତା ବ୍ୟବସ୍ଥା ଅନୁସରଣ କରନ୍ତୁ।
- ୯ ଆପ୍‌ସ ଭଳି ଥାର୍ଡ-ପାର୍ଟି ଆପ୍ ଷ୍ଟୋର୍‌ରୁ କୌଣସି ଆପ୍ ଡାଉନଲୋଡ କରନ୍ତୁ ନାହିଁ। ଏହା ମାଗଣା ହୋଇଥିଲେ ମଧ ଏହାଦ୍ୱାରା କିଏ କେଉଁଠାରେ ଉପକୃତ ହୋଇଛନ୍ତି ବୁଝିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ଗୁଗଲ୍ ପ୍ଲେ ଷ୍ଟୋର୍‌ରୁ ଆପ୍‌ସ ଡାଉନଲୋଡ କରନ୍ତୁ।
- ଆପଣଙ୍କ ଫୋନ୍ ଏଜେଣ୍ଟ ସ୍ମିଥ୍ ଦ୍ୱାରା ଆକ୍ରାନ୍ତ ହୋଇଥିବାର ସନ୍ଦେହ ହେଲେ, ସେଟିଂକୁ ଯାଇ ହ୍ୱାଟ୍‌ସ ଆପ୍ ଏବଂ ଫ୍ଲିପ୍‌କାର୍ଟର ଡାଟା ଡିଲିଟ କରନ୍ତୁ ଏବଂ ଏହି ଆପ୍‌ଗୁଡିକୁ ପୁଣି ଇନ୍‌ଷ୍ଟଲ୍ କରନ୍ତୁ।
- ଅଜଣା ସୂତ୍ରରୁ ଗେମିଂ ଆପ୍‌ଗୁଡ଼ିକୁ ଡାଉନଲୋଡ କରନ୍ତୁ ନାହିଁ।

କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ୍ୟ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଧ୍ୟ ମଣିଷ ଭିତରୁ ଅତିମାନବ ଉଠିଆସୁଛି।
-ଶ୍ରୀଅରବିନ୍ଦ

# ବଜେଟ ତ୍ରୁଟି

ନିକଟରେ ବଜେଟ ଉପସ୍ଥାପନ ପରେ ପରେ ବିଏସ୍ଇ ସେନ୍‌ସେକ୍ସ ତଳକୁ ଖସିଥିବା ବେଳେ ଗୁରୁବାର ଓଲଟିଯାଇ ୨୬୬ ପଏଣ୍ଟ ବୃଦ୍ଧିପାଇଛି। ୟୁଏସ୍ ଫେଡ୍ ରେଟ୍ ହ୍ରାସ କରିବାର ସଙ୍କେତ ଦେବା ପରେ ଏହି ବୃଦ୍ଧି ଘଟିଛି। ଗୁରୁବାରକୁ ଛାଡ଼ିଦେଲେ ଜୁଲାଇ ୫ ତାରିଖରେ କେନ୍ଦ୍ର ବଜେଟ ଉପସ୍ଥାପନ ପରଠାରୁ ବୁଧବାର ପର୍ଯ୍ୟନ୍ତ ବିତ୍ତ ବଜାର ୨ ପ୍ରତିଶତ ହ୍ରାସ ପାଇଥିଲା। ଜୁନ୍ ୪ ତାରିଖରେ ସର୍ବକାଳୀନ ଉଚ୍ଚ ସ୍ତରରୁ ଏହା ୪ ପ୍ରତିଶତ ତଳେ ରହିଥିଲା। ଶୁକ୍ରବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ପରେ ଏହା ବିରୋଧରେ ବିତ୍ତ ବଜାରରେ ମଧ୍ୟମ ପ୍ରତିକୂଳ ପ୍ରତିକ୍ରିୟା ପରିପ୍ରେକ୍ଷୀରେ ଉଭୟ ସେନ୍‌ସେକ୍ସ ଓ ନିଫ୍‌ଟି ଚଳିତ ସପ୍ତାହ ପ୍ରାରମ୍ଭରେ ଗତ ଦୁଇବର୍ଷ ଭିତରେ ସବୁଠୁ ବଡ଼ ପତନର ସମ୍ମୁଖୀନ ହୋଇଥିଲା। ବଜେଟ ପରେ ପ୍ରଥମ ବାଣିଜ୍ୟିକ ଦିବସରେ ସେନ୍‌ସେକ୍ସ ୭୯୩ ପଏଣ୍ଟ ହ୍ରାସ ପାଇଥିବା ବେଳେ ନିଫ୍‌ଟି ୨୫୦ ପଏଣ୍ଟ ତଳକୁ ଖସିଥିଲା ଏବଂ ତା'ପରେ ପତନର ଧାରା ଜାରି ରହିଥିଲା। ବୁଧବାର ସେନ୍‌ସେକ୍ସ ଆଉ ୧୭୪ ପଏଣ୍ଟ ହ୍ରାସ ପାଇଥିଲା। ବିତ୍ତ ବଜାରରେ ଏକ ଭୟର ବାତାବରଣ ଖେଳିଯାଇଥିଲା। ନିବେଶକମାନେ ବଜାରରୁ ପୁଞ୍ଜିପ୍ରତ୍ୟାହାର କରିନେଉଥିବା ବେଳେ ବିଦେଶୀ ନିବେଶକ ମଧ୍ୟ ଲାଭ ବାନ୍ଧୁଥିଲେ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଘୋଷଣା କରିଥିବା କେତେକ ନିଷ୍ପତ୍ତି ବଜାର ମନୋଭାବକୁ ଭୟସଂକୁଳ କରିବାରୁ ସେନ୍‌ସେକ୍ସ ହ୍ରାସ ପାଇଥିଲା। କ୍ରେତାଙ୍କ ମନୋଭାବ ପ୍ରତି ଦୃଷ୍ଟି ନ ଦେଇ ଚଳିତବର୍ଷ ବଜେଟରେ କେତେକ ଆମଦାନି ଉପରେ ଶୁଳ୍କ ବୃଦ୍ଧି କରାଯାଇଥିଲା। ବିଦେଶୀ ବଜାରରେ ସେମାନଙ୍କ ଦ୍ରବ୍ୟଗୁଡ଼ିକର ସୁରକ୍ଷା ପାଇଁ ଅନୁରୂପ ପଦକ୍ଷେପ ନେବାର ସମ୍ଭାବନା ସୃଷ୍ଟି ହୋଇଛି। ଭାରତ ତା'ର ଘରୋଇ ଶିଳ୍ପଗୁଡ଼ିକୁ ସୁରକ୍ଷା ଦେବାର ଉତ୍ତମ ଇତିହାସ ନାହିଁ। ଶିଳ୍ପଗୁଡ଼ିକର ସୁରକ୍ଷା ପାଇଁ ଶୁଳ୍କ ବୃଦ୍ଧି କଲେ ଦ୍ରବ୍ୟଗୁଡ଼ିକର ଦାମ୍ ବୃଦ୍ଧି ପାଇବ ଏବଂ ସେଗୁଡ଼ିକ ପ୍ରତିଯୋଗିତାକ୍ଷମ ହୋଇପାରିବ ନାହିଁ। ଘରୋଇ ବଜାରରେ ପ୍ରତିଯୋଗିତା ଅଭାବରୁ ଏକଚାଟିଆ କାରବାର ଦେଖାଦେବ ଏବଂ ଫଳତଃ ଦାମ୍ ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନର ବିଶ୍ୱ ଯୋଗାଣ ଶୃଙ୍ଖଳରେ ସୁରକ୍ଷାବାଦ ଏକ ଅତୀତର ବିଷୟ। ତାହା ଏବେ ଆଉ ଚଳୁନାହିଁ। ଅନ୍ତର୍ଜାତୀୟ ବଜାର ଦେଶ-ବିଦେଶର ସୀମା ଦେଇ ଦ୍ରବ୍ୟ ଓ ସେବାଗୁଡ଼ିକର ସ୍ୱଚ୍ଛନ୍ଦ ଯାତାୟାତ ଆଶା କରୁଛି, ଯେଉଁଥିପାଇଁ ଏକ ସ୍ଥିର ବାଣିଜ୍ୟ ନୀତିର ଆବଶ୍ୟକତା ରହିଛି। ଶୁଳ୍କ ବୃଦ୍ଧି ହେତୁ ଦାମ୍ ବୃଦ୍ଧି ପାଇଲେ ବିଶ୍ୱ ବଜାରରେ ଭାରତର ଅଂଶକୁ ବର୍ତ୍ତମାନର ୨ ପ୍ରତିଶତରୁ ବୃଦ୍ଧି କରିବା ଲାଗି ସରକାରଙ୍କ ଲକ୍ଷ୍ୟ ବ୍ୟାହତ ହେବ।

## ଆଜିର ଅର୍ଥନୀତି

ଟିକସ ବୋଝ ବୃଦ୍ଧିକରିବା ପରି ଅର୍ଥମନ୍ତ୍ରୀଙ୍କ କେତେକ ପ୍ରସ୍ତାବ ନିବେଶକମାନଙ୍କୁ ନିରସ୍ୱାହିତ କରିଛି। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ବିଦେଶୀ ନିବେଶକଙ୍କ ଉପରେ ଦୀର୍ଘକାଳୀନ ପୁଞ୍ଜିଲାଭ ଟିକସ ବୃଦ୍ଧିକରିବା ଏବଂ କମ୍ପାନୀଗୁଡ଼ିକ ଦ୍ୱାରା ଶେୟାରଗୁଡ଼ିକର ପୁନଃକ୍ରୟ ଉପରେ ୨୦ ପ୍ରତିଶତ ଟିକସ ଲଦିବା। ଅତି ଧନୀଙ୍କ ଉପରେ ସରକାର ଯେଉଁ ସର୍‌ଚାର୍ଜ ଲାଗୁ କରିଛନ୍ତି, ତାହା ମଧ୍ୟ ବଜାର ଉପରେ ପ୍ରଭାବ ପକାଇଛି। ଅତି ଧନୀଙ୍କ ଉପରେ ଲଗାଯାଇଥିବା ଟିକସ ସରକାରଙ୍କ ରାଜକୋଷ ବୃଦ୍ଧି କରିବାରେ ଖୁବ୍ ବେଶି ସାହାଯ୍ୟ କରି ନ ପାରେ। ଏହାଦ୍ୱାରା ସେମାନେ ଅନ୍ୟ ଦେଶକୁ ଚାଲିଯିବାର ମଧ୍ୟ ସମ୍ଭାବନା ରହିଛି। କେତେକ ତାଲିକାକୃତ କମ୍ପାନୀର ସର୍ବନିମ୍ନ ପବ୍ଲିକ୍ ଶେୟାର୍‌ହୋଲ୍‌ଡିଂ ପରିମାଣ ୨୫ ପ୍ରତିଶତରୁ ୩୫ ପ୍ରତିଶତକୁ ବୃଦ୍ଧି କରିବା ଲାଗି ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ନିବେଶକମାନେ ପସନ୍ଦ କରୁନାହାନ୍ତି। ଦେଶର ଘରୋଇ ନିବେଶକଙ୍କ ଲାଗି ବଜେଟରେ କୌଣସି ପ୍ରୋତ୍ସାହନ ନାହିଁ, ଯେଉଁମାନେ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଉତ୍ସ। କେବଳ କିଛି ମନଭୁଲାଣିଆ କଥା କହିବା ବ୍ୟତୀତ ବଜେଟରେ ଅର୍ଥମନ୍ତ୍ରୀ କୌଣସି ଢାଞ୍ଚାଗତ ସଂସ୍କାର ବିଷୟରେ କହିନାହାନ୍ତି।

ଆଗାମୀ ମାସଗୁଡ଼ିକରେ ବଜାରର କୁଟିଳ ଗତି ସରକାରଙ୍କ ସଂସ୍କାର ଉପରେ ଅନେକାଂଶରେ ନିର୍ଭର କରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଆର୍ଥିକ ନୀତିର ସରଳତା ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଶ୍ୱ ଲିକ୍ୱିଡିଟିକୁ ଟାଇଟ୍ କରିଦେଲେ ତାହା ବିଦେଶୀ ପାଣ୍ଠିର ଅନ୍ତଃପ୍ରବେଶକୁ ପ୍ରଭାବିତ କରିବ। ଗୁରୁବାର ୟୁଏସ୍ ଫେଡ୍‌ର ସୂଚନା ଏକ ସୁଧହାର ହ୍ରାସର ଆଶା ଉଜ୍ଜୀବିତ କରିଛି। ଏହା ବିଶ୍ୱ ବଜାରକୁ ସାହାଯ୍ୟ କରିପାରେ କାରଣ ବିଦେଶୀ ସଂସ୍ଥା (ଏଫ୍‌ଆଇ)ଗୁଡ଼ିକ ଉଦୀୟମାନ ବଜାରଗୁଡ଼ିକରେ ପୁଞ୍ଜିନିବେଶ ବଳବତ୍ତର ରଖିବେ। ସରକାର କୃତ୍ରିମଭାବରେ ବଜାରକୁ ସମର୍ଥନ କରିବାର ଇଚ୍ଛାରୁ ନିବୃତ୍ତ ରହିବା ଦରକାର। ବଜାର ତଳକୁ ଖସୁଥିବା ଦେଖି ସରକାର ତା'ର ସ୍ୱାଭାବିକ ପ୍ରତିକ୍ରିୟାରେ ରାଷ୍ଟ୍ରାୟତ୍ତ ଇନ୍‌ସ୍ୟୁରାନ୍ସ ସଂସ୍ଥା ଓ ବ୍ୟାଙ୍କଗୁଡ଼ିକୁ ଇକ୍ୱିଟି କିଣି ସୂଚକାଙ୍କ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ସରକାର ଏପରି କରିବା ଉଚିତ ନୁହେଁ। ବରଂ ଇକ୍ୱିଟିଗୁଡ଼ିକର ମୁକ୍ତ କାରବାରକୁ ସରକାର ଅନୁମତି ଦେବା ଉଚିତ। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ଇକ୍ୱିଟି କିଣିବାକୁ ବାଧ୍ୟ କରି ବଜାର ସ୍ଥିତିକୁ ସୁଧାରିବାକୁ ଚେଷ୍ଟା କଲେ ସରକାର ଭୟଭୀତ ହୋଇପଡ଼ିଛନ୍ତି ବୋଲି ସୂଚନା ମିଳିବ ଏବଂ ନିବେଶକମାନେ ଆହୁରି ଭୀତତ୍ରସ୍ତ ହୋଇପଡ଼ିବେ। ତା' ନ କରି ସରକାର ବରଂ ଦୀର୍ଘକାଳୀନ ସଂସ୍କାର ବ୍ୟବସ୍ଥା ପ୍ରଚଳନ କରନ୍ତୁ। ଆମଦାନି ବା ବହିଃଶୁଳ୍କ ବୃଦ୍ଧି କରିବା କୌଣସି ମତେ ଅର୍ଥନୀତି ପାଇଁ ଲାଭଦାୟକ ହେବନାହିଁ।

# ମହାପ୍ରଭୁଙ୍କ ମହାପ୍ରସାଦ

ଡ. ପ୍ରଫୁଲ୍ଲ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ସାଂସ୍କୃତିକ ପ୍ରାଣକେନ୍ଦ୍ର। ଆମ ଆଧ୍ୟାତ୍ମିକ ଆସ୍ଥା ଓ ସାମାଜିକ ବିଚାର ଧାରାର କେନ୍ଦ୍ରବିନ୍ଦୁ। ଓଡ଼ିଶାର ସାମାଜିକ ଚଳଣି, ଖାଦ୍ୟପେୟ ରୀତିନୀତି ଓ କଳା ସଂସ୍କୃତିକୁ ଅଙ୍ଗୀଭୂତ କରି ପରିପୁଷ୍ଟ ହୋଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ଏହା ମୂଳରେ ରହିଛି ଧର୍ମୀୟ ଉଦାରତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନର ପ୍ରେରଣା, ଭ୍ରାତୃଭାବ, ସଂହତି ରକ୍ଷା ଓ ଅଲୌକିକ ମାନବିକତାର ଗଭୀର ସ୍ପନ୍ଦନ। ଅର୍ଥାତ୍ ମହାନ୍ ଅନ୍ତଃପ୍ରେରଣାରେ ଦୀପ୍ତିମନ୍ତ ତା'ର ପ୍ରତ୍ୟେକଟି ଅନ୍ତରଙ୍ଗ ବିଭବରେ ନିହିତ ମଣିଷ ଜୀବନକୁ ସରସ, ସୁନ୍ଦର ଓ ସୃଜନଶୀଳ କରି ଗଢ଼ିତୋଳିବାର ଏକ ବ୍ୟବସ୍ଥିତ ଦୃଷ୍ଟିଭଙ୍ଗୀ। ଏହାର ଚୂଡ଼ାନ୍ତ ଦୃଷ୍ଟାନ୍ତ ହେଉଛି ମହାପ୍ରଭୁଙ୍କର ମହାପ୍ରସାଦ।

ମହାପ୍ରଭୁଙ୍କ ମହାପ୍ରସାଦ ଅମୃତ ତୁଲ୍ୟ। ମାନବଶରୀରର ସୁରକ୍ଷାରେ ତା'ର ଭୂମିକା ଅବର୍ଣ୍ଣନୀୟ। ପୃଥିବୀର ସର୍ବପ୍ରାଚୀନ ଶାସ୍ତ୍ର ଆୟୁର୍ବେଦକୁ ଭିତ୍ତିକରି ତିଆରି ହୋଇଛି ମହାପ୍ରଭୁଙ୍କ ମହାପ୍ରସାଦ ବିଧି। ପ୍ରତିଦିନ ପ୍ରଭୁଙ୍କ ମଣୋହି ଗୋପାଳ ବଲ୍ଲଭ ଧୂପରୁ ଆରମ୍ଭହୋଇ ଶେଷ ହୁଏ ବଡ଼ସିଂହାର ଧୂପରେ। ଅନ୍ନ ଓ ବ୍ୟଞ୍ଜନ ସହିତ ଭୋଗଲାଗେ ବରା, କାକରା, ଲଡ୍ଡୁ, ପିଠା ଓ ଆହୁରି ଅନେକ ପ୍ରକାର ସାତ୍ତ୍ୱିକ ଖାଦ୍ୟ। ମନ୍ଦିର ବିଧି ଅନୁସାରେ ଏସବୁ ପ୍ରସ୍ତୁତ ହୁଏ ଦେଶୀ ପନିପରିବା, ଫଳମୂଳ, ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ପ୍ରାକୃତିକ ପଦାର୍ଥରୁ। ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ଏସବୁ ଖାଦ୍ୟରେ ଆଦୌ ବ୍ୟବହାର ହୁଏନି ବିଲାତି ଆଳୁ, ବିଲାତି ବାଇଗଣ ଆଦି ବୈଦେଶିକ ପରିବା। ମାତ୍ର ବିଡ଼ମ୍ବନାର ବିଷୟ ଅମୃତଭଣ୍ଡା ଭଳି କିଛି ପରିବାକୁ ବିଦେଶୀ କହି ମହାପ୍ରସାଦଠାରୁ ଦୂରେଇ ରଖାଯାଇଛି, ଯାହା ଶୁଦ୍ଧ ସାତ୍ତ୍ୱିକ ଖାଦ୍ୟ ପାଇଁ ଅତ୍ୟନ୍ତ ଉପଯୋଗୀ। ଆୟୁର୍ବେଦ କହେ ଅମୃତଭଣ୍ଡା ଅମୃତ ସମ ଏକ ସାତ୍ତ୍ୱିକ ଖାଦ୍ୟ। ସୁସ୍ଥ ଓ ନୀରୋଗ ଜୀବନ ଧାରଣ ପାଇଁ ଏହା ଏକାନ୍ତ ଜରୁରୀ। ଶରୀରର ପୁଷ୍ଟିସାଧନ ନିମନ୍ତେ ଏଥିରେ ରହିଛି ପର୍ଯ୍ୟାପ୍ତ ପରିମାଣର ଜୀବସାର କ, ଖ, ଗ ଓ ଘ। ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେଥିରେ ରହିଛି ଭରପୂର ପେପେନ ଏଞ୍ଜାମିନ୍। ତା'ର କ୍ଷୀରରେ ବି ରହିଛି ଅଦ୍ଭୁତ ଔଷଧୀୟ ଗୁଣ। ବିଶେଷଜ୍ଞଙ୍କ ମତରେ ଦନ୍ତ ରୋଗ, ଅର୍ଶ ତଥା ଯକୃତ୍ ଓ ମନ୍ଦାଗ୍ନି ଆଦି ଉଦର ରୋଗ ପାଇଁ ଏହା ଏକ ମହାର୍ଘ ମହୌଷଧି। ଏଥିରେ ପୂର୍ଣ୍ଣମାତ୍ରାରେ ଫାଇଭର ଥାଏ, ଯାହା ଦୂର କରେ କଫ ସମସ୍ୟା। କଞ୍ଚାଭଣ୍ଡା ରକ୍ତରେ ଥିବା ଶର୍କରା ଅଂଶକୁ କମ୍ କରୁଥିବାରୁ ଏହା ମଧୁମେୟ ରୋଗୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ। ତେଣୁ ଗୁଣବତ୍ତା ଦୃଷ୍ଟିରୁ ଏହା ମହାପ୍ରଭୁଙ୍କ ବ୍ୟଞ୍ଜନରେ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ। ଅଥଚ ଏ ଦିଗରେ ବାଧକ ହୋଇ ଉଭା ହୋଇଛି ତା'ର ଉତ୍ପତ୍ତି ସ୍ଥଳ। ଦକ୍ଷିଣ ମେକ୍ସିକୋରୁ ଆସିଛି ବୋଲି କହି ତାକୁ ଅମୃତ ମଣୋହିଠାରୁ ଦୂରେଇ ରଖାଯାଇଛି ପରମ୍ପରାକ୍ରମେ।

ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଉଚିତ ଜଗନ୍ନାଥ କେବଳ ଏକ ଆଧ୍ୟାତ୍ମିକ ଉପଲବ୍ଧିର ପୀଠ ନୁହନ୍ତି, ବରଂ ସେ ହେଉଛନ୍ତି ଏକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ; ଯାହାର ବ୍ୟାପକତା ଅକଳ୍ପନୀୟ। ମାନବ ଜାତିର ପରମ୍ପରା, ଜୀବନଚର୍ଯ୍ୟା ତଥା ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ନିରବଚ୍ଛିନ୍ନ ପ୍ରତିଫଳନରେ ପ୍ରାଣବନ୍ତ, ଛବିଳ ଓ ମହିମାନ୍ୱିତ ହୋଇଛି ଜଗନ୍ନାଥ ତତ୍ତ୍ୱ, ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ବିଜ୍ଞାନ। ଅର୍ଥାତ୍ ଆଞ୍ଚଳିକ ସଂକୀର୍ଣ୍ଣତା ନୁହେଁ, ପାରିବେଶିକ ପ୍ରତିବଦ୍ଧତାକୁ ନେଇ ତିଆରି ହୋଇଛି ମହାପ୍ରଭୁଙ୍କ ଖାଦ୍ୟଶୃଙ୍ଖଳା। ଶାସ୍ତ୍ର କହେ ପ୍ରକୃତିଦତ୍ତ ଅଣୁ ପରମାଣୁରେ ତିଆରି ହୋଇଛି ମଣିଷ ଶରୀର। ତା'ର ପୁଷ୍ଟି ସାଧନ ନିମନ୍ତେ ଆବଶ୍ୟକ ପରିବେଶ ଉପଯୋଗୀ ସାତ୍ତ୍ୱିକ ଆହାର। ପ୍ରକୃତିର ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ପରିବେଶ ଉପଯୋଗୀ ଖାଦ୍ୟଶସ୍ୟ ଉତ୍ପାଦିତ ହୁଏ ସ୍ଥାନୀୟ ଜଳବାୟୁରେ। ଏହି ଦୃଷ୍ଟିରୁ ବିଚାର କଲେ ଅମୃତଭଣ୍ଡା ଏମିତି ଏକ ପରିବା, ଯାହା ଜୈବିକ ଉପାୟରେ ଓ ସ୍ଥାନୀୟ ପରିବେଶରେ ପ୍ରଚୁର ପରିମାଣରେ ଫଳେ ବର୍ଷତମାମ। ଏଥିପାଇଁ ଆବଶ୍ୟକ ହୁଏନି ରାସାୟନିକ ସାର ଓ କୀଟନାଶକ। ଅଥଚ ଅମୃତସମ ଆହାର ଅମୃତଭଣ୍ଡା ପରିବର୍ତ୍ତେ ମହାପ୍ରସାଦରେ ଏମିତି କିଛି ପରିବା ବ୍ୟବହାର ହୋଇଛି, ଯାହାର ଉତ୍ପତ୍ତିସ୍ଥଳ ବିଦେଶରେ।

ସଂଗୃହୀତ ତଥ୍ୟ ଅନୁସାରେ ମହାପ୍ରସାଦରେ ବ୍ୟବହାର ହେଉଥିବା ମାଟିଆଳୁ ଆସିଛି ଆଫ୍ରିକାରୁ। ପୋଟଳ ଓ କଞ୍ଚାକଦଳୀର ଉତ୍ପତ୍ତିସ୍ଥଳ ଯଥାକ୍ରମେ ଆମେରିକା ଓ ନେଦରଲାଣ୍ଡ। ଦକ୍ଷିଣ ଏସିଆରୁ ଆସିଛି ବାଇଗଣ ଓ ପାଣିକଖାରୁ। ଲାଟିନ୍ ଆମେରିକାରୁ ଆସିଥିବା କନ୍ଦମୂଳ ମଧ୍ୟ ବ୍ୟବହାର ହେଉଛି ଦେଶୀ ପରିବା ଭାବରେ। ଏହି ଦୃଷ୍ଟିରୁ ବିଚାର କଲେ ଅମୃତଭଣ୍ଡାକୁ ବିଦେଶୀ ପରିବା କହି ମହାପ୍ରସାଦଠାରୁ ଦୂରେଇ ରଖିବାରେ ଯଥାର୍ଥତା କିଛି ନାହିଁ। ପରମ୍ପରାକୁ ମାନଦଣ୍ଡ ଭାବରେ ଗ୍ରହଣ କଲେ ବି ଆଦୌ ଯୁକ୍ତିସିଦ୍ଧ ମନେହୁଏନି ତାକୁ ମହାପ୍ରସାଦଠାରୁ ଦୂରେଇ ରଖିବା ନିଷ୍ପତ୍ତି। ଏ କଥା ଅବଶ୍ୟ ସତ୍ୟ ଯେ ବ୍ୟବସ୍ଥାକୁ ଅଙ୍ଗୀଭୂତ କରି ନେଇଥିବା କିଛି ପରମ୍ପରାକୁ ବଦଳେଇ ହୁଏନି ସହଜରେ। ଜୋର୍‌କରି ବଦଳେଇବାକୁ ଚେଷ୍ଟା କଲେ ସେଥିରେ କିଛି ଗୋଟେ ଭାଙ୍ଗିଯାଏ, ଯଦ୍ୱାରା ଆଉ ଯୋଡ଼ି ହୁଏନି କି ସଜାଡ଼ି ହୁଏନି ପୂର୍ବ ବ୍ୟବସ୍ଥା। ମାତ୍ର ଶ୍ରୀମନ୍ଦିର ପରମ୍ପରା ଏକ ଅପରିବର୍ତ୍ତନୀୟ ପ୍ରକ୍ରିୟା ନୁହେଁ, ଏହା ପରିବର୍ତ୍ତନଶୀଳ। ତା'ର ସଂସ୍କାରସ୍ନାତ ଉଦାରତା କଥା ବିଚାରକଲେ ପ୍ରଥମେ ଆଖିଆଗକୁ ଆସେ ଶ୍ରୀମନ୍ଦିର ପରିଚାଳନା ବ୍ୟବସ୍ଥା। ଆଗେ ଶ୍ରୀମନ୍ଦିର ଥିଲା ଗଜପତିଙ୍କ ତତ୍ତ୍ୱାବଧାନରେ। ପରବର୍ତ୍ତୀ ସମୟରେ ତା'ର ପରିଚାଳନା ଦାୟିତ୍ୱ ହାତକୁ ନେଲେ ସରକାର। ମନ୍ଦିର ନିର୍ମାଣ ହୋଇଥିଲା ଲାଖ, ଚୂନ, ଗୁଡ଼ ଓ ଝୁଣା ସାହାଯ୍ୟରେ। ସେସବୁ ସାମଗ୍ରୀ ଆଉ ବ୍ୟବହାର ହେଉନି ମନ୍ଦିର ମରାମତି ବେଳେ। କେଉଁ ପ୍ରାଚୀନ କାଳରୁ ମନ୍ଦିରରେ ପ୍ରଚଳିତ ଥିଲା ଦେବଦାସୀ ନୃତ୍ୟ ପରମ୍ପରା। ସମୟକ୍ରମେ ତାହା ଉଚ୍ଛେଦ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ। ଅନ୍ଧାର ଦୂର କରିବା ପାଇଁ ମନ୍ଦିର ଭିତରେ ଆଗଭଳି ଆଉ ଦୀପ ଜଳୁନାହିଁ, ଏବେ ଜଳୁଛି ଉଜ୍ଜ୍ୱଳ ବିଜୁଳିବତି। ଦିନଥିଲା ତାଳପତ୍ର ଛତା ବ୍ୟତୀତ କପଡ଼ା ଛତା ନେଇ କେହି ପ୍ରବେଶ କରିପାରୁ ନ ଥିଲେ ମନ୍ଦିର ଭିତରେ। କାଳକ୍ରମେ କୋହଳ ହେଲା ସେ ନୀତି। ପୂର୍ବରୁ ମନ୍ଦିରରେ ରୋଷ ଘରେ ଧୂଆଁ ନିର୍ଗତ ପାଇଁ କାନ୍ଥରେ ଥିଲା ବଡ଼ ବଡ଼ ଛିଦ୍ର ବା ଜଳା କବାଟ। ଏବେ ଧୂଆଁ ନିର୍ଗତ ପାଇଁ ଖଞ୍ଜାଯାଇଛି ବିଜୁଳିଚାଳିତ ପଙ୍ଖା। ମହାପ୍ରଭୁଙ୍କ ଖାଦ୍ୟ ଶୃଙ୍ଖଳାରେ ବି ଆସିଛି ଅନେକ ପରିବର୍ତ୍ତନ। ମେକ୍ସିକୋରୁ ଆସିଥିବା କାରଣରୁ ଆଗେ ମହାପ୍ରସାଦରେ ବ୍ୟବହାର ହେଉ ନ ଥିଲା ପାଣିକଖାରୁ। ମାତ୍ର ରାମାନୁଜଙ୍କ ଶ୍ରୀକ୍ଷେତ୍ର ଅବସ୍ଥାନ କାଳରେ ବଦଳିଲା ପରମ୍ପରା। ତାଙ୍କ ହସ୍ତକ୍ଷେପ ଫଳରେ ବ୍ୟବହାର ହେଲା ପାଣିକଖାରୁ। ଆଗେ କେବଳ ଢିଙ୍କିକୁଟା ଚାଉଳରେ ପ୍ରସ୍ତୁତ ହେଉଥିଲା ଅନ୍ନ। ଏବେ ବ୍ୟବହାର ହେଉଛି କଳକୁଟା ଚାଉଳ। ଦିନଥିଲା ଗୁଡ଼ ବ୍ୟତୀତ ଚିନି ବ୍ୟବହାର ହେଉ ନ ଥିଲା ମହାପ୍ରଭୁଙ୍କ ବ୍ୟଞ୍ଜନରେ। ଏବେ ବ୍ୟବହାର ହେଉଛି ଉଭୟ ଗୁଡ଼ ଓ ଚିନି। ମହାପ୍ରଭୁଙ୍କ ବ୍ୟଞ୍ଜନରେ ଆଗେ ନ ଥିଲା କାଙ୍କଣ ଫଳର ବ୍ୟବହାର। ମାଦଳାପାଞ୍ଜି ଅନୁସାରେ ତକୀ ଖାଁର ଆକ୍ରମଣ ବେଳେ ସେବକମାନେ ମହାପ୍ରଭୁଙ୍କୁ ନେଇ ରଖିଥିଲେ ଚିଲିକାର କାଙ୍କଣ ଶିଖରରେ। ସେଇ ନୀରବ ନିଶ୍ଚଳ ପାହାଡ଼ରେ ମହାପ୍ରଭୁଙ୍କ ଶୀତଳ ମଣୋହି ଥିଲା କାଙ୍କଣ ଫଳ। ତା' ପରଠୁ ପ୍ରଚଳିତ ହେଲା ଏଠାରୁ ଲକ୍ଷ୍ମୀ ରୋଷ ଘରକୁ କାଙ୍କଣ ପ୍ରେରଣ ପରମ୍ପରା। ମେକ୍ସିକୋରୁ ଆସିଥିବା କାରଣରୁ ଲଙ୍କା ବଦଳରେ ମହାପ୍ରଭୁଙ୍କ ବ୍ୟଞ୍ଜନରେ ବ୍ୟବହାର ହୁଏ ଗୋଲମରିଚ। ଏବେ କିନ୍ତୁ ଆନନ୍ଦ ବଜାରରେ ଭକ୍ତମାନଙ୍କ ଅବଢ଼ା ସେବନ ବେଳେ କଞ୍ଚାଲଙ୍କା ଜାହିର କଲାଣି ତା'ର ଉପସ୍ଥିତି।

ଅତଏବ ମାନବବାଦର କଥା ହେଉ କି ସ୍ୱାସ୍ଥ୍ୟ ସୁରକ୍ଷା ସବୁ କ୍ଷେତ୍ରରେ ଏକ କଲ୍ୟାଣକାରୀ ଆଭିମୁଖ୍ୟର ସୂଚକ ହେଉଛି ଜଗନ୍ନାଥ ସଂସ୍କୃତି। ଏକ ପ୍ରଗତିଶୀଳ ଦର୍ଶନ ଭାବରେ ତାହା ସର୍ବଦା ନିତ୍ୟ ନୂତନତାରେ ବିମଣ୍ଡିତ। ଏହି ପରିବର୍ତ୍ତନ କ୍ରମରେ ଅମୃତଭଣ୍ଡାର ଗୁଣବତ୍ତା ସମୀକ୍ଷାପୂର୍ବକ ତାକୁ ମହାପ୍ରସାଦରେ ବ୍ୟବହାର ନିମନ୍ତେ ବ୍ୟବସ୍ଥା ଗ୍ରହଣ କଲେ ଉପକୃତ ହୋଇପାରନ୍ତେ ମହାପ୍ରସାଦ ସେବନ କରୁଥିବା ରୋଗୀଠାରୁ ଯୋଗୀ ପର୍ଯ୍ୟନ୍ତ କୋଟି କୋଟି ଭକ୍ତ। ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱ ପରିବ୍ୟାପକତାରେ ଯୋଡ଼ି ହୋଇ ଯାଆନ୍ତା ଉଦାରଶୀଳତାର ଆଉ ଏକ ଫର୍ଦ୍ଦ।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ମୋ- ୯୪୩୮୮୫୫୦୮୮

# ବୌଦ୍ଧତନ୍ତ୍ରରେ ଦାରୁଦିଅଁ

ଡ. ଭାଗ୍ୟଲିପି ମଲ୍ଲ

ଜଗନ୍ନାଥ ଦାରୁଦେବତା। କାଠରେ ଗଢ଼ା ତାଙ୍କ ଦେହ। ପୁଣି ବିଶ୍ୱାବସୁ ଶବର ପୂଜିତ ଠାକୁର। ତେଣୁ ପ୍ରଥମତଃ ସେ ବନବାସୀ ମଣିଷଙ୍କ ଦିଅଁ। ପ୍ରାଚୀନ ଓଡ଼ିଶା ଥିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବଂ ଆଦିବାସୀମାନେ ମୁଖ୍ୟତଃ ପ୍ରକୃତି ପୂଜକ। ଶାସ୍ତ୍ରଭାଷାରେ ସେମାନଙ୍କୁ ଆମେ ଶକ୍ତି ଉପାସକ କହିପାରିବା। ତେବେ ଶାକ୍ତ ସାଧନାର ଭିତ୍ତିଭୂମି ତନ୍ତ୍ର। ତେଣୁ ତନ୍ତ୍ର ସେମାନଙ୍କର ଅତି ପ୍ରିୟ।

ଓଡ଼ିଶାରେ ମୁଖ୍ୟତଃ ତନ୍ତ୍ରର ତିନୋଟି ଧାରା ଦେଖିବାକୁ ମିଳେ। ଆଦିବାସୀତନ୍ତ୍ର, ବୌଦ୍ଧତନ୍ତ୍ର ଓ ହିନ୍ଦୁତନ୍ତ୍ର। ଓଡ଼ିଶା ଆଦିବାସୀବହୁଳ ରାଜ୍ୟ ହୋଇଥିବାରୁ ଆଦିବାସୀତନ୍ତ୍ରର ପ୍ରାବଲ୍ୟ ଏଠାରେ ରହିବା ସ୍ୱାଭାବିକ। ଅଣସର ଘରେ ଦିଅଁମାନଙ୍କୁ ଜ୍ୱର ହେବା ଏବଂ ଜ୍ୱରର ନିରାକରଣ ପଦ୍ଧତି ଜଡିବୁଟି ଇତ୍ୟାଦି ଆଦିବାସୀତନ୍ତ୍ରର ପ୍ରଭାବ ନିଶ୍ଚୟ। ଜଡ଼ିବୁଟି, ଗୁଣିଗାରେଡି, ଶକ୍ତିସାଧନା ଆଦିବାସୀତନ୍ତ୍ରର ମୂଳ ଉପାଦାନ। ମାତ୍ର ଏହି ଆଦିବାସୀ ତନ୍ତ୍ର କେତେବେଳେ ଓ କିପରି ବୌଦ୍ଧତନ୍ତ୍ରକୁ ସଂକ୍ରମିତ ହେଲା, ତାହା ହିଁ ଅନୁସଂଧେୟ।

ବୌଦ୍ଧଧର୍ମ ଗୌତମ ନାମକ ଜଣେ ରାଜପୁତ୍ରର ସାଧନାର ସାରକଥା। ସଂସାର ଦୁଃଖପୂର୍ଣ୍ଣ, କାମନା ହିଁ ଦୁଃଖର କାରଣ ଏବଂ କାମନାର ବିନାଶରେ ଦୁଃଖର ବିନାଶ। ଏବଂ ନିର୍ବାଣପ୍ରାପ୍ତି ହିଁ ମଣିଷର ଏକମାତ୍ର କାମନା ଥିଲା ସେହି ରାଜପୁତ୍ରଙ୍କର ବାଣୀ। ସମକାଳର ବ୍ରାହ୍ମଣ୍ୟବାଦ ଓ ଭୋଗମତ୍ତ କ୍ଷମତାକୁ ଏହା ଆହତ କରିଛି। ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ମାତ୍ର ବୁଦ୍ଧଙ୍କ କଥା ସାଧାରଣ ଜନତାଙ୍କୁ ଏତେ ପ୍ରଭାବିତ କରିଛି ଯେ, କ୍ଷମତା ବାଧ୍ୟ ହୋଇଛି ବୁଦ୍ଧଙ୍କୁ ସ୍ୱୀକାର କରିବାକୁ। ଶେଷରେ ରାଜପୃଷ୍ଠପୋଷକତା ଲାଭ କରିଛି ବୌଦ୍ଧଧର୍ମ। ସାଧାରଣ ମଣିଷର ବିଶ୍ୱାସ ମିଶିଯାଇଛି ବୌଦ୍ଧଧର୍ମରେ।

ମାତ୍ର କଥା ହେଉଛି ସମକାଳରେ ସାଧାରଣ ମଣିଷର ଜୀବନ ବହୁ ବିଶ୍ୱାସ ଦ୍ୱାରା ନିୟନ୍ତ୍ରିତ ଏବଂ ସବୁ ବିଶ୍ୱାସର ମୂଳ ଆଧାର ଶାକ୍ତବିଚାର। ଶାକ୍ତବିଚାର କହେ- ସମଗ୍ର ବ୍ରହ୍ମାଣ୍ଡ ମାତୃଶକ୍ତି ଦ୍ୱାରା ପରିଚାଳିତ। ଯିଏ ସମ୍ମୋହନ, ଜନ୍ମ, ଜୀବନ, ମରଣ ଓ ପୁନର୍ଜନ୍ମର କାରଣ। ତେଣୁ ଯେଉଁ ବୌଦ୍ଧଧର୍ମ ଦିନେ ନିର୍ବାଣର କଥା କହୁଥିଲା, ସେହି ବୌଦ୍ଧଧର୍ମ ଶାକ୍ତବିଚାର ସହ ସନ୍ଧି କରିବାକୁ ବାଧ୍ୟହେଲା। ଅର୍ଥାତ୍ ସନାତନ ଧର୍ମର ଯେତେ ଶାଖାପ୍ରଶାଖା - ସବୁକୁ ଆଚ୍ଛନ୍ନକରି ରଖିଲା ଶକ୍ତିଙ୍କ ଅପ୍ରତିହତ ସମ୍ମୋହନ।

ସପ୍ତମ-ଅଷ୍ଟମ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମ ଦୁଇଟି ଶାଖାରେ ବିଭକ୍ତ ହୋଇଗଲା। ବଜ୍ରଯାନ ଓ ସହଜଯାନ। ବଜ୍ରଯାନର ପ୍ରବର୍ତ୍ତକ ସମ୍ବଲକ (ବର୍ତ୍ତମାନର ସମ୍ବଲପୁର)ର ରାଜା ଇନ୍ଦ୍ରଭୂତି ଓ ସହଜଯାନର ପ୍ରବର୍ତ୍ତିକା ତାଙ୍କ ଭଉଣୀ, ସୋନପୁରର ରାଜବଧୂ ଲକ୍ଷ୍ମୀଙ୍କରା। ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି' କହେ ବୁଦ୍ଧଙ୍କ ଭିତରେ ଜଗନ୍ନାଥ ଚେତନାର କଥା। ''ପ୍ରଣିପତ୍ୟ ଜଗନ୍ନାଥ ସର୍ବଜୀନ ବରାର୍ଚ୍ଚିତମ; ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମ୍''। ଠିକ୍ ପରେ ପରେ ଲକ୍ଷ୍ମୀଙ୍କରାଙ୍କର 'ଅଦ୍ୱୟସିଦ୍ଧି'ର ସହଜଯାନ ଲୋକପ୍ରିୟତାକୁ ଛୁଇଁଲା। ତାଙ୍କ ଦର୍ଶନ ସହଜରୁ ସହଜାତୀତ ଓ ପୁଣି ସହଜ ହୋଇଯିବାର ଏକ ଯାତ୍ରା। ଏହି ଯାତ୍ରାର ଯାତ୍ରୀ ହେଲେ ବହୁ ସାଧାରଣ ମଣିଷ। ସେମାନଙ୍କ ଚେତନାରେ ସହଜଯାନର ତନ୍ତ୍ର। ତନ୍ତ୍ର କହିଲେ, ଯାହା ଜୀବ-ଜୀବ ମଧ୍ୟରେ ପରସ୍ପର ପ୍ରତି ସମ୍ମୋହନର ଭାବ ସୃଷ୍ଟିକରେ। ସମ୍ମୋହନରୁ କାମନା, କାମନାରୁ ସର୍ଜନା ଏବଂ ସର୍ଜନାରୁ ମହାମୁକ୍ତି ହେଉଛି ସହଜତନ୍ତ୍ର। ଅର୍ଥାତ୍ ଜୀବ ଓ ଭୋଗର ପୂର୍ଣ୍ଣ ଆତ୍ମସମର୍ପଣଭାବ ହିଁ ଏହାର ମୂଳସୂତ୍ର। ଦାର୍ଶନିକ ପରିଭାଷା ଏହାକୁ କହେ - ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣ ମାଧ୍ୟମ ଦେଇ ତୁରୀୟଗତି ପ୍ରାପ୍ତି।

ମାତ୍ର ଦାରୁଦିଅଁ ସକଳ ସନାତନ ଚେତନାର ସମନ୍ୱିତ ରୂପ। ସେ ବୈଷ୍ଣବ, ଶାକ୍ତ, ଶୈବ, ଗାଣପତ୍ୟ, ମହାଜୀନ ଓ ବୌଦ୍ଧମନ୍ତ୍ରରେ ଦୀକ୍ଷିତ। ବିଚିତ୍ର ତାଙ୍କର ରୂପ। କଳାମୁହଁ, ଚକାଆଖି, ନାଲିଓଠ। ନାକରେ ଫୁଲର ଗୁଣା, ମଥାରେ ପାଟ ଓଢ଼ଣା। ସେ ପୁରୁଷ ନା ନାରୀ? କେଉଁ ରୂପରେ ତାଙ୍କୁ ଆମେ ଦେଖିବା। ସେ ମହାତାନ୍ତ୍ରିକ ନା ମହାମାନ୍ତ୍ରିକ ନା ଉଭୟର ଏକ କଳାରୂପ? ତାଙ୍କ ସ୍ଥିର ଚକାଆଖି ତ ସକଳ ଜଗତକୁ ସମ୍ମୋହିତକରି ରଖିଛି। ତାଙ୍କର ଏ ବିଚିତ୍ର ରୂପରେ ଆଦିଶକ୍ତିର ମହାଭାବ ହିଁ ପ୍ରତୀକାୟିତ। ଶାକ୍ତ ଦର୍ଶନ କହେ- ଜଗନ୍ନାଥ ଶକ୍ତି ଦ୍ୱାରା ନିୟନ୍ତ୍ରିତ ନୁହନ୍ତି, ବରଂ ଶକ୍ତିଙ୍କର ମୁଗ୍ଧ ପ୍ରତିରୂପ। ତେଣୁ 'ମହାନିର୍ବାଣତନ୍ତ୍ର'ରେ ସେ ସ୍ୱୟଂ ଦକ୍ଷିଣ କାଳିକା। ପ୍ରକୃତି ସ୍ୱରୂପା। ପୁଣି ଶ୍ରୀମନ୍ଦିରରେ ବିମଳା ମହାଭୈରବୀ ଓ ଜଗନ୍ନାଥ ଭୈରବ ଭାବରେ ପୂଜା ପାଉଛନ୍ତି। ଶ୍ରୀଜଗନ୍ନାଥଙ୍କୁ ଦୁଇଟି ତାନ୍ତ୍ରିକ ଶବ୍ଦ 'କାଳଚକ୍ର' ଓ 'କାଳତତ୍ତ୍ୱ'ରେ ଉଚ୍ଚାରଣ କରାଯାଏ।

ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା- ବୌଦ୍ଧଧର୍ମର 'ତ୍ରିମୟ' ଭାବରେ ଗୃହୀତ। ବୁଦ୍ଧ, ଧର୍ମ, ସଂଘ। ସୁଦର୍ଶନ ଚକ୍ରର ପ୍ରତୀକ। ନାଲି ଓ କଳା ରଙ୍ଗ ତନ୍ତ୍ର ସାଧନାର ରଙ୍ଗ। ଜଗନ୍ନାଥଙ୍କ କଳାମୁହଁ, ନାଲି ଓଠ ତନ୍ତ୍ରଦର୍ଶନକୁ ସୂଚାଏ। ଜଗନ୍ନାଥଙ୍କ ଗଳାରେ ଫୁଲମାଳ ଦିଆଯାଏ ନାହିଁ, ବୁଦ୍ଧଙ୍କ ଗଳାରେ ଫୁଲମାଳ ଦିଆଯାଏ ନାହିଁ। ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତି ଶାକ୍ତଯନ୍ତ୍ର ଉପରେ ଅଧିଷ୍ଠିତ ଥିବା କୁହାଯାଏ। ଜଗନ୍ନାଥ ଧର୍ମର ଶେଷକଥା ମୋକ୍ଷ ବା ମୁକ୍ତିପ୍ରାପ୍ତି। ଜଗନ୍ନାଥଙ୍କୁ ପାଇବାର ମାର୍ଗ ପ୍ରେମମାର୍ଗ। ପ୍ରେମ ହିଁ ସହଜମାର୍ଗ। ବୌଦ୍ଧତନ୍ତ୍ରର ମୂଳମନ୍ତ୍ର। ତନ୍ତ୍ରରେ ଭାବ ଏକ ପ୍ରଧାନ ଅଙ୍ଗ ଏବଂ ଭାବ ଦ୍ୱାରା ମୁକ୍ତିପ୍ରାପ୍ତି ସମ୍ଭବ। ଆମ ଦାରୁଦେବତା ଭାବର ଠାକୁର।

ମୋ-୯୪୩୯୨୮୧୫୬୧

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଚଳିଆସୁଛି। ଏସବୁ ପରମ୍ପରା ପଛରେ ଅନେକ କାହାଣୀ ରହିଥାଏ। ଉତ୍ତରପ୍ରଦେଶର ମହାରାଜଗଞ୍ଜ ଜିଲା ବେଲୱା ଚୌଧୁରୀ ଗାଁରେ ରହିଛି ଏଭଳି ଏକ ଅଜବ ପରମ୍ପରା। ଏଠାରେ ପ୍ରତିବର୍ଷ ବୁଦ୍ଧପୂର୍ଣ୍ଣିମାରେ ଗୋଟିଏ ଦିନ ଗାଁର ସମସ୍ତ ଲୋକ ଘର ଛାଡ଼ି ଗାଁ ବାହାରକୁ ପଳାଇଯାଆନ୍ତି। ସାଙ୍ଗରେ ଗୃହପାଳିତ ପଶୁଙ୍କୁ ମଧ୍ୟ ନେଇଯାଆନ୍ତି। ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକେ ପରାଓ୍ୱନ ପର୍ବ କହନ୍ତି। ଗ୍ରାମବାସୀମାନେ ଅଭିଶାପରୁ ରକ୍ଷା ପାଇଁ ଏହି ଦିନ ଗାଁ ଛାଡି ଚାଲିଯାଇଥାନ୍ତି। ଏହି ଦିନ ଗାଁରେ ରହିଲେ ମଣିଷ କିମ୍ବା ପଶୁପକ୍ଷୀଙ୍କ ମୃତ୍ୟୁ ଘଟିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗାଁ ଲୋକଙ୍କ କହିବା କଥା ହେଉଛି ୨ଶହ ବର୍ଷ ତଳେ ବୁଦ୍ଧପୂର୍ଣ୍ଣିମା ଦିନ ଗାଁକୁ ଜଣେ ସାଧୁ ଆସିଥିଲେ। ସାଧୁ ଆସିବାର ସୂଚନା ଗ୍ରାମବାସୀଙ୍କ ପାଖରେ ନ ଥିଲା। ତେଣୁ ତାଙ୍କର ଯଥାର୍ଥ ସ୍ୱାଗତ କରାଯାଇ ନ ଥିଲା। ଏଥିରେ ସାଧୁ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ। ତେଣୁ ଅଭିଶାପର ଫଳ ସେହିଦିନ ପଡିଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଆପଦ-ସଙ୍କୁଳ କରି ଖୋଜିନେଉ
ଜୀବନର ପଥ
ଦିଅ ତବ ଆଶୀର୍ବାଦ, ହେଉ ଧନ୍ୟ
ହେଉ ସତ୍ୟବ୍ରତ।
ଆପଦର ବହ୍ନି ଜାଳି ଜରା ମରଣକୁ
ଉପହସି
ହେଉ ସେ ବିଜୟୀ ବୀର ଦିଅ ତବ
ଆଶିଷ ବରଷି।
ଜୀର୍ଣ୍ଣ ସେ ବିଧାନ ରାଶି କରେ ଯେବେ
ଆଜି ଅସ୍ୱୀକାର
ଲଭିବାକୁ କ୍ଷମା ତବ ରହୁ ତା'ର
ନ୍ୟାୟ ଅଧିକାର।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୯୪

- ମହିଳା ପୋଲିସ ଅଫିସର କିରଣ ବେଦୀଙ୍କୁ ତାଙ୍କର ଉଲ୍ଲେଖନୀୟ ସରକାରୀ ସେବା ପାଇଁ ଚଳିତବର୍ଷର ରମଣ ମାଗାସେସ୍ ପୁରସ୍କାର।
- ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ପି. କୁର୍ଦ୍ଦୁକର ପଞ୍ଜାବର ଅସ୍ଥାୟୀ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ।
- ରାଜ୍ୟରେ ଥିବା ସମବାୟ ବ୍ୟାଙ୍କଗୁଡିକୁ ସୁଦୃଢ଼ କରିବା ପାଇଁ ନାବାର୍ଡ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | | | | | | | | | 1 | |
| | | | | | | 3 | | | 0 | 6 | 9 | | 7 | |
| | B | 0 | | | | | | E | A | | | | 4 | 9 |
| 9 | | | | D | | 7 | C | | B | 2 | 1 | 8 | | 0 |
| | A | 4 | 5 | | | | 1 | | | 7 | D | 2 | E | |
| D | | | | | C | A | | | 7 | | | 1 | | |
| | | A | 2 | 4 | | | 9 | 0 | | | | B | | |
| | | 6 | | | | | | B | | 1 | E | | 3 | |
| | | | | | 5 | | | | D | | 4 | 0 | | |
| | | 1 | | | D | | | 5 | | | | E | | |
| C | | 5 | 7 | | | 9 | | 2 | 3 | E | 8 | | | D |
| | 1 | | | | E | | | A | | 5 | | | | |
| | | | | B | | 1 | | | 4 | | | | 9 | |
| 3 | | | | | | | 4 | | | | | | | |
| | | E | 0 | 8 | A | B | | | | 9 | 6 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 8 | E | 5 | 0 | 2 | 6 | 3 | D | B | 4 | C | 7 | A | 9 |
| B | 2 | 4 | 7 | D | 9 | 8 | 5 | 0 | E | A | 1 | 3 | C | 6 |
| C | 5 | 3 | 6 | 8 | 4 | B | 2 | A | 9 | 7 | D | E | 1 | 0 |
| 9 | D | 0 | 3 | A | E | 7 | 1 | C | 2 | 6 | 5 | B | 8 | 4 |
| 6 | A | 7 | C | B | 1 | 4 | 9 | E | 8 | 0 | 3 | 5 | D | 2 |
| D | 9 | 6 | 1 | 5 | B | 0 | 8 | 2 | 4 | E | A | C | 7 | 3 |
| 8 | 1 | A | 4 | 9 | 0 | C | 6 | B | 7 | 3 | 2 | D | 5 | E |
| 5 | 0 | C | 2 | 6 | 7 | 3 | E | 1 | D | 8 | B | 9 | 4 | A |
| 4 | 3 | B | D | E | 8 | A | 7 | 5 | 0 | C | 9 | 6 | 2 | 1 |
| 7 | E | 2 | A | C | 3 | 9 | D | 4 | 5 | 1 | 6 | 8 | 0 | B |
| A | 4 | 8 | 9 | 2 | 5 | E | C | 6 | 1 | B | 7 | 0 | 3 | D |
| 0 | C | 1 | 8 | 7 | 6 | 2 | A | 9 | 3 | D | E | 4 | B | 5 |
| E | B | 9 | 0 | 1 | D | 5 | 4 | 3 | C | 2 | 8 | A | 6 | 7 |
| 3 | 6 | D | E | 4 | C | 1 | B | 7 | A | 5 | 0 | 2 | 9 | 8 |
| 2 | 7 | 5 | B | 3 | A | D | 0 | 8 | 6 | 9 | 4 | 1 | E | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୃଙ୍ଖଳିତ ରଥଯାତ୍ରା

ମହାଶୟ,

ଏ ବର୍ଷ ପୁରୀ ରଥଯାତ୍ରା ଦେଖିବା ସୁଯୋଗ ଏ ଭକ୍ତକୁ ମିଳିଥିଲା। ପୁରୀ ରଥଯାତ୍ରାକୁ ଶୃଙ୍ଖଳାର ସହ ପାଳନ କରି ଆମ ସରକାର ଧନ୍ୟବାଦର ପାତ୍ର ହୋଇଛନ୍ତି। ପୋଲିସ ଭାଇମାନେ ବଡଦାଣ୍ଡକୁ ସମ୍ପୂର୍ଣ୍ଣ ରୂପେ ଯାନବାହନ ମୁକ୍ତ କରିବା ସଙ୍ଗେ ସଙ୍ଗେ କତନ ମଧ୍ୟରେ ରଥଟଣା ସୁଚାରୁ ରୂପେ ସମାପନ କରାଇଛନ୍ତି। ସରକାରଙ୍କ ପକ୍ଷରୁ କରାଯାଇଥିବା ସୂଚନା କେନ୍ଦ୍ର, ଆଶୁ ଚିକିତ୍ସା, ପିଇବା ପାଣି ଓ ପରିମଳ ବ୍ୟବସ୍ଥା ଖୁବ୍ ସୁଚାରୁ ରୂପେ କାର୍ଯ୍ୟ କରୁଥିଲା। କଥାରେ ଅଛି ରଥରେ ପ୍ରଭୁଙ୍କୁ ଦର୍ଶନ କଲେ ଜନ୍ମ ମୃତ୍ୟୁ ବନ୍ଧନରୁ ମୁକ୍ତି ମିଳେ। କିନ୍ତୁ ଦେଖାଯାଉଛି ଯେ ରଥରେ ଅନେକ ଅନାବଶ୍ୟକ ଲୋକ ରଥଟଣା ସମୟରେ ବସି ଭକ୍ତମାନଙ୍କ ଦୃଷ୍ଟି ଅବରୋଧ କରୁଛନ୍ତି। କଣ ରଥଟଣା ସମୟରେ ରଥ ଉପରେ ଏତେ ଲୋକଙ୍କର ବାସ୍ତବିକ କିଛି କାର୍ଯ୍ୟ ଥାଏ। ଏହାର ସମୀକ୍ଷା ହେବା ଆବଶ୍ୟକ। କେବଳ ଘଣ୍ଟୁଆ ଓ ଡାହୁକଙ୍କୁ ମିଶାଇ ଆଠଦଶ ଜଣଙ୍କୁ ଛାଡିଦେଲେ ଅନ୍ୟ କାହାରିକୁ ରଥ ଉପରେ ରହିବାକୁ ଅନୁମତି ଦିଆ ନ ଯାଉ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

### ସମ୍ବେଦନଶୀଳତାର ଅଭାବ

ଗରିବ, ଅସହାୟ ଓ ସର୍ବହରାଙ୍କ ପ୍ରତି ସର୍ବାଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବା ସମାଜର ପ୍ରମୁଖ ଦାୟିତ୍ୱ। ଏ କ୍ଷେତ୍ରରେ ଉଭୟ ସରକାର ଓ ଜନସାଧାରଣଙ୍କର ନିର୍ଦ୍ଦିଷ୍ଟ ଦାୟିତ୍ୱ ରହିଛି। ୧୯୯୫ ମସିହାରେ ପି.ଭି. ନରସିଂହରାଓଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଦେଶରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କ ପରି ଗରିବ, ଅସହାୟ, ନିରାଶ୍ରୟଙ୍କୁ ମାସିକ ଭତ୍ତା ଦିଆଯାଏ। ଏହି ଭତ୍ତାର ପରିମାଣ ଶେଷଥର ପାଇଁ ଉପା-୨ ଶାସନ ସମୟରେ ୨୦୦୬ରେ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଏହାପରେ ଉପା-୨ ଶାସନ ଓ ଏନ୍‌ଡିଏର ଗତ ୫ ବର୍ଷ ଶାସନକାଳ ମଧ୍ୟରେ ଏହା ବୃଦ୍ଧି ପାଇନାହିଁ। ଅବଶ୍ୟ ଅନେକ ରାଜ୍ୟ ସରକାର ସେମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅନୁରୂପ ଯୋଜନାରେ ଭତ୍ତା ପରିମାଣ ବୃଦ୍ଧି କରିଛନ୍ତି। ଗତ ୧୩ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଯୋଜନାରେ ଭତ୍ତା ପରିମାଣ ବୃଦ୍ଧି ନ ପାଇବା କେନ୍ଦ୍ର ସରକାରଙ୍କ ସମ୍ବେଦନଶୀଳତାର ଅଭାବକୁ ପ୍ରମାଣିତ କରୁଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୧୨ ଜୁଲାଇ, ୨୦୧୯



## ସଂକ୍ଷେପରେ

### କୋଟିବିରାଡିରେ ଡକାୟତି ଟଙ୍କା, ସୁନା ଅଳଙ୍କାର ଲୁଟ୍

**ଭଞ୍ଜନଗର, ୧୧।୭(ଡି.ଏନ.ଏ.):** ଭଞ୍ଜନଗର ଥାନା ଅନ୍ତର୍ଗତ କୋଟିବିରାଡି ଗ୍ରାମରେ ବୁଧବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି । ଗ୍ରାମର ପ୍ରତାପ ନାୟକଙ୍କ ଘରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ଟଙ୍କା ଚୋରିକରି ନେଇଛନ୍ତି । ଗୁରୁବାର ସକାଳେ ପ୍ରତାପ ଉଠି ଦେଖିବା ବେଳେ ଚୋରି ବିଷୟରେ ଜାଣିଥିଲେ । ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅପରାହ୍ନରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ବିଗତ କିଛି ଦିନ ହେବ ଏହି ଅଞ୍ଚଳରେ ବାରମ୍ବାର ଚୋରି ଯୋଗୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି । ପ୍ରକାଶ ଯେ, ପ୍ରତାପ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଦାଣ୍ଡଘରେ ଶୋଇଥିଲେ । ଦୁର୍ବୃତ୍ତମାନେ ବାଡିପଟୁ ଚାରୋଟି କବାଟ ଭାଙ୍ଗି ବେଡ୍‌ରୁମ୍‌ରେ ପଶିଥିଲେ । ଆଲମିରା ଭାଙ୍ଗି ସେଥିରେ ଥିବା ୧ଲକ୍ଷ ୨୦ ହଜାର ଟଙ୍କା, ୧୫ଭରି ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ମଧ ଦୁର୍ବୃତ୍ତଙ୍କୁ ଧରିପାରି ନାହିଁ ।

### ବର୍ଷା ଅଭାବରୁ ଧାନ ଚାଷ ପ୍ରଭାବିତ

**ହିଞ୍ଜିଳିକାଟୁ,୧୧।୭(ଡ଼ି.ଏନ୍.ଏ):** ହିଞ୍ଜିଳିକାଟୁ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ଜୁନ ମାସଠାରୁ ଏ ଯାଏ ସ୍ୱାଭାବିକ ମୌସୁମୀ ବର୍ଷା ଯଥେଷ୍ଟ କମ ହୋଇଛି। ଏଥିପାଇଁ ଖରିଫ ଧାନ ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଅଞ୍ଚଳରେ ରଜ ପର୍ବ ବେଳକୁ ଧାନ ବୁଣା ପ୍ରାୟତଃ ସରି ଯାଇଥାଏ। ମାତ୍ର ଚଳିତବର୍ଷ ଏ ଯାଏ ବି ଅଣସେଚିତ ଜମିରେ ଧାନ ବୁଣା ହୋଇ ପାରିନାହିଁ। ବ୍ଲକରେ ଜୁନ ମାସରେ ମାତ୍ର ୧୦୬ ମି.ମି. ବର୍ଷା ହୋଇଥିବା ରେକର୍ଡ଼ ହୋଇଥିଲା। ଗତବର୍ଷ ଜୁଲାଇ ମାସରେ ୯ତାରିଖ ସୁଦ୍ଧା ୧୧୩ ମି.ମି. ବର୍ଷା ହୋଇଥିଲା। ମାତ୍ର ଚଳିତ ବର୍ଷ ଏହି ସମୟ ମଧରେ ୫୫.୫ ମି.ମି. ବର୍ଷା ହୋଇଥିବା ଜଣାପଡିଛି। କେବଳ ୬ ତାରିଖରେ ବ୍ଲକରେ ସର୍ବାଧିକ ୪୩ ମି.ମି. ବର୍ଷା ହୋଇଛି। ଅନିୟମିତ ବର୍ଷା ଓ ଅଣସେଚିତ ଜମିକୁ ପାଣି ଅଭାବରୁ ବହୁ ଜମି ଟାଙ୍ଗରା ପଡ଼ିଛି। ସେହିପରି ଅଞ୍ଚଳର କେନାଲ ଉପରେ ନିର୍ଭର କରି ଧାନ ଚାଷ ହେଉଥିବା ଜମିକୁ ମଧ ଜଳ ଯୋଗାଣ ହୋଇନାହିଁ । ଅନ୍ୟପକ୍ଷରେ ଚଳିତବର୍ଷ ବ୍ଲକ ଓ ପୌରାଞ୍ଚଳରେ ୯୭୪୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ରଖା ଯାଇଥିବା ଅତିରିକ୍ତ ସହକାରୀ କୃଷି ଅଧିକାରୀ ପ୍ରଶାନ୍ତ କୁମାର ନାଥ କହିଛନ୍ତି। ସେଥି ମଧ୍ୟରୁ ୫୦ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଓ ୯୬୯୦ ହେକ୍ଟର ଜମିରେ ହାଇବ୍ରିଡ୍ ଅମଳକ୍ଷମ ଧାନ ଚାଷ ପାଇଁ ଲକ୍ଷ୍ୟ ରହିଛି। ବୁଧବାର କୃଷି ବିଭାଗ ପକ୍ଷରୁ ଅନୁଧ୍ୟାନ ପରେ ବିଭିନ୍ନ ଜମିରେ ଆର୍ଦ୍ରତା ରହିଥିବା କୃଷି ଅଧିକାରୀ ନାଥ କହିଛନ୍ତି। ଆଗାମୀ ୩ରୁ ୫ଦିନ ମଧ୍ୟରେ ବର୍ଷା ନ ହେଲେ ଚାଷ ପ୍ରଭାବିତ ହେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

### ସେବାଶ୍ରମରେ ଚାରାରୋପଣ

**ରାଇକିଆ,୧୧।୭(ଡ଼ି.ଏନ୍.ଏ):** କ.ନୂଆଗାଁ ବ୍ଲକ ସଲପଯୋଡ଼ି ସେବାଶ୍ରମ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ.ନୂଆଗାଁ ବନ ବିଭାଗ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ । ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରିବେଶ ଉପରେ ବୁଝାଇଥିଲେ। ରେଞ୍ଜ ଅର୍ଫିସର ସଞ୍ଜୟ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁନାମତି ମଳିକ, ଫରେଷ୍ଟର ପ୍ରତିମା ନାୟକ, ବନିତା ପ୍ରଧାନ, ସୁଜାତା ଦିଗାଳ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଦରମା ନ ଦେଇ ନିୟମ
# ଭିତ୍ତିଭୂମି ନ ଥାଇ ଗବେଷଣା ପାଇଁ ବାଧ୍ୟ କରାଯାଉଛି

**ଭଞ୍ଜନଗର,୧୧।୭(ଡି.ଏନ.ଏ)**

ଅଧ୍ୟାପକମାନେ କଲେଜରେ ୭ ଘଣ୍ଟା କାର୍ଯ୍ୟ କରିବା ଏବଂ ଛାତ୍ରୀଛାତ୍ରଙ୍କ ୭୫ ପ୍ରତିଶତ ଉପସ୍ଥାନ, ବାୟୋମେଟ୍ରିକ୍ ମେଶିନ୍ ବସାଇବା ଉପରେ ଆସିଥିବା ନିର୍ଦ୍ଦେଶନାମା ଉପରେ ବୁଧବାର ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ମହାବିଦ୍ୟାଳୟରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥିଲା । ଏଥିରେ ଅଧ୍ୟାପକମାନେ ଭିନ୍ନଭିନ୍ନ ମତପୋଷଣ କରିଥିଲେ। କେତେଜଣ ଅଧ୍ୟାପକ ସରକାର ପ୍ରକୃତ ସ୍ଥିତି ଅନୁଧ୍ୟାନ ନକରି ନିଷ୍ପତ୍ତି ନେଉଥିବା କହିଥିଲେ। ଯେଉଁଥିପାଇଁ ଶିକ୍ଷାର ମାନ ହ୍ରାସ ପାଉଛି। କଲେଜ ଗୁଡ଼ିକରେ ବିଭିନ୍ନ ବର୍ଗର ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଉଛି। ନିୟମ ପାଳନ ସମୟରେ ସମସ୍ତଙ୍କ ପାଇଁ ଏକା ନିୟମ। ସରକାରଙ୍କ ଏଭଳି ନିୟମ ସମ୍ପୂର୍ଣ୍ଣ ବେନିୟମ। ସମାନ କାମକୁ ସମାନ ଦରମା ନୀତି ଉଲଂଘନ ହେଉଛି। ସରକାର ଯଦି ନୀତି ନିୟମରେ କିଛିଟା ପରିବର୍ତ୍ତନ ନକରନ୍ତି ତେବେ ଅଧ୍ୟାପକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଅପରପକ୍ଷେ କର୍ମକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବା ଅଧ୍ୟାପକଙ୍କ ପାଇଁ ଏହି ଆଇନ ଲାଗୁ ହେଲେ ସରକାରଙ୍କ ଲକ୍ଷ୍ୟ ସାଧନ ହେବାରେ ସଫଳ ହେଉଛି କି ନାହିଁ ତାହା ସମୟ ହିଁ କହିବ।

ପ୍ରକାଶଯେ, ରାଜ୍ୟରେ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ସୁଦୃଢ଼ ସହ ଶିକ୍ଷକ ପଦବୀ ପୂରଣ କରାଯାଉଛି। ତଥାପି ଶିକ୍ଷାର ମାନ ପ୍ରାଥମିକସ୍ତରରୁ ଆରମ୍ଭ କରି ମହାବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ବୃଦ୍ଧି ପାଉନାହିଁ। ତୃଣମୂଳସ୍ତରକୁ ଆସି ବାସ୍ତବ ସ୍ଥିତି ଅନୁଧ୍ୟାନ ନକରି ଅଧିକାରୀମାନେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଯେଉଁଥିପାଇଁ ଶିକ୍ଷାର ମାନ ବୃଦ୍ଧି ପାଇବା ବଦଳରେ ହ୍ରାସ ପାଉଛି। ଗଣଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ୨ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ର ଉଜ୍ଜଳ ଯୋଜନାରେ ପାଠ ପଢୁଛନ୍ତି। ଷଷ୍ଠରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ର ଉତ୍‌ଥାନ ଓ ୯ମ ଶ୍ରେଣୀ ଛାତ୍ରୀଛାତ୍ର ଉତ୍କର୍ଷ ଯୋଜନାରେ ପାଠ ପଢୁଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବହି ଯୋଗାଇ ଦିଆଯାଇଛି। କିନ୍ତୁ ଯେତିକି ବହି ଆବଶ୍ୟକ ସେହି ଅନୁପାତରେ ବହି ଯୋଗାଇ ଦିଆଯାଉନାହିଁ। ଲେଭଲ ୧ କମ୍ ଶିକ୍ଷିତ ଓ ଲେଭଲ ୨ ଶିକ୍ଷିତ ଛାତ୍ରୀଛାତ୍ରଙ୍କୁ ନେଇ ୨ ଗ୍ରୁପ ଗଠନ କରାଯାଇଛି। ସମସ୍ତ ଛାତ୍ରୀଛାତ୍ର ଦୈନନ୍ଦିନ ଓଡ଼ିଆ, ଇଂଲିଶ ଓ ଗଣିତ ପଢୁଛନ୍ତି। ଅନ୍ୟ ପାଠ୍ୟ ପୁସ୍ତକ ବନ୍ଦ ଅଛି। ଅଗଷ୍ଟ ପହିଲାରୁ ଛାତ୍ରୀଛାତ୍ରମାନେ ପାଠ୍ୟ ଖସଡ଼ା ଅନୁଯାୟୀ ପଢ଼ିବେ। ଉଜ୍ଜଳ, ଉତ୍‌ଥାନ ଓ ଉତ୍କର୍ଷ ଯୋଜନାରେ ଶିକ୍ଷିତ ଛାତ୍ରୀଛାତ୍ରମାନେ ଅଧିକ କିଛି ଜ୍ଞାନ ଆହରଣ କରିପାରୁନାହାନ୍ତି।

ସେହିଭଳି ଯୁକ୍ତ୩ ସ୍ତରରେ ସିବିସିଏସ୍ ପାଠ୍ୟକ୍ରମ ଚାଲିଛି। ଛାତ୍ରୀଛାତ୍ରମାନେ ବର୍ଷକୁ ୪ଟି ପରୀକ୍ଷା ଦେବାକୁ ବାଧ୍ୟ। ଯେଉଁ ପାଠ୍ୟକ୍ରମରେ ପ୍ରାକ୍ଟିକାଲ ଥିବ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଆଉ ୨ଟି ଅଧିକ ପରୀକ୍ଷା ଦେବେ। ଏହିଭଳି ପରିସ୍ଥିତିରେ ରାଜ୍ୟ ସରକାର କଲେଜରେ ଅଧ୍ୟାପକମାନଙ୍କୁ ୭ଘଣ୍ଟା ରହିବା ପାଇଁ ବାଧ୍ୟ କରି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହ ଛାତ୍ରୀଛାତ୍ରଙ୍କ ୭୫ ପ୍ରତିଶତ ଉପସ୍ଥାନ ନଥିଲେ ପରୀକ୍ଷା ନଦେବା ବ୍ୟବସ୍ଥା କରିଛନ୍ତି। ସରକାରୀ ଓ ଅନୁଦାନ ପ୍ରାପ୍ତ କଲେଜ ଗୁଡ଼ିକରେ ଛାତ୍ରୀଛାତ୍ର ଉପସ୍ଥାନ ୭୫ ପ୍ରତିଶତ ବାଧ୍ୟତା ମୂଳକ କରିବା ଦ୍ୱାରା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗାମୀ ଦିନରେ ନୂଆ ବିବାଦ ଦେଖାଦେବ। ସେହିଭଳି କଲେଜ ଗୁଡ଼ିକରେ ଅଧ୍ୟାପକମାନଙ୍କୁ ୭ଘଣ୍ଟା ରହିବା ପାଇଁ ବାଧ୍ୟ କରିବାକୁ ନେଇ ମଧ୍ୟ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନେକ ଅନୁଦାନ ପ୍ରାପ୍ତ କଲେଜ ଗୁଡ଼ିକର ଭିତ୍ତିଭୂମି ଠିକ୍ ନାହିଁ। ଅନ୍ୟପଟେ ସରକାର ବର୍ତ୍ତମାନ ଶିକ୍ଷାଦାନ ସରିବା ପରେ ଗବେଷଣା, ପାଠଚକ୍ର, ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ସହ ଯୋଗାଯୋଗ କରିବା ପ୍ରମୁଖ କାର୍ଯ୍ୟକ୍ରମ ୭ଘଣ୍ଟା ମଧ୍ୟରେ ରଖିଛନ୍ତି। ଅଧିକାଂଶ କଲେଜରେ ଗବେଷଣା ପାଇଁ ଭିତ୍ତିଭୂମି ନାହିଁ। ସରକାର ଯେଉଁଦିନ ଉକ୍ତ ନିଷ୍ପତ୍ତି ନେଲେ ବେସରକାରୀ କଲେଜ କର୍ତ୍ତୃପକ୍ଷଙ୍କ ମତାମତ ନିଆଯାଇନାହିଁ। କେବଳ ସରକାରୀ କଲେଜ କର୍ତ୍ତୃପକ୍ଷଙ୍କୁ ଡ଼ାକି ନିଷ୍ପତ୍ତି ନେଲେ। ଜୋରଜବରଦସ୍ତ ସରକାର ଆଇନ କରି ଲଦି ଦେଉଛନ୍ତି। ଯେଉଁଥିପାଇଁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ମାନ ହ୍ରାସ ପାଉଛି।

ଏନେଇ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧ୍ୟାପକ ଏସ୍.କେ.ମିଶ୍ର କହିଛନ୍ତି, ସରକାର ଅଧ୍ୟାପକମାନଙ୍କ ଉପରେ ମାନସିକ ଚାପ ପକାଇ କାର୍ଯ୍ୟ ହାସଲ କରିବାକୁ ଚାହୁଁଛନ୍ତି। ଯାହାକି ଶୁଭଙ୍କର ନୁହେଁ। ଯେଉଁ ମହାବିଦ୍ୟାଳୟ ଗୁଡ଼ିକ ସୂଚାରୂପେ ଚାଲିଛି ସମ୍ପୃକ୍ତ ଅଧ୍ୟାପିକା ଅଧ୍ୟାପକମାନଙ୍କ ଉପରେ ଏହା ଏକ ବାଧ୍ୟ ବାଧକତାମୂଳକ ଚାପ ସୃଷ୍ଟି କରିବା ଦ୍ୱାରା ନିରନ୍ତର ଶିକ୍ଷା ପ୍ରଦାନରେ ପ୍ରତିବନ୍ଧକ ସୃଷ୍ଟି ହେବ। ତେଣୁ ଏହା ଉପରେ ପୁନଃ ସମୀକ୍ଷା କରିବାର ଆବଶ୍ୟକତା ରହିଛି।

## ଦିନକର କାହାଣୀ
### ପେସା ଅଧ୍ୟାପନା, ନିଶା ସଙ୍ଗୀତ



ବିଜୟ ମଲ୍ଲିକ।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ଅଧ୍ୟାପକ ବିଜୟ ମଲ୍ଲିକ ଓରଫ ବିଜୟ ଦତ୍ତଙ୍କ ପିଲାଟି ଦିନୁ ସଙ୍ଗୀତ ପ୍ରତି ଆଗ୍ରହ ଥିଲା। କିନ୍ତୁ ବାପା ମା'ଙ୍କ ଇଚ୍ଛା ଥିଲା ପୁଅ ସରକାରୀ ଚାକିରି କରିବ। ବିଜୟ ୨୦୧୬ରେ ଏସ୍‌ଏସିବି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ନିଜ କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ବ୍ଲକ ବ୍ରାହ୍ମଣୀଗାଁରୁ ଆସି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ବିଜୟ ବାପା ମା'ଙ୍କ ଇଚ୍ଛାକୁ ପ୍ରଥମେ ପୂରଣ କରିଥିଲେ। ଏହାପରେ ନିଜ ଇଚ୍ଛା ପୂରଣ ପାଇଁ ଏବେ ବିଭିନ୍ନ ଓଡ଼ିଆ ଆଲବମ୍‌ରେ ସେ ଗୀତ ଗାଉଛନ୍ତି। ବିଜୟ ହାଇସ୍କୁଲସ୍ତରରେ ବିଭିନ୍ନ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହେବାପରେ ସଙ୍ଗୀତ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ବଢିଥିଲା। ଏହାପରେ ସେ ଭୁବନେଶ୍ୱର ବିଜେବି କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଠ ପଢିବା ସମୟରେ ବିଭିନ୍ନ କଣ୍ଠଶିଳ୍ପୀଙ୍କ ସହ ପରିଚିତ ହୋଇଥିଲେ। ପରେ ସଙ୍ଗୀତ ତାଙ୍କର ନିଶା ପାଲଟି ଯାଇଥିଲା। ଅଧ୍ୟାପକ ହେବାପରେ ତାଙ୍କର ପିଲାଟି ଦିନର ଆଶା ପୂରଣ ପାଇଁ ବର୍ତ୍ତମାନ ଚେଷ୍ଟା ଚଳାଇଛନ୍ତି। ବିଜୟ ଏଠାରେ କହିଛନ୍ତି ଯେ, ପ୍ରତିଦିନ ସକାଳୁ ଉଠିବା ପରେ ଯୋଗ କରନ୍ତି। ଏହାପରେ ଅଧ୍ୟାପନା ପାଇଁ ପ୍ରସ୍ତୁତ ହୋଇଥାଏ। କଲେଜ କାମ ସରିବା ପରେ ପୁଣି ସଙ୍ଗୀତ ଆଡ଼କୁ ମନ ବଳାଇଥାଏ। ଆଗାମୀ ଦିନରେ ଜଣେ ବଡ଼ କଣ୍ଠଶିଳ୍ପୀ ହେବା ଲକ୍ଷ୍ୟ ରଖିଛନ୍ତି ବିଜୟ।

**– ବାବୁଲା ପ୍ରଧାନ**


ଛତ୍ରପୁର ଏନଏସି ରିକାପଲ୍ଲୀ ନିକଟରେ ଗୁରୁବାର ସାପ୍ତାହିକ ହାଟ ରାସ୍ତା ଉପରେ ବସୁଛି । ଫଳରେ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି । (ଫଟୋ: ଦିଲୀପ)

## କଶ୍ମୀରୀ ପଣ୍ଡିତଙ୍କୁ କଶ୍ମୀରରେ ଥଇଥାନ ଦାବି



ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦର୍ଶନ କରାଯାଉଛି।

**ଭଞ୍ଜନଗର,୧୧।୭(ଡି.ଏନ.ଏ)**

ଆତଙ୍କବାଦୀଙ୍କ ସମେତ ଅନ୍ୟାନ୍ୟ କାରଣ ଯୋଗୁ କଶ୍ମୀର ପଣ୍ଡିତମାନେ ଦେଶର ବିଭିନ୍ନ ସ୍ଥାନରେ ଏଣେତେଣେ ଶରଣାର୍ଥୀ ଜୀବନ ବିତାଉଛନ୍ତି। ଦୀର୍ଘଦିନ ସେମାନେ ଭିଟାମାଟିକୁ ଫେରି ପାରୁନାହାନ୍ତି। ତେଣୁ ସେମାନଙ୍କୁ କଶ୍ମୀରୀରେ ହିଁ ପୁନଃ ଥଇଥାନ କରାଯାଉ। ବିଶ୍ୱହିନ୍ଦୁ ପରିଷଦ ଘୁମୁସର ଜିଲା ଶାଖା ପକ୍ଷରୁ ଏନେଇ ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଉପ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଦେଶରେ ଗୋହତ୍ୟା ବଢ଼ିବାରେ ଲାଗିଛି। ଗୋରକ୍ଷକ, ରାମଭକ୍ତ ଓ ରାଷ୍ଟ୍ରବାଦୀ ସଙ୍ଗଠନକୁ ବଦନାମ କରିବା ପାଇଁ କିଛି ହିନ୍ଦୁ ବିରୋଧୀ ସଙ୍ଗଠନ ଓ ଦେଶଦ୍ରୋହୀମାନେ ଅପଚେଷ୍ଟା ଚଳାଇଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବଢୁଛି। ନିରୀହ ହିନ୍ଦୁମାନଙ୍କୁ ହତ୍ୟା କରାଯାଉଛି। ଏଭଳି ସଙ୍ଗଠନ ବିରୋଧରେ ପ୍ରତିବନ୍ଧକ ଲଗାଇବା ପାଇଁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱହିନ୍ଦୁ ପରିଷଦ ନେତା ମୁରଲୀଧର ପଣ୍ଡା, ଗୁପ୍ତେଶ୍ୱର ସୁବୁଦ୍ଧି, ସୁଧୀର ନାୟକ, ଶ୍ରୀକାନ୍ତ ରାୟଗୁରୁ, ସନ୍ତୋଷ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଜିକୁ ନ ଡାକିବାରୁ ମାଡ଼

**ଗୋପାଳପୁର,୧୧।୭**

ଭୋଜିକୁ ନ ଡ଼ାକିବାରୁ ଜନୈକ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ତେରଗଉଞ୍ଜୁ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଜନୈକ ବ୍ୟକ୍ତିଙ୍କ ଭୋଜି ହେଉଥିବାବେଳେ ନୋକଡ଼ା ବେହେରା ଘରଘର ବୁଲି ଭୋଜି ଖାଇବାକୁ ଡାକୁଥିଲେ। ମାତ୍ର ଗ୍ରାମର ମାଧବ ବେହେରାଙ୍କୁ କୌଣସି କାରଣରୁ ଡାକି ନ ଥିଲେ। ରାତି ପ୍ରାୟ ୮ଟାରେ ହଠାତ୍ ମାଧବ ଉତ୍ତ୍ୟକ୍ତ ହୋଇ ଗ୍ରାମ ମଝିରେ ନୋକଡ଼ାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାରୁ ସେ ଆହତ ହୋଇଥିଲେ। ଚିକିତ୍ସା ପରେ ନୋକଡ଼ା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ନଂ.୭୩/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## କାର୍ଯ୍ୟାଦେଶ ବଣ୍ଟନ, ସଚେତନତା ଶିବିର

**ରାଇକିଆ,୧୧।୭(ଡି.ଏନ.ଏ):** ରାଇକିଆ ବ୍ଲକ ସଭାଗୃହରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଯୋଗ ଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏଥି ସହ ନିର୍ଦ୍ଧାରିତ ସମୟରେ ଗୃହ କାମ ଶେଷ କରିବା ପାଇଁ ଲାକଙ୍କୁ କହିଥିଲେ । ନୂତନ ଭାବେ ଭଉା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୧୫୩ ଜଣ ଆବେଦନକାରୀଙ୍କୁ ଭଉା ବଣ୍ଟନ କରାଯାଇଥିଲା। ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ବିଡିଓ ରଶ୍ମି ରଞ୍ଜନ ମହନ୍ତ, ଜିପିଓ ରବୀନ୍ଦ୍ର ନାଥ ବେହେରା, ବିଏସଏସଓ ସଂଗୀତା ବେହେରା ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, କାର୍ଯ୍ୟ ନିର୍ବାହୀ ଅଧିକରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।


ହିତାଧିକାରୀଙ୍କ ଭଉା ବଣ୍ଟନ କରାଯାଉଛି ।

HLW CAB SERVICES PVT. LTD.
ପବିତ୍ର ବାହୁଡ଼ା ଯାତ୍ରାର ଶୁଭେଚ୍ଛା
ଆପଣଙ୍କର ୨ବର୍ଷର ଚାରିଚକିଆ ଯାନକୁ ଆମ ସହିତ ପଞ୍ଜୀକୃତ କରି ମାସିକ ₹40,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
ଆପଣଙ୍କର ବୈଧ Driving License ସହିତ ₹70,000/- ବିନିଯୋଗ କରି ଗାଡ଼ିର ମାଲିକ ହୁଅନ୍ତୁ ଓ ଆମ ସହିତ ବ୍ୟବସାୟରେ ଭାଗୀଦାରି ହୋଇ ମାସିକ ₹40,000/-ରୁ ₹50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
Franchisee Required for all over Odisha
CAB www.hlwcab.com
For Details Contact:
7064773777, 9776622228, 9437123801

CLASSIFIED DISPLAY

Passport Seva
Consular, Passport & Visa Division
Ministry of External Affairs, Government of India
Passport Seva Service Excellence

**Alert on Fake Websites related to Passport Services**

It has come to the notice of the Ministry that many fraudulent websites and mobile applications are collecting data from applicants and also levying additional hefty charges for filling up the online application form and scheduling appointment for Passport and related services. Some of these **fake website** are registered in the domain name *.org, *.in, *.com such as **www.indiapassport.org, www.online-passportindia.com, www.passportindiaportal.in, www.passport-india.in, www.passport-seva.in, www.applypassport.org** and many other similar looking websites.

It is therefore advised to all citizens applying for Indian Passport and related services that they should NOT visit to the above mentioned fraudulent websites or make payment related to passport services. The official website of the Ministry of External Affairs, Government of India for applying Passport services is **www.passportindia.gov.in**.

Alternatively, applicants may also use the official mobile App **mPassport Seva** which can be downloaded from Android and iOS application stores.

*Sd./- Regional Passport Officer*
*Bhubaneswar*

See Career Appointment on every Wednesday & Saturday

OFFICE OF THE PRINCIPAL
RAYAGADA AUTONOMOUS COLLEGE
RAYAGADA
Adv. No. 1037/RAC/2019 Date: 10.07.2019
WALK-IN-INTERVIEW
FOR LECTURERS (GUEST FACULTY)

| Sl. No. | Subjects | No. of Vacancies |
|---|---|---|
| 1. | Odia | 04 |
| 2. | Commerce | 04 |
| 3. | History | 03 |
| 4. | English | 02 |
| 5. | Hindi | 01 |
| 6. | Pol. Science | 01 |
| 7. | Mathematics | 01 |
| 8. | Botany | 01 |
| 9. | Zoology | 01 |

Qualification: Master's Degree with atleast 55% of marks in the subject concerned from a recognized university. M.Phil and Ph.D holders shall be given weightage.
Age Limit: Upper Age limit 42 years as on 21.07.2019. Relaxation of 5 years for SC/ST/SEBC/WOMEN/ Ex-Servicemen & 10 years for PWD with a disability of 40% or more
Engagement shall be purely temporary.
Schedule: Date of Interview- 21.07.2019 (Sunday)
Registration- 9.00AM to 10.30AM (21.07.2019)
Venue- Rayagada Autonomous College, Rayagada
Documents Required: All relevant original certificates alongwith a set of photocopies of the certificates.
No TA & DA shall be paid.
*Sd./- PRINCIPAL*
*Rayagada Autonomous College, Rayagada*

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR Baramunda 9777806331 | BHUBANESWAR Saheed Nagar 6371045707 | BHUBANESWAR Jaydev Vihar 6372287878 | CUTTACK Link Road 7381770531 | KORAPUT In front of S.L.N Hospital 6372307123

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ସବୁ ଔଷଧ ଦୋକାନରେ ଉପଲବ୍ଧ
ଆୟୁର୍ବେଦିକ ଔଷଧ
କ୍ୟାପ୍‌ସୁଲ, ଟ୍ୟାବ୍‌ଲେଟ୍ ଓ ଅଏଣ୍ଟମେଣ୍ଟ
Erotic Capsule
Erotic Ointment
Vigo-X Tablet
*Cond. App.
WANTED Distributer & Stockist
Please Call Between 10.30am to 5pm
033-25649070

## ସଂକ୍ଷେପରେ

### କରଡ଼ା-ବାଲାପାଙ୍କା ରାସ୍ତା ବିପର୍ଯ୍ୟସ୍ତ
### ବର୍ଷା ହେଲେ ଯାତାୟାତ ବନ୍ଦ



**ରାଇକିଆ,୧୧।୭(ଡ଼ି.ଏନ.ଏ):** ରାଇକିଆ ବ୍ଲକର କରଡ଼ାଠାରୁ ବାଲାପଙ୍କା ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ପ୍ରାୟ ୬ କି.ମିର ଏହି ରାସ୍ତାରେ ଯାତାୟାତ ଠପ୍ ହୋଇଯାଉଛି। ରାସ୍ତା ସାରା କାଦୁଅ ହୋଇଯାଉଥିବାରୁ ଦୁଇ ଚକିଆ ଯାନ ମଧ ଯାଇପାରୁନାହିଁ। ତିତ୍‌ଲି ବାତ୍ୟା ପରଠାରୁ ଏଭଳି ଦୁର୍ଦ୍ଦଶା ଆରମ୍ଭ ହୋଇଛି। ତିତଲିରେ ଏହି ରାସ୍ତା କ୍ଷତିଗ୍ରସ୍ତ ହୋଇଥିଲା। ଅନେକ ସ୍ଥାନରେ ପିଚୁ ଧୋଇ ହୋଇଯାଇଥିଲା। କାମ ଚଳା ଭାବେ ୬ କି.ମି. ରାସ୍ତାର ବିଭିନ୍ନ ସ୍ଥାନରେ ମାଟି ପକାଇ ଦିଆଗଲା। ବର୍ତ୍ତମାନ ସେହି ମାଟି ଯୋଗୁ ଏବେ ସାମାନ୍ୟ ବର୍ଷା ହେଲେ ଲୋକେ ଯାତାୟତ କରିପାରୁନାହାନ୍ତି। ଏହି ରାସ୍ତା ଦେଇ ପୋଢ଼ମାରୀ, ସୁନାପାଲି, ବାଲାପାଙ୍କା, କଣ୍ଟିବଣ, କେନ୍ଦୁଖାଡ଼ି ଗ୍ରାମବାସୀ ନିର୍ଭରଶୀଳ। କରଡ଼ାରୁ ସୋରଡ଼ା ଅଞ୍ଚଳକୁ ଏହା ନିତିଦିନିଆ ରାସ୍ତା। ଗତ ଏକ ସପ୍ତାହ ହେଲା ବଡ଼ ଗାଡ଼ି ଏହି ରାସ୍ତାରେ ଗଲେ କାଦୁଅରେ ଫସିବା ସହ ଦୀର୍ଘ ସମୟ ଧରି ରାସ୍ତା ଜାମ ରହୁଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ସହ ଯାତାୟତ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜେଲ କର୍ମଚାରୀଙ୍କ ସମେତ ୭ ଗିରଫ

### ଗଞ୍ଜେଇ ବ୍ୟବସାୟକୁ ନେଇ ୨ଭାଇଙ୍କୁ ଅପହରଣ ଉଦ୍ୟମ

**ଦାରିଙ୍ଗବାଡ଼ି,୧୧।୭(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ପୋଲିସ ଗୁରୁବାର ୨ ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହ ୭ ଅପହରଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବାଲିଗୁଡ଼ା ସବ୍‌ଜେଲର କର୍ମଚାରୀ ସୁବାସ ଚନ୍ଦ୍ର ବେହେରଦଳାଇ ଏବଂ ସୁପାରି ନେଇଥିବା ମୁନା ସାହୁ, ରବି ଗୌଡ଼, ସୁବରାମ ନାୟକ, ବାଲାଜୀ ଗୌଡ଼, ବୋଲେରୋ ଚାଳକ ପି.ସତ୍ୟମ ରେଡ୍ଡୀ ଏବଂ ଉମା ବିଶୋୟୀ। ସମସ୍ତ ଅଭିଯୁକ୍ତଙ୍କ ଘର ଗଞ୍ଜାମ ଜିଲା ଆସିକା, ହିଞ୍ଜିଳିକାଟୁ ଏବଂ ବ୍ରହ୍ମପୁର ଅଞ୍ଚଳରେ ବୋଲି ପୋଲିସ କହିଛି। ନଂ.୭୦/୧୯ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କ ଠାରୁ ଏକ ମାଉଜର, ଛୁରି, ୮ ମୋବାଇଲ ଫୋନ ଜବତ ହୋଇଥିବା ଆଇଆଇସି ଅଲେଖ ଗରଡ଼ିଆ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୂର୍ବାହ୍ନ ୧୧ଟାରେ ବୋଲେରୋ (ନଂ.ଓଡି-୦୭ଟି-୨୬୦୦)ରେ ଦାରିଙ୍ଗବାଡ଼ି ଦେଇ ବୁଲୁ ନାୟକ ଓ ତାଙ୍କ ଭାଇ ବ୍ରଜକିଶୋରଙ୍କୁ ଅପହରଣ କରି ନିଆଯାଉଥିଲା। ବୁଲୁ ଚାରିଛକରେ ବୋଲେରୋରୁ ଡେଇଁ ଥାନାରେ ପହଞ୍ଚିଥିଲେ। ଅପହରଣକାରୀଙ୍କ କବଳରେ ତାଙ୍କ ଭାଇ ଥିବା ଆଇଆଇସିଙ୍କୁ କହିଥିଲେ। ଆଇଆଇସି ଗରଡ଼ିଆ ସଦଳବଳ ଦୁର୍ବୃତ୍ତଙ୍କ ପିଛା କରି ଗାଜଲବାଡ଼ି ଘାଟିରେ ଗାଡ଼ି ଚକାକୁ ଗୁଳିମାଡ କରି ଦୁର୍ବୃତ୍ତଙ୍କୁ କାବୁ କରିଥିଲେ। ଏଥିରେ ଜେଲ କର୍ମଚାରୀ ସମ୍ପୃକ୍ତ ଥିବା ଜାଣି ବାଲିଗୁଡ଼ା ଏସ୍‌ଡିପିଓ ବିନିତ ଅଗ୍ରୱାଲଙ୍କୁ ଅବଗତ କରାଇଥିଲେ। ପରେ ଏସ୍‌ଡିପିଓ ଜେଲ କର୍ମଚାର ବେହେରାଦଳାଇଙ୍କୁ ଦାରିଙ୍ଗବାଡ଼ି ଥାନାକୁ ଆଣି ପଚରାଉଚରା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ଅପହୃତ ବୁଲୁ କୌଣସି ଏକ ମାମଲାରେ ପୂର୍ବରୁ ବାଲିଗୁଡ଼ା ଜେଲରେ ରହିଥିଲେ। ସେଠାରେ ଜେଲ କର୍ମଚାରୀ ସୁବାସଙ୍କ ସହ ସମ୍ପର୍କ ହୋଇଥିଲା। ଜେଲରୁ ବାହାରିବା ପରେ ସୁବାସ ତାଙ୍କୁ ଗଞ୍ଜେଇ ପାଇଁ ୧ଲକ୍ଷ ଟଙ୍କା ଆଗୁଆ ଦେଇଥିଲେ। ତେବେ ବୁଲୁ ଟଙ୍କା ଖର୍ଚ୍ଚ କରିଦେଇ ଧରାଛୁଆଁ ଦେଉନଥିଲେ। ସୁବାସ ତାଙ୍କୁ ଅପହରଣ କରିବାକୁ ଯୋଜନା କରି ଗଞ୍ଜାମ ଅଞ୍ଚଳର ଅଭିଯୁକ୍ତମାନଙ୍କୁ ସୁପାରି ଦେଇଥିଲେ। ଗୁରୁବାର ବୁଲୁ ଏବଂ ତାଙ୍କ ଭାଇ ବାଇକରେ ଯାଉଥିବା ବେଳେ ଅଭିଯୁକ୍ତମାନେ ଅପହରଣ କରି ଗଞ୍ଜାମ ଜିଲା ଅଭିମୁଖେ ନେଇଯାଉଥିଲେ। ଦାରିଙ୍ଗବାଡ଼ି ଠାରେ ବୁଲୁ ବୋଲେରୋରୁ ଡେଇଁ ପଡିବା ପରେ ଅପହରଣ ଯୋଜନା ପଣ୍ଡ ହୋଇଥିଲା।



ଘଟଣା ସମ୍ପର୍କରେ ଥାନା ଅଧିକାରୀ ସୂଚନା ଦେଉଛନ୍ତି।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କେଉଁଠାରେ ଖଡୁଗଡୁ, କେଉଁଠାରେ ମୁଦି;**
**କେଉଁଠାରେ ବୋଲାଉଛ କରୁଣାନିଧି ।**

ପିତଳରେ ଖଡୁ, ଗଡୁ ଓ ଛୋଟ ଲୋଟା ଓ ମୁଦି ଆଦି ଗଢ଼ାଯାଇଥାଏ। ଏସବୁକୁ କେହି ବେଶି ପ୍ରାଧାନ୍ୟ ଦେଇ ନ ଥାନ୍ତି। କିନ୍ତୁ ପିତଳରେ ଦେବଦେବୀଙ୍କ ମୂର୍ତ୍ତିଗଢ଼ା ହେଲେ ତାଙ୍କୁ ଫୁଲ ଚନ୍ଦନ ଓ ନୈବିଦ୍ୟ ଦେଇ ପୂଜା କରିଥାନ୍ତି। ସ୍ଥାନ ଓ ଉଦ୍ଦେଶ୍ୟ ଅନୁସାରେ ବସ୍ତୁର ପ୍ରାଧାନ୍ୟରେ ଭିନ୍ନତା ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଉଡ଼ି ନବ ଗଣି,**
**ପାଣି ପିଇବ ଛାଣି ।**

ଟଙ୍କା ପଇସା କାରବାର କଲାବେଳେ ଏହାକୁ ଗଣି ରଖିବା ଉଚିତ ହୋଇଥାଏ। ଟଙ୍କା ପଇସା ଗଣି ରଖିଲେ ପଛକୁ ସନ୍ଦେହ କରିବାର ଆଉ କୌଣସି ଅବକାଶ ରହି ନ ଥାଏ। ସେହିପରି ସ୍ୱଚ୍ଛ ତଥା ନିର୍ମଳ ପାଣି ସ୍ୱାସ୍ଥ୍ୟପକ୍ଷେ ହିତକର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ, ସମ୍ପର୍କୀୟ ଗିରଫ

**ଫୁଲବାଣୀ ଅଫିସ/ତୁମୁଡିବନ୍ଧ, ୧୧।୭(ଡି.ଏନ.ଏ.)**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ତ୍ରୀଙ୍କୁ ସ୍ୱାମୀ ଏବଂ ତାଙ୍କର ଜଣେ ସମ୍ପର୍କୀୟ ଜୀବନରେ ମାରି ଦେବାକୁ ଉଦ୍ୟମ କରିଛନ୍ତି। ଏ ନେଇ ମହିଳା ଜଣକ ବେଲଘର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ସ୍ୱାମୀ ଏବଂ ସମ୍ପର୍କୀୟଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ୱାମୀ ହରିହର ନାୟକ ଓ ସମ୍ପର୍କୀୟ ଭ୍ରାଇଁ ବେଲଘରର ବେଲାରସେନ ନାୟକ। ମିଳିଥିବା ସୂଚନା ଅନୁସାରେ, ବେଲଘର ଥାନା ଝିରିପାଣିର ମାନସୀ ନାୟକ ୨୦୦୬ରେ ହରିହରଙ୍କୁ ବିବାହ କରିଥିଲେ। ଗତ ୩ ମାସ ହେବ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ଗତ ୯ ତାରିଖରେ ସ୍ତ୍ରୀ ଏବଂ ସ୍ୱାମୀ ତୁମୁଡିବନ୍ଧ ଯାଇ ଫେରୁଥିଲେ। ହରିହର ବାଟରେ ମାନସୀଙ୍କୁ ଗାଳି ଗୁଲଜ କରି ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଆଜିଠାରୁ କୌଣସି ସମ୍ପର୍କ ନାହିଁ, ଛାଡ଼ପତ୍ର ଦେବି ବୋଲି କହିଥିଲେ। ରାତି ପ୍ରାୟ ୮ଟା ବେଳକୁ ହରିହର ଓ ମାନସୀ ତାଙ୍କ ଭିଣୋଇ ସୁଗ୍ରେସନ ନାୟକଙ୍କ ଘରକୁ ଯାଇଥିଲେ। ସେଠାରୁ ୧୦ ତାରିଖରେ ଘରକୁ ବାହାରିଥିଲେ। ସେଠାରେ ମଧ ମାନସୀଙ୍କୁ ହରିହର ମାଡ ମାରିଥିଲେ। ବାଟରେ ଆସିବା ବେଳେ ଆଉ ଜଣେ ନଣନ୍ଦଙ୍କ ସ୍ୱାମୀ ବେଲାରସେନ ନାୟକଙ୍କୁ ଭେଟି ସମସ୍ତେ ଏକ ଗାଡିରେ ଘର ଅଭିମୁଖେ ବାହାରିଥିଲେ। ବାଟରେ ଅଟକି ସ୍ୱାମୀ ଓ ବେଲାରସେନ ଜଙ୍ଗଲ ପାଖକୁ ନେଇ ଜବରଦସ୍ତ ଶାଢ଼ି ବ୍ଲାଉଜ ଖୋଲି ଏକ ବ୍ଲେଡରେ ହତ୍ୟା ଉଦ୍ୟମ କରିଥିଲେ। ମାନସୀ ପାଟି କରିବାରୁ ରାସ୍ତାରେ ଯାଉଥିବା ଲୋକେ ଉଦ୍ଧାର କରିଥିଲେ। ହେଲେ ସ୍ୱାମୀ ଏବଂ ବେଲାରସେନ ସେଠାରୁ ଖସି ଯାଇଥିଲେ। ଜୀବନ ପ୍ରତି ବିପଦ ଅଛି ବୋଲି ମାନସୀ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କୁ ପଚାରିବାରୁ ଏହି ଘଟଣାରେ ଆମେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛୁ। ନଂ. ୧୭/୧୯ରେ ମାମଲା ରୁଜୁ ହୋଇଛି।



ଗିରଫ ହରିହର ଏବଂ ବେଲାରସେନ।

# ବିଧାୟକଙ୍କ ବ୍ରାହ୍ମଣୀଗାଁ ଅଞ୍ଚଳ ପରିଦର୍ଶନ

**ଦାରିଙ୍ଗବାଡ଼ି/ବ୍ରାହ୍ମଣିଗାଁ, ୧୧।୭(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣିଗାଁ ଅଞ୍ଚଳକୁ ଗୁରୁବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଗସ୍ତ କରିଛନ୍ତି। ବ୍ରାହ୍ମଣିଗାଁ ସମେତ କାଟିଙ୍ଗିଆ, ଝିଞ୍ଜିରିଗୁଡ଼ା, କୁମ୍ଭାରିଗାଁ, ଗଦାପୁର, ହାତିମୁଣ୍ଡା, ତାଲୁଙ୍ଗିଆ, ସରାମୁଳି ପଞ୍ଚାୟତର ଶତାଧିକ ଲୋକ ତାଙ୍କୁ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ। ପରେ ଆମ ଗାଁ ଆମ ବିକାଶ ଯୋଜନାରେ ନିର୍ମାଣ କରାଯାଇଥିବା କମ୍ୟୁନିଟି ସେଣ୍ଟର ନୂତନ କୋଠା(ଗୋଷ୍ଠି ସଭାଗୃହ)କୁ ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ସହ ବିଜେଡି ସଭାପତି ଦିଲିପ କୁମାର ପ୍ରଧାନ, ଲ୍ୟାମ୍ପସ ସଭାପତି ଧର୍ମେନ୍ଦ୍ର ପ୍ରଧାନ, ଜ୍ୟୋତିରାଜ ପ୍ରଧାନ, ବିରଞ୍ଚି ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଧାୟକ ପ୍ରଧାନ ଗଦାପୁର ଏବଂ ଝିଞ୍ଜିରିଗୁଡ଼ା ପଞ୍ଚାୟତ ଅଞ୍ଚଳ ଗସ୍ତ କରିଥିବାବେଳେ ଝିଞ୍ଜିରିଗୁଡା ପଞ୍ଚାୟତର ଉଲିପଦରଠାରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକେ ବିଧାୟକଙ୍କୁ ଜଣାଇଥିଲେ।



ବିଧାୟକ ସାଲୁଗା ପ୍ରଧାନଙ୍କୁ ଅଞ୍ଚଳବାସୀ ଶୋଭାଯାତ୍ରାରେ ନେଉଛନ୍ତି।

# ବିଶ୍ୱ ଜନସଂଖ୍ୟା ଦିବସ

**ଫୁଲବାଣୀ ଅଫିସ, ୧୧।୭**

କନ୍ଧମାଳ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଏନ୍‌ଏମ୍ ତାଲିମ କେନ୍ଦ୍ର ଛାତ୍ରୀ, ଅଙ୍ଗନୱାଡି ଓ ଆଶା କର୍ମୀମାନେ ଏଥିରେ ସାମିଲ ହୋଇଥିଲେ। ପରେ ମେଡିକାଲ ସମ୍ମିଳନୀ ଗୃହରେ ଡାକ୍ତର ବସନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସମୀର କୁମାର ଦାସ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲା ମ୍ୟାଲେରିଆ ଅଧିକାରୀ ଡା. କଳ୍ପନା ଦଲେଇ, ଏନ୍‌ଏଚ୍‌ଏମ୍‌ର ଜିଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ରହି 'ପରିବାର ନିୟୋଜନ କରି ତୁଲାନ୍ତୁ ଦାୟିତ୍ୱ, ମା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ରୁହନ୍ତୁ ପ୍ରସ୍ତୁତ' ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ଜନସଂଖ୍ୟା ନିୟନ୍ତ୍ରଣ ଜରୁରୀ ହୋଇ ପଡିଛି। ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ରହିଛି ବୋଲି ବକ୍ତାମାନେ କହିଥିଲେ। ଜିଲାରେ ଏକ ମାସ ଧରି ସ୍ୱତନ୍ତ୍ର ଜନ୍ମ ନିୟନ୍ତ୍ରଣ ଅଭିଯାନ ଆରମ୍ଭ ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦାସ ପ୍ରକାଶ କରିଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଡିପିଏଚଓ ଜ୍ୟୋତ୍ସ୍ନା ମହାନ୍ତି ଜନ୍ମ ନିୟନ୍ତ୍ରଣ ପାଇଁ ଦିଆ ଯାଉଥିବା ବିଭିନ୍ନ ସରକାରୀ ସହାୟତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫୁଲବାଣୀ ସିଡିପିଓ, ଏଏନ୍‌ଏମ୍ କେନ୍ଦ୍ରର ଅଧକ୍ଷାଙ୍କ ସମେତ ବହୁ ସଂଖ୍ୟାରେ ଏନଜିଓ କର୍ମକର୍ତ୍ତା, ଅଙ୍ଗନୱାଡି, ଆଶା କର୍ମୀ, ଏଏନ୍‌ଏମ୍ ଛାତ୍ରୀ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# 'ମିଶନ ୧୭୧' ସମ୍ପର୍କିତ ସମୀକ୍ଷା ବୈଠକ

**ଫୁଲବାଣୀ ଅଫିସ, ୧୧।୭**

କନ୍ଧମାଳ ଜିଲାର ସମସ୍ତ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଉଦ୍ୟାନ କୃଷି ବଗିଚା ସୃଷ୍ଟି କରି କୃଷି ଓ କୃଷକ ସଶକ୍ତୀକରଣ ଉଦ୍ଦେଶ୍ୟରେ ଗତ ମାର୍ଚ୍ଚ ମାସରୁ କାର୍ଯ୍ୟକାରୀ ହେଉଛି 'ମିଶନ୍-୧୭୧'। ଏ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲାପାଳ ଡା. ବୃନ୍ଦା. ଡି ଏଥିରେ ଅଧକ୍ଷତା କରିଥିଲେ। ଉଦ୍ୟାନ କୃଷି, ଜନଜାତି ଉନ୍ନୟନ, ପ୍ରାଣୀ ସମ୍ପଦ ବିକାଶ, ଜଳସେଚନ, ଜଳଛାୟା ଓ ମୃର୍ତ୍ତିକା ସଂରକ୍ଷଣ, ପଞ୍ଚାୟତିରାଜ ବିଭାଗ ଏବଂ ଓଡ଼ିଶା କୃଷି-ଉଦ୍ୟୋଗ ନିଗମର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା 'ମିଶନ ୧୭୨'ରେ ଗତ ଦିନଗୁଡିକରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ଉଦ୍ୟାନ କୃଷି ବିଭାଗ ତରଫରୁ ପ୍ରତ୍ୟେକ ପଞ୍ଚାୟତର ୫ରୁ ୧୦ ଏକର ଜାଗାରେ ଉଭୟ ବ୍ୟକ୍ତିଗତ ଓ ସାମୁହିକ ଉଦ୍ୟମରେ ଲିଚୁ, ପିଜୁଳି, ଆମ୍ବ, କାଜୁ, ଆଦି ବିଭିନ୍ନ ଚାରା ଲଗାଯାଇଛି। ଏଥିପାଇଁ ବିଭାଗ ତରଫରୁ ଏ ପର୍ଯ୍ୟନ୍ତ ୧ କୋଟି ୯୭ ଲକ୍ଷ ୨୪ ହଜାର ୪୦୦ ଟଙ୍କା ବ୍ୟୟ ହୋଇଛି। ଆଗାମୀ ଦିନରେ ଅଁଳା ବଗିଚା ସୃଷ୍ଟି କରିବା ପାଇଁ ଚାଷୀମାନଙ୍କୁ ପ୍ରବର୍ତ୍ତାଇବା ସହ ବିଶେଷଜ୍ଞଙ୍କୁ ଡାକି ତାଲିମ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟର ଫଟୋ ଓ ଭିଡ଼ିଓ ସମ୍ବଳିତ ଦସ୍ତାବିଜ ପ୍ରସ୍ତୁତ କରାଯିବ। ଅଣଜଳସେଚିତ ଅଞ୍ଚଳରେ ସୌରଶକ୍ତିଚାଳିତ ପମ୍ପସେଟ୍ ମାଧ୍ୟମରେ ବଗିଚାଗୁଡ଼ିକୁ ଜଳସେଚିତ କରିବା ଏବଂ ଓଡ଼ିଶା କୃଷି ଉଦ୍ୟୋଗ ନିଗମ ମାଧ୍ୟମରେ ଜଳନିଧି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମିଶନ୍-୧୭୧ ମାଧ୍ୟମରେ ଉଦ୍ୟାନ କୃଷି ବଗିଚା ସୃଷ୍ଟି ସହିତ ଉଦ୍ୟାନ କୃଷି ପାଇଁ ଆଗ୍ରହୀ ଚାଷୀମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ଲିପିବଦ୍ଧ କରି ରଖିବା, ସେମାନଙ୍କୁ ଫଟୋ ପରିଚୟ ପତ୍ର ପ୍ରଦାନ କରିବାକୁ ଓଡ଼ିଶା କୃଷି ଉଦ୍ୟୋଗ ନିଗମକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ବ୍ୟବଧାନରେ ପାଣି ପଞ୍ଚାୟତ ବୈଠକ ଆୟୋଜନ କରିବା ଏବଂ ସେଥିରେ ମିଶନ୍-୧୭୧ର ସମସ୍ତ ହିତାଧିକାରୀଙ୍କୁ ସାମିଲ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକୃତ ୫୧୬ ହିତାଧିକାରୀଙ୍କୁ ଆବଶ୍ୟକୀୟ ଉପକରଣ ଓ ସହାୟତା ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଏହି ଅଭିଯାନକୁ ଶତପ୍ରତିଶତ ସଫଳ କରିବା ଉଦ୍ଦେଶ୍ୟରେ କ୍ଷେତ୍ର ପରିଦର୍ଶନ ପୂର୍ବକ ସମସ୍ତ କାର୍ଯ୍ୟକୁ ତଦାରଖ କରିବାକୁ ବୈଠକରେ ଉପସ୍ଥିତ ପ୍ରୋବେଶନ୍ ଆଇଏଏସ୍. ଅଧିକାରୀ ଡା. ଶୁଭଙ୍କର ମହାପାତ୍ରଙ୍କୁ ଜିଲାପାଳ ଅନୁରୋଧ କରିଥିଲେ। ବୈଠକରେ ମିଶନ୍-୧୭୧ର ସମସ୍ତ ନୋଡ଼ାଲ୍ ଅଧିକାରୀ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର ନାୟକ, କୃଷି ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ରଥ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବି. ଭୁଜଙ୍ଗ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ମନୋଜ କୁମାର ଦାସ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିବା ସହିତ ବୈଠକ ପରିଚାଳନା କରିଥିଲେ।



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BUSINESS BUSINESS

FINANCE FINANCE

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଓଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

DHARITRI Career appointment Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରେଳ ଷ୍ଟେଶନ ନିକଟରୁ ଗଞ୍ଜେଇ ଜବତ

**ବ୍ରହ୍ମପୁର ଅଫିସ,୧୧।୭:** ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସକାଳେ ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରୁ ଏକ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ ହୋଇଛି। ଯାଞ୍ଚ ବେଳେ ଏଥିରେ ୧୨କେଜି ୪୦୦ ଗ୍ରାମ ଗଞ୍ଜେଇ ଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଅଭିଯୁକ୍ତ ଜଣକ ଗୋଷାଣୀନୂଆଗାଁର ସୁନିଲ କୁମାର ସାହୁ ବୋଲି ଅବକାରୀ ଇନ୍ସପେକ୍ଟର ଏସ୍‌କେ ପାଢ଼ୀ ସୂଚନା ଦେଇଛନ୍ତି । ଅଭିଯୁକ୍ତ ସୁନିଲଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ଅଜିତ ମହାପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା
### ହାଇଦ୍ରାବାଦରୁ ଅଭିଯୁକ୍ତ ଗିରଫ

**ଛତ୍ରପୁର,୧୧।୭(ଡି.ଏନ.ଏ):** ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର କରିବା ମାମଲାର ଅଭିଯୁକ୍ତଙ୍କୁ ଛତ୍ରପୁର ପୋଲିସ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ବାବୁଲି ସେଠୀ। ଗୁରୁବାର ତାଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଛତ୍ରପୁର ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା (ନଂ.୧୦୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ହାଇଦ୍ରାବାଦରୁ ଅଭିଯୁକ୍ତ ବାବୁଲିଙ୍କ ସହ ଅପହୃତା ନାବାଳିକାଙ୍କୁ ଛତ୍ରପୁର ପୋଲିସ ଉଦ୍ଧାର କରିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ଏଥିସହ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି।

## ■ ସିଙ୍ଗାପୁରରେ ଚାକିରି ନାଁରେ ଠକେଇ ମାମଲା
# ଅଧିକାରୀଙ୍କୁ ଧରିପାରୁନି ପୋଲିସ

**ବ୍ରହ୍ମପୁର ଅଫିସ,୧୧।୭**

ବେକାର ଯୁବତୀ ଯୁବକଙ୍କୁ ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ନାଁରେ ବାରମ୍ବାର ଠକେଇ ଘଟଣା ଦୃଷ୍ଟିକୁ ଆସୁଛି। ବ୍ରହ୍ମପୁର ସହରରେ ଠକ କମ୍ପାନୀ ଦ୍ୱାରା ବହୁ ଯୁବତୀ ଯୁବକ ଠକେଇର ଶିକାର ହୋଇଛନ୍ତି। ଏଭଳି ଏକ ଠକ କମ୍ପାନୀର ଜାଲରେ ପଡିଛନ୍ତି ଶତାଧିକ ଯୁବକ। ସିଙ୍ଗାପୁରରେ ଚାକିରି କରାଇଦେବା ନାଁରେ ଜବ ଟ୍ରାକ କନ୍‌ସଲଟାନ୍ସି ଆଣ୍ଡ ଟ୍ରେନିଂ ସେଣ୍ଟର ନାମକ ଏକ କମ୍ପାନୀ ପ୍ରାୟ ୫୦୦ ଯୁବକଙ୍କଠାରୁ ୨୫ ରୁ ୩୦ ହଜାର ଟଙ୍କା ଲେଖାଏ ସଂଗ୍ରହ କରିଥିଲା । ଉକ୍ତ ଟଙ୍କା ନେଇ ମେ ୧ ତାରିଖରେ କମ୍ପାନୀ ମୁଖ୍ୟ ସୁବ୍ରତ କୁମାର ପାଳ ଏବଂ ବଳରାମ ମହାରଣା ଫେରାର ହୋଇ ଯାଇଛନ୍ତି। ଏ ନେଇ ଅଭିଯୋଗ ପରେ ସଦର ଥାନା ପୋଲିସ ନଂ.୧୧୯/୧୯ରେ ଏକ ମାମଲା ରୁଜୁ କରିଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାର ତଦନ୍ତ କରିବା ପାଇଁ ଡିଏସ୍‌ପି ରାମକୃଷ୍ଣ ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାର ମାସେ ପରେ ବି ଉକ୍ତ କମ୍ପାନୀର ମୁଖ୍ୟଙ୍କୁ ଧରି ପାରୁନାହିଁ। ଚାକିରି ଆଶାରେ ଟଙ୍କା ଦେଇ ସର୍ବାହରା ହୋଇଥିବା ଅନେକ ଗରିବ ପିଲା ଏବେ ନ୍ୟାୟ ନ ପାଇ ହତାଶ ହୋଇଛନ୍ତି ।

ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ ଭାବିନୀପୁର ଗୌତମ ନଗରରେ ଉପରୋକ୍ତ କମ୍ପାନୀ ଖୋଲିଥିଲା। ସିଙ୍ଗାପୁରର ବିଭିନ୍ନ ସଂସ୍ଥାରେ ଚାକିରି କରାଇ ଦେବା ନାଁରେ ଏହି କମ୍ପାନୀ ବିଜ୍ଞାପନ ପ୍ରକାଶ କରିଥିଲା। ଫଳରେ ଗଞ୍ଜାମ ସହିତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶତାଧିକ ଯୁବତୀ ଯୁବକ ଏହି କମ୍ପାନୀ ସହିତ ଯୋଗାଯୋଗ କରିଥିଲେ। ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସିଙ୍ଗାପୁରରେ ଚାକିରି କରାଇ ଦେବାକୁ କମ୍ପାନୀ ମୁଖ୍ୟ ପାଳ ଓ ବଳରାମ ମହାରଣା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କମ୍ପାନୀ ମୁଖ୍ୟ ଶତାଧିକ ଯୁବକଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ପାସପୋର୍ଟ, ଭିଜା ଓ ଟିକେଟ ସହିତ ମେଡିକାଲ ପରୀକ୍ଷା ଓ ଅନ୍ୟାନ୍ୟ କାଗଜପତ୍ର ପାଇଁ ପ୍ରତ୍ୟେକ ଯୁବତୀ ଯୁବକଙ୍କଠାରୁ ୨୫ ରୁ ୩୦ ହଜାର ଟଙ୍କା ଲେଖାଏ ନେଇଥିଲେ। କେତେକ ଯୁବକଙ୍କୁ ପାସପୋର୍ଟ ଭିଜା ସହ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ହେଲେ ତାହା ଯାଞ୍ଚ ବେଳେ ନକଲି ବୋଲି ଜଣାପଡିଥିଲା। ଯୁବକମାନେ କମ୍ପାନୀ ସହ ଯୋଗାଯୋଗ କରି ନିରାଶ ହୋଇଥିଲେ। ମେ ୧ ତାରିଖରେ ଶତାଧିକ ଯୁବକ କମ୍ପାନୀ ମୁଖ୍ୟ ପାଳଙ୍କ ବାସଭବନ ଘେରାଉ କରିଥିଲେ। ପରେ ଯୁବକମାନେ ଏସ୍‌ପିଙ୍କ ନିକଟରେ ଗୁହାରି କରିଥିଲେ। ଏନେଇ ସଦର ଥାନାରେ ମାମଲା ରୁଜୁ କରାଯାଇଛି। ହେଲେ ଏବେ ସୁଦ୍ଧା କମ୍ପାନୀ ମୁଖ୍ୟଙ୍କ ପୋଲିସ ସୁରାକ ପାଇପାରିନାହିଁ । ଏନେଇ ତଦନ୍ତ ଦାୟିତ୍ୱରେ ଥିବା ଡିଏସପି ପତି କୁହନ୍ତି, ଉକ୍ତ କମ୍ପାନୀ ମୁଖ୍ୟଙ୍କ ମୋବାଇଲ ଫୋନ ଟ୍ରାକିଂ କରାଯାଉଛି। ହେଲେ ସେ ବାରମ୍ବାର ତାଙ୍କ ଠିକଣା ବଦଳାଉଥିବାରୁ ତାଙ୍କୁ ଧରିବା କଷ୍ଟକର ହେଉଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସୁବ୍ରତ ଓ ବଳରାମଙ୍କୁ ଖୁବଶୀଘ୍ର ଧରାଯିବା ବୋଲି ସେ କହିଛନ୍ତି। ଅନ୍ୟପଟେ ସୁବ୍ରତଙ୍କ ବ୍ୟାଙ୍କ ଆକାଉଣ୍ଟ ସିଲ୍ କରାଯାଇଛି ବୋଲି ଡିଏସପି ପତି କହିଛନ୍ତି।

# ଥାନା ଆଇଆଇସି ବଦଳି ଦାବିରେ କବିସୂର୍ଯ୍ୟନଗର ବନ୍ଦ

**କବିସୂର୍ଯ୍ୟନଗର,୧୧।୭**

କବିସୂର୍ଯ୍ୟନଗର ଥାନା ଆଇଆଇସି ତପନ କୁମାର ପତି ବରିଷ୍ଠ ଓକିଲ ଭଗବାନ ମହାପାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାକୁ ନେଇ ଆନ୍ଦୋଳନ ଜୋର ଧରିଛି। ଓକିଲ ସଂଘ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କର ବଦଳି ଦାବି କରିଛି । ଆନ୍ଦୋଳନ ତୃତୀୟ ଦିନରେ ଓକିଲ ସଂଘ ପକ୍ଷରୁ ଗୁରୁବାର ସକାଳ ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସହରରେ ବନ୍ଦ ପାଳନ କରାଯାଇଥିଲା। ଆଇବି ଛକ, ବ୍ଲକ ସମ୍ମୁଖ, ବନଦେବୀ ସମ୍ମୁଖ ଓ ପେଟ୍ରୋଲ ପମ୍ପଠାରେ ଆସିକା-ଭୁବନେଶ୍ୱର ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା । ବନ୍ଦକୁ ସହରବାସୀ ସମର୍ଥନ କରିଛନ୍ତି। ବିଭିନ୍ନ ସ୍କୁଲ, କଲେଜ, ତହସିଲ, ବ୍ୟାଙ୍କ, ବ୍ୟବସାୟ ପ୍ରତିଷ୍ଠାନ ସମେତ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା । ଅନ୍ୟପକ୍ଷରେ ଆଇଆଇସି ପତି ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ ଆଇନଜୀବୀ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆଇଆଇସିଙ୍କ ବ୍ୟବହାର ସୀମା ଅତିକ୍ରମ କରିଛି। ତେଣୁ ତାଙ୍କୁ ତୁରନ୍ତ ବଦଳି କରିବା ଆବଶ୍ୟକ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ଡିଜି, ଡିଆଇଜିଙ୍କୁ ଜଣାଇବା ପରେ ଥାନା ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯିବ ବୋଲି ଓକିଲ ସଂଘ କହିଛି ।


ଓକିଲ ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

# ପାନୀୟ ଜଳ ଯୋଗାଣରେ ବିଫଳତାକୁ ନେଇ ଅସନ୍ତୋଷ

**ଶଙ୍କରାଖୋଲ,୧୧।୭(ଡି.ଏନ୍.ଏ)**

ଚକାପାଦ ବ୍ଲକରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥିଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗଦେଇଥିଲେ। ବୈଠକରେ ଜିଲାପରିଷଦ ସଭ୍ୟ ରଞ୍ଜନ ମଲିକ, ଉପାଧ୍ୟକ୍ଷା ନିର୍ମଳା ସାହୁ, ବିଡ଼ିଓ ଅନିଲ କୁମାର ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଉମାଚରଣ ମଲିକ, ସହକାରୀ ଯନ୍ତ୍ରୀ ଶିଦ୍ଧାର୍ଥ ଶେଖର, ୧୨ଟି ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ, ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ଯେଉଁ ବିଭାଗର ଅନୁପସ୍ଥିତ ଥିଲେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ବିଡ଼ିଓ ସେହି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନବନିର୍ବାଚିତ ବିଧାୟକଙ୍କୁ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଜିପିଓ ବରୁଣ କହଁର ପୂର୍ବ ସମିତି ବୈଠକରେ ବିବରଣୀ ପାଠ କରିଥିଲେ। ଏଥିରେ କିଛି ସମସ୍ୟା ରହିଥିବାବେଳେ ତାହାର ସମାଧାନ ପାଇଁ ବ୍ଲକ ପକ୍ଷରୁ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସରକାରଙ୍କ ପକ୍ଷରୁ ଜଳଯୋଗାଣ ପାଇଁ ବହୁ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ବ୍ଲକର ବିଭିନ୍ନ ସ୍ଥାନରେ ଉଠାଜଳ ଯୋଗାଣ ପାଇଁ ଟାଙ୍କି ଓ ପାଇପ ବିଛାଯାଇଥିଲେ ମଧ୍ୟ ପାନୀୟ ଜଳ ମିଳୁ ନ ଥିବା ନେଇ ସମସ୍ତ ସମିତିସଭ୍ୟ ଓ ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଥିଲେ। ଶଙ୍କରାଖୋଲରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟରେ ମିଶିଛି। ଏବେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ୧୫୭ନଂ. ଜାତୀୟ ରାଜପଥ ବିପଦପୂର୍ଣ୍ଣ ଭାବେ ସବୁଦିନେ ଅତିକ୍ରମ କରି ଉଚ୍ଚ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଉଥିବାରୁ ଦୁର୍ଘଟଣା ଘଟିଲେ କିଏ ଦାୟୀ ହେବ ବୋଲି ପ୍ରଶ୍ନ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇଁ ସାର୍ଟିଫିକେଟ୍ କରିବାକୁ ବ୍ଲକର ଘାଟି ଉପରେ ଥିବା ୭ ପଞ୍ଚାୟତର ବୃଦ୍ଧାବୃଦ୍ଧ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ଶଙ୍କରାଖୋଲଠାରେ ଗୋଟିଏ ଦିନ ପାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ରହି ସାର୍ଟିଫିକେଟ୍ (ପ୍ରମାଣପତ୍ର) ପ୍ରଦାନ କରିବା ପାଇଁ ପୂର୍ବ ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନ ଥିବା ସମିତିସଭ୍ୟ ବିଷ୍ଣୁ ଚରଣ ଦିଗାଳ ପଚାରିଥିଲେ। କଖାରୁଝୋଲା ପଞ୍ଚାୟତର ବୁଡୁକାଖୋଲ ଗ୍ରାମରେ ପାଞ୍ଚବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ହୋଇଥିଲେ ମଧ୍ୟ ଗ୍ରାମବାସୀ ତାଲା ପକାଇ ରଖିଥିବାରୁ କେନ୍ଦ୍ର ଆଗରେ ପାଲତଳେ ଶିଶୁମାନେ ପାଠ ପଢୁଥିବାବେଳେ କାହିଁକି ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଉନି ସମିତିସଭ୍ୟ ପୀତାମ୍ବର

**ଚକାପାଦ ପଞ୍ଚାୟତ ସମିତି ବୈଠକ**

ମଲିକ ପ୍ରଶ୍ନ କରିଥିଲେ। ଲାଇନ୍‌ପଡ଼ା ଓ ନାରିଙ୍ଗ୍‌ଝୋଲାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରହୁ ନ ଥିବା ନେଇ ସରପଞ୍ଚ କିଶୋର କହଁର ଅଭିଯୋଗ କରିଥିଲେ। ବୁଡେଶୀ ସେବାଶ୍ରମ ଓ ଲାମ୍ବରଖୋଲ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ରହିଥିବାବେଳେ ତୁରନ୍ତ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ବିଇଓଙ୍କୁ ସରପଞ୍ଚ ଚିତ୍ର କହଁର, କିଶୋର କହଁର ଦାବି କରିଥିଲେ। ରଘାପାଜୁ ଘାଟିରେ ରାସ୍ତା ନିର୍ମାଣ ପାଇଁ ୭ଲକ୍ଷ ଟଙ୍କାର ଅର୍ଥ ବ୍ୟୟବରାଦ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା କେବଳ କାଗଜକଲମରେ କାମ କରି ଅର୍ଥ ହେରଫେର କରାଯାଇଥିବାବେଳେ ଘାଟିରାସ୍ତା ନିର୍ମାଣ ହୋଇ ନ ଥିବା ସମିତି ସଭ୍ୟ ପୁଷ୍ପଲତା ବେହେରା ଅଭିଯୋଗ କରିଥିଲେ। ଶେଷରେ ବିଧାୟକ କହଁର ସମିତିସଭ୍ୟ ଓ ସରପଞ୍ଚ ମିଳିମିଶି କାମକରି ବ୍ଲକର ଉନ୍ନତି କରିବା ପାଇଁ ଆହ୍ୱାନ ଦେଇଥିଲେ।

# ଦିନକ ପୂର୍ବରୁ ଗଞ୍ଜାମ ସହରରେ ବାହୁଡ଼ା ଯାତ୍ରା


ଗଞ୍ଜାମ ସହରରେ ବାହୁଡ଼ା ଯାତ୍ରା।

**ଗଞ୍ଜାମ,୧୧।୭(ଡି.ଏନ.ଏ.)**

ଗଞ୍ଜାମ ସହରରେ ପବିତ୍ର ବାହୁଡ଼ା ଯାତ୍ରା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସବୁଠି ଶୁକ୍ରବାର ବାହୁଡ଼ା ଯାତ୍ରା ଆୟୋଜିତ ହେବାର କୁହାଯାଉଥିବା ବେଳେ ଦିନକ ପୂର୍ବରୁ ଗଞ୍ଜାମ ସହରରେ ବାହୁଡ଼ା ଯାତ୍ରା ଆୟୋଜନ ହୋଇଥିବାରୁ ବିଭିନ୍ନ ମହଲରେ ଆଲୋଚନା ହେଉଥିବା ଜଣାପଡ଼ିଛି । ତ୍ରିବେଣୀ ମଠ ଛକ ନିକଟସ୍ଥ ମାଉସୀମା ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁମାନେ ରଥ ଟାଣି ବଡ଼ବଜାର ଶ୍ରୀଜଗନ୍ନାଥ ମନ୍ଦିର ନିକଟକୁ ଆଣିଥିଲେ । ଗଞ୍ଜାମ ପୋଲିସ ପକ୍ଷରୁ ଏହି କାର୍ଯ୍ୟରେ ସହଯୋଗ କରାଯାଇଥିଲା ।

# ଗଞ୍ଜେଇ ଜବତ, ଜଣେ ଗିରଫ

**ଫିରିଙ୍ଗିଆ, ୧୧।୭:** ଗୋଛାପଡ଼ା ପୋଲିସ ଶୁକ୍ରବାର ଲୁହୁରାସାହି ନିକଟରେ ବିଭିନ୍ନ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏକ ଅଟୋରୁ ୨୦ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଗୋଛାପଡ଼ା ଥାନା କଟ୍ରିଙ୍ଗିଆର ଅଭିଷେକ ସାହୁ ଓରଫ୍ ବାବୁଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ନଂ.୩୭/୧୯ରେ ଏକ ମାମଲା ରୁଜୁ ହୋଇଛି । ଅଟୋରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପୋଲିସ ପାଖରେ ପହଞ୍ଚିଥିଲା ବୋଲି ଗୋଛାପଡ଼ା ଥାନାଧିକାରୀ ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି।


ଜବତ ଗଞ୍ଜେଇ ସହ ଗିରଫ ଯୁବକ।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଶେରଗଡ଼ (ଗଞ୍ଜାମ) ବିଜ୍ଞାପନ ସଂଖ୍ୟା.୩୪୭୪, ତା-୯।୭।୨୦୧୯:-** ଏତଦ୍ୱାରା ଶେରଗଡ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ (୧ ଅପ୍ରେଲ ୨୦୧୮ଠାରୁ ୩୧ ମାର୍ଚ୍ଚ ୨୦୧୯) ବ୍ଲକ, ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS), ଜାତୀୟ ପେନ୍‌ସନ୍ ଯୋଜନା (NSAP)ରେ କାର୍ଯ୍ୟକାରୀ ହୋଇଥିବା ପାଣ୍ଠି ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ବୈଠକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ। ଏହି ସଭାରେ ସ୍ଥାନୀୟ ପଞ୍ଚାୟତ ଲୋକପ୍ରତିନିଧି, ବିଭାଗୀୟ ଅଧିକାରୀଗଣ, ସମସ୍ତ ଅଣକୁଶଳୀ ଜବକାର୍ଡଧାରୀ ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ୍ୟ ସାଧନ ବ୍ୟକ୍ତି (ଭି.ଆର.ପି) ଓ ଜନସାଧାରଣଙ୍କ ଉପସ୍ଥିତିରେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯାଞ୍ଚ ଓ ସାମାଜିକ ସମୀକ୍ଷା କରାଯିବ। ପଞ୍ଚାୟତ ସମିତିର ନିମ୍ନୋକ୍ତ ଅଧିକାରୀମାନଙ୍କ ସହିତ ପ୍ରତ୍ୟେକ ପଞ୍ଚାୟତର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ / ଗ୍ରାମପଞ୍ଚାୟତ ବୈଷୟିକ ସହାୟକ, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଗ୍ରାମ ସଂଯୋଜକ (ମେଟ) ମାନେ ନିଶ୍ଚିତ ଉପସ୍ଥିତ ରହିବେ।

| କ୍ର.ନଂ | ଗ୍ରାମପଞ୍ଚାୟତ | ସାମାଜିକ ସମୀକ୍ଷା ସମୟ ସାରଣୀ (ଦସ୍ତାବିଜ ନିରୀକ୍ଷଣ ଓ କ୍ଷେତ୍ରପରିଦର୍ଶନ) | ସାମାଜିକ ସମୀକ୍ଷା ଗ୍ରାମ ସଭା ତାରିଖ ଓ ସମୟ | ନୋଡାଲ ଅଫିସରଙ୍କ ନାମ |
|---|---|---|---|---|
| ୧ | ଅଲରିଗଡ, ବ୍ରହ୍ମଣଛାଇ, ବନ୍ଧଗୁଡା, ଶେରଗଡ ଓ ମହୁପଦର | ୧୫।୦୭।୨୦୧୯ ଠାରୁ ୨୮।୦୭।୨୦୧୯ପର୍ଯ୍ୟନ୍ତ | ୨୯।୦୭।୨୦୧୯ ପୂ ୧୧ ଘଟିକା | ସହକାରୀ ନିର୍ବାହୀ ଯନ୍ତ୍ରୀ, ଜି.ପି.ଇ.ଓ, ବି.ପି.ଏମ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ୨ | କୃଷ୍ଣଛାଇ, ଗୋବିନ୍ଦପୁର, ପିଉଳ, ଗୋଠଗାଁ ଓ ଧନନ୍ତର | ୩୦।୦୭।୨୦୧୯ ଠାରୁ ୧୨।୦୮।୨୦୧୯ପର୍ଯ୍ୟନ୍ତ | ୧୫।୦୮।୨୦୧୯ ପୂ ୧୧ ଘଟିକା | ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜି.ପି.ଇ.ଓ, ଯୋଗାଣ ନିରୀକ୍ଷକ ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ୩ | ଖିରିଡା, କୁଲଗଡ, କୁରୁଳା ଓ ଡେଙ୍ଗପଦର | ୧୬।୦୮।୨୦୧୯ ଠାରୁ ୨୯।୦୮।୨୦୧୯ପର୍ଯ୍ୟନ୍ତ | ୩୦।୦୮।୨୦୧୯ ପୂ ୧୧ ଘଟିକା | ଜି.ପି.ଇ.ଓ, ଏ.ଓ, ଯୋଗାଣ ନିରୀକ୍ଷକ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ୪ | ନରେନ୍ଦ୍ରପୁର, କେ.କରଡାକଣା, ଥୁରୁବୁରାଇ ଓ ଡାକରଡା | ୦୪।୦୯।୨୦୧୯ ଠାରୁ ୧୭।୦୯।୨୦୧୯ପର୍ଯ୍ୟନ୍ତ | ୧୮।୦୯।୨୦୧୯ ପୂ ୧୧ ଘଟିକା | ଯୋଗାଣ ନିରୀକ୍ଷକ ଏ.ଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ୫ | ବରମୁଣ୍ଡଲୀ, ତହର, କୁମାରପାଣି ଓ ଧବଳପୁର | ୨୦।୦୯।୨୦୧୯ ଠାରୁ ୦୩।୧୦।୨୦୧୯ପର୍ଯ୍ୟନ୍ତ | ୦୪।୧୦।୨୦୧୯ ପୂ ୧୧ ଘଟିକା | ଏ.ଓ, ଯୋଗାଣ ନିରୀକ୍ଷକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୬ | ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ବୈଠକ | ୩୦।୧୧।୨୦୧୯ | ପୂ ୧୧ ଘଟିକା | ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ ଆସିକା |

ଯାଞ୍ଚ ହେବାକୁ ଥିବା ତଥ୍ୟ ୧.ମଷ୍ଟର ରୋଲରେ ଦର୍ଶିତ ଜବକାର୍ଡ ନମ୍ବର ଟି ଅଣକୁଶଳୀ ଶ୍ରମିକର କି ନାହିଁ। ୨. ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରୀର ପରିମାଣ ଠିକ ଅଛି ନା ନାହିଁ। ୩. ମଷ୍ଟର ରୋଲରେ ପଦର୍ଶିତ କାର୍ଯ୍ୟଦିବସ ଅନୁସାରେ ମାପ ହୋଇଥିବା କାର୍ଯ୍ୟର ପରିମାଣ ଓ ପ୍ରାପ୍ୟ ଠିକ ଅଛି କି ନାହିଁ। ଏତତ୍ ସହିତ ସାମାଜିକ ସମୀକ୍ଷାର ଅନ୍ୟାନ ଆଲୋଚ୍ୟ ବିଷୟବସ୍ତୁ।
**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା, କାର୍ଯ୍ୟକ୍ରମ ଅଧିକାରୀ, ଶେରଗଡ**

**CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, GAJAPATI NEW COLLECTORATE BUILDING, PARALAKHEMUNDI**
www.gajapati.nic.in

No.1630/ VIII-02/2019 Dt: 10.07.2019

CSO-cum-District Manager, OSCSC Ltd. Gajapati invites sealed tenders from reputed firms/ companies/ persons for appointment as Level-I Transport Contractor for transportation of food grains from FSD, FCI to RRC-cum-DSC.

Interested firms/ companies/ persons may obtain tender document from the office of the CSO-cum-District Manager from 12.07.2019 to 24.07.2019 up to 3.00 PM. The interested firms/ companies/ persons may also download the tender document from the district website www.gajapati.nic.in.

Interested firms/ companies/ persons will have to submit the tender documents through registered post/ speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The Corporation shall not be responsible for any postal / courier delay. Tender paper received after the schedule date & time shall not be considered.

**Address for submission of Tender document:**
District Manager, OSCSC Ltd. Gajapati District
At/Po- Paralakhemundi,
District - Gajapati,
PIN- 761200.

| | |
|---|---|
| Period of sale of tender document | 12.07.2019 to 24.07.2019 |
| Last date of receipt of tender document | 24.07.2019 up to 05.00 P.M. |
| Date of opening of Technical Bid | 25.07.2019 at 11.00 A.M. |
| Date of opening of Price Bid | 26.07.2019 at 11.00 A.M. |

**Sd./- CSO-cum-District Manager**
**OSCSC Ltd., Gajapati**

**GOVERNMENT OF ODISHA** No.163-O
**OFFICE OF THE ENGINEER-IN-CHIEF**
**RURAL WORKS, BHUBANESWAR**

**NOTICE INVITING TENDER FOR BUILDING WORKS IN ODISHA THROUGH e-procurement**

**No.- Online- 01-Bld.-2019-20** **Date: 09.07.2019**

**e-Procurement NOTICE**

| | | |
|---|---|---|
| 1. | Name of the works | : 1) Construction of 30 beded MCH at Sohela (Dist. -Bargarh) 2) Construction of 30 beded MCH at Simulia (Dist-Balasore) |
| 2. | Estimated cost | : Rs.4.00 to 6.00 Crore |
| 3. | Class of Contractor | : "A" Class & Special Class |
| 4. | Time for completion | : 15 Calendar Months |
| 5. | E.M.D. required | : 1% of the estimated cost |
| 6. | Cost of tender paper | : Rs.10,000/- per set. |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opending of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Engineer, Rural Works.Building, Bhubaneswar | Online- 01-Bld.-2019-20 | 18.07.2019 11.00 A.M. | 06.08.2019 3.00 P.M. | 05.08.2019 | 07.08.2019 11.00 A.M. | 14.08.2019 11.00 A.M. |

7. Other details can be seen in the bidding documents, which is available in website **www.tendersorissa.gov.in**

**Sd./- Chief Engineer, Building Odisha, Bhubaneswar**
**25123/11/0006/1920**

**Office of the Principal**
**ORISSA SCHOOL OF MINING ENGINEERING**
**Keonjhar, Odisha - 758001**

**No.38-KK:** Sealed quotations are invited from reputed Manufacturers/Authorized Dealers / Distributors /Suppliers for supply of **"Equipment/Machinery/Furniture etc"**. For details visit our website www.osme.co.in Last date for quotation is 12.08.2019. For details contact: 9861056080.

**30023/11/0001/1920** **Sd./- Principal**

**Government of Odisha**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

**No.: 6148/SSEPD** **Dt.10.07.19**
**SSEPD-DA3-DA-0001/2017**

**NOTICE**

No.07-gg: Application is hereby invited for appointment to **One** Post of State Coordinator for the Project "Universal ID for Persons with Disabilities (UDID)". Details of this notice containing required educational qualification, age etc. and other terms and conditions of appointment are available at the website **www.ssepd.gov.in**. Interested persons may furnish their application in plain paper along with Bio-data addressed to the Principal Secretary to Government, Social Security & Empowerment of Persons with Disabilities Department by 30th July 2019.

**46001/11/0007/1920** **Sd./- Joint Secretary to Government**

**GOVERNMENT OF ODISHA** 167-O
**RURAL WATER SUPPLY & SANITATION ORGANISATION**
-x-x-x-x-x-x-x-x-
OFFICE OF THE EXECUTIVE ENGINEER
RWS&S DIVISION, ANGUL :AT: TALCHER
At- Baghuabole, Po.- Hatatota, Talcher, Dist.- Angul, Pin- 759100
(Ph. No./ Fax - 06760-240762, E-mail : eerwssang@gmail.com)
:x:x:x:x:x:x:x:x:

**National Competitive Bidding through e-procurement**
**Bid Identification No. 04/EE/RWSS/ANGUL/2019-20 Dt. 06.07.2019 (Basudha)**

The Executive Engineer, RWS&S Division, Angul:at:Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

1. No. of Tenders : 1 No.
2. Tender Paper Cost : Rs. 10,000.00
3. Value of work : Rs. 119.83 Lakhs
4. Class of Contractor : "B" & "A" Class
5. Date & time of availability of bid document in portal : 12.07.2019 at 17.00 hours to 19.07.2019 upto 17.00 hours
6. Date & time of seeking tender clarification : 16.07.2019 upto 17.00 hours
7. Date & time of opening of tender & verification of original document : 20.07.2019 at 15.00 hours in the office of the Executive Engineer, RWS&S Division, Angul:at:Talcher
8. Time of completion : 6 (Six) Calendar Months
9. The bidders have to participate in online biding only. Further details can be seen from the website https://www.tendersodisha.gov.in.
10. Corrigendum if any shall be publish in the above website only.

Sd/-
Executive Engineer,
RWS&S Division, Angul at Talcher

**25019/11/0012/1920**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

**ବିଜ୍ଞାପନ**

ପତ୍ରସଂଖ୍ୟା: **୦୫** ତା: ୦୩।୦୭।୨୦୧୯
File No.-H-93/2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୃହ ନଂ.-ଏଚ୍‌ଆଇଜି-୫୨ (HIG-52) ଆଇଗିଣିଆ, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଞ୍ଜୟ କୁମାର ପରିଜା, ପିତା- ୰ବିରଜା ଚରଣ ପରିଜା, ସା- ନାରାୟଣ ମିଶ୍ର ଲେନ୍, ମହତାବ ରୋଡ୍, ପୋ- ଅରୁଣୋଦୟ ମାର୍କେଟ୍, ଥାନା- ବାଦାମବାଡ଼ି, ଜି- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ସଞ୍ଜୟ କୁମାର ପରିଜା ଉକ୍ତ ଗୃହଟିକୁ ଦାନପତ୍ର ଆଧାରରେ ଶ୍ରୀ ସଞ୍ଜୀବ କୁମାର ପରିଜା, ପିତା- ୰ବିରଜା ଚରଣ ପରିଜା, ସା- ନାରାୟଣ ମିଶ୍ର ଲେନ୍, ମହତାବ ରୋଡ୍, ପୋ- ଅରୁଣୋଦୟ ମାର୍କେଟ୍, ଥାନା- ବାଦାମବାଡ଼ି, ଜିଲ୍ଲା- କଟକଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

**ADVERTISEMENT**

No.07-AA:- Applications are invited from intending candidates for the post of Member of Odisha Electricity Regulatory Commission (OERC). Last Date for receipt of applications is 5.30 P.M. of 12.08.2019. For details please visit the website of Energy Department of Govt. of Odisha at **http://energy.odisha.gov.in**

**Sd./-**
**Commissioner-cum-Secretary to Govt., Department of Energy Government of Odisha**
**04001/11/0001/1920**

**THE ODISHA STATE POLICE HOUSING & WELFARE CORPORATION LTD.**
**JANAPATH, BHOINAGAR, BHUBANESWAR - 22**
**(Electrical Division)**
**Ph.: 0674-2541545, 2542921, Fax: 0674-2541543**
**E-mail: jmelectricalophwc@gmail.com,**
**Website: www.ophwc.nic.in**

**INVITATIONS OF APPLICATION FOR PRE-QUALIFICATION OF REPUTED FIRMS FOR ENLISTMENT UNDER OSPH&WC, BHUBANESWAR**
**PRE-QUALIFICATION NOTICE NO.: 07/JM/ELECT/OPHWC/2019-20**

No.: CAD-181: Sealed applications in the prescribed format with detailed Pre-qualification Notice for enlistment of reputed firms under OSPH&WC are invited in single cover system from the eligible reputed firms for execution of FIRE FIGHTING WORKS. The firms who have already been submitted their Pre-qualification documents during Pre-qualification Notice published earlier vide No.-02/JM/ELECT/OPHWC/2019-20 are need not submit further. The detailed documents will be available from the website **www.ophwc.nic.in**.
The pre-qualification document is available from: **Dt.12.07.2019.**
Last date for issue of pre-qualification document is upto: **05.00 P.M. of Dt.16.07.2019.**
Last date for receipt of pre-qualification document is upto: **12.30 P.M. of Dt.17.07.2019.**
Date of opening of pre-qualification document at: **03.30 P.M. of Dt.17.07.2019.**

**Sd./- Joint Manager**
**12025/11/0014/1920**

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ। ସ୍ଥାନ-ଉପଜିଲାପାଳଙ୍କ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୦ଟା ।
- ହ୍ୟାଣ୍ଡବଲ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା। ସ୍ଥାନ-ଦିଶା କଲେଜ ସମ୍ମିଳନୀ କକ୍ଷ। ସମୟ-ପୂର୍ବାହ୍ନ ୧୧ଟା ।
- ବିଶ୍ୱ ଜନସଂଖ୍ୟା ଦିବସ। ସ୍ଥାନ-ଆଇଇସି ହଲ୍। ସମୟ-ପୂର୍ବାହ୍ନ ୧୧ଟା ।

## ର୍ୟାମ୍ପ ଶୋ ଗ୍ରାଣ୍ଡ ଫାଇନାଲରେ ବ୍ରହ୍ମପୁରର ତନିଶା



ବ୍ରହ୍ମପୁର ଅଫିସ,୧୧।୭: ବୟସ ୧୫ ବର୍ଷ। ଏହି ସ୍ୱଳ୍ପ ବୟସରୁ ସେ ଜାତୀୟସ୍ତରରେ ସୃଷ୍ଟି କରିଛନ୍ତି ନିଜର ପରିଚୟ। ସେ ହେଲେ ବ୍ରହ୍ମପୁର ଅରବିନ୍ଦ ନଗରର ପ୍ରଦୀପ କୁମାର ମିଶ୍ର ଓ ସୌଦାମିନୀ ମିଶ୍ରଙ୍କ କନିଷ୍ଠା କନ୍ୟା ତନିଶା। ଦିଲ୍ଲୀରେ ଅନୁଷ୍ଠିତ 'ମିସ୍ ଏଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ର୍ୟାମ୍ପ ଶୋ'ରେ ଭାଗନେଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜୁନ ୨୨ରେ ଦିଲ୍ଲୀରେ ଏକ ପଞ୍ଚତାରକା ହୋଟେଲରେ ଅନୁଷ୍ଠିତ ର୍ୟାମ୍ପ ଶୋରେ ଭାଗନେଇ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଭୁବନେଶ୍ୱରରେ ଅନୁଷ୍ଠିତ ମିସ୍ ଏଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ର୍ୟାମ୍ପ ଶୋ' ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ତନିଶା ଭାଗନେଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଜୁନ ୨୨ରେ ଦିଲ୍ଲୀର ଏକ ହୋଟେଲରେ ଆୟୋଜିତ ସେମିଫାଇନାଲରେ ଭାଗ ନେଇଥିଲେ। ଏହି ଶୋରେ ର୍ୟାମ୍ପଗୁରୁ ସମ୍ପିତା ବୋଷ, ବଲିଉଡ ଅଭିନେତା ଅସ୍ମିତ ପଟେଲ ଓ କ୍ଲବ ଅର୍ଗାନାଇଜର ପୁଷ୍କର ମେହେତା ପ୍ରମୁଖ ଜଜ୍ ଭାବେ ଯୋଗ ଦେଇଥିଲେ। ଏଥିରେ ସାରା ଭାରତର ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡିଶାରୁ ଚୟନ ହୋଇଥିବା ତନିଶା ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଗଷ୍ଟ ୯ରେ ଏହି ଶୋର ଗ୍ରାଣ୍ଡ ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହେବ। ତେବେ ଆସନ୍ତା ୩୧ରୁ ନୂଆଦିଲ୍ଲୀରେ ଆୟୋଜକଙ୍କ ପକ୍ଷରୁ ଏଥିପାଇଁ ପ୍ରଦାନ କରାଯିବାକୁ ଥିବା ତାଲିମ କାର୍ଯ୍ୟକ୍ରମରେ ତନିଶା ଯୋଗଦେବେ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

## ରେଳଧରଣା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୧।୭: ରେଳପଥ ପୋଲିସ ଗୁରୁବାର ଖଲ୍ଲିକୋଟ ନିକଟ ରେଳଧରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ ହେବ ବୋଲି ଏସ୍ଆଇ ଗଣପତି ବେହେରା କହିଛନ୍ତି। ଏନେଇ ନଂ. ୨୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପ୍ୟାଣ୍ଟ ପକେଟରୁ ପୋଲିସ ପୁରୀରୁ ବ୍ରହ୍ମପୁର ଏକ ଟ୍ରେନ ଟିକେଟ ପାଇଛି। ଅନ୍ୟପଟେ ଯୁବକ ଜଣକ ବ୍ରହ୍ମପୁର କିମ୍ବା ଆଖପାଖର ହୋଇଥିବା ପୋଲିସ ସନ୍ଦେହ କରୁଛି। ଟ୍ରେନରେ ଯାତ୍ରା କରୁଥିବା ବେଳେ ଯୁବକ ଜଣକ ଖସିପଡି ମୃତ୍ୟୁବରଣ କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶରୀର ଚିହ୍ନଟ ପାଇଁ ୩ ଦିନ ଧରି ଏହାକୁ ସଂରକ୍ଷଣ ଗୃହରେ ରଖାଯାଇଛି ବୋଲି ଏସ୍ଆଇ ବେହେରା କହିଛନ୍ତି।

### ■ଚର୍ଚ୍ଚାରେ ଗୋପାଳପୁର କଲେଜ ବାଣିଜ୍ୟ ବିଭାଗ

# କଟ୍ଅଫ୍‌ରେ ଟପ୍ପର, ନାମଲେଖା ଶୂନ

ବ୍ରହ୍ମପୁର ଅଫିସ,୧୧।୭

ଗଞ୍ଜାମ ଜିଲାର ଅନ୍ୟତମ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଭିତରେ ଗୋଟିଏ ହେଲା ଗୋପାଳପୁର କଲେଜ । କେବଳ ଆଖପାଖ ଅଞ୍ଚଳ ନୁହଁ, ଏକଦା ଏହି ଶିକ୍ଷାନୁଷ୍ଠାନ ଉପରେ ବ୍ରହ୍ମପୁର ସହରର ଛାତ୍ରୀଛାତ୍ରମାନେ ମଧ୍ୟ ନିର୍ଭର କରୁଥିଲେ । ହେଲେ ଚିତ୍ର ଏବେ ଭିନ୍ନ। କ୍ରମାଗତ ଭାବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି । ଉଚ୍ଚ ଶିକ୍ଷା ବିଭାଗର ଅବହେଳା ଯୋଗୁ ମାନ ହରାଉଛି ଗୋପାଳପୁର କଲେଜ । ତେବେ ଚଳିତ ବର୍ଷ ଯୁକ୍ତ ୨ ନାମଲେଖା ବେଳେ ହଠାତ୍ ଏହି କଲେଜ ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। କାରଣ ବାଣିଜ୍ୟରେ ରାଜ୍ୟରେ ସର୍ବାଧିକ କଟ୍ଅଫ୍ ମାର୍କ ରଖିଥିଲା ଏହି କଲେଜ। ରାଜ୍ୟର ଅନେକ ଆଗୁଆ କଲେଜଗୁଡ଼ିକୁ ପଛରେ ପକାଇ ଦେଇଥିଲା । ହେଲେ ଆଶ୍ଚର୍ଯ୍ୟର ବିଷୟ, ବାଣିଜ୍ୟ ବିଷୟର କଟ୍ଅଫ୍ ମାର୍କରେ ରାଜ୍ୟରେ ଟପ୍ପର ହୋଇଥିବା ଏହି କଲେଜରେ କେହି ଜଣେ ହେଲେ ନାମ ଲେଖାଇ ନାହାନ୍ତି ।

ଗତ ୨ ତାରିଖରେ ଚଳିତ ବର୍ଷ ଯୁକ୍ତ ଦୁଇ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା । କଳା ବିଷୟରେ ୭୧.୧୭ପ୍ରତିଶତ ମାର୍କ ସହ ଭୁବନେଶ୍ୱର ବିଜେବି କଲେଜ ରାଜ୍ୟରେ ଟପ୍ପର୍ ହୋଇଥିଲା। ସେହିଭଳି ୯୦ପ୍ରତିଶତ ମାର୍କ ସହ ଟପ୍ପର ହୋଇଥିଲା ରେଭେନ୍ସା କଲେଜ । ହେଲେ ବାଣିଜ୍ୟ ବିଷୟର କଟ୍ଅଫ୍‌କୁ ନେଇ ରାଜ୍ୟବ୍ୟାପି ଚର୍ଚ୍ଚା ସୃଷ୍ଟି ହୋଇଥିଲା । କାରଣ ଭୁବନେଶ୍ୱର, କଟକ କିମ୍ବା ରାଜ୍ୟର କୌଣସି ବଡ଼ ସହରର ବଡ଼ କଲେଜ ନୁହଁ, ବରଂ ଗୋପାଳପୁର କଲେଜ ଥିଲା ଶୀର୍ଷରେ। ଏହି କଲେଜରେ ବାଣିଜ୍ୟ ବିଷୟରେ କଟ୍ଅଫ୍ ମାର୍କ ୮୦.୬୦ପ୍ରତିଶତ। ଏପରିକି ରେଭେନ୍ସା କଲେଜ ଏବଂ ବିଜେବି ଜୁନିୟର୍ କଲେଜ ମଧ୍ୟ ପଛରେ ପଡ଼ି ଯାଇଥିଲା। ରେଭେନ୍ସାରେ ବାଣିଜ୍ୟରେ ବିଷୟରେ କଟ୍ଅଫ୍ ମାର୍କ ୭୬ପ୍ରତିଶତ ଏବଂ ବିଜେବି ଜୁନିୟର୍ କଲେଜରେ ରହିଥିଲା ୭୩.୩୩ପ୍ରତିଶତ। ତେବେ ଗୋପାଳପୁର କଲେଜ କାହିଁକି ହଠାତ୍ ଶୀର୍ଷସ୍ଥାନକୁ ଗଲା, ତାକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଥିଲା । କିନ୍ତୁ ଏହା ପଛର କାରଣ ଅଧିକ ରୋଚକ। ଏହି କଲେଜରେ ବାଣିଜ୍ୟ ବିଷୟରେ ରହିଛି ୧୯୨ ସିଟ୍ । କିନ୍ତୁ ଚଳିତ ଥର ମାତ୍ର ଗୋଟିଏ ଆବେଦନପତ୍ର ପଡ଼ିଥିଲା ।



■ନାମ ଲେଖାଇଲେନି ଜଣେ ମାତ୍ର ଆବେଦନକାରୀ

■ବାଣିଜ୍ୟ ବିଷୟରେ ରାଜ୍ୟରେ ଥିଲା ସର୍ବାଧିକ କଟ୍ଅଫ୍ ମାର୍କ

■କ୍ରମାଗତ ଭାବେ କମୁଛି ଛାତ୍ରୀଛାତ୍ରଙ୍କ ସଂଖ୍ୟା

ଗୋପାଳପୁରର ହିଁ ଜଣେ ଛାତ୍ରୀ ଆବେଦନ କରିଥିଲେ । ତାଙ୍କର ମାର୍କ ରହିଥିଲା ୮୦.୬୦ପ୍ରତିଶତ । ଗୋଟିଏ ଆବେଦନପତ୍ର ପଡ଼ିଥିବା ଯୋଗୁ, ତାହା ହିଁ ହୋଇଥିଲା କଟ୍ଅଫ୍ ମାର୍କ । ଯାହା କି ପରବର୍ତ୍ତୀ ସମୟରେ ରାଜ୍ୟରେ ସର୍ବାଧିକ କଟ୍ଅଫ୍ ମାର୍କ ବୋଲି ଜଣାପଡ଼ିଥିଲା। ତେବେ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଯାଇଛି । କିନ୍ତୁ ସେହି ଛାତ୍ରୀ ଜଣକ ନାମଲେଖାଇ ନାହାନ୍ତି । ଫଳରେ ସମସ୍ତ ସିଟ୍ ଖାଲିପଡ଼ିଛି । ଯେହେତୁ ଆଉ କେହି ଆବେଦନ କରିନାହାନ୍ତି, ଏଣୁ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ କେହି ନାମ ଲେଖାଇବେ ନାହିଁ । କେବଳ ସ୍ପଟ୍ ଆଡମିଶନ୍ ଉପରେ ଭରସା କରିଛନ୍ତି କଲେଜ କର୍ତ୍ତୃପକ୍ଷ ।

ତେବେ କେବଳ ଚଳିତ ବର୍ଷ ନୁହଁ, ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ଏହି କଲେଜରେ ନାମଲେଖା ନୈରାଶ୍ୟ ଜନକ ରହିଥିଲା । ୨୦୧୮ ରେ ମାତ୍ର ୩ ଜଣ ନାମ ଲେଖାଇଥିଲେ । ସେହିଭଳି ୨୦୧୭ରେ ୬ଜଣ, ୨୦୧୬ରେ ୧୦, ୨୦୧୫ରେ ୨୧, ୨୦୧୪ରେ ୮୧, ୨୦୧୩ରେ ୭୪, ୨୦୧୨ରେ ୬୯ ଏବଂ ୨୦୧୧ରେ ୭୦ଜଣ ନାମ ଲେଖାଇଥିଲେ । କ୍ରମାଗତ ଭାବେ ସବୁ ବର୍ଷ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମୁଛି ।

ଏନେଇ କଲେଜ ଅଧ୍ୟକ୍ଷ ରମାକାନ୍ତ ଚୌଧୁରୀଙ୍କ ସହ ଯୋଗାଯୋଗ କରାଯାଇଥିଲା । ତାଙ୍କ କହିବାନୁଯାୟୀ, ଚଳିତ ବର୍ଷ ମାତ୍ର ଜଣେ ଛାତ୍ରୀ ହିଁ ନାମ ଲେଖାଇବାକୁ ଆବେଦନ କରିଥିଲେ । କିନ୍ତୁ ସେ ନାମଲେଖାଇ ନାହାନ୍ତି। ଏଣୁ ସମସ୍ତ ସିଟ୍ ଖାଲି ପଡ଼ିଛି । ପୂର୍ବରୁ କମ୍ ସଂଖ୍ୟକ କଲେଜ ଥିବା ଯୋଗୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ନାମ ଲେଖାଇଥିଲେ । ଏବେ ବହୁ ସଂଖ୍ୟାରେ ଘରୋଇ ଏବଂ ଆବାସିକ କଲେଜ ଖୋଲିଗଲାଣି । ସେହିଭଳି ସରକାରୀ କଲେଜଗୁଡ଼ିକରେ ମଧ୍ୟ ସିଟ୍ ସଂଖ୍ୟା ବଢ଼ିଛି । ସେଥିପାଇଁ ଗୋପାଳପୁରକୁ ଆସି ପାଠ ପଢ଼ିବା ପାଇଁ ବାହାର ଅଞ୍ଚଳର ଛାତ୍ରୀଛାତ୍ରମାନେ ସେତେଟା ପସନ୍ଦ କରୁନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି ।

## ସିଜେଏମ୍‌ଙ୍କ ପୁରୁଷୋତ୍ତମପୁର କୋର୍ଟ ପରିଦର୍ଶନ

ପୁରୁଷୋତ୍ତମପୁର ୧୧।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତକୁ ଜିଲା ମୁଖ୍ୟ ବିଚାରପତି (ସିଜେଏମ୍) ପ୍ରଜ୍ଞା ପରମିତା ରାଉଳ ପରିଦର୍ଶନରେ ଆସିଥିଲେ। ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀ ବିଭିନ୍ନ ମାମଲାର ବିଚାର କରୁଥିବାବେଳେ ତାର ତଦାରଖ କରିଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମ ସୋମବାରରୁ ଚାଲିଥିବାବେଳେ ଗୁରୁବାର ଶେଷ ହୋଇଛି। ଏହି ଅବସରରେ ମୁଖ୍ୟ ବିଚାରପତିଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଓକିଲ ସଂଘ ସଭାପତି ଜଗନ ମୋହନ ପଟ୍ଟନାୟକ, ସମ୍ପାଦକ ପ୍ରଭାତ କୁମାର ପଟ୍ଟନାୟକ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ଗୌଡ, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ଅରୁଣ କୁମାର ପଣ୍ଡା, ସ୍ୱରାଜ୍ୟ ପାଣିଗ୍ରାହୀ, ରମାରଞ୍ଜନ ଦାଶ, ଲଡୁକିଶୋର ପଣ୍ଡା, ଅକ୍ଷୟକୁମାର ବେହେରାଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଇନରହ୍ୱିଲ୍ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ




ନୂତନ ପଦାଧିକାରୀମାନେ ଦାୟିତ୍ୱ ଗ୍ରହଣ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧୧।୭

ବ୍ରହ୍ମପୁର ଇନରହ୍ୱିଲ୍ କ୍ଲବର ଅଧିଷ୍ଠାନ ଉତ୍ସବ ବୁଧବାର ସନ୍ଧ୍ୟାରେ ପ୍ରେମନଗରସ୍ଥିତ ରୋଟାରି କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ପଦାଧିକାରୀମାନେ ଶପଥ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭବେ ଗୋପାଳପୁର ମିଲିଟାରୀ ଷ୍ଟେଶନ ପରିବାର କଲ୍ୟାଣ ସଂଗଠନ ଅଧ୍ୟକ୍ଷା ଅନୀତା ଯାଦବ ଏବଂ ସମ୍ମାନିତ ଅତିଥି ଭାବେ ରମଣିନ୍ଦାର ଭାଟିଆ ଯୋଗ ଦେଇଥିଲେ। ନୂତନ ସଭାନେତ୍ରୀ ସୋନାଲି ହାଜରା, ସମ୍ପାଦିକା ଅନୀତା ଦାସ, ଉପସଭାନେତ୍ରୀ ପି.ଆଶା ରାଣୀ, ଯୁଗ୍ମ ସମ୍ପାଦିକା ୟୁ.ଜାନକୀ ପାତ୍ର, ପୂର୍ବତନ ସଭାନେତ୍ରୀ ଜେ.ସରିତା, ବନ୍ଦିତା ତ୍ରିପାଠୀ, କୋଷାଧ୍ୟକ୍ଷା ଜେ.ଗାୟତ୍ରୀ ରାଣୀ, ଏଡିଟର୍ ଜେ.ଶ୍ରାବଣୀ, କୋ-ଏଡିଟର୍ ଭି.ଅପର୍ଣ୍ଣା, ପିଆର୍ଓ ରତ୍ନମଣି କଟନ୍, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ସୁଜ୍ଞାନୀ ସେନାପତି, ୱାଇ.ସୋନୀ, ମିଶନ୍ ମମତାର ଜେ.ସୁଧାରାଣୀ ଏବଂ ଉପଦେଷ୍ଟା ସଂଯୁକ୍ତା ସାହୁ ଉପସ୍ଥିତ ଥିଲେ। ଏହି ନୂତନ ପଦାଧିକାରୀମାନେ ଶପଥ ଗ୍ରହଣ କରିଥିଲେ। ଆସନ୍ତା ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ବାଇକ୍ ଧକ୍କାରେ ହୋଟେଲ କର୍ମଚାରୀ ମୃତ

ଦିଗପହଣ୍ଡି,୧୧।୭(ଡି.ଏନ.ଏ.)

ବୁଧବାର ବିଳମ୍ବିତ ରାତିରେ ଦିଗପହଣ୍ଡି ପୁଞ୍ଜିକୟା ଛକ ନିକଟ ମୁଖ୍ୟ ରାସ୍ତାରେ ଏକ ବାଇକ୍ ଧକ୍କା ଦେବା ଫଳରେ ଜଣେ ହୋଟେଲ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଫୁଲସୁନ୍ଦରୀ ସାହି ବାସିନ୍ଦା ଚେରୁ ବେହେରା। ରାତି ପ୍ରାୟ ସାଢ଼େ ୯ ଟାରେ ଚେରୁ ହୋଟେଲ କାମସାରି ମୁଖ୍ୟରାସ୍ତା ପାର ହେଉଥିବା ସମୟରେ ଏକ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ହୋଟେଲ ମାଲିକ ଓ ଅନ୍ୟ କର୍ମଚାରୀମାନେ ଚେରୁଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲ। ରାତି ପ୍ରାୟ ୧୧ଟାରେ ଚିକିତ୍ସାଧୀନ ଅବସ୍ଥାରେ ଚେରୁଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଗୁରୁବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ■ଆୟଠାରୁ ୩୪୦% ଅଧିକ ସମ୍ପତ୍ତି

## ଜେଲ ଗଲେ କୋଟିପତି ସରପଞ୍ଚ

ବ୍ରହ୍ମପୁର ଅଫିସ,୧୧।୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ସରପଞ୍ଚ ତଥା ବିଜେଡି ନେତା ଉଷାନ୍ତ କୁମାର ସାହୁଙ୍କୁ ଗୁରୁବାର ବ୍ରହ୍ମପୁର ଭିଜିଲାନ୍ସ ଗିରଫ କରିଛି । ମାମଲା ନଂ ୧୬/୧୯ରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ସରପଞ୍ଚଙ୍କ ଆୟ ବହିର୍ଭୂତ ସମ୍ପତ୍ତି ମୂଲ୍ୟ ୧ କୋଟି ୫୪ ଲକ୍ଷ ୫୬ ହଜାର ୬୪୩ ଟଙ୍କା ଆକଳନ କରାଯାଇଛି । ସରପଞ୍ଚଙ୍କ ଆୟ ତୁଳନାରେ ଶତକଡ଼ା ୩୪୦ ପ୍ରତିଶତ ସମ୍ପତ୍ତି ଠୁଳ ଥିବା ଭିଜିଲାନ୍ସ ବିଭାଗ ତରଫରୁ ଆକଳନ କରାଯାଇଥିଲା ବୋଲି ସେ କହିଛନ୍ତି । ବୁଧବାର ସରପଞ୍ଚଙ୍କ ବାସଭବନରେ ଚଢ଼ାଉ ବେଳେ ତାଙ୍କ ଠାକୁର ଘରୁ ମିଳିଥିବା ଏକ ମାଉଜର ଓ ୬ ରାଉଣ୍ଡ ଗୁଳି ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଜବତ କରିଥିଲେ। ତେବେ ଏହା ସେ ବେଆଇନ ଭାବେ ଘରେ ରଖିଥିବା ଜଣାପଡ଼ିବା ପରେ ଏନେଇ ଦିଗପହଣ୍ଡି ଥାନାଧିକାରୀଙ୍କୁ ଭିଜିଲାନ୍ସ ବିଭାଗ ତରଫରୁ ଅଭିଯୋଗ କରାଯାଇଥିବା ଏସ୍‌ପି ସ୍ୱାଇଁ କହିଛନ୍ତି । ପ୍ରକାଶ ଯେ, ବୁଧବାର ଭୋର ପ୍ରାୟ ୫ଟାରେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତାଙ୍କ ବାସଭବନରୁ ଏକ ମାଉଜର, ୬ ଗୁଳି, ସୁନା ଅଳଙ୍କାର, ରୁପା ଅଳଙ୍କାର, ୪ ବାସଗୃହ, ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ୩ ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା, ୧୫ ଲକ୍ଷ ଟଙ୍କା ମୂଲ୍ୟର ୧୪ ପ୍ଲଟ, ୩୦ ଲକ୍ଷ ଟଙ୍କା ମୂଲ୍ୟର ୨ଟି ୪ ଚକିଆ ଗାଡ଼ି, ୨ଟି ବାଇକ୍, ଏଲଆଇସି ଓ ବିଭିନ୍ନ ବ୍ୟାଙ୍କରେ ଥିବା ସ୍ଥାୟୀ ଜମା ନଥିପତ୍ର, ନଗଦ ୪୦,୬୦୦ ଟଙ୍କା ପ୍ରଭୃତି ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ସ୍ୱାଇଁ କହିଛନ୍ତି। ବ୍ରହ୍ମପୁର ଭିଜିଲାନ୍ସ ଡିଏସ୍‌ପି ଏସ୍.ଏନ୍. ପାଣିଗ୍ରାହୀ, ଇନ୍ସପେକ୍ଟର କୁମୁଦିନୀ ସାହୁ ଓ ସୋମନାଥ ବାରିକ ପ୍ରମୁଖ ସରପଞ୍ଚଙ୍କ ଦିଗପହଣ୍ଡି ବ୍ଲକ ନବରଙ୍ଗପୁର ଗ୍ରାମର ପୈତୃକ ଘର, ରାଜପୁର ଗ୍ରାମରେ ଥିବା ୧ ମହଲା ଘର, ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପ୍ରଭୃତି ୬ଟି ଜାଗାରେ ଚଢ଼ାଉ କରିଥିଲେ ।

### ପଣ୍ଡା କଲୋନୀରେ ଗଣ୍ଡଗୋଳ ଘଟଣା

## ଜଣେ ଗିରଫ, ୪ ଫେରାର

ବ୍ରହ୍ମପୁର ଅଫିସ,୧୧।୭

ସହରରେ କିଛିଦିନ ହେଲା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ପୋଲିସକୁ ଚ୍ୟାଲେଞ୍ଜ ଦେଇ ଅପରାଧୀମାନେ ଆତଙ୍କରାଜ ଚଳାଇଛନ୍ତି । ବୁଧବାର ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀରେ ସଂଗଠିତ ଆତଙ୍କରାଜ, ଆକ୍ରମଣ ଓ ଗାଡ଼ି ପୋଡ଼ି ଘଟଣାରେ ପୋଲିସ ଜଣେ ଛାତ୍ରଙ୍କୁ ଗିରଫ କରିଛି। ସେ ହେଲେ ଶିଳ୍ପାଞ୍ଚଳସ୍ଥିତ କୁମ୍ଭାରପଲ୍ଲୀର ସୁମନ ନାୟକ (୧୯)। ନଂ ୧୩୧/୧୯ରେ ସୁମନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି । ଏହି ଘଟଣାରେ ପଣ୍ଡା କଲୋନୀରେ ରହୁଥିବା ରାଜା ମିଶ୍ରଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି । ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି ।

ପ୍ରକାଶ ଯେ, ଗତ ୨ ତାରିଖରେ ଗଣ୍ଡଗୋଳ ମାମଲାର ସମାଧାନ କରିବା ପାଇଁ କରାପଲ୍ଲୀର ରାଜେନ୍ଦ୍ର ନାୟକ ଓ ସହଯୋଗୀଙ୍କୁ ବୁଧବାର ରାତିରେ ରାଜା ମିଶ୍ର ଘରକୁ ଡ଼ାକିଥିଲେ। ସେମାନେ ପହଞ୍ଚିବା ବେଳେ ରାଜା ଓ ତାଙ୍କ ସହଯୋଗୀମାନେ ଖଣ୍ଡା ଓ ମାରଣାସ୍ତ୍ର ଧରି ରାଜେନ୍ଦ୍ର ଓ ତାଙ୍କ ସମର୍ଥକଙ୍କୁ ଆକ୍ରମଣ କରିବାକୁ ବାହାରିଥିଲେ । ରାଜେନ୍ଦ୍ର ଓ ଅନ୍ୟମାନେ ବାଇକ୍ ଛାଡ଼ି ଚାଲି ଯାଇଥିବା ବେଳେ ଦୁର୍ବୃତ୍ତମାନେ ରାଜେନ୍ଦ୍ରଙ୍କୁ କାବୁ କରି ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ଘଟଣାସ୍ଥଳରେ ଥିବା ୪ ବାଇକ୍‌କୁ ପୋଡ଼ି ଦେଇଥିଲେ । ଖବର ପାଇ ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସାଦ ଦାସ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତିଙ୍କ ସମେତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଅଞ୍ଚଳରେ ଲାଗି ରହିଥିବା ଉତ୍ତେଜନାକୁ ପ୍ରତିହତ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ବୁଧବାର ବିଳମ୍ବିତ ରାତିରେ ପୋଲିସ ସୁମନ ନାୟକଙ୍କୁ ଧରିଥିଲା ବୋଲି କହିଛି।

## ଏଆଇଡିୱାଇଓର ଆନ୍ଦୋଳନ ଚେତାବନୀ

ବ୍ରହ୍ମପୁର ଅଫିସ,୧୧।୭

ରେଲୱେରେ ୩୫ ହଜାର ନନ୍ ଟେକ୍‌ନିକାଲ ପଦବୀ ଖାଲି ପଡ଼ିଛି । ଚାକିରି ପାଇବା ଆଶାରେ କୋଟିଏରୁ ଊର୍ଦ୍ଧ୍ୱ ବେକାର ଯୁବତୀ ଓ ଯୁବକ ଆବେଦନ କରିଛନ୍ତି । ଫେବୃୟାରୀରେ ସାକ୍ଷାତ୍‌କାର ହେବାର ଘୋଷଣା କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ହୋଇ ନ ଥିବାରୁ ଅଲ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ (ଏଆଇଡିୱାଇଓ) ବ୍ରହ୍ମପୁର ଲୋକାଲ କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ତୁରନ୍ତ ସାକ୍ଷାତ୍‌କାର କରାଯିବା ସହ କୃତକାର୍ଯ୍ୟମାନଙ୍କୁ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି। ଏହି ମର୍ମରେ ପୂର୍ବତଟ ରେଲୱେ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଆଇଡିୱାଇଓ ରାଜ୍ୟ ସଭାପତି ବିଜୟାନନ୍ଦ ମଲିକ, ସମ୍ପାଦକ କେଦାରନାଥ ସାହୁ, ମାନସ ପାଲ, କାର୍ତ୍ତିକ ଚନ୍ଦ୍ର ମହାନ୍ତ, ଅକ୍ଷୟ ପଣ୍ଡା ଓ ଚୈତନ୍ୟ ମହାରଣା ଗୁରୁବାର ଏଠାରେ କହିଛନ୍ତି, ସାକ୍ଷାତ୍‌କାର ସ୍ଥାନ ଓ ସମୟ ନିର୍ଘଣ୍ଟ ତୁରନ୍ତ ପ୍ରକାଶ କରାଯାଉ। ଅଧିକ ବିଳମ୍ବ ହେଲେ ଏହାର ପ୍ରତିବାଦରେ ଏଆଇଡିୱାଇଓ ଆବେଦନକାରୀଙ୍କୁ ମେଳି କରି ଆନ୍ଦୋଳନକୁ ତୀବ୍ର କରିବାର ଚେତାବନୀ ସହ ଏଥିପାଇଁ ରେଲୱେ କର୍ତ୍ତୃପକ୍ଷ ଦାୟୀ ହେବାର ସ୍ପଷ୍ଟ କରି ଦିଆଯାଇଛି ।

## ସଂକ୍ଷେପରେ



କୋର୍ଟପେଟା ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ବୌଦ୍ଧ ଓ କଲ୍‌କୀ ଅବତାର।



ଗୋଷାଣୀନୂଆଗାଁ ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ବୌଦ୍ଧ ଓ କଳକୀ ଅବତାର । (ଫଟୋ: ସମୀର)




ଶ୍ରୀକ୍ଷେତ୍ରରେ ଗଞ୍ଜାମର ବ୍ରହ୍ମାନନ୍ଦ ଆଚାର୍ଯ୍ୟ ଘରଚଟିଆ ଓ ପରିବେଶ ସୁରକ୍ଷା ନେଇ ସଚେତନତା ବାର୍ତ୍ତା ଦେଉଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ମହିଳାଙ୍କୁ ଗଣବଳାତ୍କାର

## ସରପଞ୍ଚଙ୍କ ସ୍ୱାମୀ, ସହଯୋଗୀଙ୍କ ବିରୋଧରେ ଅଭିଯୋଗ

**ରାଉରକେଲା ଅଫିସ,୧୧।୭** ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ଗ୍ରାମର ଜଣେ ମହିଳାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଗଣବଳାତ୍କାର କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଘଟଣାରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି । ପୋଲିସ ଏକ ମାମଲା (ନଂ. ୬୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁସାରେ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ଗତ ୭ ତାରିଖରେ ଚାଉଳ ନେବାକୁ ମହିଳାଙ୍କୁ ପଞ୍ଚାୟତ ଅଫିସକୁ ଡାକିଥିଲେ। ସେତେବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଦୁଇବ୍ୟକ୍ତିଙ୍କ ବ୍ୟତୀତ ଆଉ କେହି ନ ଥିଲେ। ଯୋଜନାବଦ୍ଧ ଭାବେ ସେମାନେ ମହିଳାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଡାକି ନେଇ ବଳାତ୍କାର କରିଥିଲେ। ମହିଳା ଜଣକ ପ୍ରତିବାଦ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ପୀଡ଼ିତା ଲୋକଲଜ୍ଜା ଭୟରେ ମୁହଁ ବନ୍ଦ ରଖି ଘରକୁ ଫେରି ଆସିଥିଲେ। ସାମାଜିକ ବାସନ୍ଦ ଡରରେ ସେ ନିଜ ସ୍ୱାମୀଙ୍କୁ ମଧ୍ୟ ଏ ନେଇ କିଛି କହି ନ ଥିଲେ। ଘଟଣାର ସୁରାକ ପାଇ ମହିଳାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ଏପରି ଅବସ୍ଥାରେ ମହିଳା ମନରେ ସାହସ ସଞ୍ଚୟ କରି ଗୁରୁବାର ସକାଳେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଛି। ତେବେ ମହିଳା ଏ ନେଇ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିନାହାନ୍ତି। ତାଙ୍କ ବୟାନ ରେକର୍ଡ କରାଯାଇଛି। ଶୁକ୍ରବାର ତାଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସ କହିଛି।

# ନାବାଳିକାଙ୍କ ବିବାହ ରୋକିଲା ଡିସିପିୟୁ

**ବରଗଡ଼ ଅଫିସ,୧୧।୭:** ଛତିଶଗଡ଼ ଅଞ୍ଚଳର ଜଣେ ଯୁବକଙ୍କ ସହିତ ଶୁକ୍ରବାର ବରଗଡ଼ ଜିଲା ଭେଡ଼େନ ଥାନା ଲୁପୁରସିଂହା ଅଞ୍ଚଳର ଜଣେ ନାବାଳିକା (୧୪)ଙ୍କ ବିବାହ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇ ସାରିଥିଲା । ଏ ନେଇ ଖବର ପାଇବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)ର ପ୍ରତିନିଧିମାନେ ବୁଧବାର ସମ୍ପୃକ୍ତ ନାବାଳିକାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରି ବିବାହ ରୋକିବାରେ ସଫଳ ହୋଇଛନ୍ତି ।

ପ୍ରକାଶ ଯେ, ସମ୍ପୃକ୍ତ ନାବାଳିକା ଦଶମ ଶ୍ରେଣୀର ଛାତ୍ରୀ ଥିଲେ । ଛତିଶଗଡ଼ ରାଜ୍ୟ ବିଳାସପୁର ଜିଲା ସାଗର ଗ୍ରାମର ଜଣେ ଯୁବକଙ୍କ ସହିତ ତାଙ୍କର ବିବାହ ଠିକ୍ ହେବାରୁ ଗତ ଜୁନ୍ ମାସରୁ ସେ ଆଉ ସ୍କୁଲକୁ ଯାଉ ନ ଥିଲେ । ଶୁକ୍ରବାର ବିବାହ ଲଗ୍ନ ଧାର୍ଯ୍ୟ ହୋଇଥିବା ନେଇ ଖବର ପାଇବା ପରେ ଭେଡ଼େନ ସିଡିପିଓ ଝୁନୁ କୁମାରୀ ପାତ୍ର ବରଗଡ଼ ଡିସିପିଓ ମଞ୍ଜୁ ଏକ୍କାଙ୍କୁ ସୂଚନା ଦେଇଥିଲେ । ଏହାପରେ ଡିସିପିଓ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୋସିଆଲ ୱାର୍କର ବବିତା ରାଉତ ବୁଧବାର ସମ୍ପୃକ୍ତ ନାବାଳିକାଙ୍କ ଘରେ ପହଞ୍ଚିଥିଲେ । ସୋସିଆଲ ୱାର୍କର ରାଉତ୍ ଭେଡ଼େନ ସିଡ଼ିପିଓ ପାତ୍ର, ସୁପରଭାଇଜର ଅନୀତା ପୁରୋହିତ, ପ୍ରୀତିପ୍ରଭା ପ୍ରିୟଦର୍ଶିନୀ, ସ୍ଥାନୀୟ ସରପଞ୍ଚ ସସ୍ମିତା ସୁନା ପ୍ରମୁଖଙ୍କ ସହିତ ସମ୍ପୃକ୍ତ ନାବାଳିକାଙ୍କ ପରିବାର ଲୋକଙ୍କୁ ନାବାଳିକା ବିବାହର କୁପରିଣାମ ଉପରେ ବୁଝାଶୁଝା କରାଯାଇଥିଲା । ଫଳରେ ନାବାଳିକାଙ୍କ ବିବାହରୁ ଓହରିଯିବା ପାଇଁ ପରିବାର ଲୋକେ ସହମତି ପ୍ରକାଶ କରିଥିଲେ । ବରଗଡ଼ ଶିଶୁ ସୁରକ୍ଷା ସମିତି (ସିଡବ୍ଲୁସି)କୁ ଆସିବା ପାଇଁ ରାଉତ ପରାମର୍ଶ ଦେଇଥିଲେ । ଫଳରେ ନାବାଳିକା ଝିଅକୁ ଧରି ପରିବାର ଲୋକେ ଗୁରୁବାର ସିଡବ୍ଲୁସିକୁ ଆସିଥିଲେ । ସିଡବ୍ଲୁସି କର୍ତ୍ତୃପକ୍ଷ ମଧ୍ୟ ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ ।


**OFFICE OF THE EXECUTIVE ENGINEER, BURLA IRRIGATION DIVISION, BURLA**
**PHONE NO.0663 – 2430445** No. 130-A
**E-mail id – sambalpurirrigation@rediffmail.com**

Corrigendum No. 1 to 'e' Tender Call Notice No. BID-02/2019-20 (Online)

| | | | |
|---|---|---|---|
| 1. | Date and Time of availability of Bid Document in the Portal | : | Dt: 12.07.2019 at 11.00 AM TO Dt: 22.07.2019 up to 5.30 PM. |
| 2. | Last Date / Time for receipt of Bids in the Portal | : | Dt: 22.07.2019 up to 5.30 PM. |

All other Terms & Conditions remains unaltered.

Executive Engineer,
Burla Irrigation Division, Burla

32129/11/0006/1920

**OFFICE OF THE CHIEF DISTRICT MEDICAL OFFICER**
**DISTRICT PROGRAMME MANAGEMENT UNIT**
**NABARANGPUR**
**Email:- dhionab@gmail.com**
Letter No.5264 Date: 11.07.19

**CORRIGENDUM**

Referring to the tender notice vide No.5089 dtd. 05.07.2019 published in the Sambad & Dharitri on dated 06.07.2019. The format for Financial Bid for supply of Food is available in the website **(www.nabarangpur.nic.in)** for necessary attention and action. Earlier the same was not in the website. Interested Food Supplier may apply in the said financial format only. All other terms and conditions remain unaltered.

Sd./-
CDM & PHO, Nabarangpur

**CERTIFICATE (OPDR) CASE NO.2/2012**
FORM - Y
**NOTICE TO SHOW CAUSE WHY A WARRANT OF ARREST SHOULD NOT ISSUE (SEE SECTION 37(1)**
**In the Court of Certificate Officer-cum-Collector, Balasore**

To
**Sri Sridhar Panda**
S/o.- Late Sukadev Panda Proprietor M/S Mahalaxmi Rice Mill, Ada, At/Po :- Ada, PS-Simulia, Dist.-Balasore

Where as you have failed to satisfy Certificate No.2 of 2012 for Rs.1,59,04,311/- and it is proposed to execute the above Certificate by arrest and imprisonment of your person.

You are hereby required to appear before this court on the day of 31.07.2019 at 3 P.M. and to show cause why you should not be committed to the Civil Prison in execution of the said certificate.

Given under my hand and seal at......... this 22nd day of June 2019.

Sd./- Certificate Officer-cum-Collector
Balasore

ପଞ୍ଚାୟତ ସମିତି, ମାଲକାନଗିରି
PANCHAYAT SAMITI, MALKANGIRI
Dist.: MALKANGIRI Pin : 764048 Ph. No.:06861-231219 Fax 06861-231219

[illegible]

ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

[illegible]

ପତ୍ରସଂଖ୍ୟା– ୧୦୪୧ **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୀରମହାରାଜପୁର** ତାରିଖ: ୦୩।୦୭।୨୦୧୯

ଏତଦ୍ୱାରା ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୨୦୧୮–୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଓ ଜାତୀୟ ସହାୟତା କାର୍ଯ୍ୟକ୍ରମ ଯୋଜନା (NSAP)ର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀମତେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସଭାରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ୧ ତାରିଖ ଏପ୍ରିଲ ମାସ ୨୦୧୮ ମସିହାଠାରୁ ୩୧ ତାରିଖ ମାର୍ଚ୍ଚ ମାସ ୨୦୧୯ ମସିହା ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମପଞ୍ଚାୟତ ଅଧିକାରୀ, VRP ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, MATE ଓ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବାକୁ ଅନୁରୋଧ କରାଗଲା।

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) NSAP | MGNREGS | ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି ବା ସାମାଜିକ ସମୀକ୍ଷା | ପଞ୍ଚାୟତ ଉପସ୍ଥିତରେ ଥିବା କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ/ ଗ୍ରାମରୋଜଗାର ସେବକ/ସେବିକା, ମେଟ ସମେତ ନିମ୍ନ ପଦାଧିକାରୀ ଯୋଗଦେବେ |
|---|---|---|---|---|---|
| ୧ | ଭଙ୍ଗୁଲା, ଭଟେସଂହା, ଘୁଚଲୟା, ପିତାମହଲ, କମିରା | ୧୫।୦୭।୧୯ରୁ ୧୮।୦୭।୧୯ | ୧୯।୦୭।୧୯ରୁ ୩୧।୦୭।୧୯ | ୩୧।୦୭।୧୯, ପୂ.୧୧.୦୦ | ଭଙ୍ଗୁଲା– BSSO, ଭଟେସଂହା– WEO, ଘୁଚଲୟା– APO, ପିତାମହଲ– MI, କମିରା– AEE |
| ୨ | ସଂଗ୍ରାମପୁର, ମୁରୁଣ୍ଡା, ଖଣ୍ଡହତା, ଲୁଟୁରପଙ୍କ, କେନଫେରିଆପାଲି | ୦୫।୦୮।୧୯ରୁ ୦୮।୦୮।୧୯ | ୦୯।୦୮।୧୯ରୁ ୨୨।୦୮।୧୯ | ୨୨।୦୮।୧୯, ପୂ.୧୧.୦୦ | ସଂଗ୍ରାମପୁର–BPM, ମୁରୁଣ୍ଡା–AEE, ଖଣ୍ଡହତା–WEO, ଲୁଟୁରପଙ୍କ-RWS & S-JE, କେନଫେରିଆପାଲି– GPEO |
| ୩ | ଦୁର୍ଗଲଟେଲା, ଶିଲୁଙ୍ଗ, ବାଗବର, ଚମ୍ପାପୁର | ୨୮।୦୮।୧୯ରୁ ୩୧।୦୮।୧୯ | ୦୪।୦୯।୧୯ରୁ ୧୮।୦୯।୧୯ | ୧୮।୦୯।୧୯, ପୂ.୧୧.୦୦ | ଦୁର୍ଗଲଟେଲା– APO, ଶିଲୁଙ୍ଗ– BPM, ବାଗବର– BSSO, ଚମ୍ପାମାଳ– WEO |
| ୪ | ବହଳପଦର | ୨୮।୦୮।୧୯ରୁ ୩୧।୦୮।୧୯ | ୦୪।୦୯।୧୯ରୁ ୧୮।୦୯।୧୯ | ୧୨।୦୯।୧୯, ପୂ.୧୧.୦୦ | ବହଳପଦର– Asst. MGNREGA |

ନିମ୍ନୋକ୍ତ ବିଷୟ ଉପରେ ଆଲୋଚନା କରାଯିବ: (୧) ଗ୍ରା.ପ. ଦ୍ୱାରା ମଷ୍ଟରରୋଲ ଗ୍ରହଣ କରାଯାଇଥିବା ରେଜିଷ୍ଟର। (୨) ଅଫିସରଙ୍କ ଦ୍ୱାରା ପ୍ରଦତ୍ତ ମଷ୍ଟରରୋଲ କ୍ରମିକ ସଂଖ୍ୟା ସହ ମେଳ ହେଉଛି କି ନାହିଁ। (୩) ମଷ୍ଟରରୋଲ ପ୍ରଦର୍ଶିତ ଜବକାର୍ଡ ନମ୍ବର ଅଣକୁଶଳୀ ଶ୍ରମିକର କି ନୁହେଁ। (୪) ମଷ୍ଟରରୋଲ ପ୍ରଦର୍ଶିତ କାର୍ଯ୍ୟଦିବସ ଅନୁସାରେ ମାପ ହୋଇଥିବା କାର୍ଯ୍ୟଦିବସ ଜବକାର୍ଡଗୁଡ଼ିକର ମଷ୍ଟରରୋଲ ଅନୁଯାୟୀ ଅଣକୁଶଳୀ, କୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ ଏବଂ ସମପରିମାଣରେ କାମ କରିଛନ୍ତି କି ନାହିଁ। ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୀରମହାରାଜପୁର

**BERHAMPUR MUNICIPAL COPORATION** No. 49-C

No. ୫୧୭୭ Date: 11/07/19

TENDER CALL NOTICE

Sealed Tenders are invited to be reached by Speed Post/ Registered Post only from reputed manpower agencies/ service providers for "Providing Services of Manpower for 2 years to BeMC " The detailed terms & conditions are available at our official website www.berhampur.gov.in. The Last date of receipt of tenders in this office by 06.08.2019 by 4.00 PM and will be opened on 07.08.2019 at 11.30 AM in the office chamber of undersigned.

The authority reserves the right to accept or reject any tender without assigning any reason thereof.

Commissioner
Berhampur Municipal Corporation

13035/11/0015/1920

# ପଞ୍ଚାୟତ ସମିତି, କୋରୁକୋଣ୍ଡା
## PANCHAYAT SAMITI, KORUKONDA
AT/P.O.: Korukonda, Dist.- Malkangiri, PIN - 764082 (ODISHA)
Tel./Fax No.: 06861-238211, E-mail: ori-korukunda@gramsat.nic.in

ବିଜ୍ଞାପନ ସଂଖ୍ୟା: /୧୯ ତା ୧୦।୭।୨୦୧୯ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧୀନରେ ଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ତଥା ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଦ୍ୱାରା ୨୦୧୮–୧୯ ଆର୍ଥିକ ବର୍ଷରେ Apr. 01 ଠାରୁ March 31 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (M.G.N.R.E.G.S.) and NSAPର ପ୍ରକଳ୍ପଗୁଡ଼ିକର ମଷ୍ଟରରୋଲର ସତ୍ୟାସତ୍ୟ ଉପରେ ତନଖି ଏବଂ ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଣୁ ଉକ୍ତ ଗ୍ରାମସଭାରେ ଗ୍ରାମବାସୀ, ନିର୍ବାଚିତ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ/ସଭ୍ୟା, ସମସ୍ତ ଗ୍ରାମର ତଦାରଖ କମିଟି ସଦସ୍ୟ/ସଦସ୍ୟାଗଣ ଏବଂ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ ନିଜ ନିଜର କାର୍ଯ୍ୟପତ୍ର ତଥା ସଞ୍ଚୟ ପାସ୍ ବହି ସହିତ ବହୁ ସଂଖ୍ୟାରେ ଯୋଗଦାନ କରିବା ନିମନ୍ତେ ଅନୁରୋଧ କରାଗଲା। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ବିଭିନ୍ନ ସଂସ୍ଥାମାନଙ୍କରେ କାର୍ଯ୍ୟ କରୁଥିବା ଅଧିକାରୀ (PD Watershed, Forest, Horticulture and OTELP) ଓ Mateମାନେ ପ୍ରକଳ୍ପଗୁଡ଼ିକର ସମସ୍ତ କାଗଜାତ୍ ସହ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ପ୍ରଚାର କରାଇବେ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| Sl. No. | Name of the Block | Name of the GP | Social Audit Starting Date | Social Audit Ending Date | Jansunwai/ Social Audit & GP Level | Date of Public Hearing |
|---|---|---|---|---|---|---|
| 1 | Korukonda | Potrel | 15.07.2019 | 25.07.2019 | 25.07.2019 | 25.09.2019 |
| 2 | | Old Chimitapalli | 15.07.2019 | 25.07.2019 | 25.07.2019 | |
| 3 | | Kamwada | 15.07.2019 | 25.07.2019 | 25.07.2019 | |
| 4 | | Somnathpur | 15.07.2019 | 25.07.2019 | 25.07.2019 | |
| 5 | | Nakamamudi | 15.07.2019 | 25.07.2019 | 25.07.2019 | |
| 6 | | Tarlakota | 29.07.2019 | 12.08.2019 | 13.08.2019 | |
| 7 | | Mariwada | 29.07.2019 | 12.08.2019 | 13.08.2019 | |
| 8 | | Nilakamberu | 29.07.2019 | 12.08.2019 | 13.08.2019 | |
| 9 | | Chitapari-III | 29.07.2019 | 12.08.2019 | 13.08.2019 | |
| 10 | | Korukonda | 19.08.2019 | 07.09.2019 | 07.09.2019 | |
| 11 | | Tumusapalli | 19.08.2019 | 07.09.2019 | 07.09.2019 | |
| 12 | | Dudameta | 19.08.2019 | 07.09.2019 | 07.09.2019 | |

| କ୍ର.ନଂ. | ତାରିଖ | ଗ୍ରା.ପ.ର ନାମ | ସମୟ | ସଭାରେ ଉପସ୍ଥିତ ହେବାକୁ ଥିବା ପ୍ରାଧିକୃତ ଅଧିକାରୀ |
|---|---|---|---|---|
| ୧ | ୨୫।୦୭।୨୦୧୯ | ପଟ୍ରେଲ | ପୂ୧୦.୦୦ଘ. | APO |
| ୨ | | ପୁରୁଣା ଚିମିଟାପାଲ୍ଲୀ | ପୂ୧୦.୦୦ଘ. | WEO |
| ୩ | | କାମୱାଡ଼ା | ପୂ୧୦.୦୦ଘ. | BSSO |
| ୪ | | ସୋମନାଥପୁର | ପୂ୧୦.୦୦ଘ. | MI |
| ୫ | | ନାକାମାମୁଡ଼ି | ପୂ୧୦.୦୦ଘ. | BDO |
| ୬ | ୧୩।୦୮।୨୦୧୯ | ତର୍ଲାକୋଟା | ପୂ୧୦.୦୦ଘ. | WEO |
| ୭ | | ମାରିୱାଡ଼ା | ପୂ୧୦.୦୦ଘ. | BLO |
| ୮ | | ନୀଳକାମ୍ବେରୁ | ପୂ୧୦.୦୦ଘ. | APO |
| ୯ | | ଚିତାପାରି–୩ | ପୂ୧୦.୦୦ଘ. | BSSO |
| ୧୦ | ୦୭।୦୯।୨୦୧୯ | କୋରୁକୋଣ୍ଡା | ପୂ୧୦.୦୦ଘ. | C.P |
| ୧୧ | | ତୁମୁଷାପାଲ୍ଲୀ | ପୂ୧୦.୦୦ଘ. | AE |
| ୧୨ | | ଡୁଡାମେଟା | ପୂ୧୦.୦୦ଘ. | GPEO |

ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ
M.G.N.R.E.G.S., କୋରୁକୋଣ୍ଡା ପଞ୍ଚାୟତ ସମିତି

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଖରିଫ-୨୦୧୯**

**ଚାଷୀ ଭାଇମାନଙ୍କ ପାଇଁ ବିଶେଷ ସୂଚନା** No.30-L

- ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ମରୁଡି, କୁଆପଥର ବର୍ଷା, ବଜ୍ରପାତ, ଅଗ୍ନିକାଣ୍ଡ, ଭୂସ୍ଖଳନ ଓ ରୋଗପୋକ ଯୋଗୁଁ ଫସଲ କ୍ଷତି ହେଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆର୍ଥିକ ସହାୟତା ମିଳିଥାଏ ।
- ଚଳିତ ଖରିଫ ୨୦୧୯ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଧାନ, ମକା ଓ ହରଡ ଫସଲ ଚାଷ ପାଇଁ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି । ବୀମା ରାଶିର ୨.୦ ପ୍ରତିଶତ ହାରରେ ଧାନ ଫସଲ ପାଇଁ ହେକ୍ଟର ପ୍ରତି ଟ.୧୩୬୭.୦୦, ମକା ଫସଲ ପାଇଁ ହେକ୍ଟର ପ୍ରତି ଟ.୧୨୯୦.୦୦ ଓ ହରଡ ଫସଲ ପାଇଁ ହେକ୍ଟର ପ୍ରତି ଟ.୬୮୧.୨୪ପ. ପ୍ରିମିୟମ ନିକଟସ୍ଥ ବାଣିଜ୍ୟିକ ବ୍ୟାଙ୍କ, ଜିଲ୍ଲା ସମବାୟ ବ୍ୟାଙ୍କ କିମ୍ବା କ୍ଷେତ୍ରୀୟ ଗ୍ରାମିଣ ବ୍ୟାଙ୍କ ଶାଖା ରେ ୩୧ ଜୁଲାଇ, ୨୦୧୯ ତାରିଖ ସୁଦ୍ଧା ଜମା କରନ୍ତୁ ଏବଂ ନିଜ ଫସଲକୁ ବୀମାଭୁକ୍ତ କରାନ୍ତୁ ।
- ଋଣୀ ଚାଷୀମାନଙ୍କର ବୀମା ପ୍ରିମିୟମ ସମ୍ପୃକ୍ତ ଋଣ ପ୍ରଦାନ କରୁଥିବା ସଂସ୍ଥାରେ ଜମା ହୋଇଥାଏ । କୃଷି ଫସଲ ଋଣ ଜୁଲାଇ ମାସ ମଧ୍ୟରେ ଅନୁମୋଦନ ହେବା ଜରୁରୀ ।
- ଅଣ ଋଣୀ ଚାଷୀ ଭାଇମାନଙ୍କୁ ଅନୁରୋଧ ସେମାନେ ନିଜ ଅଂଚଳରେ ଜାତୀୟକରଣ ବ୍ୟାଙ୍କରେ କିମ୍ବା ନିକଟସ୍ଥ ଜନସେବା କେନ୍ଦ୍ର ରେ ବୀମା ପ୍ରିମିୟମ ୩୧ ଜୁଲାଇ, ୨୦୧୯ ତାରିଖ ସୁଦ୍ଧା ଜମା କରନ୍ତୁ ଓ ଯୋଜନାର ସମ୍ପୂର୍ଣ୍ଣ ସୁବିଧା ନିଅନ୍ତୁ ।
- ଫସଲଗୁଡିକୁ ବୀମାଭୁକ୍ତ କରିବା ପାଇଁ ଜିଲ୍ଲା କୃଷି ଅଧିକାରୀ , ବ୍ଲକର ସହକାରୀ କୃଷି ଅଧିକାରୀ ଓ ସହକାରୀ ଉଦ୍ୟାନ ଅଧିକାରୀ , ପଂଚାୟତରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ବା କୃଷକ ସାଥୀଙ୍କ ସହ ଯୋଗାଯୋଗ କରନ୍ତୁ ।
- ଅଧିକ ଜାଣିବା ପାଇଁ ଜିଲ୍ଲା କୃଷି ବିଭାଗ କିମ୍ବା ବୀମା କମ୍ପାନୀ ଏଚ୍.ଡି.ଏଫ.ସି ଏରଗୋ (HDFC ERGO) ର ସହପରିଚାଳକ ଙ୍କ ମୋବାଇଲ ନଂ ୭୩୮୦୨୦୪୦୪୯ ରେ ଯୋଗାଯୋଗ କରନ୍ତୁ ।

ବି.ଦ୍ର.- ମନେ ରଖନ୍ତୁ ଫସଲ ବୀମା ପ୍ରିମିୟମ ଜମା କରିବାର ଶେଷ ତାରିଖ ୩୧ ଜୁଲାଇ ୨୦୧୯ । ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନକରି ଆଗୁଆ ଜମା କରନ୍ତୁ ।

01386/11/0001/1920 କୃଷି ଉପ-ନିର୍ଦ୍ଦେଶକ, ମୟୂରଭଞ୍ଜ

**OFFICE OF THE CDM&PHO, CUTTACK**
**Dept. of Health & Family Welfare, Govt. of Odisha**
**Advt. No.: 8471** **Date: 10.07.19**

**TENDER CALL NOTICE FOR MECHANIZED LAUNDRY**

Sealed tenders are invited from registered agency for outsourcing of Mechanized Laundry services with supply of Bed Sheets at Govt. Health Institution. The eligibility criteria and detail terms & conditions may be downloaded from the website **www.cuttack.nic.in**. The tenders should reach the office of the undersigned by 23rd July 2019 (till 12.00 PM). The tenders will be opened at 4.00 PM on 23rd July 2019. The undersigned reserves the right to reject any or all the tenders without assigning any reason thereof.

**Sd./- CDM&PHO, Cuttack**

GOVERNMENT OF ODISHA
OFFICE OF THE EXECUTIVE ENGINEER
U.I. IRRIGATION QUALITY CONTROL DIVISION
AT/P.O.KHATIGUDA, DIST. NABARANGPUR
Telephone No.06858-224244, Email id- uiiqcd@gmail.com
No.129-A

No:760 QUOTATION CALL NOTICE NO.-01/2019-20 OF EE, UIIQC DIVISION Dtd.: 10.07.2019

Sealed quotations / tenders are invited from interested reputed Travel Agencies/ Tour operators or privates individuals for providing 01 (One) no of Non AC Diesel driven vehicles having sitting capacity not more than ten including driver, which shall conform to the Terms and conditions (Annexure-II) for official use in Office of the Executive Engineer, Upper Indravati Irrigation Quality Control Division No, Khatiguda, Nabarangpur on monthly rent basis:

1. The vehicle must be in road worthy condition, shall not be more than 3 Years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, Proof of up to date tax payment etc. which are mandatory for plying of vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of Account Payee Demand Draft drawn in favour of the Executive Engineer, Upper Indravati Irrigation Quality Control Division, Khatiguda, Nabarangpur and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants)
6. The vehicle must achieve a fuel minimum efficiency of 10 kms in case of Bolero/ Tata Sumo per liter.
7. The details of the make and year of manufacture of the vehicle, Registration No, mileage (Kms covered per liter) and name of the Driver with Driving License No. and period of validity should be specifically provided in the general bid information to be furnished with the Quotation/ Tender (Annexure- III)
8. The Quotation completed in all respect should reach the undersigned on or before **22.07.2019** by **11.00** A.M. and shall be opened on the **22.07.219** at **11.30** A.M. in presence of the bidders or their authorized representatives.
9. The application form of quotation/ tender containing general Bid Information & terms and conditions for hiring of vehicles etc. will be available with the Executive Engineer, Upper Indravati Irrigation Quality Control Division, Khatiguda, Nabarangpur on payment of Rs 100/- (Rupees One Hundred) only from **Dt. 15.07.2019 to 22.07.2019 up to 11.00 A.M** or can be downloaded from Odisha Govt. Website www.Odisha.gov.in from **Dt. 15.07.2019 to 22.07.2019 up to 11.00 A.M** In case the application form is downloaded from Govt. website, the applicant shall furnish a Demand Draft for an amount Rs 100/- (Rupees One Hundred) only towards the cost of application along with the application on or before **Dt. 22.07.2019 up to 11.30 A.M.**
10. Service Tax would be reimbursed separately over and over the hire charges.
11. The period of agreement for supplying the vehicle shall depend on the period for which estimate is sanctioned.
12. The authority reserves the right to reject any or all quotations without assigning any reason therof.

Sd/-Executive Engineer
U.I. Irr. Quality Control Division Khatiguda, Nabarangpur


32216/11/0001/1920

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
## (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)

ପତ୍ର ସଂଖ୍ୟା: **DCPU/JPR/୭୯୧/୧୯** ତାରିଖ: ୧୧।୦୭।୨୦୧୯

**ବିଜ୍ଞପ୍ତି**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୧୫।୦୩।୨୦୧୯ରିଖରେ ଯାଜପୁର ଜିଲ୍ଲାର ପହଙ୍ଗା, ରାଉତରାପୁର ଗ୍ରାମର କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏକ ଅସୁବିଧାଜନକ ସ୍ଥିତିରେ ଥିବା ଶିଶୁକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଶିଶୁଟିକୁ ଯାଜପୁରସ୍ଥ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ଅସ୍ଥାୟୀ ଭାବରେ ଥଇଥାନ କରାଯାଇଛି। ଯଦି ଉକ୍ତ ଶିଶୁଟିର ନିକଟ ସ୍ୱଜନ କିମ୍ବା ଅଭିଭାବକ/ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଅଧକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ୍–୨୨୨୧୩୧, ମୋ– ୯୩୩୭୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ୍–୦୬୭୨୮–୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲକରି ଉକ୍ତ ଶିଶୁଟିକୁ ନେବା ପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ଡାକ ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | ଶିଶୁ ରହୁଥିବା ଅନୁଷ୍ଠାନର ନାମ | CWC କେସ୍ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|---|
| ପରୀ | ଝିଅ | ୫ ମାସ | ପହଙ୍ଗା, ରାଉତରାପୁର, ଯାଜପୁର | ଯାଜପୁରସ୍ଥ ଉତ୍କଳ ବାଳାଶ୍ରମର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର | ୧୫୧୦/ ୧୫।୦୩।୨୦୧୯ |  |

ସ୍ୱା./– ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ଯାଜପୁର

**OFFICE OF THE KONARK N.A.C.**
e-mail: nackonark@gmail.com, Phone: 06758-236826
Letter No.: 1026 Date: 11.07.2019

**CORRIGENDUM**
**Advertisement Published on 10.07.2019**
**Quotation Call Notice**

(The quotation paper will be available at NAC Office from the date of 11.07.2019 to 19.07.2019 upto 1.00 P.M. during the office hours on submission of non-refundable cost of Quotation Paper for Rs.2000/- in shape of Bank Draft/Cash in favour of Executive Officer, Konark NAC. The quotationer must have deposit EMD for Rs.10,000/- (Ten thousand) in shape of Bank Draft in any Nationalised Bank drawn in favour of Executive Officer, Konark NAC alongwith the quotation paper, failing which the quotation paper will be liable for rejection. A special authorizing letter from the manufacturer/company on Genuiness and guarantee of the materials must be enclosed with quotation paper otherwise the quotation will be liable for rejection. Quotations receive after due date shall not be taken into consideration).

**Sd./- Executive Officer, Konark NAC**

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର**
**ବିଜ୍ଞାପନ**
**ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣଯୋଜନାରେ ଆର୍ଥିକ ସହାୟତା ପାଇଁ ଦରଖାସ୍ତ ଆହ୍ୱାନ**

No.: 10-RR: ୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ–ଯୋଜନାରେ ଆର୍ଥିକ ସହାୟତା ନିମନ୍ତେ ଗ୍ରନ୍ଥାଗାର କାର୍ଯ୍ୟକ୍ରମ ପାଇଁ ରେଜିଷ୍ଟ୍ରିଭୁକ୍ତ ବେସରକାରୀ ଅନୁଷ୍ଠାନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ଆବଶ୍ୟକୀୟ ସର୍ତ୍ତାବଳୀ (Guidelines) ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର Website: **rrrlf.gov.in** ରେ ଉପଲବ୍ଧ ଅଟେ। ସର୍ତ୍ତାବଳୀ ଅନୁଯାୟୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣ ରୂପେ ପୂରଣ କରି ଏବଂ ଆବଶ୍ୟକ କାଗଜାଦି ସଂଲଗ୍ନ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ବିଜ୍ଞାପନ ପ୍ରକାଶିତ ହେବାର **୩୦ (ତିରିଶ)ଦିନ** ମଧ୍ୟରେ ଦାଖଲ କରିବେ। ନିର୍ଦ୍ଧାରିତ ସମୟ ସୀମା ପରେ ସଠିକ୍ ଭାବେ ପୂରଣ ହୋଇ ନ ଥିବା ଏବଂ ଆବଶ୍ୟକ କାଗଜାଦି ସଂଲଗ୍ନ ହୋଇ ନ ଥିବା ଦରଖାସ୍ତ ଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ ହୋଇଥିବା ସମସ୍ତ ଦରଖାସ୍ତଗୁଡ଼ିକୁ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ଅଣ–ଯୋଜନା (Non-Matching Scheme)ର ସର୍ତ୍ତାବଳୀ ଅନୁଯାୟୀ ତନଖି କରି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବଙ୍କ ନିକଟକୁ ଦରଖାସ୍ତ ପ୍ରାପ୍ତିର ଶେଷ ଦିନଠାରୁ **୧୫ (ପନ୍ଦର ଦିନ)** ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ। ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ/ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରତ୍ୟେକ ଦରଖାସ୍ତ ଫର୍ମର ପ୍ରଥମ ପୃଷ୍ଠାରେ ସ୍ୱାକ୍ଷରିତ ତନଖି ସାର୍ଟିଫିକେଟ ସହିତ ମୋହର ମାରି ପ୍ରେରଣ କରିବେ।

ସ୍ୱା./– ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

03001/11/0010/1920

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BALASORE**
E-Mail:- serw_balasore@yahoo.in, Tel/FAX:- 06782-260318

**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. PMGSY On-line N.C.B. No.- 258**

No.: 174-O: **The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of **Balasore & Bhadrak for 5 (Five)** number of packages with estimated cost totalling to **Rs. 10.63 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement. Dtd. 18.07.2019 from 11.00 AM.**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places** i.e. **O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand (i.e 05.08.2019 up-to 11.00 A.M)**, failing which the bids shall be declared non-responsive.

**Last Date/ Time for receipt of bids through e-procurement: 01.08.2019 upto 5.00 P.M.**

For further details and corrigendum (if any) please log on to **www.pmgsytenders.gov.in**.

Sd./- Superintending Engineer
R.W.Circle, Balasore

25105/11/0007/1920

## ସଂକ୍ଷେପରେ

### ବଦାପାଜୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆସୁ ନ ଥିବା ଅଭିଯୋଗ

ଫିରିଙ୍ଗିଆ,୧୧।୭- ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ବଦାପାଜୁ ପ୍ରାଥମିକ ବିଦ୍ୟାଳୟରେ ଅଧିକାଂଶ ସମୟ ପ୍ରଧାନଶିକ୍ଷକ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ୧୦ ମାସ ପୂର୍ବରୁ ତାଙ୍କ ବିରୋଧରେ ସମାନ ଅଭିଯୋଗ ଆସିଥିଲା। ସେ ସମୟରେ ବ୍ଲକ ଶିକ୍ଷାଧିକାରୀ (ବିଇଓ) ବିଦ୍ୟାଳୟକୁ ତଦନ୍ତ କରିବାକୁ ଆସିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ପୁଣି ଅଭିଯୋଗ ଆସିବାରୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ(ଏବିଇଓ)ଙ୍କୁ ପଠାଇ ତଦନ୍ତ କରିବେ ବୋଲି ବିଇଓ କହିଛନ୍ତି। ଅନ୍ୟପକ୍ଷରେ ଜିଲା ଶିକ୍ଷାଧିକାରୀ(ଡିଇଓ) ବ୍ଲକ ଶିକ୍ଷାଧିକାରୀଙ୍କୁ ପଠାଇ ତଦନ୍ତ କରିବେ ବୋଲି କହିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ଶିକ୍ଷାଦାନ ଓ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ କିପରି ଚାଲିଥିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସୁ ନ ଥିବାରୁ ଜଣେ ଶିକ୍ଷକ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଗୋଟିଏ ଗୃହରେ ୫ଟି ଶ୍ରେଣୀର ୨୩ ପିଲା ବସୁଛନ୍ତି। ଅଧିକ ଶ୍ରେଣୀ ଗୃହ ନିର୍ମାଣ କରାଯାଇଥିଲେ ମଧ ତାହା ଶେଷ ହୋଇନାହିଁ। ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସି ନ ଦରମା ନେଉଥିବା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରୋହିତ କହଁର, ମାୟାଧର କହଁର, ନିରାକାର କହଁର, ଡକଣ କହଁର ପ୍ରମୁଖ ପ୍ରକାଶ କରିଛନ୍ତି। ମାସରେ କୌଣସି ଗୋଟିଏ ଦିନ ସେ ଆସି ଉପସ୍ଥାନ ଖାତାରେ ସବୁଦିନର ଦସ୍ତଖତ କରି ଯାଉଥିବା ସୂଚନା ମିଳିଛି। ଏ ନେଇ ବିଇଓ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରେ ସେ ଏବିଇଓଙ୍କୁ ପଠାଇ ତଦନ୍ତ କରିବେ ବୋଲି କହିଛନ୍ତି। ସେହିପରି ଡିଇଓ ବିକାଶ ପ୍ରଧାନ ବିଇଓଙ୍କୁ ପଠାଇ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କୁ ତାଙ୍କ ମୋବାଇଲ ଫୋନ ନଂ.୯୪୩୭୮୨୨୪୨୧ରେ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ଉତ୍ତର ନ ଦେଇ ଫୋନ କାଟି ଦେଇଥିଲେ।

### ସାପ କାମୁଡାରେ ଜଣେ ମୃତ

ଆସିକା,୧୧।୭(ଡି.ଏନ୍.ଏ.)- ଆସିକା ଥାନା ପଢାଳ ଗ୍ରାମରେ ବୁଧବାର ଜଣେ ବ୍ୟକ୍ତି ସାପ କାମୁଡାରେ ଗୁରୁତର ହୋଇ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଲକ୍ଷ୍ମଣ ସେଠୀ (୫୦)। ଲକ୍ଷ୍ମଣ ଆଖୁ କିଆରିରେ କାମ କରୁଥିବା ବେଳେ ତାଙ୍କୁ ସାପ କାମୁଡିଥିଲା। ଗୁରୁବାର ଲକ୍ଷ୍ମଣଙ୍କ ପୁଅ ସିମାଞ୍ଚଳ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ମୃତ ଦେହ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

**କାର୍ଯ୍ୟାଦେଶ ବଣ୍ଟନ ମେଳା**

ଆସିକା,୧୧।୭(ଡି.ଏନ୍.ଏ.)- ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ନିର୍ମାଣ ଶ୍ରମିକ ଯୋଜନାରେ ୫୪ଜଣ ହିତାଧିକାରୀଙ୍କୁ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେଥିମଧରୁ ୨୦୧୮-୧୯ ଆର୍ଥିକ ବର୍ଷର ନିର୍ମାଣ ଶ୍ରମିକ ବାସଗୃହ ଯୋଜନାରେ ୪୦ କାର୍ଯ୍ୟାଦେଶ ରହିଥିଲା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୪ ବାସଗୃହ ରହିଛି। ଏହି ବ୍ଲକର ନିମିନା, କମାଗଡ, ଦେବଭୂମୀ, ବାଲିଛାଇ, ମଙ୍ଗଳପୁର, ଗଙ୍ଗାପୁର, ସିଦ୍ଧନୟୀ, ବଡଖୋଲି, ଖାରିଆ, ହରଡାପଦର, କାଳଷଣ୍ଡପୁର, ବାବନପୁର, ଗୁଣ୍ଡପଡା ଆଦି ପଞ୍ଚାୟତରେ ଅନୁଷ୍ଠିତ ଏହି ମେଳାରେ ସମ୍ପୃକ୍ତ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସାମିଲ ଥିଲେ।

### ବଧୂହତ୍ୟା ମାମଲାରେ ଦେଢ଼ଶ୍ବୁର ଗିରଫ

ବୁଗୁଡ଼ା,୧୧।୭(ଡି.ଏନ.ଏ.)- ବୁଗୁଡ଼ା ଥାନା ଘୋଳପୁର ଗ୍ରାମରେ ୨୦୧୮ରେ ଘଟିଥିବା ଯୌତୁକ ନିର୍ଯାତନା ଜନିତ ବଧୂହତ୍ୟା ମାମଲାରେ ବୁଗୁଡ଼ା ପୋଲିସ ଗୁରୁବାର ମୃତ ମହିଳାଙ୍କ ଦେଢଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଘୋଳପୁର ଗ୍ରାମର ଜଗନ୍ନାଥ ଗୌଡ଼। ଏନେଇ ବୁଗୁଡ଼ା ଥାନାରେ କେଶ ନଂ.୧୭୪/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବୁଗୁଡ଼ା ପୋଲିସ ପୂର୍ବରୁ ମହିଳାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ତାଙ୍କ ଦେଢ଼ଶୁର ଜଗନ୍ନାଥଙ୍କୁ ମଧ ଗିରଫ କରାଯାଇ ଭଞ୍ଜନଗର କୋର୍ଟଚାଲାଣ କରାଯାଇଛି।

■ ପାଇଖାନା, ଏସ୍‌ଟି ହଷ୍ଟେଲ ନିର୍ମାଣ ଅଧାପନ୍ତରିଆ

# ଡିଆରଡିଏ ସମୀକ୍ଷା ବୈଠକରେ ଜିଲାପାଳ କ୍ଷୁବ୍ଧ

**ଛତ୍ରପୁର,୧୧।୭(ଡି.ଏନ.ଏ)**

ଛତ୍ରପୁର ସ୍ଥିତ ଜିଲାପରିଷଦ ଭବନ ସମ୍ମିଳନୀ ଗୃହରେ ଗୁରୁବାର ଡିଆରଡିଏ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ଥିବା ଓ କେତେକ ଆଦୌ ଆରମ୍ଭ ହୋଇ ନ ଥିବାରୁ ସେ କ୍ଷୁବ୍ଧ ହେବା ସହ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ,ବିଡିଓ ଓ ଯନ୍ତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପ କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଥିଲେ।

ଜିଲାର ଗ୍ରାମାଞ୍ଚଳରେ ୭୪ ପ୍ରତିଶତ ଘରେ ପାଇଖାନା ନିର୍ମାଣ ସରିଛି। ପୋଲସରା, ଖଲ୍ଲିକୋଟ, ବେଲଗୁଣ୍ଠା, ବୁଗୁଡା, କୁକୁଡାଖଣ୍ଡି, ପାତ୍ରପୁର ବ୍ଲକରେ ପାଇଖାନା ନିର୍ମାଣ କାର୍ଯ୍ୟ ଧିମା ରହିଛି। ଏପରିକି ବହୁ ସ୍ଥାନରେ କାମ ଆରମ୍ଭ ହୋଇ ନ ଥିବା ସମୀକ୍ଷାରୁ ଜଣାପଡିଥିଲା। ସେହିପରି ଜିଲାରେ ଚାଲିଥିବା ଏସ୍‌ଟି ହଷ୍ଟେଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ବ୍ଲକୱାରୀ ସମୀକ୍ଷା କରାଯାଇଥିଲା। ମାସକ ମଧ୍ୟରେ ହଷ୍ଟେଲଗୁଡିକର ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବିଳମ୍ବ ହେଲେ ବ୍ଲକ ସହକାରୀ ଯନ୍ତ୍ରୀମାନେ ଦାୟୀ ରହିବେ ବୋଲି ଜିଲାପାଳ କହିଥିଲେ। ଛତ୍ରପୁରଠାରେ ଥିବା ଦକ୍ଷତା ତାଲିମ କେନ୍ଦ୍ରରେ ଗରିବ ପିଲାମାନଙ୍କ ନାଁ ଲେଖାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ୧୫ଦିନ ମଧ୍ୟରେ ଏହାର ରିପୋର୍ଟ ଦେବାକୁ କୁହାଯାଇଛି। ଅପରାହ୍ନରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ଜୀବିକା ମିଶନର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଏମଜିଏନଆରଇଜିଏସରେ ଶ୍ରମ ଦିବସ ବୃଦ୍ଧି କରିବା ସହ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆବାସ ଯୋଜନାରେ ଘର ନିର୍ମାଣ ସାରିବାକୁ ମଧ କୁହାଯାଇଛି। ବୈଠକରେ ଡିଆରଡିଏ ପିଡି ଇଂ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ଦେବବ୍ରତ ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରତାପ ମହାପାତ୍ରଙ୍କ ସମେତ ବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଏବଂ ଅନ୍ୟମାନେ ।

■ ଚାଉଳ ନ ଦେବା ପ୍ରସଙ୍ଗ

# ୫ ମିଲରଙ୍କ ନାଁରେ କୋର୍ଟରେ ହେବ ମାମଲା

**ଛତ୍ରପୁର,୧୧।୭(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ୨୦୧୨-୧୩ରେ ଧାନ ମିଲିଂ କରିବାକୁ ନେଇ ଚାଉଳ ଦେଇ ନ ଥିବା ୫ ମିଲରଙ୍କ ନାଁରେ କୋର୍ଟରେ ସାର୍ଟିଫିକେଟ୍ କେସ୍ କରାଯିବ। ସମ୍ପୃକ୍ତ ୫ ମିଲରଙ୍କଠାରୁ ଚାଉଳ ବାବଦରେ ୧ କୋଟି ୨୮ ଲକ୍ଷ ୫ ହଜାର ୬୪୯ ଟଙ୍କା ୭୫ ଟଙ୍କା ଆଦାୟ କରିବାକୁ ବାକି ଅଛି। ବାରମ୍ବାର ଚିଠି କରାଯାଇଥିଲେ ମଧ ଏହି ଅର୍ଥ ସେମାନେ ଦେଇନାହାନ୍ତି। ଏଣୁ ଓଡିଶା ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଚିଠି କରାଯାଇ ଏମାନଙ୍କ ମାମଲାରେ ସ୍ଥାନୀୟ ଥାନାରେ ଏତଲା ଦେବା ଏବଂ କୋର୍ଟରେ ମାମଲା ଦାୟର କରିବାକୁ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଆସିଥିଲା। ବାରମ୍ବାର ଚିଠି ପରେ କର୍ପୋରେଶନ ଓକିଲଙ୍କ ପରାମର୍ଶ ନେଇ ଉକ୍ତ ୫ ଖିଲାପି ମିଲରମାନଙ୍କ ବିରୋଧରେ କୋର୍ଟରେ ସାର୍ଟିଫିକେଟ ମାମଲା ଦାୟର ପାଇଁ ଜିଲା ଯୋଗାଣ ବିଭାଗ ସ୍ଥିର କରିଛି। ଏ ସମ୍ପର୍କରେ ୫ ତାରିଖରେ ଜିଲା ଯୋଗାଣ ଅଧିକାରୀ ଚିଠି ମାଧ୍ୟମରେ ଓଡିଶା ରାଜ୍ୟ ଯୋଗାଣ ନିଗମକୁ ଜଣାଇଥିଲେ। ଉକ୍ତ ମାମଲା ଦାୟର ପାଇଁ କୋର୍ଟ ଫି ବାବଦରେ ୩ ଲକ୍ଷ ୯୩ ହଜାର ୨୬୩ ଟଙ୍କା ଆବଶ୍ୟକ ପଡୁଛି। ଏହି ଅର୍ଥ ମଞ୍ଜୁର ପାଇଁ ନିଗମକୁ ଜିଲା ଯୋଗାଣ ଅଧିକାରୀ ଚିଠି ଦ୍ୱାରା ଅନୁରୋଧ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଆସିକା, ରଙ୍ଗେଇଲୁଣ୍ଡା, ଖଲ୍ଲିକୋଟ, ପୁରୁଷୋତ୍ତମପୁର ଓ ପୋଲସରା ବ୍ଲକର ଜଣେ ଲେଖାଏଁ ଖିଲାପି ମିଲର ଅଛନ୍ତି।

ଥଇଥାନ ପରେ ଉଚ୍ଛେଦ ଦାବି

# ଉଠାଦୋକାନୀଙ୍କ ସ୍ମାରକପତ୍ର ପ୍ରଦାନ


ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ଚାଲିଛି।

**ଛତ୍ରପୁର,୧୧।୭(ଡି.ଏନ.ଏ.)**

ଛତ୍ରପୁର ହସ୍ପିଟାଲ ପାର୍ଶ୍ୱ ସରକାରୀ ଜମିରେ ଉଠା ଦୋକାନୀମାନେ ଦୀର୍ଘ ବର୍ଷ ହେଲା ବ୍ୟବସାୟ କରି ଆସୁଛନ୍ତି। ଏନଏସି ପକ୍ଷରୁ ଉକ୍ତ ଦୋକାନଗୁଡିକ ଉଚ୍ଛେଦ ପାଇଁ ସ୍ଥିର କରାଯାଇଛି। ଏଥିପାଇଁ ଦୋକାନୀମାନଙ୍କୁ ନୋଟିସ୍ ଦିଆଯାଇଥିବାରୁ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ତେଣୁ ସେମାନେ ଗୁରୁବାର ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ଭେଟି ସମସ୍ୟା ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୋକାନ ଉଚ୍ଛେଦ କରାଗଲେ ଜୀବୀକା ନିର୍ବାହରେ ଅସୁବିଧା ହେବ ବୋଲି ଦୋକାନୀମାନେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଭେଣ୍ଡିଂ ଜୋନ୍ ବ୍ୟବସ୍ଥା ହୋଇନି। ଥଇଥାନ କରିବା ପର୍ଯ୍ୟନ୍ତ ଉଚ୍ଛେଦ ନ କରିବାକୁ ସେମାନେ ଉପଜିଲାପାଳଙ୍କୁ ଅନୁରୋଧ କରିଥିଲେ। ପରେ ଦୋକାନୀମାନେ ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କୁ ମଧ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଉଚ୍ଛେଦ ପରେ ଭେଣ୍ଡିଂ ଜୋନ୍ କରି ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିବା ଜଣାପଡିଛି।

# ପିଲିବନ୍ଧର ବିକାଶ ଯୋଜନା

**ଛତ୍ରପୁର,୧୧।୭(ଡି.ଏନ.ଏ.)**

ଛତ୍ରପୁରରେ ଥିବା ବ୍ରିଟିଶ ଅମଳର ପିଲିବନ୍ଧର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପିଲିବନ୍ଧରୁ ଦଳ ବାହାର କରାଯିବା ସହ ପାଣି ସଫା କରାଯାଉଛି। ଏହା ସରିବା ପରେ ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ଏନଏସି ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହଛନ୍ତି। ପିଲିବନ୍ଧ, ପାର୍କ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏନଏସି ପକ୍ଷରୁ ୧ କୋଟି ୫୦ ଲକ୍ଷ ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୭୦ ଲକ୍ଷ ଟଙ୍କାର ଟେଣ୍ଡର ମଧ ହୋଇସାରିଛି। ପିଲିବନ୍ଧ ସମ୍ପୂର୍ଣ୍ଣ ସଫେଇ ହେବାପରେ ଅନ୍ୟ କ'ଣ ସବୁ ନିର୍ମାଣ ହେବ ତାହା ଉପରେ ନିଷ୍ପତ୍ତି ନିଆଯାଇ ଏଷ୍ଟିମେଟ୍ ହେବ। ଏହାପରେ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ। ପିଲିବନ୍ଧରେ ମ୍ୟୁଜିକାଲ ୱାଟର ଫାଉଣ୍ଟେନ୍, ବୋଟିଂ, ଟୟ ଟ୍ରେନ୍, ୱାଟର ସ୍ପୋର୍ଟସ , ଲ୍ୟାଣ୍ଡ ସ୍କେପିଂ, ସିନିୟର ସିଟିଜେନ୍ କର୍ନର, ଶିଶୁମାନଙ୍କ ପାଇଁ ପାର୍କ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ବ୍ରିଟିଶ ଶାସନ ସମୟରେ ଏହି ବନ୍ଧ ଖନନ ହୋଇଥିଲା। ସେ ସମୟରେ କଲେକ୍ଟରଙ୍କ ନାଁ ଅନୁସାରେ ପରବର୍ତ୍ତୀ ସମୟରେ ଲୋକେ ଏହାକୁ ପିଲିବନ୍ଧ ବୋଲି କହି ଆସୁଛନ୍ତି। ଏକଦା ଏହି ବନ୍ଧରେ କେହି ଗୋଡ ମଧ ଧୋଉ ନ ଥିଲେ। ପାଣି କେବଳ ପିଇବା ପାଇଁ ବ୍ୟବହାର ହେଉଥିଲା। ବନ୍ଧ ପାଇଁ ଜଣେ ଜଗୁଆଳି ରହୁଥିଲେ। ପରବର୍ତ୍ତୀ ସମୟରେ ପିଲି ବନ୍ଧ ପୋତି ହୋଇଯିବା ସହ ପାଣି ଗାଧୋଇବା ପାଇଁ ମଧ ବ୍ୟବହାର ଉପଯୋଗୀ ହେଉ ନ ଥିଲା।


ପୁନରୁଦ୍ଧାର ଚାଲିଛି।

# ଆମ ପୋଲିସ ସମିତି ବୈଠକ

**ଗୋପାଳପୁର,୧୧।୭**

ବ୍ରହ୍ମପୁର ପୋଲିସ ଜିଲାର ଗୋଳନ୍ଥରା ଥାନା ପରିସରରେ ଗୁରୁବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୬ଟାରେ ଥାନା ପରିସରସ୍ଥ ମହିଳା ଶିଶୁ ଡେସ୍କ କକ୍ଷରେ ଥାନା ଅଞ୍ଚଳର ସରପଞ୍ଚ ଓ ଗ୍ରାମାଞ୍ଚଳର ଭଦ୍ରବ୍ୟକ୍ତିଙ୍କୁ ନେଇ ଗୋଳନ୍ଥରା ଥାନା ପୋଲିସ ପକ୍ଷରୁ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଥାନାଧିକାରୀ ବାବୁଲି ନାୟକ ଉପସ୍ଥିତ ସରପଞ୍ଚ ଓ ଭଦ୍ରବ୍ୟକ୍ତିଙ୍କୁ ଗ୍ରାମାଞ୍ଚଳର ସମସ୍ୟା ଓ ପୋଲିସ ପରିଚୟ ଦେଇ ଲୁଟ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପାଇଲେ ପୋଲିସକୁ ଜଣାଇବାକୁ କହିଥିଲେ। କେଲୁଆପଲ୍ଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ ଗ୍ରାମରେ ସନ୍ଧ୍ୟାରେ ପେଟ୍ରୋଲିଂ କରିବା ସହ ଛାତ୍ରୀମାନେ ଟ୍ୟୁସନ ଯାଉଥିବାବେଳେ ଅସାମାଜିକ ଯୁବକ କମେଣ୍ଟ ମାରୁଥିବା ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟ ସରପଞ୍ଚମାନେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ନିକଟରେ ଦେଶୀ ମଦ ବିକ୍ରି ହେଉଥିବାରୁ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଯାତାୟାତବେଳେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ କରିଥିଲେ। ଏଥିସହ ହଳଦିଆପଦର ସରପଞ୍ଚ ରାଜେଶ୍ୱରୀ ଦୋରା କହିଥିଲେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିଛି ମତଭେଦ ରହୁଥିବା ଯୋଗୁଁ ସାଧାରଣ ଲୋକଟି ସିଧାସଳଖ ଅଭିଯୋଗ କରିପାରୁନାହିଁ। ଏହା ଉପରେ ଦୃଷ୍ଟି ଦେବାକୁ ସେ କହିଥିଲେ। ଖୁବଶୀଘ୍ର ଏ ଦିଗରେ ଦୃଷ୍ଟି ଦିଆଯିବ ବୋଲି ଥାନାଧିକାରୀ ନାୟକ ପ୍ରକାଶ କରିଥିଲେ। ଏସ୍‌ଆଇ ଜୟନାଥ ପ୍ରଧାନ, ଦୁର୍ଗା ମାଧବ ସାହୁ, ସୀମାଞ୍ଚଳ ମିଶ୍ର, ହାବିଲଦାର ବିଶ୍ୱରଞ୍ଜନ ଦାଶ, ଡି. ଚିନ୍ତାମଣି, ପ୍ରଦୀପ ସାହୁ, ଡ଼ବ୍ଲୁ କାନକା, ଅରୁଣ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ ଜଣଙ୍କୁ ପଟ୍ଟା ବଣ୍ଟନ


ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଶେରଗଡ,୧୧।୭(ଡି.ଏନ୍.ଏ.)**

ଶେରଗଡ ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ସର୍କଲରେ ଗୁରୁବାର ପଟ୍ଟା ବଣ୍ଟନ କରାଯାଇଛି। ଅତିଥିଭାବେ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଓ ସରପଞ୍ଚ ସୀମାଞ୍ଚଳ ପ୍ରଧାନ ଯୋଗଦେଇ ୨୫ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଉକ୍ତ ପଟ୍ଟା ଗୁଡିକ ମ୍ୟୁଟେସନ ମାମଲାର ପଟ୍ଟା ଥିଲା। ଗୋବିନ୍ଦପୁର ରାଜସ୍ୱ ନୀରିକ୍ଷକ ହୃଷିକେଶ ପଲେଇଙ୍କ ତତ୍ତ୍ୱାବଧାନରେ ଏହି ପଟ୍ଟା ତହସିଲଦାର ବାଣ୍ଟିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ଚିକିଟି,୧୧।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଜକର ନୋଡାଲ କାଲୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହାକୁ ସ୍ଥାନୀୟ ସିଆରସିସି ସୁଦର୍ଶନ ସେଠୀ ଉଦଘାଟନ କରିଥିଲେ। ଶିବିରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୦ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ୮ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ତାଲିମ ଦିଆଯିବ ବୋଲି ପ୍ରଧାନ ଶିକ୍ଷକ ସୋମନାଥ ପ୍ରଧାନ ସୂଚନା ଦେଇଛନ୍ତି। ଦିଗପହଣ୍ଡି ବ୍ଲକ୍ ଅଞ୍ଚଳର ଶିକ୍ଷୟିତ୍ରୀ ସ୍ୱାତିଶ୍ରୀ ସାବତ ଓ ସୋନାଲିରାଣି ପଣ୍ଡା ତାଲିମ ତାଲିମ ଦେଉଛନ୍ତି। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଶ୍ରୀହରି ପ୍ରଧାନ, ସହକାରୀ ଶିକ୍ଷକ ଅନୀଲ କୁମାର ସାହୁ ପରିଚାଳନା କରୁଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରୁଛନ୍ତି।


ଶିବିରରେ ଉପସ୍ଥିତ ଅତିଥି ଓ ଛାତ୍ରୀ।

# ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଶେରଗଡ,୧୧।୭(ଡି.ଏନ୍.ଏ.)**

ଶେରଗଡ ବାର ଆସୋସିଏଶନ ପକ୍ଷରୁ ବୁଧବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। କବିସୂର୍ଯ୍ୟନଗର ପୋଲିସ ପକ୍ଷରୁ କବିସୂର୍ଯ୍ୟନଗର ବାର ଆସୋସିଏଶନର ଜଣେ ଓକିଲଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଏହି ବନ୍ଦ କରାଯାଇଥିଲା। ଘଟଣାକୁ ତୀବ୍ର ନିନ୍ଦାକରି ଶେରଗଡ ବାର ଆସୋସିଏଶନ ଅଭିଯୁକ୍ତ ପୋଲିସଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ଗିରଫ କରିବାକୁ ଦାବି କରିଛି।

# ବିଭିନ୍ନ ପଞ୍ଚାୟତରେ ସମସ୍ୟା ବୁଝିଲେ ବିଧାୟିକା

**ଖଲ୍ଲିକୋଟ,୧୧।୭(ଡି.ଏନ.ଏ.)**

ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଶ୍ରୀକୃଷ୍ଣଶରଣପୁର, ମାଣିକ୍ୟପୁର ଓ କନ୍ହେଇପୁର ପଞ୍ଚାୟତ ବୁଲି ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ଓଭରହେଡ ଟାଙ୍କି ଥିଲେ ସୁଦ୍ଧା ଦୀର୍ଘଦିନ ହେବ ଜଳ ଯୋଗାଣ ହେଉନାହିଁ। ପାନୀୟ ଜଳ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ସୁଫଳ ମିଳୁ ନ ଥିବା ଅଭିରାମ ପାହାନ, ରାମଚନ୍ଦ୍ର ପାହାନ, ଅଭିରାମ ତରେଇ ପ୍ରମୁଖ ବିଧାୟିକାଙ୍କୁ ଜଣାଇଥିଲେ। ସେହିପରି ଗ୍ରାମର କେତେକ ରାସ୍ତା ନିର୍ମାଣ ପାଇଁ ଜଣାଇଥିଲେ। ତୁରନ୍ତ ସମସ୍ୟା ସମାଧାନ ହେବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ବିଧାୟିକାଙ୍କ ଗସ୍ତ ବେଳେ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ଖୁଣ୍ଟିଆ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରତ୍ନାକର ସାହୁ, ବିଜେଡି ନେତା ଦୈତାରି ବେହେରା, ଶ୍ରୀକୃଷ୍ଣରଣପୁର ସରପଞ୍ଚ ରବି ସେଠୀ, ପୂର୍ବତନ ସରପଞ୍ଚ ସୁଶାନ୍ତ ତରେଇ ଓ କନ୍ହେଇ ତରେଇଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ଆର୍.ଉଦୟଗିରି ପଞ୍ଚାୟତ ସମିତି ବୈଠକ

**ଆର.ଉଦୟଗିରି, ୧୧।୭ (ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅନୀତା ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ବୈଠକରେ ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ, ଖାଦ୍ୟ ଯୋଗାଣ, ସମନ୍ୱିତ ଶିଶୁ ବିକାଶ ଯୋଜନା, କୃଷି ବିଭାଗ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। କେତେଜଣ ସରପଞ୍ଚ, ସମିତିସଭ୍ୟ ଟିକାମାଳ ଏବଂ ବୋରସିଂ ହାଇସ୍କୁଲର ଗୃହ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରଶ୍ନ କରିଥିଲେ। ଜିଲା ପରିଷଦ ସଭ୍ୟ ଯାକବ ମାଝି ଛେଲାଗଡ଼ ଗ୍ରାମରେ ଲୋକଙ୍କ ଘରେ ବିଦ୍ୟୁତ ମିଟର ନ ବସାଇ ଏବଂ ବିଦ୍ୟୁତ୍ ନ ଯୋଗାଇ ଶହ ଶହ ଟଙ୍କା ବିଦ୍ୟୁତ ବିଲ୍ ଆସୁଛି କାହିଁକି ବୋଲି ପଚାରିଥିଲେ। ସିଆଲିଲଟି ପଞ୍ଚାୟତ ବେତରସିଂ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ । ମହେନ୍ଦ୍ରଗଡ଼ ସରପଞ୍ଚ ବୀର ଭାସ୍କର ପାଇକ ଖମ୍ବାରି ସାହିରେ ମାସେ ହେଲା ବିଦ୍ୟୁତ ବିଚ୍ଛିନ୍ନ ଥିବା ଜଣାଇଥିଲେ। ଏମଜିଏନଆରଇଜିଏସ କାମ ଧିମେଇ ଯାଉଥିବା ଓ ଆର.ଉଦୟଗିରି ବସଷ୍ଟାଣ୍ଡ ଉପରେ ଧ୍ୟାନ ଦେବା ପାଇଁ ବିଡିଓଙ୍କୁ ବିଧାୟକ କହିଥିଲେ। ବୈଠକରେ ବିଡିଓ ପ୍ରଦୀପ ନାୟକ, ଉପାଧ୍ୟକ୍ଷ ନବୀନ ରଇତ, ଜିଲା ପରିଷଦ ସଭ୍ୟ ଯାକବ ମାଝି, ସୁପ୍ରଭା ମଣ୍ଡଳ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବି. ଶାନ୍ତନୁ କୁମାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ବିଧାୟକ ଗମାଙ୍ଗ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ ।



ସମିତି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

# 'ଆଖିରୁ ଆରମ୍ଭ ଓଠରେ ଶେଷ' ନାଟକ ମଞ୍ଚସ୍ଥ

**ଶେରଗଡ,୧୧।୭(ଡି.ଏନ୍.ଏ.)**

ଶେରଗଡ ରଥଯାତ୍ରାର ନବମୀ ଦର୍ଶନ ଦିବସ ଅବସରରେ ଠାକୁରଙ୍କ କାଞ୍ଚି ଅଭିଯାନ ବେଶ ଅନୁଷ୍ଠିତ ହୋଇଥିଲା। ଆଡପ ମନ୍ଦିରରେ ଠାକୁରଙ୍କ ଶେଷ ଦର୍ଶନ ଲାଗି ଗହଳି ଲାଗିଥିଲା। ନବମୀ ଦର୍ଶନ ଅବସରରେ ଶେରଗଡସ୍ଥିତ ରାମଚଣ୍ଡୀ କଳା ନିକେତନ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ 'ଆଖିରୁ ଆରମ୍ଭ ଓଠରେ ଶେଷ'। ନାଟକରେ ସାମାଜିକ ଚଳଣି ପରମ୍ପରା ସହିତ କିପରି ମଣିଷକୁ ଖାପ ଖୁଆଇ ଚଳିବାକୁ ହୁଏ, ଯଦି ନ ଚଳେ ତେବେ ପରିଣତି କଣ ହୁଏ ତାହାହିଁ ଥିଲା ବିଷୟବସ୍ତୁ। ନାଟକକୁ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ବାବୁଲା କୁମାର ଚୌଧୁରୀ ସମେତ ସଭ୍ୟମାନେ ଶୁଭାରମ୍ଭ କରିଥିବାବେଳେ ଦୁର୍ଗାମାଧବ ବିଷୋୟୀ, ବି. ଚେଇନ ପାତ୍ରଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ। ସୁନୀଲ କୁମାର ବାଡତ୍ୟା ସଂଯୋଜନା କରିଥିଲେ।

> ଫ୍ଲିପ୍‌କାର୍ଟ ସହ ମିଶି ଆକ୍ସିସ୍ ବ୍ୟାଙ୍କ ଏକ ନୂଆ କ୍ରେଡିଟ କାର୍ଡ ପ୍ରଚଳନ କରିବ। ବର୍ଷକ ମଧ୍ୟରେ ବ୍ୟାଙ୍କ ୧୦ ଲକ୍ଷ ଏଭଳି କାର୍ଡ ଜାରି କରିବ।
> – ସଞ୍ଜୀବ ମୋଘେ, ଏକ୍‌ଜିକ୍ୟୁଟିଭ ଭି.ପି., ଆକ୍ସିସ୍ ବ୍ୟାଙ୍କ



> ଅନନ୍ତ ରାଜ ଲିମିଟେଡ ସହ ମିଶି ବିର୍ଲା ଇଷ୍ଟେଟ୍ସ ଗୁରୁଗ୍ରାମ ରିୟଲ ଇଷ୍ଟେଟ ବଜାରରେ ପ୍ରବେଶ କରିଛି। ନିକଟ ଭବିଷ୍ୟତରେ ଏହି କ୍ଷେତ୍ରରେ ଦରବୃଦ୍ଧିର ଫାଇଦା ମିଳିବ।
> – କେ.ଟି.ଜିତେନ୍ଦ୍ରନ, ସିଇଓ, ବିର୍ଲା ଇଷ୍ଟେଟ୍ସ



## ସଂକ୍ଷେପରେ

### ଚୋକ୍‌ସିଙ୍କ ୨୪.୭୭ କୋଟିର ସମ୍ପତ୍ତି ଜବତ



**ନୂଆଦିଲ୍ଲୀ,୧୧-୭:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଦେଶ ତଥା ବିଦେଶରେ ଥିବା ୨୪.୭୭ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ଦୁବାଇସ୍ଥିତ ୩ ବ୍ୟବସାୟିକ ପ୍ରତିଷ୍ଠାନ, ଏକ ମର୍ସିଡିଜ ବେଞ୍ଜ କାର୍ ଓ ଦେଶ ତଥା ବିଦେଶରେ ଥିବା ସାବଧି ଜମା ଖାତାରେ ଥିବା ଟଙ୍କା ରହିଛି। ଇଡି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ପ୍ରିଭେନ୍‌ସନ ଅଫ୍ ମନିଲଣ୍ଡରିଂ ଅଧୀନରେ ଏ ସମ୍ପର୍କରେ ଅସ୍ଥାୟୀ ନିର୍ଦ୍ଦେଶ ଜାରି କରାଯାଇଥିଲା। ଚୋକ୍‌ସିଙ୍କ ବିରୋଧରେ ମୋଟ ୬୦୯୭.୭୩ କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଛି। ଅଦ୍ୟାବଧି ଇଡି ପକ୍ଷରୁ ୨୫୩୪.୭୦ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଭାରତରୁ ପଳାୟନ କରିବା ପରେ ଚୋକ୍‌ସି ବର୍ତ୍ତମାନ ଆଣ୍ଟିଗୁଆରେ ଅବସ୍ଥାନ କରୁଛନ୍ତି।

### ୨୧,୭୦୦ କୋଟିର ସମ୍ପତ୍ତି ବିକିବେ ଅନିଲ ଅମ୍ବାନୀ



**ମୁମ୍ବାଇ,୧୧-୭:** ଏକ ସମୟରେ ଦେଶର ଶ୍ରେଷ୍ଠ ଧନୀଙ୍କ ମଧ୍ୟରେ ଗଣା ହେଉଥିବା ରିଲାଏନ୍‌ସ ଏଡିଏଜି ଗ୍ରୁପ୍ ମାଲିକ ଅନିଲ ଅମ୍ବାନୀ ଏବେ ଋଣ ପରିଶୋଧ ପାଇଁ ନିଜର ସମ୍ପତ୍ତି ବିକିବାରେ ଲାଗିଛନ୍ତି। ସଡ଼କଠାରୁ ଆରମ୍ଭ କରି ରେଡିଓ ଷ୍ଟେଶନ ଏପରି ୭ କମ୍ପାନୀର ସମ୍ପତ୍ତି ବିକିବା ଲାଗି ସେ ଏବେ ଅଣ୍ଟାଭିଡିଛନ୍ତି। ଏହି ବିକ୍ରିରୁ ସେ ପ୍ରାୟ ୨୧,୭୦୦କୋଟି ଟଙ୍କା(୩.୨ ବିଲିୟନ ଡଲାର) ଅର୍ଥ ଯୋଗାଡ କରିବେ ବୋଲି ଆଶାକରାଯାଉଛି। ଏହି ଅର୍ଥକୁ ନେଇ ସେ ଋଣ ପରିଶୋଧ କରିବେ। ତାଙ୍କ ଉପରେ ଏବେ ମୋଟ ୯୩,୯୦୦ କୋଟି ଟଙ୍କାର ବକେୟା ଋଣ ରହିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରିଲାଏନ୍‌ସ କମ୍ୟୁନିକେଶନ୍‌ସ ବ୍ୟତୀତ ଗ୍ରୁପ୍‌ର ୪ କମ୍ପାନୀ ରିଲାଏନ୍‌ସ କ୍ୟାପିଟାଲ ଉପରେ ସର୍ବାଧିକ ୩୮,୯୦୦ କୋଟି, ରିଲାଏନ୍‌ସ ପାୱାର ଉପରେ ୩ ହଜାର କୋଟି, ରିଲାଏନ୍‌ସ ଇନ୍‌ଫ୍ରା ଉପରେ ୧୭,୮୦୦ କୋଟି, ରିଲାଏନ୍‌ସ ଇଞ୍ଜିନିୟରିଂ ଉପରେ ୭ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ସେହିପରି ରିଲାଏନ୍‌ସ କମ୍ୟୁନିକେଶନ୍‌ସ (ଆର୍‌କମ୍) ୩୫,୬୦୦ କୋଟି ଟଙ୍କା ପରିଶୋଧ କରିବାକୁ ବାକି ଅଛି।

### ଇ-ବାଣିଜ୍ୟ କାରବାରରେ ପାଦ ଥାପିବ ବିଓବି

**ନୂଆଦିଲ୍ଲୀ,୧୧-୭:** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଇ-ବାଣିଜ୍ୟ କାରବାରରେ ପାଦ ଥାପିବାକୁ ଯାଉଛି। ଏହା ଅନ୍‌ଲାଇନ ବଜାର ମଞ୍ଚରୁ ବ୍ୟାଙ୍କ ସେବା ତଥା କୃଷି ସମ୍ପର୍କିତ ଉତ୍ପାଦ ଉପସ୍ଥାପନ କରିବ। ବ୍ୟାଙ୍କ ପକ୍ଷରୁ କ୍ୟାଟାଲଗ୍ ତଥା କ୍ରୟ ମ୍ୟାନେଜମେଣ୍ଟ, ମୂଲ୍ୟ ନିର୍ଦ୍ଧାରଣ, ପ୍ରଚାର-ପ୍ରସାର ତଥା ଏହାସହିତ ଜଡ଼ିତ ସେବା ଲାଗି ସହାୟତା ପ୍ରଦାନ କରିବା ସହ ଡିଜିଟାଲ ବାଣିଜ୍ୟ ପ୍ରଦାନରେ ସହଯୋଗ ଲାଗି ଇଚ୍ଛୁକ ସଂସ୍ଥାଠାରୁ ବିଡ୍ ଆହ୍ୱାନ କରାଯିବ।

# ସମ୍ପତ୍ତି ଲିଜ୍ ଦେବ ବିଏସ୍ଏନ୍ଏଲ୍

**ଜମି, ଟାୱାର, ଫାଇବର ନେଟ୍‌ୱର୍କରୁ ମିଳିବ ୨୦ ହଜାର କୋଟି**

- କର୍ପୋରେଟ ଅଫିସ୍‌ରୁ ଲେଖାଗଲା ପତ୍ର
- ଜମି, କୋଠାର ଇନ୍‌ବିଲ୍ଟ ଏରିଆ ଆଦିର ତାଲିକା ଦେବାକୁ ନିର୍ଦ୍ଦେଶ
- ୨୦୧୮-୧୯ ସୁଦ୍ଧା କମ୍ପାନୀର କ୍ଷତିର ପରିମାଣ ୧୪,୨୦୨ କୋଟି

**ନୂଆଦିଲ୍ଲୀ,୧୧-୭**

ଟେଲିକମ୍ କ୍ଷେତ୍ରରେ ଘରୋଇ ଖେଳାଳିଙ୍କ ସହ ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରୁ ନ ଥିବାରୁ ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍)ର ଆୟ ଦିନକୁ ଦିନ କମିବାରେ ଲାଗିଛି। ଫଳସ୍ୱରୂପ ଏହା ପ୍ରତିବର୍ଷ କ୍ଷତି ସହିଚାଲିଛି। ଏଭଳି ସ୍ଥିତିରେ ଏହି ସରକାରୀ ଟେଲିକମ କମ୍ପାନୀର କ୍ଷତିର ପରିମାଣ ଏବେ ପ୍ରାୟ ୧୪ ହଜାର କୋଟି ଟଙ୍କା ହେବ। କର୍ମଚାରୀଙ୍କୁ ଦରମା ଦେବାକୁ ଅର୍ଥ ନାହିଁ। ଏଥିରୁ ମୁକ୍ତି ପାଇବା ଲାଗି ବିଏସ୍ଏନ୍ଏଲ୍ ପକ୍ଷରୁ ଏବେ ଏହାର ସମ୍ପତ୍ତିକୁ ଲିଜ୍ ଦିଆଯିବ। ଜମି, ମୋବାଇଲ ଟାୱାର, ଫାଇବର ନେଟ୍‌ୱର୍କକୁ ଲିଜ୍ ଦେଇ କମ୍ପାନୀ ପ୍ରାୟ ୨୦ ହଜାର କୋଟି ଟଙ୍କା ଆୟ କରିବ ବୋଲି ଆଭ୍ୟନ୍ତରୀଣ ଆକଳନରେ ଦର୍ଶାଯାଇଛି।

ପ୍ରାପ୍ତ ସୂଚନାନୁଯାୟୀ, କମ୍ପାନୀର କର୍ପୋରେଟ ଅଫିସ୍‌ରୁ ଏକ ସର୍କୁଲାର ଏହାର ସମସ୍ତ ଆଞ୍ଚଳିକ, ଜୋନ୍ ଅଫିସକୁ ପଠାଯାଇଛି। କମ୍ପାନୀ ନିକଟରେ ରହିଥିବା ଜମିର ପରିମାଣ, ମୋବାଇଲ ଟାୱାର ସଂଖ୍ୟା ଓ ଫାଇବର ନେଟ୍‌ୱର୍କର ବିସ୍ତାର ସମ୍ପର୍କରେ ଜଣାଇବାକୁ କୁହାଯାଇଛି। କମ୍ପାନୀର ଖାଲି ପଡିଥିବା ଜମି, କୋଠା ନିର୍ମାଣ ହୋଇଥିଲେ ଏହାର ଇନ୍‌ବିଲ୍ଟ ଏରିଆ ଇତ୍ୟାଦି ସମ୍ପର୍କରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନାନୁଯାୟୀ, ବିଏସ୍ଏନ୍ଏଲ୍ ନିକଟରେ ଏବେ ପ୍ରାୟ ୩୨.୭୭ ଲକ୍ଷ ବର୍ଗମିଟର କୋଠା, କାରଖାନା ସହ ଜମି ରହିଛି। ତନ୍ମଧ୍ୟରୁ କେବଳ ଜମିର ପରିମାଣ ୩୧.୯୭ଲକ୍ଷ ବର୍ଗ ମିଟର ହେବ ବୋଲି ସର୍କୁଲାରରେ ଦର୍ଶାଯାଇଛି। ୨୦୧୪-୧୫ର ମୂଲ୍ୟ ଆଧାରିତ ମୁଦ୍ରାସ୍ଫୀତି ସୂଚକାଙ୍କ ହିସାବରେ ସମସ୍ତ ଜମିର ମୂଲ୍ୟ ପ୍ରାୟ ୧୭,୩୯୭ କୋଟି ଟଙ୍କା ହେବ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ୨୦୧୮-୧୯ ହିସାବରେ ଏହାର ବାସ୍ତବ ମୂଲ୍ୟ ପ୍ରାୟ ୨୦,୨୯୬ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ତେବେ ସରକାରଙ୍କଠାରୁ ବିକ୍ରି ଅଥବା ଦୀର୍ଘମିଆଦୀ ଲିଜ୍ ପାଇଁ ଅନୁମତି ପାଇବା ପରେ କମ୍ପାନୀ କୋଠା ସହ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବ। ଜମିର ବାସ୍ତବ ମୂଲ୍ୟ ନିର୍ଦ୍ଧାରଣରେ କୋଠାର ମୂଲ୍ୟକୁ ସାମିଲ କରାଯାଇନାହିଁ। ସୂଚନାଥାଉ କି, ବିଏସ୍ଏନ୍ଏଲ୍‌ର ମୁମ୍ବାଇ, କୋଲକାତା, ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନ, ଗାଜିଆବାଦ୍,ଜବଲପୁରରେ କାରଖାନା ଓ ୱାର୍‌ଲେସ ଷ୍ଟେଶନ ରହିଛି। ଏହାଛଡ଼ା ବିଏସ୍ଏନ୍ଏଲ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ତାଲିକାରେ ଅଫିସ ଓ ଷ୍ଟାଫ୍ କଲୋନୀଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି। ସମସ୍ତ ଜମିରୁ କିଛିର ମ୍ୟୁଟେସନ ହୋଇଥିବା ବେଳେ, କେତେକର ଫ୍ରିହୋଲ୍ଡ ହୋଇଛି। ଏହାଛଡ଼ା କିଛି ଜମିକୁ ଲିଜ୍‌ହୋଲ୍ଡ ଭାବେ ହସ୍ତାନ୍ତର କରାଯାଇଛି। ବିଏସ୍ଏନ୍ଏଲ୍ ନିକଟରେ ଏବେ ୧.୭୬ ଲକ୍ଷ କର୍ମଚାରୀ ରହିଥିବା ବେଳେ ଆୟ କମିବା କାରଣରୁ କମ୍ପାନୀ ଦରମା ଦେଇପାରୁନାହିଁ। ଏଣୁ ନନ୍ କୋର୍ ସମ୍ପତ୍ତିରୁ ଆୟ ବଢ଼ାଇବାକୁ କମ୍ପାନୀ ଆଗେଇଚାଲିଛି। ବର୍ତ୍ତମାନ କେନ୍ଦ୍ର ସରକାର ସମସ୍ତ ରାଷ୍ଟ୍ରାୟତ୍ତ ସଂସ୍ଥାର ଜମି, କୋଠା ଆଦିକୁ ଲିଜ୍ ଅଥବା ବିକ୍ରି କରି ରାଜସ୍ୱ ଆଦାୟ ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏଥିପାଇଁ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଦୀପମ) ଗଠନ କରାଯାଇଛି। ଏହାରି ମାଧ୍ୟମରେ ବିଏସ୍ଏନ୍ଏଲ୍ ନିଜର ସମ୍ପତ୍ତି ବିକ୍ରି ଅଥବା ଲିଜ୍ ସମ୍ପର୍କରେ ନିଷ୍ପତ୍ତି ନେବ। ୨୦୧୮-୧୯ରେ କମ୍ପାନୀର ମୋଟ କ୍ଷତିର ପରିମାଣ ୧୪,୨୦୨ କୋଟି ଟଙ୍କା ରହିଛି ବୋଲି ଆକଳନ କରାଯାଇଛି। ୪ଜି ସ୍ପେକ୍ଟ୍ରମର ଅନୁପସ୍ଥିତି, କର୍ମଚାରୀଙ୍କ ଦରମା ପିଛା ଅଧିକ ବ୍ୟୟ ତଥା ଟାରିଫ୍‌କୁ ନେଇ ଘରୋଇ କମ୍ପାନୀଙ୍କ ସହ ପ୍ରତିଯୋଗିତା ଯୋଗୁ ବିଏସ୍ଏନ୍ଏଲ୍‌ର କ୍ଷତିର ପରିମାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ୨୦୧୮-୧୯ ସୁଦ୍ଧା କମ୍ପାନୀର ରାଜସ୍ୱ ଆୟ ୧୯,୩୦୮ କୋଟି ହେବ ବୋଲି ଅନୁମାନ କରାଯାଉଛି। ୨୦୧୭-୧୮ରେ ଏହା ୨୫,୦୭୧ କୋଟି ଟଙ୍କା ଥିଲା। ସରକାର ବିଏସ୍ଏନ୍ଏଲ୍ ଓ ଏମ୍‌ଟିଏନ୍ଏଲ୍‌କୁ ସହାୟତା ପ୍ୟାକେଜ ଦେବାକୁ ବିଚାର କରୁଛନ୍ତି।




# ମାଲ୍ୟାଙ୍କ ସମ୍ପତ୍ତି ଜବତକୁ ହାଇକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୧୧-୭**

ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ବମ୍ବେ ହାଇକୋର୍ଟରୁ ଗୁରୁବାର ଜୋରଦାର ଝଟକା ଲାଗିଛି। ସମ୍ପତ୍ତି ଜବତ ଉପରେ କଟକଣା ଲାଗୁ କରିବା ଲାଗି ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଫଳରେ ମାଲ୍ୟାଙ୍କ ସମ୍ପତ୍ତି ଜବତକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ପ୍ରିଭେନ୍‌ସନ ଅଫ୍ ମନିଲଣ୍ଡରିଂ ଆଇନ ଅନୁସାରେ ସ୍ୱତନ୍ତ୍ର ଅଦାଲତ ଦ୍ୱାରା ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆଗତ ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଏଜେନ୍ସିଙ୍କ ପକ୍ଷରୁ ସମ୍ପତ୍ତି ଜବତ ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିବାକୁ ମଦ ବ୍ୟବସାୟୀ ଆବେଦନ କରିଥିଲେ। ତେବେ ଜଷ୍ଟିସ ଅକିଲ କ୍ୟୁରେସି ଓ ଜଷ୍ଟିସ ଏସ୍.ଜେ.କାଠୱାଲାଙ୍କୁ ନେଇ ଗଠିତ ହାଇକୋର୍ଟ ଖଣ୍ଡପୀଠ ରହିତାଦେଶ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ସୂଚନାଥାଉ କି, ଚଳିତବର୍ଷ ଜାନୁୟାରୀ ୫ରେ ସ୍ୱତନ୍ତ୍ର ପିଏମ୍ଏଲ୍ଏ ଅଦାଲତ ମାଲ୍ୟାଙ୍କୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରିଥିଲେ। ମାଲ୍ୟା ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।



### ବନ୍ଧୁତ୍ୱ ସତ୍ତ୍ୱେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମୁଖ୍ୟ ଦେଇ ନ ଥିଲେ ଋଣ

ବନ୍ଧୁତ୍ୱ ଓ ବ୍ୟାଙ୍କ କାର୍ଯ୍ୟକୁ ଅଲଗା ରଖିବାକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏମ୍‌ଡି ଆଦିତ୍ୟ ପୁରୀ ବ୍ୟାଙ୍କ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସହ ତାଙ୍କର ବନ୍ଧୁତ୍ୱ ଥିଲେ ସୁଦ୍ଧା ସେ ତାଙ୍କୁ ଋଣ ଦେଇ ନ ଥିଲେ ବୋଲି ପୁରୀ ଉଦାହରଣ ଛଳରେ କହିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମାଲ୍ୟାଙ୍କ ଋଣ ଆବେଦନକୁ ଖାରଜ କରିଥିଲା ବୋଲି ସେ ସୂଚନା ଦେଇଛନ୍ତି। ମାଲ୍ୟା ତାଙ୍କ ନିକଟକୁ ଋଣ ଆବେଦନ ନେଇ ଆସିଥିଲେ। ସେ ତାଙ୍କୁ କଫି ପିଆଇଥିଲେ ଓ ଆବେଦନ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କ ସାଥୀ ପରେଶ ସୁକଥାଙ୍କର ମାଲ୍ୟାଙ୍କ ଆବେଦନକୁ ଖାରଜ କରିଦେଇଥିଲେ ବୋଲି ଉଲ୍ଲେଖ କରି ପୁରୀ କହିଛନ୍ତି ଯେ, ଏହି ଘଟଣାକୁ ନେଇ ମାଲ୍ୟା ସର୍ବଦା ତାଙ୍କୁ ଗାଳି ଦେଉଥିଲେ। ତାଙ୍କ ମତରେ ବନ୍ଧୁତ୍ୱ ଓ ବ୍ୟାଙ୍କିଙ୍ଗ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ଋଣ ଦେବା ବେଳେ ସ୍ପଷ୍ଟ ମନୋଭାବ ପୋଷଣ କରିବା ସହ ରିସ୍କ ମ୍ୟାନେଜମେଣ୍ଟ କରିବା ଯୋଗୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅସୁବିଧାରେ ପଡିନି ବୋଲି ସେ କହଛନ୍ତି।

### ସୁନା ୩୬ ହଜାର ନିକଟତର

**ନୂଆଦିଲ୍ଲୀ,୧୧-୭**

ଆମେରିକା ଅର୍ଥନୀତିକୁ ଗତିଶୀଳ କରିବା ଲକ୍ଷ୍ୟରେ ସୁଧ ହାର କମାଯାଇପାରେ ବୋଲି ଫେଡେରାଲ ରିଜର୍ଭ ଅଧ୍ୟକ୍ଷ ଜେରମ ପାୱେଲ ମନ୍ତବ୍ୟ ଦେବା ପରେ ସୁନା ବଜାରରେ ହଇଚଇ ସୃଷ୍ଟି ହୋଇଛି। ନିବେଶକମାନେ ସୁନାରେ ନିବେଶ କରିବା ସୁରକ୍ଷିତ ମନେ କରିବାରୁ ଗୁରୁବାର ପୁଣିଥରେ ସୁନାର ଅହେତୁକ ଦରବୃଦ୍ଧି ଘଟିଛି। ସ୍ଥାନୀୟ ସର୍ରାଫା ବଜାରରେ ହଳଦିଆ ଧାତୁର ମୂଲ୍ୟ ପ୍ରତି ୧୦ ଗ୍ରାମ ପ୍ରାୟ ୩୬ ହଜାର ଟଙ୍କାର ନିକଟତର ହୋଇଛି। ଗୁରୁବାର ପ୍ରତି ୧୦ ଗ୍ରାମ ସୁନାର ଦର ୯୩୦ ଟଙ୍କା ବୃଦ୍ଧି ପାଇ ୩୫,୮୦୦ ଟଙ୍କାରେ ପହଞ୍ଚିଛି। ଏହା ୨୦୧୪ ପରେ ସର୍ବାଧିକ ଦର ବୃଦ୍ଧି ବୋଲି କୁହାଯାଉଛି। ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନର ରିପୋର୍ଟ ଅନୁଯାୟୀ, ୯୯.୯% ଏବଂ ୯୯.୫% ଶୁଦ୍ଧତାର ୧୦ ଗ୍ରାମ ସୁନାର ମୂଲ୍ୟ ଗୁରୁବାର ୯୩୦ ଟଙ୍କା ବଢ଼ି ଯଥାକ୍ରମେ ୩୫,୮୦୦ ଟଙ୍କା ଏବଂ ୩୫,୬୩୦ ଟଙ୍କା ହୋଇଛି। ସେହିଭଳି ରୁପା ଦର ମଧ୍ୟ କେଜି ପ୍ରତି ୩୦୦ ଟଙ୍କା ବୃଦ୍ଧି ପାଇ ୩୯,୨୦୦ ଟଙ୍କାରେ ପହଞ୍ଚିଛି। ବ୍ୟବସାୟୀଙ୍କ କହିବାନୁଯାୟୀ, ସ୍ଥାନୀୟ ଜୁଏଲରଙ୍କ ପକ୍ଷରୁ ଚାହିଦା ବୃଦ୍ଧି କାରଣରୁ ସୁନା ଦର ବୃଦ୍ଧି ପାଇଛି। ଏହାମଧ୍ୟ ଖୁବଶୀଘ୍ର ୪୦ ହଜାର ଟଙ୍କା ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସୁନାର ଏଭଳି ଦରବୃଦ୍ଧିକୁ ଲକ୍ଷ୍ୟ କରି ବିଶେଷଜ୍ଞମାନେ ଆସନ୍ତାବର୍ଷ ଜୁନ୍ ସୁଦ୍ଧା ଏହି ଧାତୁର ମୂଲ୍ୟ ୧୦ ଗ୍ରାମ ପିଛା ୪୦ ହଜାର ଟଙ୍କା ହେବ ବୋଲି ଅନୁମାନ କରିଛନ୍ତି।

# ପିସିଏରୁ ବାହାରିବ ୟୁକୋ ବ୍ୟାଙ୍କ




**ଭୁବନେଶ୍ୱର,୧୧-୭(ବ୍ୟୁରୋ)**

ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ଗତବର୍ଷ ମାର୍ଚ୍ଚ ତ୍ରୈମାସଠାରୁ ଏହାର ପରିଚାଳନାଗତ ଲାଭରେ ଅଭିବୃଦ୍ଧି ହାସଲ କରୁଛି। ପରିଚଳନାରେ ଉନ୍ନତି ଆଣିବା ଲାଗି ଅନାଦାୟ ଋଣ (ଏନ୍‌ପିଏ) ଅସୁଲ ଉପରେ ବ୍ୟାଙ୍କ ବର୍ତ୍ତମାନ ଧ୍ୟାନ କେନ୍ଦ୍ରିତ କରୁଛି। ପ୍ରତି ତ୍ରୈମାସରେ ୨୦୦୦ କୋଟି ଟଙ୍କା ଅସୁଲ କରିବାକୁ ଏହା ଲକ୍ଷ୍ୟ ରଖିଛି। ଏହି ଉପାୟରେ ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ୮୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରହିଥିବା ବ୍ୟାଙ୍କର ଏମ୍‌ଡି ଏବଂ ସିଇଓ ଅତୁଲ କୁମାର ଗୋଏଲ ଗୁରୁବାର ଏଠାରେ ସୂଚନା ଦେଇଛନ୍ତି। ସେହିଭଳି ଏନ୍‌ସିଏଲ୍‌ଟିକୁ ଯାଇଥିବା ପ୍ରାୟ ୨-୩ ବଡ ଆକାଉଣ୍ଟରୁ ବ୍ୟାଙ୍କ ଜୁନ ତ୍ରୈମାସରେ ପ୍ରାୟ ୧୫୦୦ କୋଟି ଟଙ୍କା ବ୍ୟାଙ୍କ ପାଇପାରିବ। ୨୦୨୦ ମାର୍ଚ୍ଚ ବେଳକୁ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କର ପ୍ରମ୍ପ୍ଟ କରେକ୍ଟିଭ୍ ଆକ୍ସନ (ପିସିଏ) କାର୍ଯ୍ୟାନୁଷ୍ଠାନରୁ ବ୍ୟାଙ୍କ ବାହାରିବା ନେଇ ଆଶା ରହିଛି। ବ୍ୟାଙ୍କ ଶୀଘ୍ର ଲାଭଜନକ ସ୍ଥିତିକୁ ଫେରିବାନଇ ପଦକ୍ଷେପ ନିଆଯାଉଛି ବୋଲି ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଗୋଏଲ ଏହା କହିଛନ୍ତି।

ଓଡିଶାରେ କୃଷି, ଏମ୍ଏସ୍ଏମ୍ଇ, ହାଉସିଂ କ୍ଷେତ୍ରରେ ଋଣ ପ୍ରଦାନକୁ ବର୍ତ୍ତମାନ ପ୍ରାଥମିକତା ଦିଆଯାଉଛି। ଏଠାରେ ବ୍ୟାଙ୍କ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଭାବେ କାର୍ଯ୍ୟ କରୁଛି। ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁରଠାରେ ୩ କାର୍ଯ୍ୟାଳୟ ସହ ଏହା ପରିଚାଳନାକୁ ଦେଖୁଛି। ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ୟାଙ୍କର ନେଟ୍ ଏନ୍‌ପିଏ ୬%କୁ ହ୍ରାସ ନେଇ ଲକ୍ଷ୍ୟ ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ମାର୍ଚ୍ଚ ତ୍ରୈମାସରେ ବ୍ୟାଙ୍କର ନେଟ୍ ଏନପିଏ ୯.୭୩ ରହିଥିବା ବେଳେ ଏହାକୁ ୬%କୁ ହ୍ରାସ କରାଇବା ଲାଗି ଅଂଶୀଦାରଙ୍କ ସହ ମିଳିତ ହୋଇ କାର୍ଯ୍ୟ କରୁଛି।

ରିଟେଲ ପୋର୍ଟଫୋଲିଓ ବୃଦ୍ଧି, ନୂଆ ନିବେଶ ଯୋଜନା, ପିଏସ୍‌ବି ୫୯ ଯୋଜନା କାର୍ଯ୍ୟକାରିତା ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଉନ୍ନତ ପ୍ରଦର୍ଶନ କରୁ ନ ଥିବା ଶାଖାଗୁଡିକୁ କମାଇ ନିକଟବର୍ତ୍ତୀ ଶାଖାଗୁଡିକ ସହ ମିଶ୍ରଣ କରାଯାଉଛି। ବର୍ତ୍ତମାନ ସୁଦ୍ଧା ୭-୧୦ ଶାଖା ମିଶ୍ରଣ ହୋଇଛି। ଆଉ ୩ରୁ ୪ ଶାଖାକୁ ମିଶ୍ରଣ କରିବାକୁ ଯୋଜନା ରଖାଯାଇଛି।

- ପାର୍ଲାମେଣ୍ଟରେ ବିଲ୍ ଗୃହୀତ

# ଆମେରିକାରେ ଗ୍ରୀନ୍ କାର୍ଡ ସୀମା ହଟିବ

**ୱାଶିଂଟନ,୧୧-୭**

ଗ୍ରିନ୍ କାର୍ଡ ଜାରି ରଖିବାର ବର୍ତ୍ତମାନର ୭ ପ୍ରତିଶତ ସୀମାକୁ ହଟାଇବା ଲାଗି ଆଗତ ଏକ ବିଲ୍‌କୁ ଆମେରିକା ପାର୍ଲାମେଣ୍ଟ ବୁଧବାର ଅନୁମୋଦନ କରିଛି। ଆମେରିକାରେ ସ୍ଥାୟୀ ଭାବେ ବସବାସ କରିବା ତଥା କାମ କରିବା ଲାଗି ଗ୍ରିନ୍ କାର୍ଡ ପ୍ରଦାନ କରାଯାଇଥାଏ। ପ୍ରତିନିଧି ସଭା ଦ୍ୱାରା ଅନୁମୋଦନ ଲାଭ କରିଥିବା ଏହି ବିଲ୍ ଦ୍ୱାରା ଭାରତ ଭଳି ଦେଶର ପ୍ରତିଭାଶାଳୀ ପେସାଦାରଙ୍କୁ ଆଶ୍ୱସ୍ତି ଆଣିଦେଇଛି। ଅନ୍ୟ ଦେଶ ତୁଳନାରେ ଭାରତୀୟମାନେ ଏହି ବିଲ୍ ଦ୍ୱାରା ଅଧିକ ଲାଭବାନ ହେବେ। କାରଣ ଚାଇନା ପରେ ବହୁସଂଖ୍ୟାରେ ଭାରତୀୟ ଗ୍ରିନ୍‌କାର୍ଡ ମାଧ୍ୟମରେ ଆମେରିକାରେ ବସବାସ କରିବାକୁ ଚାହୁଁଛନ୍ତି। ଫେୟାରନେସ୍ ଅଫ୍ ହାଇସ୍କିଲ୍ଡ ଇମିଗ୍ରାଣ୍ଟସ ଆକ୍ଟ, ୨୦୧୯ ଅଥବା ଏଚ୍‌ଆର୍ ୧୦୪ ନାମରେ ଆଗତ ଏହି ବିଲ୍ ୪୩୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟରେ ୬୫ ମୁକାବିଲାରେ ୩୬୫ ଭୋଟ୍‌ରେ ଅନୁମୋଦନ ଲାଭ କରିଥିଲା।


**CORRIGENDUM (Advertisement on 10.07.2019 for appointment of Handling Contractor for the F.Y. 2019-21)**

| | |
|---|---|
| Date of opening of Price Bid | On 17.07.2019 read as at 11.45 A.M. instead of 11.00 A.M. |

Yours faithfully
Sd./- C.S.O-cum-Dist. Manager
OSCSC Ltd., Nayagarh

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତରଭା, ଜିଲ୍ଲା- ସୁବର୍ଣ୍ଣପୁର**

ବିଜ୍ଞାପନ ସଂଖ୍ୟା : ୧୬୫୪/ ତା. ୦୪.୦୭.୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ପ୍ରତ୍ୟେକ ଗ୍ରାମପଞ୍ଚାୟତ ମାନଙ୍କରେ ୨୦୧୯-୨୦ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ.ଜି.ଏନ୍.ଆର.ଇ.ଜି.ଏସ୍)/ଏନ.ଏସ.ଏ.ପି/ପି.ଏମ.ଜି.ୱାଇ/ବି.ପି.ଜି.ୱାଇ.ର ୨୦୧୮-୧୯ ଆର୍ଥିକ ବର୍ଷରେ (1st April 2018 to 31st March 2019) ସଂପାଦିତ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ ପ୍ରକାରେ ଧାର୍ଯ୍ୟ କରାଯାଇଛି। ଏହି ସାମାଜିକ ସମୀକ୍ଷାକୁ ବିଧିବଦ୍ଧ ଭାବରେ ଆଦୃତ କରିବା ପାଇଁ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକମାନେ ନିଜ ନିଜ ପଞ୍ଚାୟତର ସହଯୋଗ କରିବେ।

**କାର୍ଯ୍ୟସୂଚୀ**

| କ୍ର.ନଂ. | ଯାଞ୍ଚ ତାରିଖ | ଗ୍ରା.ପ.ର ନାମ | ସମୟ | ପଦାଧିକାରୀଙ୍କ ପଦବୀ |
|---|---|---|---|---|
| ୧ | ୩୧.୦୭.୨୦୧୯ | ବାଲିଖମାର, ବାରଭଟା, କୁମ୍ଭାରମୁଣ୍ଡା, କମସରା, ତୁଲୁଣ୍ଡା, ଦୁବୁଲା, ସିଂହାରୀ | ୧୦.୦୦ଘ. | ବି.ଡି.ଓ,ଏ.ବି.ଡି.ଓ, ଏ.ଇ.ଇ., ଏ.ପି.ଓ.ଜି.ପି.ଇ ଓ ବି.ଏସ୍.ଏସ୍ ଓ ଡବ୍ଲୁ.ଇ.ଓ |
| ୨ | ୨୨.୦୮.୨୦୧୯ | ବଘିଆ, ବ୍ରାହ୍ମଣୀ, ମରାଡୁଗୁଛା, ସରଗଜ, ଝାରତରଭା | ୧୦.୦୦ଘ. | ବି.ଡ଼ି.ଓ.,ଏ.ଇ.ଇ., ଏ.ବି.ଡି.ଓ, ବି.ଏସ.ଏସ.ଓ, ଜି.ପି.ଇ.ଓ, ଏ.ପି.ଓ, ଡବ୍ଲ୍ୟୁ.ଇ.ଓ |
| ୩ | ୧୮.୦୯.୨୦୧୯ | ପୁଆ, ଜରାଦାରିଙ୍ଗ, ରାଣୀସର୍ଡା, ମେଣ୍ଡା, ଦେଉଳପଦର, ପାଇକବାହାଲ, ଶିବତୁଲା | ୧୦.୦୦ଘ. | ବି.ଡି.ଓ.ଏ.ବି.ଡି.ଓ, ଜି.ପି.ଇ.ଓ,ବି.ଏସ.ଏସ.ଓ, ଏ.ଇ.ଇ, ଡବ୍ଲ୍ୟୁ.ଇ.ଓ. ଏ.ପି.ଓ |
| | ୨୨.୧୦.୨୦୧୯ | ବ୍ଲକ ସ୍ତରୀୟ ଜନଶୁଣାଣି | ସ୍ଥାନ : ବ୍ଲକ ପରିସର, ତରଭା | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ତରଭା

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା:**

୧. ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦୁର୍ବିପାକ ଦ୍ୱାରା ହେଉଥିବା କ୍ଷତିର ଭରଣା ପାଇଁ ଫସଲ ବୀମା କରନ୍ତୁ।
୨. ବରଗଡ଼ ଜିଲ୍ଲାରେ ଖରିଫ୍ ୨୦୧୯ ପାଇଁ ଧାନ, କପା ଏବଂ ଚିନାବାଦାମ ଶସ୍ୟ ଫସଲ ବୀମାରେ ଅନ୍ତର୍ଭୁକ୍ତ କରାଯାଇଅଛି ଏବଂ ଓରିଏଣ୍ଟାଲ ଇନ୍ସୁରେନ୍ସ କମ୍ପାନୀ ଲିମିଟେଡ୍ ଏଥିପାଇଁ ଅଧିସୂଚିତ ହୋଇଛି।
୩. ଧାନ ଫସଲ ପାଇଁ ଗ୍ରାମ ପଞ୍ଚାୟତ ଅଧିସୂଚିତ ବୀମା ଏକକ ହୋଇଥିବା ବେଳେ ଚିନାବାଦାମ ଏବଂ କପା ପାଇଁ ବ୍ଲକ୍ ବୀମା ଏକକ ଅଟେ।
୪. ପ୍ରିମିୟମ ଜମା କରିବାର ଶେଷ ତାରିଖ ୩୧।୦୭।୨୦୧୯ ଅଟେ। ତେଣୁ ଏହି ତାରିଖ ପୂର୍ବରୁ ଆପଣ ଆପଣଙ୍କ ନିକଟସ୍ଥ ଜନସେବା କେନ୍ଦ୍ରମାନଙ୍କରେ ଜମା କରିଦିଅନ୍ତୁ।
୫. ଅଭିଯୋଗ ଥିଲେ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଭିଯୋଗ ନିବାରଣ ଅଧିକାରୀଙ୍କ ସହ ୦୬୭୪-୨୫୪୭୦୮୧ରେ ସମ୍ପର୍କ କରନ୍ତୁ କିମ୍ବା ନିଃଶୁଳ୍କ ସହାୟତା ସେବା ନଂ. ୧୮୦୦-୧୧-୮୪୮୫ରେ ଯୋଗାଯୋଗ କରନ୍ତୁ।
୬. ଧାନ, ଚିନାବାଦାମ ଓ କପା ଫସଲର ପ୍ରିମିୟମ ନିମ୍ନମତେ ଧାର୍ଯ୍ୟ ହୋଇଛି।

**ଫସଲୱାରୀ ବୀମାକୃତ ରାଶି ଓ ପ୍ରିମିୟମର ପରିମାଣ**

| କ୍ରମିକ ନଂ. | | ଧାନ | ଚିନାବାଦାମ | କପା |
|---|---|---|---|---|
| ୧. | ବୀମାକୃତ ରାଶି (ହେକ୍ଟର ପ୍ରତି) | ଟ.୬୫୦୦୦/- | ଟ.୫୨୭୫୦/- | ଟ.୫୦୦୦୦/- |
| ୨. | ବୀମାକୃତ ରାଶି (ଏକର ପ୍ରତି) | ଟ.୨୬୩୦୫/- | ଟ.୨୧୩୪୮/- | ଟ.୨୦୨୩୫/- |
| ୩. | ପ୍ରିମିୟମ ଦେୟ ରାଶି (ହେକ୍ଟର ପ୍ରତି) | ଟ.୧୩୦୦/- | ଟ.୧୦୫୫/- | ଟ.୨୫୦/- |
| ୪. | ପ୍ରିମିୟମ ଦେୟ ରାଶି (ଏକର ପ୍ରତି) | ଟ.୫୨୬/- | ଟ.୪୨୭/- | ଟ.୧୦୧/- |
| ୫. | ନିର୍ଦ୍ଧାରିତ ବ୍ଲକ୍ | ସମସ୍ତ ଗ୍ରା.ପ. | ଅତାବିରା ଓ ଭେଡ଼େନ ବ୍ୟତୀତ ସମସ୍ତ ବ୍ଲକ୍ | ପଦ୍ମପୁର, ପାଇକମାଳ, ଗାଇସିଲଟ |

ସ୍ୱା./- (୧୦।୦୭।୧୯) କୃଷି ଉପନିର୍ଦ୍ଦେଶକ, ବରଗଡ଼

**OFFICE OF THE MUNICIPAL COUNCIL, BELPAHAR**
☎ - 06645-250458, Fax - 06645-250236, Email-nacbelpahar@gmail.com

**"e" PROCUREMENT NOTICE**

**BID REFERENCE NO.EO/BPHM/01/19-20, BID IDENTIFICATION NO.2019_ORULB_55369**
**TENDER CALL NOTICE NO.2019, DT: 09.07.2019**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | | |
|---|---|---|
| Nature of the Work | : | Individual Civil Construction works as mentioned in website. |
| No. of Works | : | 03 Nos. |
| Estimated Cost | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.12.07.2019 at 10.00 A.M. to dt.23.07.2019 up to 5.00 P.M. |
| Last Date/ Time for receipt of bids in the portal | : | dt. 23.07.2019 up to 05.00 P.M. |
| Submission of original Financial documents (Bid Cost & EMD) by Regd. Post/ speed Post | : | From dt. 24.07.2019 to 29.07.2019 during office hours on working days. |
| Bids received online shall be opened on | : | 11.00 A.M. and onwards on dt.30.07.2019 |
| Name & address of the officer inviting Bid | : | Executive Officer, Belpahar Municipality. |

Further the details can be seen from the procurement portal : www.tendersorissa.gov.in. If any addendum/corrigendum/ cancellation of tender shall be publish in the above website only.
**Sd./- Executive Officer, Belpahar Municipality**

**ODISHA HYDRO POWER CORPORATION LTD.**
(A Govt. of Odisha Undertaking)
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22
Ph. : (0674) 2542983, 2542802, 2545526, 2542826, Fax: (0674) 2542102. Email: fin.ohpc@yahoo.com
Website : www.ohpcltd.com CIN: U40101OR1995SGC003963
ODISHA NEW OPPORTUNITIES

OHPC/AC/Cost Audit/230/15-16/1/5667 Date:11.07.2019

**NOTICE INVITING EXPRESSION OF INTEREST FOR APPOINTMENT/ EMPANELMENT OF COST ACCOUNTANT FIRMS FOR COST AUDIT, PREPARATION OF COST ACCOUNTING RECORDS, COST REVIEW AND OTHER COST RELATED ASSIGNMENTS IN OHPC**

Odisha Hydro Power Corporation Limited invites Expression of Interest from Cost Audit Firms located in the State of Odisha for appointment / empanelment for Cost Audit, Preparation of Cost Accounting Records, Cost Review and Other Cost Related Assignments in OHPC Ltd., its subsidiaries & JV Companies.

Date of display of tender document in website : 12th July 2019,11.00 AM
Last date of submission of EoI : 27th July 2019 upto 1.00 PM
Opening of bid : 27th July 2019, 3.00 PM

**For further details and terms & conditions, please visit the official website of OHPC, i.e. www.ohpcltd.com**
CGM (Finance)

**Odisha State Health & Family Welfare Society,**
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79
NATIONAL HEALTH MISSION
No.126-E

Adv. No.: 31/19 — CONTRACTUAL APPOINTMENT — Date: 12.07.2019

Applications are invited from eligible candidates for filling up the following post under **National Health Mission, Odisha** on contractual basis with monthly remuneration as noted against the post and subject to renewal as per OSH&FW Society terms and conditions. The position is purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | Regional Vaccine & Cold Chain Manager | Rs. 32,761/-+PI |

Interested candidates can log on to www.nrhmorissa.gov.in for details of vacancy, eligibility criteria, ToR, age, selection procedure etc. Online application form will be available from 13.07.2019 to 19.07.2019 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 27.07.2019 (by 5.00 P.M.).

Sd/-
Mission Director, NHM
Member Secretary, OSH&FWS, Odisha

10084/11/0014/1920

Government of Odisha
Office of the Superintending Engineer Northern Circle,Rural Works,Angul
E-Mail - sencrwangul@yahoo.co.in ☎ 06764 - 236404

**e-Procurement Notice for Bridge works in Odisha**
**Bid Identification No. Bridge Online AGL- 04/2019-20**

No. 1168 // Dt.10.07.2019 //

1. Name of the work : Bridge works
2. Total No.of work : 1 No.
3. Estimated cost : Rs.291.10 Lakhs
4. Class of Contractor : 'B' & 'A' Class
5 Period of completion. : 12(Twelve) Calendar Months
6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works,Angul | Bridge Online AGL- 04 / 2019-20 | 17.07.19 at 10.00 A.M | 02.08.19 up to 5.00 P.M | 31.07.19 up to 2.00 P.M | 03.08.19 at 11.00 A.M | 07.08.19 at 11.00 A.M |

(1) For detailed Notice inviting Tenders,Please visit to the website www.tendersorissa.gov.in

25049/11/0003/1920 Sd/- Superintending Engineer, N.C,Rural Works,Angul.

No.169-O






MUTUAL FUNDS Sahi Hai
To know how Mutual Funds are right for you visit mutualfundssahihai.com
Mutual Fund investments are subject to market risks, read all scheme related documents carefully.


# ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲ

**ବର୍ମିହାମ୍,୧୧।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଦ୍ୱିତୀୟ ଦଳ ଭାବେ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ୧୦୭ଟି ବଲ୍ ବାକିରଖି ୮ ଉଇକେଟରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ଅତି ସହଜରେ ହରାଇ ଫାଇନାଲକୁ ଉଠିଛି। ଏଥିସହିତ ଇଂଲଣ୍ଡ ଅଷ୍ଟ୍ରେଲିଆଠାରୁ ଲିଗ୍ ପର୍ଯ୍ୟାୟ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଟାଇଟଲ ପାଇଁ ଇଂଲଣ୍ଡ ରବିବାର ଐତିହାସିକ ଲର୍ଡ୍‌ସ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡକୁ ଭେଟିବ। ବୁଧବାର ନ୍ୟୁଜିଲାଣ୍ଡ ୧୮ ରନରେ ଭାରତକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏଥିସହିତ ଇଂଲଣ୍ଡ ଚତୁର୍ଥଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଇଂଲଣ୍ଡ ୧୯୭୯, ୧୯୮୭ ଓ ୧୯୯୨ ଫାଇନାଲ ଟିକେଟ ହାସଲ କରିଥିଲେ ମଧ୍ୟ ବିଶ୍ୱକପ୍ ଟ୍ରଫି ଜିତିବାରେ ବିଫଳ ହୋଇଥିଲା। ଅନ୍ୟପଟେ ୫ଥର ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ବିଶ୍ୱକପ୍ ଇତିହାସରେ ପ୍ରଥମଥର ପାଇଁ ସେମିଫାଇନାଲରେ ପରାସ୍ତ ହୋଇଛି। ୧୯୯୨ ପରେ ଇଂଲଣ୍ଡ ପ୍ରଥମଥର ପାଇଁ ବିଶ୍ୱକପ୍ ଫାଇନାଲକୁ ଉଠିଛି।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହା ବୁମେରାଂ ସାବ୍ୟସ୍ତ ହୋଇଥିଲା। ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ୪୯ ଓଭରରେ ମାତ୍ର ୨୨୩ ରନ କରି ଅଲଆଉଟ୍ ହୋଇଥିଲା। ଜବାବରେ ଇଂଲଣ୍ଡ ୩୨.୧ ଓଭରରେ ୨ ଉଇକେଟ ହରାଇ ୨୨୬ ରନ କରି ବିଜୟୀ ହୋଇଛି। ୮ ଓଭରରେ ୨୦ ରନ ବ୍ୟୟ କରି ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ୱୋକ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



**ଜୋଫ୍ରା ଆର୍ଚର**
ଓଭର-୧୦
ମେଡେନ-୦
ରନ୍-୩୨
ଉଇକେଟ-୨

୨୨୪ ରନ ଆଭରେଜ ଟାର୍ଗେଟର ପିଛା କରି ଇଂଲଣ୍ଡ ଆରମ୍ଭରୁ ଧୂଆଁଧାର ପ୍ରଦର୍ଶନ କରିଥିଲା। ଦୁଇ ଓପନର ଜନି ବେୟାରଷ୍ଟୋ ଓ ଜାସନ ରୟ ପ୍ରଥମ ଉଇକେଟରେ ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇ ୧୨୪ ରନ କରି ବିଜୟର ମୂଳଦୁଆ ପକାଇଥିଲେ। ତେବେ ବେୟାରଷ୍ଟୋ ୪୩ ବଲ୍‌ରୁ ୫ ଚୌକା ସହ ୩୪ ରନ କରିଥିବା ମିଚେଲ ଷ୍ଟାର୍କ ତାଙ୍କୁ ଏଲ୍‌ବିଡବ୍ଲ୍ୟୁ କରିବା ସହ ବ୍ରେକ୍ ଥ୍ରୁ ଦେଇଥିଲେ। ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା ଓ ଥାର୍ଡ ଅମ୍ପାୟର ତାଙ୍କୁ ଆଉଟ୍ ଘୋଷିତ କରିଥିଲେ। ଏହାପରେ ରୟ ୬୫ ବଲରୁ ୯ ଚୌକା ଓ ୫ ଛକା ସହ ୮୫ ରନ କରିଥିବା ବେଳେ ପ୍ୟାଟ୍ କୁମିନ୍ସଙ୍କ ଲେଗ୍‌ଷ୍ଟମ୍ପ ଉପରେ ବାଉନ୍ସରକୁ ପୁଲ କରିବାକୁ ପ୍ରୟସା କରି ବିଫଳ ହୋଇଥିଲେ। ବଲ ତାଙ୍କ ବ୍ୟାଟ୍‌ରେ ବାଜିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲେ ମଧ୍ୟ ଅମ୍ପାୟର ଆଉଟ୍ ଘୋଷିତ କରିଥିଲେ। ଇଂଲଣ୍ଡ ତା'ର ରିଭ୍ୟୁ ହରାଇଥିବା ବେଳେ ରୟଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। ପରେ ନିରାଶ ହୋଇ ସେ ଡ୍ରେସିଂ ରୁମ୍‌ରେ ବ୍ୟାଟିଂ ଗ୍ଲୋଭ୍ସ ଫୋପାଡିବାର ଲକ୍ଷ୍ୟ କରାଯାଇଥିଲା। ତୃତୀୟ ଉଇକେଟରେ ଅଧିନାୟକ ଇଅନ ମୋର୍ଗାନ ଓ ଜୋ ରୁଟ୍ ୭୫ ବଲରୁ ଅପରାଜିତ ୭୯ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ମୋର୍ଗାନ ୩୯ ବଲରୁ ୮ ଚୌକା ସହ ୪୫ ଓ ରୁଟ୍ ୪୬ ବଲରୁ ୮ ଚୌକା ସହ ୪୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ ଓ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ମାତ୍ର ୧୪ ରନରେ ଟପ୍ ଅର୍ଡରର ମୂଲ୍ୟବାନ ୩ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଥାସମ୍ଭବ ପ୍ରୟାସ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଶେଷ ପର୍ଯ୍ୟନ୍ତ ଏହି ବିପର୍ଯ୍ୟୟର ପ୍ରଭାବରୁ ମୁକ୍ତିପାରି ନ ଥିଲା। ଫଳରେ ଦଳ ମାତ୍ର ୨୨୩ ରନରେ ସୀମିତ ରହିଥିଲା। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଘରୋଇ ବୋଲରଙ୍କ ମାପଚୁପ ବୋଲିଂର ସମ୍ମୁଖୀନ ହୋଇ ନ ପାରି ଅଷ୍ଟ୍ରେଲିଆ ତାରକା ବ୍ୟାଟ୍ସମ୍ୟାନମାନେ ବିଫଳ ପ୍ରଦର୍ଶନ କରିଥିଲେ। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେଙ୍କୁ ବାଦ୍ ଦେଲେ ବାକି ସମସ୍ତେ ବିଫଳ ହୋଇଥିଲେ। ଇନ୍‌ଫର୍ମ






ଓପନର ତଥା ଅଧିନାୟକ ଆରୋନ ଫିଞ୍ଚ୍ ଖାତା ଖୋଲିବା ପୂର୍ବରୁ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ୍‌କୁ ଖେଳିବାକୁ ଯାଇ ଲାଇନ୍ କ୍ରସ୍ କରି ଏଲ୍‌ବିଡ୍ଲ୍ୟୁ ହୋଇଥିଲେ। ଫଳରେ ବଲ୍ ତାଙ୍କ ଆଗ ପ୍ୟାଡ୍‌ରେ ବାଜିଥିଲା। ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ସେମିରେ ଭାରତୀୟ ଅଧିନାୟକ ବିରାଟ କୋହଲି ମଧ୍ୟ ଅନୁରୂପ ଢ଼ଙ୍ଗରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଟୁର୍ନାମେଣ୍ଟରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଥିବା ଅଭିଜ୍ଞ ଓପନର ଡେଭିଡ ୱାର୍ନର କିନ୍ତୁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ସେ ୧୧ ବଲରୁ ୨ ଚୌକା ସହ ମାତ୍ର ୯ ରନ କରିଥିବାବେଳେ କ୍ରିସ୍ ୱୋକ୍ସଙ୍କ ଏକ ବାଉନ୍ସରକୁ ମାରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ଫଳରେ ସେକେଣ୍ଡ ସ୍ଲିପ୍‌ରେ ଜନି ବେୟାରଷ୍ଟୋ ତାଙ୍କ କ୍ୟାଚ୍ ନେଇଥିଲେ। ସେହିପରି ପିଟର ହ୍ୟାଣ୍ଡ୍ସକମ୍ବ ୪ ରନ କରିଥିବା ବେଳେ ୱୋକ୍ସଙ୍କ ଏକ ଷ୍ଟମ୍ପ ଉପର ବଲକୁ ହାଲକା ଭାବେ ଡ୍ରାଇଭ କରିବାକୁ ଚେଷ୍ଟା କରିଥିଲେ। ତେବେ ବ୍ୟାଟ୍ ଓ ପ୍ୟାଡ୍ ମଝିରେ ବଲ୍ ଯାଇ ଷ୍ଟମ୍ପରେ ବାଜି ଥିଲା ଓ ସେ ବୋଲ୍ଡ ହୋଇଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ସ୍ମିଥ୍ ଓ କାରେ ୧୨୭ ବଲରୁ ୧୦୩ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ୭୦ ବଲରୁ ୪ ଚୌକା ସହ ୪୬ ରନ କରିଥିବା ବେଳେ ସ୍ପିନର ଆଦିଲ ରସିଦ୍‌ଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ବଦଳ ଖେଳାଳି ଜେମ୍ସ ଭିନ୍ସଙ୍କୁ କ୍ୟାଚ୍ ଦେଇଥିଲେ। ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଖାତା ଖୋଲିବା ପୂର୍ବରୁ ଏଲ୍‌ବିଡବ୍ଲ୍ୟୁ ହୋଇ ରସିଦଙ୍କ ଶିକାର ହୋଇଥିଲେ। ଏହାପରେ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ଗ୍ଲେନ୍ ମ୍ୟାକ୍ସୱେଲ ୨୩ ବଲରୁ ୨ ଚୌକା ଓ ୧ ଛକା ସହ ୨୨ ରନ କରିଥିବା ବେଳେ ଆର୍ଚରଙ୍କ ବଲ୍‌ରେ ଶର୍ଟ କଭରରେ ଇଅନ ମୋର୍ଗାନଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ସେହିପରି ପ୍ୟାଟ୍ କୁମିନ୍ସ ୬ ରନ କରି ରସିଦଙ୍କ ବଲରେ ଫାଷ୍ଟ ସ୍ଲିପ୍‌ରେ ଜୋ ରୁଟଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ସ୍ମିଥ୍‌ଙ୍କ ପାଳି ପଡିଥିଲା। ସ୍ମିଥ୍ ଧୈର୍ଯ୍ୟର ସହ ବ୍ୟାଟିଂକରି ୧୧୯ ବଲ୍ ଖେଳି ୬ ଚୌକା ସହ ୮୫ ରନ କରିଥିବା ବେଳେ ଉଇକେଟକିପର ଜୋଶ ବଟଲରଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ।

## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ୱାର୍ନର-କ-ବେୟାରଷ୍ଟୋ-ବୋ-ୱୋକ୍ସ-୯
ଫିଞ୍ଚ-ଏଲବିଡବ୍ଲ୍ୟୁ-ଆର୍ଚେର-୦
ସ୍ମିଥ-ରନଆଉଟ-୮୫
ହ୍ୟାଣ୍ଡ୍ସକମ୍ବ-ବୋ-ୱୋକ୍ସ-୪
କାରେ-କ-ଭିନ୍ସ(ଅ)-ବୋ-ରଶିଦ-୪୬
ଷ୍ଟୋଇନିସ-ଏଲବିଡବ୍ଲ୍ୟୁ-ରଶିଦ-୦
ମ୍ୟାକ୍ସୱେଲ-କ-ମୋର୍ଗାନ-ବୋ-ଆର୍ଚେର-୨୨
କୁମିନ୍ସ-କ-ରୁଟ୍-ବୋ-ରଶିଦ-୬
ଷ୍ଟାର୍କ-କ-ବଟଲର-ବୋ-ୱୋକ୍ସ-୨୯
ବେହରେନଡର୍ଫ-ବୋ-ଉଡ୍-୧
ଲିୟନ-ନଟଆଉଟ-୫
ଅତିରିକ୍ତ-୧୬
ମୋଟ(ଅଲଆଉଟ, ୪୯ ଓଭର) ୨୨୩।
ଉଇକେଟ ପତନ: ୧/୪, ୨/୧୦, ୩/୧୪, ୪/୧୧୭, ୫/୧୧୮, ୬/୧୫୭, ୭/୧୬୬, ୮/୨୧୭, ୯/୨୧୭।

ବୋଲିଂ(ଇଂଲଣ୍ଡ)
ୱୋକ୍ସ ୮-୦-୨୦-୩
ଆର୍ଚେର ୧୦-୦-୩୨-୨
ଷ୍ଟୋକ୍ସ ୪-୦-୨୨-୦
ଉଡ୍ ୯-୦-୪୫-୧
ପ୍ଲଙ୍କେଟ ୮-୦-୪୪-୦
ରଶିଦ ୧୦-୦-୫୪-୩।

**ଇଂଲଣ୍ଡ ଇନିଂସ**

ଜାସନ-କ-କାରେ-ବୋ-କୁମିନ୍ସ-୮୫
ବେୟାରଷ୍ଟୋ-ଏଲବିଡବଲ୍ୟୁ-ଷ୍ଟାର୍କ-୩୪
ରୁଟ୍-ନଟଆଉଟ-୪୯
ମୋର୍ଗାନ-ନଟଆଉଟ-୪୫
ଅତିରିକ୍ତ-୧୩
ମୋଟ(୨ ଉଇକେଟ, ୩୨.୧ ଓଭର) ୨୨୬
ଉଇକେଟ ପତନ: ୧/୧୨୪, ୨/୧୪୭।
ବୋଲିଂ(ଅଷ୍ଟ୍ରେଲିଆ)
ବେହରେନଡର୍ଫ ୮.୧-୨-୩୮-୦
ଷ୍ଟାର୍କ ୯-୦-୭୦-୧
କୁମିନ୍ସ ୭-୦-୩୪-୧
ଲିୟନ ୫-୦-୪୯-୦
ସ୍ମିଥ ୧-୦-୨୧-୦
ଷ୍ଟୋଇନ୍ସ ୨-୦-୧୩-୦

# 'ଧୋନୀଙ୍କ ପାଖରେ ବହୁତ କ୍ରିକେଟ ବାକି ଅଛି'

**ନୂଆଦିଲ୍ଲୀ,୧୧।୭(ପି.ଟି.)**

ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିଲେ ମଧ୍ୟ ଭାରତୀୟ ଦଳକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଓ ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଇନା ଇଦୁଲଜୀ ମଧ୍ୟ ଭାରତର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ଲିଗ୍ ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ଟେବୁଲର ଶୀର୍ଷ ସ୍ଥାନ ଅଧିକାର କରିଥିଲା। ଦଳ ଭଲ ପ୍ରଦର୍ଶନ କରିଥିଲା। ତେବେ ଦୁର୍ଭାଗ୍ୟଜନକ ଭାବେ ମ୍ୟାଚ୍ ବର୍ଷା କାରଣରୁ ଦ୍ୱିତୀୟ ଦିନକୁ ଯାଇଥିଲା। ସଅଳ ୩ଟି ଉଇକେଟ ହରାଇ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା ବୋଲି ଇଦୁଲଜୀ କହିଛନ୍ତି। ତେବେ ରବୀନ୍ଦ୍ର ଜାଡେଜା ଓ ମହେନ୍ଦ୍ର ସିଂ ଧୋନୀ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଜାଡେଜା ଓ ଧୋନୀଙ୍କ ପ୍ରଦର୍ଶନ ପ୍ରଶଂସନୀୟ ବୋଲି ସେ କହିଛନ୍ତି।

ଭାରତ ହାରିବା ପରେ ଧୋନୀଙ୍କ ଅବସର ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହାକୁ ଇଦୁଲଜୀ ନାପସନ୍ଦ କରିଛନ୍ତି। ବିଶ୍ୱକପ୍‌ରେ ଧୋନୀ ସାରା ଦୁନିଆକୁ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ତାଙ୍କ ପାଖରେ ଏବେବି ବହୁତ କ୍ରିକେଟ ବାକି ଅଛି ବୋଲି ସେ ପ୍ରମାଣିତ କରିଛନ୍ତି। ସାରା ଟୁର୍ନାମେଣ୍ଟରେ ଧୋନୀଙ୍କ ପ୍ରଦର୍ଶନ ପ୍ରଶଂସନୀୟ। ବ୍ୟକ୍ତିଗତ ଭାବେ ତାଙ୍କ ପ୍ରଦର୍ଶନକୁ ପ୍ରଶଂସା କରୁଛି। ସେ ନିଜେ ଅବସର ସମ୍ପର୍କରେ ନିଷ୍ପତ୍ତି ନେବେ। ଦଳରେ ଥିବା ଯୁବ କ୍ରିକେଟ ତାଙ୍କଠାରୁ ଏବେ ବି ବହୁତ କିଛି ଶିକ୍ଷା କରିପାରିବେ ବୋଲି ଇଦୁଲଜୀ କହିଛନ୍ତି। ଅନ୍ୟପଟେ ଖାନ୍ନା ମଧ୍ୟ ଭାରତୀୟ ଦଳକୁ ପ୍ରଶଂସା କରିଛନ୍ତି। ଲିଗ୍ ପର୍ଯ୍ୟାରେ ଭାରତ ଭଲ ଖେଳିଲା। କୌଣସି ଖେଳାଳି ହାରିବାକୁ ଚାହିଁ ନ ଥାନ୍ତି। ସବୁ ଖେଳାଳି ବିଜୟୀ ହେବା ପାଇଁ ପ୍ରୟାସ କରିଛନ୍ତି। ତେବେ ବିଜୟୀ ପାଇଁ ନ୍ୟୁଜିଲାଣ୍ଡକୁ ଅଭିନନ୍ଦନ ଜଣାଉଛି ବୋଲି ଖାନ୍ନା କହିଛନ୍ତି।





ଆଇସିସି ବିଶ୍ୱକପର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡର ଜୋଫ୍ରା ଆର୍ଚେରଙ୍କ ବାଉନ୍ସର ଅଷ୍ଟ୍ରେଲିଆର ଆଲେକ୍ସ କାରେଙ୍କ ହେଲ୍‌ମେଟରେ ବାଜିଛି ଏବଂ ସେ ଆହତ ହୋଇଛନ୍ତି।

# ଭିନ୍ନ ଭିନ୍ନ ସ୍ଥାନକୁ ଯିବେ ଭାରତୀୟ ଖେଳାଳି

**ଲଣ୍ଡନ,୧୧।୭(ପିଟି)**

ଭାରତୀୟ ଦଳର ବିଶ୍ୱକପ୍ ଜିତିବା ଆଶା ଶେଷ ହୋଇସାରିଛି। ପରବର୍ତ୍ତୀ ସିରିଜ ପୂର୍ବରୁ ଦଳୀୟ ଖେଳାଳିଙ୍କ ହାତରେ ଆଉ ୨ ସପ୍ତାହ ରହିଛି। ଦୀର୍ଘ ୭ ସପ୍ତାହ ଏକାଠି ରହିବା ପରେ ଦଳୀୟ ଖେଳାଳି ଏଠାରୁ ଭିନ୍ନ ଭିନ୍ନ ସ୍ଥାନକୁ ଯିବେ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। କିଛି ଖେଳାଳି ଭାରତକୁ ଫେରିବେ। ଆଉ କିଛି ଲଣ୍ଡନରେ ରହିବେ କିମ୍ବା ଦୁଇ ସପ୍ତାହ ଲାଗି ଅନ୍ୟ ସ୍ଥାନକୁ ଯାଇପାରନ୍ତି। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କିଛିଦିନ ମଧ୍ୟରେ ରାଞ୍ଚି ଫେରିବେ ବୋଲି ଆଶା କରାଯାଉଛି। ଭାରତୀୟ ଦଳରେ ତାଙ୍କ ଭବିଷ୍ୟତ ନେଇ ଆଲୋଚନା ଚାଲିଛି। ଅଧିନାୟକ ବିରାଟ କୋହଲି ମ୍ୟାଚ୍ ପରେ କହିଥିଲେ, ଧୋନୀ ତାଙ୍କ ଭବିଷ୍ୟତ ଯୋଜନା ସମ୍ପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ୩୮ ବର୍ଷୀୟ ଧୋନୀ ଦେଶକୁ ଫେରିବା ପରେ ଘୋଷଣା କରିପାରନ୍ତି। ଭାରତୀୟ ଦଳ ଏବେ ଟେଷ୍ଟ ଓ ସୀମିତ ଓଭର କ୍ରିକେଟ ସିରିଜ୍ ଲାଗି ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ପ୍ରସ୍ତୁତ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ଅଗଷ୍ଟ ୩ରୁ ୮ ତାରିଖ ମଧ୍ୟରେ ୩ ଟି ୨୦ ମ୍ୟାଚ୍ ଖେଳିବ। ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ଆମେରିକାର ଫ୍ଲୋରିଡାରେ ଖେଳାଯିବ।

# ଫିଜିଓ ପାଟ୍ରିକଙ୍କ କାର୍ଯ୍ୟକାଳ ଶେଷ

**ମାଞ୍ଚେଷ୍ଟର,୧୧।୭(ପିଟି)**

ଭାରତୀୟ ଦଳର ଫିଜିଓଥେରାପିଷ୍ଟ ପାଟ୍ରିକ ଫରହାଟଙ୍କ କାର୍ଯ୍ୟକାଳ ବିଶ୍ୱକପ୍ ସେମିଫାଇନାଲ ପରାଜୟ ସହ ଶେଷ ହୋଇଛି। ଭାରତୀୟ ଦଳ ବୁଧବାର ଓଲ୍ଡ ଟ୍ରାଫୋର୍ଡଠାରେ ନ୍ୟୁଜିଲାଣ୍ଡଠାରୁ ହୃଦୟ ବିଦାରକ ପରାଜୟ ବରଣ କରିଛି। ଦଳ ସହ ଶେଷ ଦିନ ମୁଁ ଯେଉଁ ଭଳି ବିତାଇବାକୁ ଚାହୁଁଥିଲି, ତାହା ହେଲା ନାହିଁ। ଦଳ ସହ ୪ ବର୍ଷ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିବାରୁ ବିସିସିଆଇକୁ ଧନ୍ୟବାଦ୍ ଜଣାଉଛି। ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଭବିଷ୍ୟତ ଲାଗି ଶୁଭ କାମନା ଟୁଇଟର ଜରିଆରେ ଜଣାଇଛନ୍ତି ଫର୍‌ହାଟ। ସେ ୨୦୧୫ ଠାରୁ ଦାୟିତ୍ୱରେ ଥିଲେ।

# ଧୋନୀଙ୍କୁ ଲତା ମଙ୍ଗେସ୍‌କରଙ୍କ ସମର୍ଥନ

**ମୁମ୍ବାଇ,୧୧।୭ (ପି.ଟି.)**





ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଏବେ କୋକିଳ କଣ୍ଠୀ ଲତା ମଙ୍ଗେସ୍‌କର ବାହାରିଛନ୍ତି। ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାଜୟ ପରେ ଏବେ ଟିମ୍ ଇଣ୍ଡିଆ ଓ ଭାରତୀୟ କ୍ରିକେଟରଙ୍କୁ ସବୁ ମହଲରୁ ସମାଲୋଚନା କରାଯାଉଛି। ଧୋନୀଙ୍କୁ ମଧ୍ୟ କେତେକେ ପରାଜୟ ପାଇଁ ଦାୟୀ କରୁଛନ୍ତି। ତେବେ ଲତା ଧୋନୀଙ୍କ ସପକ୍ଷରେ ବାହାରିଛନ୍ତି। ଅବସର କଥା ଚିନ୍ତା ନ କରିବାକୁ ଲତା ଧୋନୀଙ୍କୁ ପରାମର୍ଶ ଦେଇଛନ୍ତି। ଖୁବଶୀଘ୍ର ଯେକୌଣସି ମୁହୂର୍ତ୍ତରେ ଭାବପ୍ରବଣ ହୋଇ ଅବସର ନିଷ୍ପତ୍ତି ନେବାକଥା ଚିନ୍ତା କରିବାଠାରୁ ଦୂରରେ ରହିବାକୁ ସେ ଧୋନୀଙ୍କ କହିଛନ୍ତି। ଏବେ ବି ଧୋନୀଙ୍କ ନିକଟରେ ବହୁତ କ୍ରିକେଟ ବାକି ରହିଛି। ଏବେ ମଧ୍ୟ ଦେଶ ତାଙ୍କୁ ଆବଶ୍ୟକ କରୁଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାନାଲ ମ୍ୟାଚ୍‌ରେ ଭାରତ ୧୮ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଏଥିସହିତ ଟୁର୍ନାମେଣ୍ଟ ଫେଭରାଇଟ ଭାରତ ବିଶ୍ୱକପ୍‌ରୁ ବାଦ୍ ପଡିଥିଲା।

୮୭ ବର୍ଷୀୟା ଲତା କ୍ରିକେଟର ଜଣେ ବଡ଼ ପ୍ରଶଂସିକା। ସେ ଟୁଇଟ୍ କରି ଧୋନୀଙ୍କ ସମ୍ପର୍କରେ ନିଜର ମତ ରଖିଛନ୍ତି। ଭାରତର ପରାଜୟ ପରେ ଧୋନୀଙ୍କ ଅବସର ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ହିନ୍ଦୀରେ ସେ ଟୁଇଟ୍ କରି ଧୋନୀଙ୍କ ସମର୍ଥନରେ ବାହାରିଛନ୍ତି। ଉଲ୍ଲେଖଥାଉ କି, ଧୋନୀ ସେମିଫାଇନାଲ ମ୍ୟାଚ୍‌ରେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ରବୀନ୍ଦ୍ର ଜାଡେଜା ମଧ୍ୟ ଦ୍ରୁତ ୭୭ ରନ ସଂଗ୍ରହ କରିଥିଲେ। ସପ୍ତମ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୧୬ ରନ କରିଥିଲେ ମଧ୍ୟ ଭାରତକୁ ବିଜୟୀ କରିପାରି ନ ଥିଲେ।

# ଭୁଲ୍ ନିଷ୍ପତ୍ତି

ସୌରଭ ଗାଙ୍ଗୁଲି

ପ୍ଲେ-ଅଫ୍ ହେଉଛି ପ୍ଲେ-ଅଫ୍। ଏହି ପର୍ଯ୍ୟାୟରେ ହିସାବ ଅଲଗା ଏବଂ ଚାପ ମଧ୍ୟ ଭିନ୍ନ। ଗ୍ରୁପ୍ ପର୍ଯ୍ୟାୟ ପ୍ରଦର୍ଶନର ମାନେ କିଛି ନାହିଁ। ମାଞ୍ଚେଷ୍ଟରରେ ଭାରତର ପ୍ରଦର୍ଶନ ସମସ୍ତେ ଜାଣନ୍ତି। ୨୦୧୫ଠାରୁ ଭାରତ ଏଠାରେ ଗୋଟିଏ ହେଲେ ମ୍ୟାଚ ହାରି ନାହିଁ। ତେଣୁ ଦଳଠାରୁ ସମସ୍ତେ ଭଲ ଆଶା କରିବା ସ୍ୱାଭାବିକ। କହିବାକୁ ଗଲେ ଫାଇନାଲ ତୁଳନାରେ ସେମିଫାଇନାଲରେ ଚାପ ଅଧିକ। ମ୍ୟାଚରେ ବୁମ୍‌ରାଙ୍କ ନେତୃତ୍ୱାଧୀନ ଭାରତୀୟ ବୋଲିଂ ଆକ୍ରମଣ ଖୁବ୍ ଭଲ ରହିଥିଲା। ସେମାନେ ନ୍ୟୁଜିଲାଣ୍ଡକୁ ୨୩୯ରେ ସୀମିତ ରଖିବାରେ ମଧ୍ୟ ସଫଳ ହେଲେ। ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍‌ଅପ୍ ଏହାକୁ ସହଜେ ଅତିକ୍ରମ କରିଯିବ ବୋଲି ନ୍ୟୁଜିଲାଣ୍ଡ ମନେ କରିଥିଲା। ଧାୱନ ଆଘାତପ୍ରାପ୍ତ ହେବା ପରେ ଏହି ବିଶ୍ୱକପ୍‌ରେ ଭାରତୀୟ ଦଳର ସମର୍ଥକଙ୍କ ଆଶଙ୍କା ଥିଲା ଯେ, କୋହଲି ଏବଂ ରୋହିତଙ୍କ ଉଇକେଟ ଯଦି ଶୀଘ୍ର ପତନ ଘଟେ ତା ହେଲେ କ'ଣ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତ ମାତ୍ର ୫ ରନ ସ୍କୋରରେ ଏହାର ୩ ଆଗଧାଡ଼ି ବ୍ୟାଟ୍ସମ୍ୟାନଙ୍କୁ ହରାଇ ସଂକଟରେ ପଡ଼ିଥିଲା। ଲିଗ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବା ଭାରତ ଏହି ମ୍ୟାଚ ପାଇଁ ଅନ୍ୟକୁ ଚକିତ କଲା ଭଳି କେତେକ ନିଷ୍ପତ୍ତି ନେଇଥିଲା। ୩ଟି ଉଇକେଟର ଶୀଘ୍ରପତନ ପରେ ଧୋନୀଙ୍କ ଭଳି ଖେଳାଳିଙ୍କୁ ବିଳମ୍ବରେ ବ୍ୟାଟିଂ କରିବା ଲାଗି ପଠାଇବା ଏକ ବଡ଼ ଭୁଲ୍ ନିଷ୍ପତ୍ତି ଥିଲା। ଯୁବ ଖେଳାଳି ରିଷଭ ପନ୍ତଙ୍କ ସହିତ ଥିଲେ ସେ ତାଙ୍କୁ ଦିଗ୍‌ଦର୍ଶନ ଦେଇ ପାରିଥାନ୍ତେ। ଦୁହେଁ ହୁଏତ ଦଳ ପାଇଁ ଇନିଂସ ଗଢିପାରିଥାନ୍ତେ। ଭୁବନେଶ୍ୱର କୁମାରଙ୍କ ପାଇଁ ମୋର ଯଥେଷ୍ଟ ସମ୍ମାନ ରହିଛି, ହେଲେ ଏହି ମ୍ୟାଚରେ ସାମିଙ୍କୁ ଖେଳାଇବା ଉଚିତ ହୋଇଥାନ୍ତା। ଭାରତ ତରଫରୁ ଜାଡ଼େଜାଙ୍କ ପ୍ରଦର୍ଶନ ଖୁବ୍ ଚମତ୍କାର ଥିଲା। ତାଙ୍କ ବୋଲିଂ ଉଚ୍ଚକୋଟୀର ଥିଲା। ଚାପରେ ଥିବା ଅବସ୍ଥାରେ ଲଢୁଆ ବ୍ୟାଟିଂ କରି ସେ ତାଙ୍କ ସାହସ ଓ ମନୋବଳର ପରିଚୟ ଦେଇଥିଲେ। ସେ ଓ ଧୋନୀ ରନ ହାରକୁ ଆଗେଇ ନେଇ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ମାତ୍ର ଦଳ ଦୁର୍ଭାଗ୍ୟବଶତଃ ଜିତିପାରି ନ ଥିଲା। ବିଜୟର ଶ୍ରେୟ ନ୍ୟୁଜିଲାଣ୍ଡ ଦଳ ହେଉ ଅବା ଏହାର ଅଧିନାୟକ କେନ୍ ୱିଲିୟମସନଙ୍କୁ ଯିବ। ମ୍ୟାଚର ଫଳାଫଳରୁ ଏହା ସ୍ପଷ୍ଟ ସୂଚନା ମିଳୁଛି, ଯେ, କ୍ରିକେଟରେ କେହି ଅଣ୍ଡରଡଗ୍ ନୁହଁନ୍ତି। ତୁମେ ପଏଣ୍ଟ ଟେବୁଲରେ କେଉଁ ସ୍ଥାନରେ ରହିଛ ସେଥିରେ କିଛି ମାନେ ନାହିଁ। ମ୍ୟାଚ ଦିନ ଯିଏ ଭଲ ଖେଳିବ ସେହି ଦଳ ବିଜୟୀ ହେବ। **(ଗେମ୍‌ପ୍ଲାନ୍)**


SEAGRAM'S
ROYAL STAG
MEGA MUSIC CDs

“ କିମ୍ବଦନ୍ତୀ ମହିଳା ବକ୍ସର ମେରିକମ୍‌ଙ୍କର ମୁଁ ଜଣେ ଜବରଦସ୍ତ ସମର୍ଥକ, ମୋ ପାଇଁ ସେ ପ୍ରେରଣାଦାୟକ ମଧ୍ୟ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



“ ଆଇସିସି ବିଶ୍ୱକପ୍ ସେମିଫାଇନାଲରେ ଭାରତୀୟ ଖେଳାଳି ନ୍ୟୁଜିଲାଣ୍ଡ ସ୍ପିନର ମିଚେଲ ସାଣ୍ଟନରଙ୍କୁ ଆକ୍ରମଣାତ୍ମକ ଖେଳିବାର ଥିଲା ।

–କେ. ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଅଧିନାୟକ



## ସଂକ୍ଷେପରେ

### ପୂର୍ବତନ ଖେଳାଳି ତନୁଜା ବାଗ୍‌ଙ୍କ ଆର୍ଥିକ ଦୁରବସ୍ଥା ସୁଧାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧ା୭ (ସ୍ପୋର୍ଟ୍ସ ବ୍ୟୁରୋ)- ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ତନୁଜା ବାଗ୍‌ଙ୍କ ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବାପରେ ତାଙ୍କ ଆର୍ଥିକ ଦୁରବସ୍ଥା ସୁଧାରିବା ଦିଗରେ ବିହିତ କର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କ୍ରୀଡ଼ା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଖବର ଅନୁସାରରେ କ୍ରୀଡ଼ା ସଫଳତା ଭିତ୍ତିରେ ତନୁଜାଙ୍କୁ ସରକାରୀ ପ୍ରୋତ୍ସାହନ ସ୍ୱରୂପ ତାଙ୍କୁ ହୋମ୍‌ଗାର୍ଡରେ ନିଯୁକ୍ତି ମିଳିଥିଲା । ମାତ୍ର ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଛୁଟିରେ ରହିବାରୁ ତାଙ୍କୁ ସସ୍‌ପେଣ୍ଡ କରାଯାଇଥିଲା । ପରେ ତାଙ୍କୁ ଝାରସୁଗୁଡ଼ାସ୍ଥିତ ଏକ ସ୍କୁଲରେ କୋଚ୍ ଭାବେ ନିଯୁକ୍ତି ଦିଆଯାଇଥିଲା । ମାତ୍ର ତାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ଏହି ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାର ବିଷୟ ରିପୋର୍ଟରେ ପ୍ରକାଶ ପାଇବା ପରେ କ୍ରୀଡ଼ା ମନ୍ତ୍ରୀ ତଦନ୍ତ ପାଇଁ ଝାରସୁଗୁଡ଼ା ଜିଲା କ୍ରୀଡ଼ା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କ୍ରୀଡ଼ା ଅଧିକାରୀଙ୍କ ରିପୋର୍ଟକୁ ଭିତ୍ତିକରି ଜିଲାପାଳ ତନୁଜାଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ଦୂତୀଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୧ା୭,(କ୍ରୀଡ଼ା ପ୍ରତିନିଧି)- ଇଟାଲୀର ନାପୋଲିଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତିଥିବା ଓଡ଼ିଶାର ଦୂତୀ ଚାନ୍ଦଙ୍କୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅଭିନନ୍ଦନ ଜଣାଇଛନ୍ତି । ପ୍ରଥମ ଭାରତୀୟଭାବେ ସ୍ୱର୍ଣ୍ଣପଦକ ହାସଲ କରି ଦୂତୀ ଓଡ଼ିଶା ସମେତ ସମଗ୍ର ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଛନ୍ତି । ଦୂତୀଙ୍କ ଏହି ସଫଳତା ଜାରି ରହିବାସହ ଭବିଷ୍ୟତର ଖେଳାଳିମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

# ଆହତ ସମସ୍ୟା, ରୋହିତ୍–ବୁମ୍‌ରାଙ୍କ ଚମକ

**ମାଞ୍ଚେଷ୍ଟର, ୧୧ା୭**

ପ୍ରମୁଖ ଟାଇଟଲ୍ ଦାବିଦାର ଭାବେ ଭାରତୀୟ କ୍ରିକେଟ୍ ଦଳ ଚଳିତ ଆଇସିସି ବିଶ୍ୱକପ୍‌କୁ ପ୍ରବେଶ କରିଥିଲା । ବିଶ୍ୱକପ୍ ଆଗକୁ ବଢ଼ିବା ସହିତ ବିରାଟ ବାହିନୀ କ୍ରିକେଟ୍‌ର ଏହି ମହାକୁମ୍ଭରେ ଦମ୍‌ଦାର ପ୍ରଦର୍ଶନ କରି ଟ୍ରଫି ଦାବିଦାର ଭାବେ ସ୍ଥିତି ବଜାୟ ରଖିଥିଲା । ରୋହିତ୍ ଶର୍ମାଙ୍କ ଚମତ୍କାର ଫର୍ମ, ବିରାଟ କୋହଲିଙ୍କ ଲଗାତର ୫ ଅର୍ଦ୍ଧଶତକ ଏବଂ ଯଶପ୍ରୀତ୍ ବୁମ୍‌ରାଙ୍କ ୧୮ ଉଇକେଟ୍ ଦଖଲ ସାଙ୍ଗକୁ ଟିମ୍‌ର ଆବଶ୍ୟକତା ସମୟରେ ତାଙ୍କର ଉଇକେଟ୍ ପ୍ରଦାନ କରିବାର ଦକ୍ଷତା, ଲିଗ୍ ପର୍ଯ୍ୟାୟରେ ଭାରତକୁ ଶ୍ରେଷ୍ଠ ଟିମ୍‌ର ମାନ୍ୟତା ଦେଇଥିଲା । ଲିଗ୍ ପ୍ରାରମ୍ଭରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଥିବା ଭାରତ ୩ୟ ମ୍ୟାଚ୍‌ରେ ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷରେ ପଏଣ୍ଟ ଭାଗ କରିଥିଲା । ଏହାପରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜକୁ ହରାଇବା ପରେ ଭାରତ ଆୟୋଜକ ଇଂଲଣ୍ଡ ନିକଟରେ ଆତ୍ମସମର୍ପଣ କରିଥିଲା । ଅନ୍ତିମ ଭାଗରେ ବାଂଲାଦେଶ ଓ ଶ୍ରୀଲଙ୍କା ବିପକ୍ଷ ବିଜୟ ସହ ଅଷ୍ଟ୍ରେଲିଆ ପରେ ୨ୟ ଦଳ ଭାବେ ମେନ୍ ଇନ୍ ବ୍ଲୁ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା ।

ଭାରତୀୟ ଦଳର ଏହି ଦମ୍‌ଦାର ଅଭିଯାନରେ କିଛି ଚିନ୍ତାଜନକ ଘଟଣା ମଧ୍ୟ ରହିଥିଲା । ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ ପରେ ପରେ ଷ୍ଟାଇଲିଶ ବାମହାତୀ ଓପନର୍ ଶିଖର ଧାୱନ ଆଙ୍ଗୁଠି ଭାଙ୍ଗିଯିବା ଯୋଗୁ ସେ ବିଶ୍ୱକପ୍‌ରୁ ବାହାରି ଯାଇଥିଲେ । ଏହାପରେ ବଦଳ ଖେଳାଳିଭାବେ ଆସିଥିବା ବିଜୟ ଶଙ୍କର ୪ ନମ୍ବର ସ୍ଥାନରେ ତିନୋଟି ଲୋ–ସ୍କୋର କରିବା ପରେ ହଠାତ୍ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଆଘାତ ପାଇ ସେ ମଧ୍ୟ ବିଶ୍ୱକପ୍‌ରୁ ବିଦା ନେଇଥିଲେ । ଏହାପରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ୪ ନମ୍ବର ସ୍ଥାନରେ ସୁଯୋଗ ମିଳିଥିବାବେଳେ ବିଜୟଙ୍କ ସ୍ଥାନରେ ଆସିଥିବା ମୟଙ୍କ ଅଗ୍ରୱାଲ ଗୋଟିଏ ବି ମ୍ୟାଚ୍‌ରେ ଖେଳିବାର ସୁଯୋଗ ନ ପାଇବା କ୍ରିକେଟ୍‌ପ୍ରେମୀଙ୍କୁ କିଛି ଅଜବ ଅଜବ ଲାଗିଥିଲା ।





ଯଶପ୍ରୀତ ବୁମ୍‌ରା, ରୋହିତ ଶର୍ମା ।

**ଧୋନୀଙ୍କ ଧିମା ବ୍ୟାଟିଂକୁ ସମାଲୋଚନା**

ମିଡ୍‌ଲଅର୍ଡରରେ ଭାରତୀୟ ବ୍ୟାଟ୍ସମ୍ୟାନ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ କେବଳ ଭେଟେରାନ ମହେନ୍ଦ୍ର ସିଂ ଧୋନୀ କିଛିଟା ସଫଳ ହୋଇଥିଲେ । କିନ୍ତୁ ଅତ୍ୟଧିକ ଧିମା ବ୍ୟାଟିଂ କରିବା ଯୋଗୁ ଧୋନୀଙ୍କୁ ବେଶ୍ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ସେହିଭଳି ପାକିସ୍ତାନକୁ ସେମିଫାଇନାଲରେ ପ୍ରବେଶରୁ ରୋକିବା ଲାଗି ଭାରତ ଜାଣିଶୁଣି ଇଂଲଣ୍ଡ ନିକଟରୁ ହାରିଥିଲା ବୋଲି ମଧ୍ୟ ଆଲୋଚନା ହୋଇଥିଲା । ତେବେ ଭୁବନେଶ୍ୱର କୁମାରଙ୍କ ସ୍ଥାନରେ ଖେଳିବାର ସୁଯୋଗ ପାଇଥିବା ମହମ୍ମଦ ସାମି ୪ ମ୍ୟାଚ୍‌ରୁ ୧୬ ଉଇକେଟ୍ ଅକ୍ତିଆର କରିବା ଭାରତ ପାଇଁ ସବୁଠାରୁ ବଡ଼ ସଫଳ ଖବର ରହିଥିଲା ।

ପ୍ରତିଯୋଗିତା ସାରା ଭାରତ ଯେତେଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷରେ ଗୋଟିଏ ଦିନ ଖରାପ ଖେଳ ବିଶ୍ୱକପ୍ ବାହାର ରାସ୍ତା ଦେଖାଇ ଦେଇଛି । ଟୁର୍ନାମେଣ୍ଟରେ ସବୁଠାରୁ ବଡ଼ ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରଥମଥର ଲାଗି ସାଂଘାତିକ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

**ହାଇ ପଏଣ୍ଟ**

ଲଗାତର ପାଞ୍ଚ ବିଜୟ (ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁ ବାତିଲ) ବିଜୟ ସହ ଦମ୍‌ଦାର ଭାବେ ଭାରତ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷରେ ରୋହିତ୍‌ଙ୍କ ୧୨୨ ରନ ବଳରେ ଭାରତ ୨୨୮ ରନର ଲକ୍ଷ୍ୟକୁ ୬ ଉଇକେଟ୍ ହରାଇ ହାସଲ କରିନେଇଥିଲା । ଏହାପରେ ଧାୱନଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୩୫୨ ରନର ଲକ୍ଷ୍ୟ ଧାର୍ଯ୍ୟ କରି ଶେଷରେ ୫୨ ରନରେ ବାଜିମାତ୍ କରିନେଇଥିଲା । ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଧୋଇ ଯାଇଥିଲେ ମଧ୍ୟ ମାଞ୍ଚେଷ୍ଟରରେ ପାକିସ୍ତାନକୁ ହରାଇ ବିଶ୍ୱକପ୍‌ରେ ଭାରତ ଏହାର ପଡ଼ୋଶୀ ରାଷ୍ଟ୍ର ବିପକ୍ଷରେ ଅପରାଜେୟ ରେକର୍ଡ ବଜାୟ ରଖିପାରିଥିଲା । ବ୍ୟକ୍ତିଗତ ଭାବେ ଦେଖିବାକୁ ଗଲେ ସାମିଙ୍କ ହ୍ୟାଟ୍ରିକ ସ୍ମରଣୀୟ ମୁହୂର୍ତ୍ତ ରହିଥିଲା ।

**ଲୋ ପଏଣ୍ଟ**

ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୨୪୦ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ଇନିଂସର ପ୍ରଥମ ୪୦ ମିନିଟ୍‌ରେ ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ ହେନରୀଙ୍କୁ ସାମ୍ନା କରିବାରେ ବିଫଳ ହୋଇଥିଲା । ଫଳରେ ମାତ୍ର ୫ ରନରେ ଭାରତ ଆଗଧାଡ଼ିର ୩ ବ୍ୟାଟ୍ସମ୍ୟାନ ରୋହିତ୍, ଲୋକେଶ ରାହୁଲ ଓ କୋହଲିଙ୍କ ଉଇକେଟ୍ ହରାଇଥିଲା । ଲିଗ୍ ପର୍ଯ୍ୟାୟରେ ଏହି ୩ ବ୍ୟାଟ୍ସମ୍ୟାନ ମିଳିତ ଭାବେ ପାଖାପାଖି ୧୫୦୦ ରନ ସଂଗ୍ରହ କରିଥିବାବେଳେ ସେମିଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କିନ୍ତୁ ପ୍ରତ୍ୟେକ ୧ ରନ କରିଥିଲେ । ଭାରତର ପରାଜୟର ଏହା ଅନ୍ୟତମ ପ୍ରମୁଖ କାରଣ ରହିଥିଲା ।

**ଅଧିନାୟକଙ୍କ ନିଷ୍ପତ୍ତି**

ଅଧିନାୟକ ଭାବେ କୋହଲିଙ୍କ ଅଭିଜ୍ଞତା ବୃଦ୍ଧି ପାଇଥିଲେ ମଧ୍ୟ ବିଶ୍ୱକପ୍‌ରେ ତାଙ୍କର କେତେକ ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ପ୍ରଥମ ଭୁଲ ଭାବେ ସ୍ପିନରଙ୍କୁ ସହାୟତା କରୁ ନ ଥିବା ଏଜବାଷ୍ଟନ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କୁ ଖେଳାଇଥିଲେ । ଏହି ଦୁଇ ପ୍ରମୁଖ ରିଷ୍ଟ ସ୍ପିନର ୨୦ ଓଭରରେ ୧୬୦ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ଯେଉଁଠାରେ କି ପ୍ରତିପକ୍ଷ ଅଧିନାୟକ ଇଅନ ମୋର୍ଗାନ ସଠିକ୍ ଭାବରେ ପିଚ୍‌କୁ ବୁଝିପାରି ସ୍ପିନର ମୋଇନ ଅଲିଙ୍କ ସ୍ଥାନରେ ଲିଆମ ପ୍ଲଙ୍କେଟଙ୍କୁ ଖେଳାଇଥିଲେ । ଏହି ଦ୍ରୁତ ବୋଲର ମଧ୍ୟ ସେହି ମ୍ୟାଚ୍‌ରେ ୩ ଉଇକେଟ୍ ଦଖଲ କରିବାରେ ସଫଳ ହୋଇଥିଲେ । ସେହିଭଳି କେଦାର ଯାଦବଙ୍କ ସ୍ଥାନରେ ଦୀନେଶ କାର୍ତ୍ତିକଙ୍କ ଚୟନକୁ ନେଇ ମଧ୍ୟ କୋହଲିଙ୍କ ନେତୃତ୍ୱ ଦକ୍ଷତା ପ୍ରତି ଆଙ୍ଗୁଠି ଉଠିଛି । ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଲଢୁଆ ଅର୍ଦ୍ଧଶତକ ପରେ କେଦାରଙ୍କୁ ବାଦ୍ ଦିଆଯାଇଥିଲା ।

**ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟାର**

୯ ଇନିଂସରୁ ୫ ଶତକ ସହ ୮୧ ଆଭରେଜରେ ୬୪୮ ରନ ସଂଗ୍ରହ କରିଥିବା ରୋହିତ୍ ଭାରତ ପାଇଁ ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟାର ରହିଛନ୍ତି । ବୁମ୍‌ରା ମଧ୍ୟ ଟୁର୍ନାମେଣ୍ଟ ସାରା ପ୍ରଭାବୀ ବୋଲିଂ କରି ୧୮ ଉଇକେଟ୍ ଅକ୍ତିଆର କରିଛନ୍ତି । ରୋହିତ୍ ମାରିଥିବା ୫ ଶତକ ମଧ୍ୟରୁ ୩ ସେ କ୍ରମାଗତ ଭାବେ (ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କା) ଅର୍ଜନ କରିଥିଲେ । ଏହିକ୍ରମରେ ସେ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ଶତକ ହାସଲ କରିବାରେ କୁମାର ସଙ୍ଗକାରାଙ୍କୁ ଟପି ଯାଇଥିଲେ ।

**ନିରାଶ କରିଥିଲା**

ଭାରତର ପ୍ରମୁଖ ସ୍ପିନର କୁଲଦୀପ ଯାଦବ ୭ ମ୍ୟାଚ୍‌ରୁ ମାତ୍ର ୬ ଉଇକେଟ୍ ଅକ୍ତିଆର କରିବା ସବୁଠାରୁ ନିରାଶାଜନକ ଘଟଣା ରହିଥିଲା । ସେ ଶ୍ରୀଲଙ୍କା ବିପକ୍ଷରେ ୫୮ ରନରେ ଏବଂ ଇଂଲଣ୍ଡ ବିପକ୍ଷରେ ୭୩ ରନରେ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ । ସେହିଭଳି ତାଙ୍କ ପାର୍ଟନର ଚହଲ ମଧ୍ୟ କିଛି ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ । ସେ ୧୨ ଉଇକେଟ୍ ପାଇଥିଲେ । ଟୁର୍ନାମେଣ୍ଟରେ କୁଲଦୀପ ଓ ଚହଲଙ୍କ ଇକୋନୋମିକ ରେଟ୍ ଯଥାକ୍ରମେ ୫.୦୨ ଓ ୫.୯୭ ରହିଥିଲା ।

**ପରିସଂଖ୍ୟାନ**

- ସର୍ବାଧିକ ରନ: ରୋହିତ ଶର୍ମା । ୯ ଇନିଂସରୁ ୫ ଶତକ ସହ ୮୧ ଆଭରେଜରେ ୬୪୮ ରନ୍ ।
- ସର୍ବାଧିକ ଉଇକେଟ୍: ଯଶପ୍ରୀତ୍ ବୁମ୍‌ରା । ୯ ଇନିଂସରୁ ୨୦.୬୧ ଆଭରେଜରେ ୧୮ ଉଇକେଟ୍ । ଇକୋନୋମିକ ୪.୪୧ ରହିଥିବାବେଳେ ୫୫ ରନରେ ୪ ଉଇକେଟ୍ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ।
- ବ୍ୟକ୍ତିଗତ ଶ୍ରେଷ୍ଠ ସ୍କୋର: ରୋହିତ୍ ଶର୍ମା । ଓଲ୍ଡ ଟ୍ରାଫୋର୍ଡରେ ପାକିସ୍ତାନ ବିପକ୍ଷରେ ୧୪୦ ରନ ।
- ଶ୍ରେଷ୍ଠ ବୋଲିଂ ଫିଗର: ମହମ୍ମଦ ସାମି । ଏଜବାଷ୍ଟନରେ ଇଂଲଣ୍ଡ ବିପକ୍ଷରେ ୧୦ ଓଭରରେ ୬୯ ରନ ବ୍ୟୟରେ ୫ ଉଇକେଟ୍ ।

# ସେରେନା–ହାଲେପ୍ ଫାଇନାଲ

**ଲଣ୍ଡନ, ୧୧ା୭ (ଏଏଫ୍‌ପି)**

ଚଳିତବର୍ଷର ୱିମ୍ବଲଡନ ଓପନ୍ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲ ଆମେରିକାର ସେରେନା ୱିଲିୟମ୍ସ ଏବଂ ରୋମାନିଆର ସିମୋନା ହାଲେପ୍‌ଙ୍କ ମଧ୍ୟରେ ଖେଳାଯିବ । ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ଥିବା ସେରେନା ଗୁରୁବାର ଖେଳାଯାଇଥିବା ଏକ ସେମିଫାଇନାଲରେ ଚେକ୍ ରିପବ୍ଲିକର ବାରବୋରା ଷ୍ଟ୍ରାଇକୋଭାଙ୍କୁ ହରାଇ ଦେଇଛନ୍ତି । ଆମେରିକାର ଏହି ଷ୍ଟାର ଖେଳାଳି ୬–୧, ୬–୨ ସିଧା ସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି । ସେରେନା ଏଠାରେ ପୂର୍ବରୁ ୭ଥର ଟାଇଟଲ ଜିତିସାରିଛନ୍ତି । ଅନ୍ୟପକ୍ଷରେ ରୋମାନିଆର ପ୍ରଥମ ମହିଳା ଖେଳାଳି ହିସାବରେ ସିମୋନା ହାଲେପ୍ ୱିମ୍ବଲଡନ ଓପନ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି । ସେ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନାଙ୍କୁ ୬–୧, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି । ଏଠାରେ ୭ମ ସିଡ୍‌ପ୍ରାପ୍ତ ଏହି ୨୭ ବର୍ଷୀୟା ଖେଳାଳି ୨୦୧୮ରେ ଫ୍ରେଞ୍ଚ ଓପନ ଚାମ୍ପିୟନ ହୋଇଥିଲେ । ସେ ତାଙ୍କ କ୍ୟାରିୟରର ୫ମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବେ । ପ୍ରି–କ୍ୱାର୍ଟରରେ ୧୫ ବର୍ଷୀୟା ନୂଆ ଷ୍ଟାର କୋକୋ ଗଫ୍‌ଙ୍କୁ ନକଆଉଟ୍ କରିଥିବା ହାଲେପ୍ ଏହା ପୂର୍ବରୁ ୨୦୧୪ରେ ୱିମ୍ବଲଡନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ । କିନ୍ତୁ ଏଜିନି ବୋଚାର୍ଡଙ୍କଠାରୁ ସେ ହାରିଯାଇଥିଲେ । ଗୁରୁବାର ମ୍ୟାଚରେ ପରେ ହାଲେପ୍ କହିଛନ୍ତି, ଇତିମଧ୍ୟରେ ମୋର ଅଧିକ ଅଭିଜ୍ଞତା ହୋଇଗଲାଣି । ଆଉ ସୁଯୋଗ ହାତଛଡ଼ା କରିବି ନାହିଁ । ସୂଚନାଯୋଗ୍ୟ, ସ୍ୱିତୋଲିନା ୟୁକ୍ରେନର ପ୍ରଥମ ମହିଳା ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଥିଲେ ।



ଲଣ୍ଡନ: ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ରୋମାନିଆର ସିମୋନା ହାଲେପ ।

# ଅନ୍‌ଲାଇନରେ ଟିକେଟ ବିକ୍ରି ଆରମ୍ଭ

**କଟକ ଅଫିସ, ୧୧ା୭**

**ରାଜ୍ୟ ଗୋଷ୍ଠୀ ଟିଟି**

ଆସନ୍ତା ୧୭ରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେବାକୁ ଥିବା ଟେବୁଲ ଟେନିସ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୧ତମ ସଂସ୍କରଣ ପାଇଁ ଅନଲାଇନ ଟିକେଟ ବିକ୍ରି ଗୁରୁବାର ମଧ୍ୟାହ୍ନରୁ ଆରମ୍ଭ ହୋଇଛି । www.paytm.com, www.in-sider.in ୱେବସାଇଟରେ ଟିକେଟ ବିକ୍ରି ଚାଲିଛି । ୫୦, ୧୦୦, ୨୦୦ ଓ ୪୦୦ ଟଙ୍କାର ଟିକେଟ ବିକ୍ରି କରାଯାଉଛି । ଧାର୍ଯ୍ୟ ୫୦ ଓ ୧୦୦ ମୂଲ୍ୟର ଟିକେଟଗୁଡ଼ିକ ଗୋଟିଏ ଦିନ ନିମନ୍ତେ ସମୟସୀମା ରହିଥିବା ବେଳେ ୨୦୦ ଓ ୪୦୦ ଟଙ୍କା ବିଶିଷ୍ଟ ଟିକେଟ ଦ୍ୱାରା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଦେଖିବାର ସୁଯୋଗ ପାଇ ପାରିବେ ଦର୍ଶକ । ୧୫ ତାରିଖରୁ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିସରରେ ବକ୍ସ ଅଫିସ ଖୋଲାଯାଇ ଟିକେଟର ହାର୍ଡକପି ପ୍ରଦାନ କରାଯିବ । ମୋଟ ୫ହଜାର ଟିକେଟ ଅନଲାଇନରେ ଉପଲବ୍ଧ ଅଛି ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି । ଛାତ୍ରୀଛାତ୍ରଙ୍କ ନିମନ୍ତେ କିଛି କମ୍ପ୍ଲିମେଣ୍ଟାରି ଟିକେଟର ବ୍ୟବସ୍ଥା ମଧ୍ୟ ହେବ ବୋଲି ଜଣାପଡ଼ିଛି । ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ଏହା ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଅଳ୍ପ ଦିନ ବାକି । ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ଅଧିକରୁ ଅଧିକ ଦର୍ଶକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବେ ବୋଲି ଆଶା ରହିଛି । ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ କହିଛନ୍ତି, ଅନଲାଇନରେ ଟିକେଟ ବୁକ କରିବା ସହଜ ପ୍ରକ୍ରିୟା ଅଛି । ଲୋକମାନେ ଏହି ଗେମକୁ ଉପଭୋଗ କରିବାକୁ ଅଧିକ ମାତ୍ରାରେ ଆସନ୍ତୁ ବୋଲି ସେ ନିବେଦନ କରିଛନ୍ତି । ପ୍ରତିଯୋଗିତାରେ ୧୬ଟି ଦେଶ ଭାଗ ନେବା ସ୍ପଷ୍ଟ ହୋଇଛି । ଅଷ୍ଟ୍ରେଲିଆ, ବାଂଲାଦେଶ, ସାଇପ୍ରସ, ଇଂଲଣ୍ଡ, ଘାନା, ଗୁଏନା, ଭାରତ, ମାଲେସିଆ, ନାଇଜେରିଆ, ପାକିସ୍ତାନ, ସ୍କଟଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଉଗାଣ୍ଡା, ୱେଲସ୍ ଓଡ଼ିଶା ଆସୁଛନ୍ତି । ଜର୍ସି ଦଳ ଭିଜା ସମସ୍ୟା ଯୋଗୁଁ ଆସି ପାରୁ ନ ଥିବା ଜଣାପଡ଼ିଛି ।


# ୟୁଥ୍ ୱାର୍ଲ୍ଡ ରେକର୍ଡ ଭାଙ୍ଗିଲେ ଲାଲ୍‌ରିନୁଙ୍ଗା

**ଆପିଆ, (ସାମୋଆ), ୧୧ା୭ (ପି.ଟି.)**

ଚଳିତ ରାଜ୍ୟଗୋଷ୍ଠୀ ଚମ୍ପିୟନଶିପ୍‌ର ତୃତୀୟ ଦିବସରେ ୟୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜେରେମି ଲାଲ୍‌ରିଙ୍ଗୁଆନା ଚମକପ୍ରଦ ପ୍ରଦର୍ଶନ କରିଛନ୍ତି । ସେ ତିନୋଟି ରେକର୍ଡ ଭଙ୍ଗ କରିଛନ୍ତି, କିନ୍ତୁ କ୍ଲିନ୍ ଆଣ୍ଡ୍ ଜର୍କ ଉତ୍ତୋଳନରେ ବିଫଳ ହୋଇଛନ୍ତି । ୬୭ କେଜି କାଟେଗୋରିରେ ଅଂଶଗ୍ରହଣ କରିଥିବା ୧୬ ବର୍ଷୀୟ ଜେରେମି ସ୍ନାଚ୍ କାଟେଗୋରିରେ ୧୩୬କେଜି ଉତ୍ତୋଳନ କରିବା ସହ ୟୁଥ୍ ୱାର୍ଲ୍ଡ, ଏସିଆନ ଏବଂ ରାଜ୍ୟଗୋଷ୍ଠୀ ରେକର୍ଡ ଭଙ୍ଗ କରିଛନ୍ତି । ପୂର୍ବରୁ ୟୁଥ୍ ୱାର୍ଲ୍ଡ ଏବଂ ଏସିଆନ ରେକର୍ଡ ମଧ୍ୟ ଲାଲ୍‌ରିନୁଙ୍ଗାଙ୍କ ନାମରେ ରହିଥିଲା । ଏପ୍ରିଲରେ ଚାଇନାର ନିଙ୍ଗ୍‌ବୋଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୩୪କେଜି ଉତ୍ତୋଳନ କରି ସେ ଏହି ରେକର୍ଡ ଅଧିକାରୀ ହୋଇଥିଲେ । ଭାରତର ଅନ୍ୟ ଭରୋତ୍ତୋଳକମାନେ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ୬ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ତନ୍ମଧ୍ୟରେ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି । ଅଚିନ୍ତା ଶିଉଲି ମୋଟ ୩୦୫କେଜି (୧୩୬କେଜି+୧୬୯କେଜି) ଉତ୍ତୋଳନ କରି ସିନିୟର ଏବଂ ଜୁନିୟର ପୁରୁଷ ୭୩ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ଜିତିପାରିଛନ୍ତି । ସେହିପରି ମହିଳା ୭୬କେଜି ମହିଳା ବିଭାଗରେ ମନପ୍ରୀତ କୌର ୨୦୭ କେଜି (୯୧କେଜି+୧୧୬କେଜି) ଉଠାଇ ସ୍ୱର୍ଣ୍ଣ ଜିତିଛନ୍ତି । ରାଜ୍ୟଗୋଷ୍ଠୀ ଚମ୍ପିୟନଶିପ୍‌ରେ ଏକ ସଙ୍ଗରେ ୟୁଥ୍, ଜୁନିୟର ଓ ସିନିୟର କାଟେଗୋରିରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

ମନେ ପଡ଼ନ୍ତି

ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କୁଞ୍ଜବିହାରୀ ମହାନ୍ତି
ଗୋପୀନାଥପୁର(ହାଟବଜାର), ଜଟଣୀ
ଆବିର୍ଭାବ: ଭାଦ୍ରବ ଶୁକ୍ଲପକ୍ଷ ଦ୍ୱିତୀୟା, ୧୯୨୭ ମସିହା
ତିରୋଧାନ: ଆଷାଢ଼ ଶୁକ୍ଲପକ୍ଷ ଏକାଦଶୀ (ସୁନାବେଶ) ୨୦୧୮ ମସିହା
ଆଜିକୁ ଠିକ ଏକବର୍ଷତଳେ ଜଗନ୍ନାଥଙ୍କର ସୁନାବେଶ ଦିନ ଆମମାନଙ୍କୁ ଶୋକସାଗରରେ ଭସାଇ ପ୍ରଭୁଙ୍କର ଶରଣାପନ୍ନ ହୋଇଗଲ । ଆଜିବି ଆପଣଙ୍କର ଅବର୍ତ୍ତମାନ ଆମମାନଙ୍କୁ ପ୍ରତି ମୁହୂର୍ତ୍ତରେ ଗଭୀର ବେଦନା ଦେଉଅଛି । ଆପଣଙ୍କର ଅମର ଆତ୍ମା ପ୍ରଭୁ ଜଗନ୍ନାଥଙ୍କ ଚରଣକମଳରେ ରହି ଆମକୁ ଆଶୀର୍ବାଦ କରିବା ସହ ପଥ ପ୍ରଦର୍ଶନ କରୁ, ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୩୧୯୦

ଏକାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତ ସୁରେନ୍ଦ୍ର ନାଥ ଶୁକ୍ଳ
Q.No: G6/4, ଭକ୍ତିମଣ୍ଡପ, ଗୋପବନ୍ଧୁ ଛକ, ବୁର୍ଲା, ସମ୍ବଲପୁର
ଆବିର୍ଭାବ: ୦୯।୦୯।୧୯୪୦ (ଭାଦ୍ରବ ପୂର୍ଣ୍ଣିମା)
ତିରୋଧାନ: ୧୨।୦୭।୨୦୦୮ (ବାହୁଡ଼ା ଦଶମୀ)
ଚାହୁଁ ଚାହୁଁ ଏଗାରବର୍ଷ ବିତିଗଲାଣି, କିନ୍ତୁ ଆଜିବି ଆପଣଙ୍କ ସ୍ମୃତି ଆମ୍ଭମାନଙ୍କ ମନ ମଧ୍ୟରେ ଅଛି । ଯେଉଁଠି ଥାଅ ନା କାହିଁକି ଆପଣଙ୍କର ଆଶୀର୍ବାଦ ଆମ୍ଭର କାମ୍ୟ । ତୁମ୍ଭର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ପରମ ଦୟାଳୁ ଶ୍ରୀଜଗନ୍ନାଥ ଠାକୁରଙ୍କ ଚରଣତଳେ ଆମ୍ଭର କୋଟି କୋଟି ପ୍ରଣାମ ।
ଶୋକସନ୍ତପ୍ତ:
ସ୍ତ୍ରୀ: ଉର୍ମିଳା, ଶିବ, ସୁଜାତା, ସୌମେନ୍ଦ୍ର (ବାବୁ) ଓ ପରିବାରବର୍ଗ ।
ଧ-୬୬୬୦୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ




ସ୍ୱର୍ଗତ ମଙ୍ଗୁଳି ଚରଣ ସେଠୀ
ପିତା ଧର୍ମ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ ।
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ ।।
ବାପା, ଠିକ୍ ଆଜିକୁ ଦୁଇବର୍ଷ ତଳେ ଏହି ତିଥିରେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରମଧାମକୁ ପ୍ରାପ୍ତ ହେଲେ, କିନ୍ତୁ ଆଜିବି ଆମ୍ଭେମାନେ ଆପଣଙ୍କ ଆଦର୍ଶ ଓ ସଂସ୍କାରକୁ ପାଥେୟ କରି ଅଗ୍ରସର ହେଉ । ସେହି ପରମ ଧାମରୁ ଆପଣ ଏତିକି ଆଶୀର୍ବାଦ କରନ୍ତୁ । ଇତି ଆପଣଙ୍କର ଗୁଣମୁଗ୍ଧ: ପୁତ୍ର–ପୁତ୍ରବଧୂ: ବାବୁ– କୁନି, ବୁଲୁ– ସୁଇଟି, ମୁନା– ମିତାଲି, କନ୍ୟା– ଜ୍ୱାଇଁ: ଜୟନ୍ତି– ରତ୍ନାକର, ମଞ୍ଜୁ– ଲକ୍ଷ୍ମଣ, ସଞ୍ଜୁ–ସୁଦର୍ଶନ, ଇତି– ପ୍ରଶାନ୍ତ, ନାତିନାତୁଣୀ: ଜିପୁ, ବାପି, ଢୁଗୁ, ଶୁଭମ୍, ଚନ୍ଦୁ, ଶାନ୍, ଅଂଶୁଲ୍, ମିଠୁଲ୍, ଅଭିକ୍, ଲିଜା, ରୋଜି, ଗୁଡ୍ଡି ଓ ମାନ୍ୟା ।
ଧ-୬୭୦୧୦

In Memorium



Late Dr Er Soyuz Priyadarsan Ph.D
Date of birth: 11.10.1975
(Durga Astami)
Date of demise: 17.07.2005
(Bada Ekadasi)
My dearest Son Soyuz, may god grant you eternal peace in heavenly abode!
Your unfortunate father:
P.N. Sethi
Ph: 9338585956
D-13364

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଦମୟନ୍ତୀ ନାୟକ
ସ୍ଥାନ: ଗତିକୃଷ୍ଣ ଭିଲ୍ଲା, ଭୁବନେଶ୍ୱର
ଆବିର୍ଭାବ: ୧୨।୧୧।୧୯୫୧
ତିରୋଧାନ: ୦୧।୦୭।୨୦୧୯
ବୋଉ, ଆମକୁ ଶୋକସାଗରରେ ଭସାଇଦେଇ ତୁ ଅସମୟରେ ଚାଲିଗଲୁ । ସ୍ନେହ, ପ୍ରେମର ଅବତାର ଥିଲୁ । ତୋର ଶୂନ୍ୟତା ଆମପାଇଁ ସର୍ବଦା ଅପୂରଣୀୟ । ଭଗବାନ ତୋ ଆତ୍ମାକୁ ଶାନ୍ତି ଦିଅନ୍ତୁ ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ବର୍ଷା, ବିଦିଶା

ତୃତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ ମୃଣାଳକାନ୍ତ ସ୍ୱାଇଁ(ଟିଟୁ)
Hotel Miland Palace (Director
ବୃନ୍ଦେଶ୍ୱର୍ ପାଟଣା-ଭୁବନେଶ୍ୱର୍
ଆବିର୍ଭାବ- ୧୯.୧୦.୧୯୫୨ ରମା ଏକାଦଶୀ
ତିରୋଧାନ- ୧୫.୦୨.୨୦୧୭ ହରିଶୟନ ଏକାଦଶୀ
ଆପଣଙ୍କର୍ ଅନୁପସ୍ଥିତି ଆମ ଜୀବନରେ୍ ଆଣିଛି ଅପୂରଣୀୟ ଶୂନ୍ୟତା । ଅମର୍ ଆତ୍ମାର୍ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ୍ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକସନ୍ତପ୍ତ
ପତ୍ନୀ- ଜଲିତା, ଦୁଇଝିଅ, ଦୁଇଜ୍ୱାଇଁ ପୁଅ ଆଦିତ୍ୟ, ବନ୍ଧୁ ଓ ପରିବାର ବର୍ଗ
ଧ-୧୩୩୬୫

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଜୁଲାଇ ୧୨/୨୦୧୯ Berhampur, Friday, July 12/2019

## ସଂକ୍ଷେପରେ

### ପାଣିରେ ବୁଡ଼ି ଶିଶୁ ମୃତ

**ସଜନାଗଡ଼, ୧୧।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମ୍ପୁର ଥାନା ଆରବନ୍ଧ ପଞ୍ଚାୟତର ଡାହିସାହି ଗ୍ରାମର ଜୟନ୍ତ ବାଗଙ୍କ ୨ବର୍ଷର ପୁଅ ଦିପୁନ ଗଡ଼ିଆରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଗୁରୁବାର ଘରେ ସମସ୍ତେ ସୁଦଶାବ୍ରତ ପାଇଁ ପୂଜାପାଠରେ ବ୍ୟସ୍ତ ଥିବା ବେଳେ ସମସ୍ତଙ୍କ ନଜର ଆଢୁଆଳରେ ଦିପୁନ୍ ଖେଳୁଥିବା ବେଳେ ଗଡ଼ିଆରେ ପଡ଼ିଯାଇଥିଲେ। କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଦିପୁନ ପାଣିରେ ଭାସୁଥିବା ଦେଖି ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବରହମ୍ପୁର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରହମ୍ପୁର ପୋଲିସ୍ ପହଞ୍ଚି ଶିଶୁ ପୁତ୍ରର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ନୀଳଗିରି ଡାକ୍ତରଖାନାକୁ ପଠାଇଛି।

### ବଦଳିଲେ ୪ ଥାନା ଅଧିକାରୀ

**ବାରିପଦା ଅଫିସ,୧୧।୭:** ମୟୂରଭଞ୍ଜ ଜିଲାରେ କାର୍ଯ୍ୟ କରୁଥିବା ୪ ଥାନା ଅଧିକାରୀଙ୍କ ଅନ୍ୟ ଜିଲାକୁ ବଦଳି ହୋଇଛି। ସୂଚନା ଅନୁଯାୟୀ ବାରିପଦା ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ଅଶୋକ କୁମାର ନାୟକଙ୍କ ଅନୁଗୁଳ ଜିଲାକୁ ଓ କପ୍ତିପଦା ଥାନା ଅଧିକାରିଣୀ ଇନ୍ସପେକ୍ଟର ରିନା ବେହେରାଙ୍କ ସିଆଇଡି(କଟକ)କୁ ବଦଳି ହୋଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା -୬୫୮ (୧୦।୭।୨୦୧୯)ରେ ଉଭୟଙ୍କ ବଦଳି ନିର୍ଦ୍ଦେଶ ଆସିଛି। ସେହିପରି ନିକଟରେ ସବ ଇନ୍ସପେକ୍ଟରରୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଥିବା ବଡସାହି ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇଙ୍କ କେନ୍ଦୁଝର ଓ ଠାକୁରମୁଣ୍ଡା ଥାନା ଅଧିକାରୀ ଧୀରେଶ କୁମାର ଦାସଙ୍କ ଗଞ୍ଜାମ ଜିଲାକୁ ବଦଳି ହୋଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା - ୬୫୭ (୧୦।୭।୨୦୧୯)ରେ ଉଭୟଙ୍କ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇଛି।

### କୋଦଳା ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ

**କୋଦଳା,୧୧।୭(ଡି.ଏନ.ଏ.):** କୋଦଳା ଓକିଲ ସଂଘ ପକ୍ଷରୁ ଗୁରୁବାର କୋର୍ଟବର୍ଜନ କରାଯାଇଛି। କବିସୂର୍ଯ୍ୟନଗର ଓକିଲ ସଂଘର ଜଣେ ଆଇନଜୀବୀଙ୍କୁ କବିସୂର୍ଯ୍ୟନଗର ପୋଲିସ ଅଧିକାରୀ ଦୁର୍ବ୍ୟବହାର ପ୍ରତିବାଦରେ ଏହି ପ୍ରତିବାଦ କରାଯାଇଥିବା କୋଦଳା ଓକିଲ ସଂଘ ସଭାପତି ତାରିଣୀ ଚରଣ ପଟ୍ଟନାୟକ କହିଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ କୋଦଳା ଓକିଲ ସଂଘ ଦାବି କରିଛି। ବୁଧବାର ସଂଘ ସଭାପତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଜରୁରୀକାଳିନ ବୈଠକରେ ସମ୍ପାଦକ ଶୁଭ୍ରମଣୀ ଦାସ ଓ ସମସ୍ତ ଓକିଲଙ୍କ ଉପସ୍ଥିତିରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଗୁରୁବାର ସଂଘ ତରଫରୁ କୋର୍ଟବର୍ଜନ କରାଯାଇଥିବା ଜଣାପଡ଼ିଛି।

### ■ ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# 'ଚାକିରି ପଛରେ ନ ଗୋଡ଼ାଇ ନିଯୁକ୍ତି ସୁଯୋଗ ସୃଷ୍ଟି କର'



ଅତିଥିଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ତ୍ରୈମାସିକ ପତ୍ରିକା 'ନ୍ୟୁଜ୍ ଲେଟର' ଉନ୍ମୋଚନ କରାଯାଉଛି।

**ବାଲେଶ୍ୱର ଅଫିସ,୧୧।୭**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ(ଏଫଏମ୍ ୟୁନିଭରସିଟି)ର ଏକବିଂଶତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ଡ. ମଧୁମିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଓ ସାହିତ୍ୟ ବିନା ଜୀବନ ଅସମ୍ପୂର୍ଣ୍ଣ ବୋଲି କହିଥିଲେ। ଏବେ ସମସ୍ତେ ସମୟକୁ ପ୍ରାଧାନ୍ୟ ଦେଉଛନ୍ତି। ସମୟ ସହିତ ତାଳ ଦେଇ ଚାଲିବା ସହିତ ରାଜନୀତି, ବାଣିଜ୍ୟ ବ୍ୟାପାର, ନିଯୁକ୍ତି ଭଳି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗୀ ମନୋଭାବ ରଖିବାକୁ ପଡିବ ବୋଲି ସେ କହିଥିଲେ। ମାନସିକ ଓ ଶାରୀରିକ ଅନଗ୍ରସର ବ୍ୟକ୍ତିଙ୍କୁ ଉପେକ୍ଷା ନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଚାକିରି ପଛରେ ନ ଗୋଡ଼ାଇ ନିଜ ଜ୍ଞାନ ଏବଂ ପରିଶ୍ରମ ବଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେବ ବୋଲି ସେ କହିଥିଲେ। ଏହି ଅବସରରେ ରାଜ୍ୟପାଳ ମୁର୍ମୁ ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଝାଡ଼ଖଣ୍ଡରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ସେ ଚେଷ୍ଟା କରିବେ ବୋଲି କହିଥିଲେ।

ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦେହୁରୀ ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟର ଦୀର୍ଘ ୨୧ ବର୍ଷର ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ରେଜିଷ୍ଟ୍ରାର ଅମର ସିଂ ସୋରେନ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାଧାପିକା, ପ୍ରାଧାପକ, ଛାତ୍ରୀଛାତ୍ରଙ୍କର କୃତିତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେବା ସହ ଉକ୍ତ ବିଶ୍ୱବିଦ୍ୟାଳୟ କେବଳ ଦେଶ ନୁହେଁ ବିଦେଶରେ ମଧ୍ୟ ସୁନାମ ଅର୍ଜନ କରିଥିବା ତଥ୍ୟ ଉପସ୍ଥାପନା କରିଥିଲେ। ଉତ୍ସବରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ପ୍ରଭାତ ରଞ୍ଜନ ଦାସ, ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଛାତ୍ର ରାକେଶ କୁମାର ବାରିକଙ୍କୁ ଜାତୀୟ ସେବା ସଂସ୍ଥାର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରାଯାଇଥିଲା। ନାଇଜରର ନିର୍ଦ୍ଦେଶକ ତଥା ବିଶିଷ୍ଟ ବୈଜ୍ଞାନିକ ଡ. ସୁଧାକର ପଣ୍ଡା, ବିଶିଷ୍ଟ ଲେଖକ ତଥା ଗୀତିକାର ଇଂ. ଅଭୟ ସୂତାର, ଯୁବ ବୈଜ୍ଞାନିକ ନୀଳମାଧବ ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ତ୍ରୟୋମାସିକ ପତ୍ରିକା 'ନ୍ୟୁଜ୍ ଲେଟର' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଅତିରିକ୍ତ ଜିଲାପାଳ ସସ୍ମିତ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସାମାଜିକ ବିଜ୍ଞାନ ବିଭାଗର ସହକାରୀ ପ୍ରାଧାପିକା ସିପ୍ରା ସାଗରିକା ଏବଂ କୁଳପତିଙ୍କ ବ୍ୟକ୍ତିଗତ ସହାୟକ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଯାତ୍ରୀବାହୀ ବସ୍ ଓଲଟି ୬ ଆହତ

### ସହଯୋଗର ହାତ ବଢ଼ାଇଲେ ଛାତ୍ରୀ ଓ ଅଧ୍ୟାପକ

**ସିମୁଳିଆ, ୧୧।୭(ଡି.ଏନ.ଏ.)**

ଝାଡ଼ଖଣ୍ଡ ରାଜ୍ୟ ବାହାଲଗୁଡ଼ା ଅଞ୍ଚଳରୁ ବାହୁଡ଼ା ଯାତ୍ରା ପାଇଁ ପୁରୀ ଅଭିମୁଖେ ଯାଉଥିବା ଏକ ବସ୍ (ନଂ. ଡବ୍ଲୁବିଶ୩ବି-୨୮୩୯) ବୁଧବାର ବିଳମ୍ବିତ ରାତ୍ରିରେ ଜାତୀୟ ରାଜପଥର ସିମୁଳିଆ ଥାନାଠାରୁ ପ୍ରାୟ ୨ଶହ ମିଟର ଦୂରରେ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୬ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ରାଜପଥ ପାର୍ଶ୍ୱରେ ଥିବା ଏକ ଲେଡ଼ିଜ ମେସ୍‌ର ଛାତ୍ରୀ ଓ ସିମୁଳିଆ କଲେଜର ଅଧ୍ୟାପକ ଲଲାଟେନ୍ଦୁ ମିଶ୍ର ସିଡ଼ି ସହାୟତାରେ ଯାତ୍ରୀମାନଙ୍କୁ ବସ୍‌ର ଝରକା ଦେଇ ଉଦ୍ଧାର କରିଥିଲେ। ଅଧ୍ୟାପକ ମିଶ୍ର ଓ ଅଧ୍ୟାପକ କମଳ ବରଣ ଲେଙ୍କା ମିଳିତ ଭାବେ ଗୁରୁବାର ପୂର୍ବାହ୍ନରେ ଏହି ଯାତ୍ରୀମାନଙ୍କ ନିମନ୍ତେ ଖାଦ୍ୟ ପାନୀୟ ବ୍ୟବସ୍ଥା କରିଥିଲେ। ଏହି ଦୁର୍ଘଟଣା ଯୋଗୁ ଯାତ୍ରୀମାନେ ପୁରୀକୁ ନ ଯାଇ ଘରକୁ ଫେରିଯାଇଥିବାର ଜଣାପଡ଼ିଛି। ଏହି ବସ୍‌ରେ ମୋଟ ୫୨ ଜଣ ଯାତ୍ରୀ ଥିଲେ।



ନୟନଯୋରିକୁ ଖସି ପଡ଼ିଥିବା ବସ୍।




### ରେକର୍ଡ କଲେ ଶିଳ୍ପୀ ସତ୍ୟ

# ୧୨ ଘଣ୍ଟାରେ ନିର୍ମାଣ କଲେ ୧.୫ ଇଞ୍ଚ ଉଚ୍ଚତା ରଥ



ଶିଳ୍ପୀ ସତ୍ୟ ମହରଣାଙ୍କ ନିର୍ମିତ କ୍ଷୁଦ୍ର ରଥ କଳାକୃତି।

**ବ୍ରହ୍ମପୁର ଅଫିସ,୧୧।୭**

ନିଜ ରେକର୍ଡକୁ ପୁଣି ଭାଙ୍ଗିଲେ ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା। ସତ୍ୟ ଶ୍ରୀଗୁଣ୍ଡିଚା ଅବସରରେ ୨.୫ ଇଞ୍ଚ ଉଚ୍ଚତା, ୨ ଇଞ୍ଚ ଓସାରର ବିଶ୍ୱର ସବୁଠାରୁ କ୍ଷୁଦ୍ର ରଥ ନିର୍ମାଣ କରି ରେକର୍ଡ ସୃଷ୍ଟି କରିଥିଲେ। ଏବେ ତିନିଠାକୁରଙ୍କ ବାହୁଡାଯାତ୍ରାରେ ପୁଣି ନିଜ ରେକର୍ଡ ଭାଙ୍ଗିଛନ୍ତି। କାଠରେ ୧୨ ଘଣ୍ଟାରେ ୧.୫(ଦେଢ ଇଞ୍ଚ) ଇଞ୍ଚ ଉଚ୍ଚତା ୧ ଇଞ୍ଚ ଓସାରର ଜଗନ୍ନାଥଙ୍କ ଅବିକଳ ନନ୍ଦିଘୋଷ ଆକୃତିର ରଥ ନିର୍ମାଣ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରଥମ ଦିନରେ ହିଁ ଏହି ରଥ ୱାଲ୍ଡ ରେକର୍ଡ ଅଫ ଇଣ୍ଡିଆରେ ସ୍ଥାନୀତ ହୋଇଥିବା ସେ କହିଛନ୍ତି।

ଚଳିତ ଶ୍ରୀଗୁଣ୍ଡିଚାରେ ୨.୫ ଇଞ୍ଚ ଉଚ୍ଚତା ଓ ୨ ଇଞ୍ଚ ଓସାରର ବିଶ୍ୱର ସବୁଠାରୁ କ୍ଷୁଦ୍ର ରଥ ତିଆରି କରି ବିଶ୍ୱସ୍ତରରେ ନୂତନ ରେକର୍ଡ ସୃଷ୍ଟି କରିଥିଲେ। ଏହାର ମାତ୍ର ୯ ଦିନରେ ପୁଣି ରେକର୍ଡ ଭାଙ୍ଗିଛନ୍ତି। ମାତ୍ର ୧୨ ଘଣ୍ଟା ମଧ୍ୟରେ ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ରଥ ନିର୍ମାଣ କରିଛନ୍ତି। କାଠରେ ମାତ୍ର ଦେଢ ଇଞ୍ଚ ଉଚ୍ଚତା ଓ ୧ ଇଞ୍ଚ ଓସାରର ଜଗନ୍ନାଥଙ୍କ ନନ୍ଦିଘୋଷ ଆକୃତିର ରଥ ନିର୍ମାଣ କରିଛନ୍ତି। ଯେଉଁଥିରେ ୪ ଏମଏମ ଉଚ୍ଚତାର ୧୬ ଚକ ରହିଥିବା ବେଳେ ଦଧିନଉତିର ଉଚ୍ଚତା ରହିଛି ମାତ୍ର ୩ ଏମ୍ଏମ୍। ଏହାବ୍ୟତୀତ ପତିତପାବନ ବାନାର ଉଚ୍ଚତା ୧ ଏମ୍ଏମ୍, ଜଗନ୍ନାଥ ମୂର୍ତ୍ତିର ଉଚ୍ଚତା ରହିଛି ମାତ୍ର ୬ ଏମ୍ଏମ୍। ଏଥିସହ ରଥରେ ୪ ଘୋଡା, ୨ ଓଲଟ ଶୁଆ ଖଞ୍ଜାଯାଇଛି। ଏହି ରଥ ପ୍ରଥମ ଦିନରେ ୱାଲ୍ଡ ରେକର୍ଡ ଅଫ ଇଣ୍ଡିଆରେ ସ୍ଥାନୀତ ହୋଇଥିବା ବେଳେ ଆଗକୁ ଅନ୍ୟ ରେକର୍ଡରେ ମଧ୍ୟରେ ସ୍ଥାନୀତ ହେବ ବୋଲି ସତ୍ୟ କହିଛନ୍ତି।

### ୨ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ


**କୁଳିଅଣା,୧୧।୭(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ସାନଜୁଣବଣି ଗ୍ରାମର ସୁବାସ ସିଂ(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବୁଧବାର ଭୋର ସମୟରେ ସେ ତାଙ୍କ ବାଡିପଟକୁ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ଦିନ ୧୦ଟା ବେଳେ ସେଠାରେ ସେ ମରି ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ଖବରପାଇ କୁଳିଅଣା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୧୯) ରୁଜୁ ହୋଇଛି। ମୃତ ଯୁବକଙ୍କ ପାଟିରୁ ଫେଣ ବାହାରୁ ଥିବାରୁ ସେ ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥାଇ ପାରନ୍ତି ବୋଲି କୁହାଯାଉଛି। ସେହିପରି ଚାନ୍ଦୁଆ ଥାନା ଅନ୍ତର୍ଗତ ରଙ୍ଗିବେଡା ଗ୍ରାମର ମତି ଭକ୍ତା(୩୨)ଙ୍କର ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୧୯) ରୁଜୁ ହୋଇଛି। ବିଷକ୍ରିୟା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

### ସାପ କାମୁଡ଼ାରେ ମହିଳାଙ୍କ ଜୀବନ ଗଲା

**ଯୋଡା,୧୧।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କହ୍ଲୋହୁଣ୍ଡୁଳା ଗ୍ରାମରେ ସାପ କାମୁଡାରେ ଚମ୍ପା ମୁଣ୍ଡା (୨୬) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଚମ୍ପା ଘରେ କାମ କରୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। କାମୁଡିବା ପରେ ପରିବାର ଲୋକେ ଡାକ୍ତରଖାନାରେ ଚିକିତ୍ସା ନ କରି ଝଡ଼ାଫୁଙ୍କା କରିଥିଲେ। ତେବେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ବିଲେଇପଦା ଫାଣ୍ଡି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଡାକ୍ତରଖାନା ପଠାଇଛି।




# ଷ୍ଟେଟ ବ୍ୟାଙ୍କ ଶାଖାରୁ ୪୦ଲକ୍ଷ ଟଙ୍କା ଲୁଟ୍

**ବସ୍ତା/ରୂପସା, ୧୧।୭(ଡି.ଏନ.ଏ.)**

- ■ କଲେଜ,ସ୍କୁଲ ୟୁନିଫର୍ମରେ ଆସିଥିଲେ ଦୁର୍ବୃତ୍ତ
- ■ ୪ ବୋମା, କଟର ମେଶିନ ଜବତ
- ■ ଲୁଟ୍ ପରେ ବାହାରୁ ତାଲା ପକାଇ ପଳାଇଲେ

ବାଲେଶ୍ୱର ସଦର ବ୍ଲକ ଅଧୀନ ଷ୍ଟେଟ ବ୍ୟାଙ୍କ, ଶ୍ରୀରାମପୁର ଶାଖାରୁ ଗୁରୁବାର ପୂର୍ବାହ୍ନରେ ଏକ ବଡ ଧରଣର ଲୁଟ୍ ଘଟଣା ଘଟିଛି। ହାଇସ୍କୁଲ ଶିକ୍ଷକ ଓ କଲେଜ ୟୁନିଫର୍ମ ପିନ୍ଧି ଦୁର୍ବୃତ୍ତମାନେ ବ୍ୟାଙ୍କ କର୍ମଚାରୀ,ଗ୍ରାହକଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ୪୦ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହାସହ ବ୍ୟାଙ୍କ ଅଧିକାରୀ ଓ ଗ୍ରାହକଙ୍କଠାରୁ ୨ଟି ମୋବାଇଲ୍ ମଧ୍ୟ ଲୁଟି ନେଇଛନ୍ତି। ଖବରପାଇ ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ୪ ବୋମା, ଗୋଟିଏ କଟର୍ ମେଶିନକୁ ପୋଲିସ ଜବତ କରିଛି।

ଗୁରୁବାର ପୂର୍ବାହ୍ନ ୧୧ଟା ୨୦। ଶ୍ରୀରାମପୁର ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଗ୍ରାହକଙ୍କ ଗହଳି ଲାଗି ରହିଥିଲା। ଏହି ସମୟରେ କଳା ଓ ଲାଲ୍ ରଙ୍ଗର ୨ଟି ପଲସରରେ ୬ଜଣ ଯୁବକ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୩ଜଣ କଲେଜ ୟୁନିଫର୍ମ (ନାଭି ବ୍ଲୁ ରଙ୍ଗର ପ୍ୟାଣ୍ଟ ଓ ଆକାଶୀ ରଙ୍ଗର ଶାର୍ଟ) ପିନ୍ଧି ଥିବାବେଳେ ଅନ୍ୟ ୩ଜଣ ଶିକ୍ଷକଙ୍କ ୟୁନିଫର୍ମ (କଳା ପ୍ୟାଣ୍ଟ ଓ ଧଳା ଶାର୍ଟ) ପିନ୍ଧି ମୁହଁରେ ଧଳା ରୁମାଲ୍ ବାନ୍ଧି ବ୍ୟାଙ୍କ ଭିତରକୁ ପଶିଥିଲେ। ଏହାପରେ ସେମାନଙ୍କ ମଧ୍ୟରୁ ୨ଜଣ ପକେଟ୍‌ରୁ ବନ୍ଧୁକ ବାହାର କରିବା ସହ ଜଣେ ଗ୍ରାହକଙ୍କୁ ଗୋଟିଏ ରୁମ୍‌ରେ ଭର୍ତ୍ତି କରି ତାଙ୍କଠାରୁ ଟଙ୍କା ଓ ମୋବାଇଲ୍ ଲୁଟ୍ ନେଇ ଜଗି ରହିଥିଲେ। ଅନ୍ୟ ଜଣେ ବ୍ୟାଙ୍କ କର୍ମଚାରୀମାନଙ୍କୁ ଏକାଠି କରି ବ୍ୟାଙ୍କର ମଝିରେ ଅଟକ ରଖିଥିଲେ। ଅନ୍ୟ ୨ ଜଣ ମାରଣାସ୍ତ୍ର ସହ ବ୍ୟାଙ୍କ ମ୍ୟାନେଜର ଦାୟିତ୍ୱରେ ଥିବା ଫିଲ୍ଡ ଅଫିସର ଲିଙ୍ଗରାଜ ସାହୁଙ୍କୁ ଭୟଭୀତ କରାଇ ଷ୍ଟ୍ରଙ୍ଗ ରୁମ୍‌କୁ ନେଇ ଚାବି ଖୋଲିବାକୁ ଧମକ ଦେଇଥିଲେ। ସେ ଚାବି ଖୋଲିଦେବା ପରେ ଦୁର୍ବୃତ୍ତମାନେ ୩୦ଲକ୍ଷ ଟଙ୍କା ସିଧା ବ୍ୟାଗ୍‌ରେ ଭର୍ତ୍ତି କରିଥିଲେ। ଅନ୍ୟ ଜଣେ କ୍ୟାଶ୍ କାଉଣ୍ଟରରେ ଥିବା ଦିନମାନର ଡିପୋଜିଟ୍ ୧୦ଲକ୍ଷ ଟଙ୍କା କବ୍‌ଜା କରି ନେଇଥିଲେ। ଆଉ ଜଣେ ବ୍ୟାଙ୍କର ପ୍ରବେଶ ଫାଟକରେ ଛିଡ଼ା ହୋଇ ପରିସ୍ଥିତି ଉପରେ ନଜର ରଖିଥିଲେ। ମାତ୍ର ୨୦ ମିନିଟ୍ ମଧ୍ୟରେ ଦୁର୍ବୃତ୍ତମାନେ ଲୁଟପାଟ କରି ବ୍ୟାଙ୍କ ପ୍ରବେଶ ଫାଟକରେ ବାହାରପଟୁ ତାଲା ପକାଇ ବାଇକ୍ ଯୋଗେ ପଳାଇଥିଲେ। ବ୍ୟାଙ୍କ ଫିଲ୍ଡ ଅଫିସର୍ ଲିଙ୍ଗରାଜ ସାହୁ ତୁରନ୍ତ ଏ ନେଇ ବସ୍ତା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଫାଟକରେ ପଡ଼ିଥିବା ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଭୟଭୀତ ଗ୍ରାହକ ଓ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏସ୍‌ପି ବି. ଯୁଗଳକିଶୋର କୁମାର, ସଦର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ, ବସ୍ତା ଏସ୍‌ଡିପିଓ ରଣଜିତ୍ ପୃଷ୍ଟି, ବସ୍ତା ଆଇଆଇସି ଧନେଶ୍ୱର ସାହୁ ଓ ରୂପସା ଓଆଇସି ସୁଚନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ରହି ଅନୁସନ୍ଧାନ ଜାରି ରଖିଛନ୍ତି।



ଜବତ ବୋମା ଓ କଟର ମେସିନ୍।

ବ୍ୟାଙ୍କ କର୍ତ୍ତୃପକ୍ଷ ନିରାପତ୍ତା ପାଇଁ ବ୍ୟାଙ୍କରେ କେବଳ ସିସିଟିଭି ଲଗାଇଥିବା ବେଳେ କୌଣସି ସିକ୍ୟୁରିଟି ଗାର୍ଡ଼ ନିଯୁକ୍ତି ଦେଇ ନ ଥିଲେ। ଏହାର ସୁଯୋଗ ନେଇଥିଲେ ଦୁର୍ବୃତ୍ତମାନେ। ଏ ସମ୍ପର୍କରେ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ କହିଛନ୍ତି, ବ୍ୟାଙ୍କରେ ଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ କରାଯିବ। ଏବେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ଯାଞ୍ଚ କରାଯାଉଛି। ଖୁବଶୀଘ୍ର ଅପରାଧୀ ଧରାପଡ଼ିବେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ